# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୨/୨୦୧୮ (୧୬ ପୃଷ୍ଠା+ମନ ମିଜାଜ) | Bhubaneswar, Thursday, November 22/ 2018 | ★★★★

୪୪ଶ ଭାଗ ୩୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ଅଷ୍ଟ୍ରେଲିଆ ବିଜୟରେ ଜାମ୍ପା ହିରୋ**

ଯୁବ ସ୍ପିନର ଆଡାମ ଜାମ୍ପାଙ୍କ ଚମତ୍କାର ବୋଲିଂ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ପ୍ରଥମ ଟି୨୦ରେ ଭାରତକୁ ପରାସ୍ତ କରିଛି। **୧୫**

**୦୨** **ଲୋକଙ୍କ କଥାକୁ ଖାତିର କରନ୍ତିନି ସନି ଲିଓନ**

ତାଙ୍କୁ ଭଲଭାବେ ନ ବୁଝି ଲୋକେ ବିଭିନ୍ନ ପ୍ରକାର ଟିପ୍ପଣୀ ଦେଇଦେଉଛନ୍ତି। କିନ୍ତୁ ସେସବୁକୁ ଖାତିର ନ କରି ସେ ନିଜ କାମ କରିଚାଲିଛନ୍ତି ବୋଲି ଅଭିନେତ୍ରୀ ସନି ଲିଓନ୍ କହିଛନ୍ତି।








# ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ପହଞ୍ଚିଲା



ହକି ବିଶ୍ୱକପ୍‌ରେ ଅଂଶଗ୍ରହଣ ପାଇଁ ବୁଧବାର ଭୁବନେଶ୍ୱରରେ ପହଞ୍ଚିଥିବା ଆର୍ଜେଣ୍ଟିନା ଖେଳାଳିମାନେ।

ଭୁବନେଶ୍ୱର, ୨୧।୧୧(କ୍ରୀଡ଼ା ପ୍ରତିନିଧି)

**ହକି ବିଶ୍ୱକପ୍**

ହକି ବିଶ୍ୱକପ୍ ପାଇଁ ଭାରତୀୟ ଦଳ କଳିଙ୍ଗ ଷ୍ଟାଡିୟମରେ ଏହାର ଅଭ୍ୟାସକୁ ଜୋରଦାର କରିଛି। ପ୍ରତିଯୋଗିତା ଆରମ୍ଭ ହେବାପାଇଁ ଆଉ ମାତ୍ର ଗୋଟିଏ ସପ୍ତାହରୁ କମ୍ ସମୟ ରହିଥିବାବେଳେ ପ୍ରଥମ ବିଦେଶୀ ଦଳଭାବେ ବୁଧବାର 'ମନ୍ଦିରମାଳିନୀ' ସହର ଭୁବନେଶ୍ୱରରେ ପହଞ୍ଚିଛି ଅଲିମ୍ପିକ୍ସ ଚାମ୍ପିୟନ ତଥା ବିଶ୍ୱ ର୍‍ୟାଙ୍କିଂର ୨ୟ ସ୍ଥାନରେ ଥିବା ଆର୍ଜେଣ୍ଟିନା। ପେଡ୍ରୋ ଇବାରାଙ୍କ ନେତୃତ୍ୱରେ ୧୮ ଜଣିଆ ଆର୍ଜେଣ୍ଟିନା ଦଳ ବୁଧବାର ସକାଳେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରୁ ଖେଳାଳିମାନଙ୍କୁ ହକି ବିଶ୍ୱକପ୍ ଲୋଗୋ ଚିତ୍ରିତ ଏକ ସ୍ୱତନ୍ତ୍ର ବସ୍ ଯୋଗେ କଡ଼ା ସୁରକ୍ଷାବଳୟ ମଧ୍ୟରେ ଜୟଦେବ ବିହାରସ୍ଥିତ ଏକ ତାରକା ହୋଟେଲକୁ ନିଆଯାଇଥିଲା। ପ୍ରଥମ ଦଳ ଭାବେ ଆର୍ଜେଣ୍ଟିନା ଟିମ୍ ଆସୁଥିବା ଖବର ପାଇ ସକାଳେ ବିମାନ ବନ୍ଦରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ପ୍ରଶଂସକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଆର୍ଜେଣ୍ଟିନା ଦଳକୁ ସ୍ୱାଗତ କରିବା ପାଇଁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅଧିକାରୀବୃନ୍ଦ ଉପସ୍ଥିତ ରହିଥିଲେ। ଟର୍ମିନାଲ-୨ ବାହାରେ ମଧ୍ୟ ପୋଲିସ ବିଭାଗ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ହକି ବିଶ୍ୱକପର ୧୪ତମ ସଂସ୍କରଣ ପାଇଁ ଆର୍ଜେଣ୍ଟିନା ପୁଲ୍'ଏ'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ଥିବା ଅନ୍ୟ ଦଳଗୁଡ଼ିକ ହେଲେ ନ୍ୟୁଜିଲାଣ୍ଡ, ସ୍ପେନ୍ ଓ ଫ୍ରାନ୍ସ। ନଭେମ୍ବର ୨୯ରେ ସ୍ପେନ୍ ବିପକ୍ଷରେ ମ୍ୟାଚ ଖେଳି ଆର୍ଜେଣ୍ଟିନା ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ଦଳ ଡିସେମ୍ବର ୩ରେ ନ୍ୟୁଜିଲାଣ୍ଡ ଓ ୬ରେ ଫ୍ରାନ୍ସକୁ ଭେଟିବ। ଇଂଲଣ୍ଡ ଦଳ ବିଳମ୍ବରେ ଆସିବାକୁ ଥିବାବେଳେ ଏହାର କିଛି ଅଫିସିଆଲ ବୁଧବାର ଭୁବନେଶ୍ୱରରେ ପହଞ୍ଚିଥିବା ଜଣାଯାଇଛି। ଅନ୍ୟପକ୍ଷରେ ଗୁରୁବାର ଫ୍ରାନ୍ସ ଓ ବିଶ୍ୱ ମାନ୍ୟତାର ସପ୍ତଦଶ ସ୍ଥାନରେ ରହିଥିବା ଚାଇନା ଦଳ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ବୋଲି ହକି ଇଣ୍ଡିଆ ପକ୍ଷରୁ ସୂଚନା ଦିଆ ଯାଇଛି। ହକି ବିଶ୍ୱକପ ନଭେମ୍ବର ୨୮ରେ ଆରମ୍ଭ ହୋଇ ଡିସେମ୍ବର ୧୬ରେ ଶେଷ ହେବ।

## ଜମ୍ମୁ-କଶ୍ମୀର ବିଧାନସଭା ଭଙ୍ଗ

ଶ୍ରୀନଗର,୨୧।୧୧(ପି.ଟି.)

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ ରାଜ୍ୟ ବିଧାନସଭାକୁ ବୁଧବାର ରାତିରେ ଭଙ୍ଗ କରିଦେଇଛନ୍ତି। ଫଳରେ ରାଜ୍ୟ ରାଷ୍ଟ୍ରପତି ଶାସନ ଆଡ଼କୁ ମୁହାଁଇଛି।

ଜମ୍ମୁ-କଶ୍ମୀରରେ ଦୁଇଦିନ ହେଲା ନୂଆ ମେଣ୍ଟ ସରକାର ଗଠନ ପ୍ରକ୍ରିୟା ଜୋର୍ ଧରିଥିଲା। କଂଗ୍ରେସ ଏବଂ ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ସମର୍ଥନରେ ସରକାର ଗଢ଼ିବାକୁ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍‌ତି ବୁଧବାର ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ରାଜ୍ୟପାଳଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଥିଲେ ଯେ, ପିଡିପିର ୨୯ ବିଧାୟକ ଥିବାରୁ ତାଙ୍କ ଦଳ ବିଧାନସଭାରେ ସର୍ବବୃହତ୍ । ପିଡିପିକୁ ଏନ୍‌ସିର ୧୫ ଓ କଂଗ୍ରେସର ୧୨ ସଦସ୍ୟଙ୍କ ସମର୍ଥନ ମିଳିଥିବାରୁ ମେଣ୍ଟର ☞ପୃଷ୍ଠା-୪



ଆପଣଙ୍କ ଏହି କପି ସହିତ ପାଇବେ **ମନ ମିଜାଜ**

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଶାକାହାରୀ ସପକ୍ଷରେ ଯୁକ୍ତି

**ଆଜିର ମନ୍ତବ୍ୟ**

"ଗଣତନ୍ତ୍ରକୁ ଦୁର୍ବଳ କରିଦେବା ପାଇଁ ମୋଦି ସରକାର ଅମଳରେ ଯୋଜନାବଦ୍ଧ ଉଦ୍ୟମ ଚାଲିଛି।
- ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ

## ଏଲ୍‌ପିଜି ଦର ୧୦୦୦ ଟପିଲା

ନୂଆଦିଲ୍ଲୀ,୨୧।୧୧

ଦେଶର କେତେକ ରାଜ୍ୟରେ ଅଣ ସବ୍‌ସିଡିଯୁକ୍ତ ଏଲ୍‌ପିଜି ଦର ୧୦୦୦ ଟଙ୍କା ଟପିଛି। ଏବେ ଜଣେ ଗ୍ରାହକ ଏଲ୍‌ପିଜି ସିଲିଣ୍ଡର ପିଛା ୨୦୦ ଟଙ୍କା ଅଧିକ ଦେଉଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ,



ଶ୍ରୀନଗରରେ ୧୪.୨ କେଜି ଅଣ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦର ୧,୦୬୫ ଟଙ୍କା ରହିଥିବା ବେଳେ ବିହାରରେ ୧,୦୩୯, ଜମ୍ମୁରେ ୧,୦୧୭, ଛତିଶଗଡରେ ୧,୦୦୩ ଟଙ୍କା ରହିଛି। ସେହିପରି ୧୦୦୦ ଟଙ୍କା ଛୁଇଁବାକୁ ଯାଉଥିବା ସ୍ଥାନଗୁଡିକ ମଧ୍ୟରେ କର୍ନାଟକର ଅଧିକାଂଶ ଅଞ୍ଚଳ ରହିଛି। ସେଥିମଧ୍ୟରେ ବିଦାରରେ ସିଲିଣ୍ଡର ପିଛା ୧,୦୧୫.୫୦ ଟଙ୍କା ରହିଥିବା ବେଳେ ☞ପୃଷ୍ଠା-୪

## ବସ୍ ଦୁର୍ଘଟଣାର ତଦନ୍ତ କରିବ ଯୁଗ୍ମ କମିଟି

କଟକ ଅଫିସ, ୨୧।୧୧

ମଙ୍ଗଳବାର ସନ୍ଧ୍ୟାରେ କଟକ ମହାନଦୀ ପୋଲ ଉପରେ ଘଟିଥିବା ମର୍ମନ୍ତୁଦ ବସ୍ ଦୁର୍ଘଟଣାର ତଦନ୍ତ ହେବ। ଏଥିପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀ, ପରିବହନ ବିଭାଗର ଅଧିକାରୀ ଓ ପୋଲିସ ଅଧିକାରୀଙ୍କୁ ନେଇ ଏକ ଯୁଗ୍ମ କମିଟି ଗଠନ କରାଯାଇଛି। ଗୁରୁବାରଠାରୁ ଉକ୍ତ କମିଟି ଘଟଣାର ତଦନ୍ତ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବୁଧବାର ଜଗତପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ଜଗତପୁର ତୋରଳ ଅଞ୍ଚଳର କୁଳମଣି ବେହେରାଙ୍କ ଏତଲାକ୍ରମେ ଆଇପିସି ଦଫା ୨୭୯, ୩୩୭, ୩୩୮, ୩୦୪ (ଏ)ରେ ଏହି ମାମଲା (ନଂ.୩୪୩/୧୮) ରୁଜୁ କରାଯାଇଛି। ଏଥିରେ ବସ୍ ଡ୍ରାଇଭର ଖଗେଶ୍ୱର ମୁଦୁଲିଙ୍କୁ ପକ୍ଷଭୁକ୍ତ କରାଯାଇଥିବା ଡିସିପି ଅଖିଳେଶ୍ୱର ସିଂ ସୂଚନା



■ ଡ୍ରାଇଭରଙ୍କ ବିରୋଧରେ ଥାନାରେ ମାମଲା

■ ବ୍ୟବଚ୍ଛେଦ ପରେ ୧୦ ମୃତଦେହ ଘରକୁ ଗଲା

ଦେଇଛନ୍ତି।

ସେପଟେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୦ ଜଣ ଯାତ୍ରୀଙ୍କ ମୃତଦେହକୁ ବୁଧବାର ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ କରାଯାଇ ସେମାନଙ୍କ ପରିବାର ☞ପୃଷ୍ଠା-୪

■ ପୋଲାଭରମ୍: ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

## ମନ୍ତ୍ରଣାଳୟ ନିର୍ଦ୍ଦେଶ ରଦ୍ଦ କର

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

ପୋଲାଭରମ ପ୍ରକଳ୍ପ କାର୍ଯ୍ୟ ରହିତାଦେଶକୁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ୨୦୧୮ ଜୁଲାଇ ୧୦ରେ ସାମୟିକ ଭାବେ ସ୍ଥଗିତ କରିବାକୁ ନିର୍ଦ୍ଦେଶ ଦେଇଛି। ଏଭଳି ନିର୍ଦ୍ଦେଶନାମା ଓଡ଼ିଶା ପ୍ରତି ବିପଦ ସୃଷ୍ଟି କରିବ। ତୁରନ୍ତ ମନ୍ତ୍ରଣାଳୟ ନିଷ୍ପତ୍ତିକୁ ରଦ୍ଦ କରିବା ସହ ବିଚାରାଧୀନ ପ୍ରସଙ୍ଗ ସମାଧାନ ନ ହେବା ଯାଏ ପ୍ରକଳ୍ପ କାର୍ଯ୍ୟ ସ୍ଥଗିତ ରଖିବା ସକାଶେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ପୋଲାଭରମ ☞ପୃଷ୍ଠା-୪

## ମା' ପେଟରେ ଶିଶୁ ମୃତ୍ୟୁହାର ବଢୁଛି

ନିର୍ମଳ ପଣ୍ଡା

କଟକ ଅଫିସ, ୨୧।୧୧

ଓଡ଼ିଶାରେ ମା' ପେଟରେ ଶିଶୁ ମୃତ୍ୟୁ (ଷ୍ଟିଲ୍ ବାର୍ଥ)ହାର ଚିନ୍ତାଜନକ ରହିଛି। ରାଜ୍ୟରେ ପ୍ରତି ୧ ହଜାର ଜନ୍ମରେ ୨୩ ଜଣ ଶିଶୁଙ୍କ ମୃତ୍ୟୁ ମା' ପେଟରେ ଘଟୁଛି। କନ୍ଧମାଳ, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ନୟାଗଡ଼, ମୟୂରଭଞ୍ଜ, ରାୟଗଡ଼ା, ବଲାଙ୍ଗୀର ଓ ବୌଦ୍ଧ ଜିଲାରେ ଏହି ହାର ବେଶ୍ ସମ୍ବେଦନଶୀଳ ରହିଛି। ଡାକ୍ତରଙ୍କ କହିବା ଅନୁଯାୟୀ ଗର୍ଭଧାରଣର ୩୭ରୁ ୪୧ ସପ୍ତାହ ମଧ୍ୟରେ ଶିଶୁ ଜନ୍ମଗ୍ରହଣ କରିବା କଥା। ମାତ୍ର ଏବେ ୨୮ ସପ୍ତାହ ମଧ୍ୟରେ ଶିଶୁ ଜନ୍ମଗ୍ରହଣ କରିବାରୁ ଏହି ସମସ୍ୟା ଉପୁଜିଛି। ସବୁଠାରୁ ସ୍ପର୍ଶକାତର ପ୍ରସଙ୍ଗ ହେଉଛି ରାଜ୍ୟର ପ୍ରତିଷ୍ଠିତ ସରକାରୀ ମେଡିକାଲ କଲେଜ ଏସ୍‌ସିବିରେ ଏହି ମୃତ୍ୟୁହାର ସର୍ବାଧିକ ରହିଛି। ନ୍ୟୁ ବର୍ନ କେୟାର କର୍ନର (ଏନ୍‌ବିସିସି)

**ଏନ୍‌ବିସିସି ରିପୋର୍ଟକୁ ନେଇ ତତ୍ପରତା**



■ ୯ ଜିଲାରେ ସ୍ଥିତି ସଙ୍ଗିନ

■ ଏସ୍‌ସିବିରେ ସର୍ବାଧିକ

■ ପଦକ୍ଷେପ ନେବାକୁ ସମସ୍ତ ଏସ୍‌ଡିଏମ୍‌ଓ, ୩ ମେଡିକାଲ କଲେଜ ଅଧୀକ୍ଷକଙ୍କୁ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ଚିଠି

ପକ୍ଷରୁ ଗତ ଏପ୍ରିଲରୁ ଜୁନ ମଧ୍ୟରେ ପ୍ରକାଶିତ ରିପୋର୍ଟରେ ଏହା ଦର୍ଶାଯାଇଛି। ଉକ୍ତ ରିପୋର୍ଟକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ ଚହଳ ପଡ଼ିଛି। ତୁରନ୍ତ ଏହି ମୃତ୍ୟୁହାର କମାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ପରିଚାଳନା ନିର୍ଦ୍ଦେଶକ ଲିଙ୍ଗରାଜ ମିଶ୍ର ରାଜ୍ୟର ସମସ୍ତ ସିଡିଏମ୍‌ଓ ଏବଂ ୩ ମେଡିକାଲ କଲେଜ ଅଧୀକ୍ଷକଙ୍କୁ ଗତ ନଭେମ୍ବର ୬ରେ ଚିଠି ଲେଖିଛନ୍ତି ।

ଏନ୍‌ବିସିସି ରିପୋର୍ଟ ଅନୁଯାୟୀ, ଉପରୋକ୍ତ ୯ ଜିଲାରେ ମା' ପେଟରେ ଶିଶୁ ମୃତ୍ୟୁହାର ଯଥେଷ୍ଟ ରହିଛି। ରାଜ୍ୟର ୩ ମେଡିକାଲ କଲେଜକୁ ଦେଖିଲେ, ଏସ୍‌ସିବିରେ ପ୍ରତି ୧ହଜାର ଶିଶୁଜନ୍ମରେ ☞ପୃଷ୍ଠା-୪

**କିଛି ତଥ୍ୟ**

୨୦୧୭-୧୮ରେ ଘରୋଇ ବଜାରରୁ ଆମେରିକାକୁ ୪୮ ବିଲିୟନ ଡଲାରର ସାମଗ୍ରୀ ରପ୍ତାନୀ ହୋଇଥିବା ବେଳେ ଆମଦାନୀ ୨୬.୭ ବିଲିୟନ ଡଲାର ରହିଛି। – **ବାଣିଜ୍ୟ ମନ୍ତ୍ରଣାଳୟ**


NATIONAL EGG CO-ORDINATION COMMITTEE | 21.11.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 64 | 111 | 121 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 65 | 113 | 123 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers







ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାର ବେଳେ ବିମୁଦ୍ରୀକରଣ ପ୍ରଭାବିତ ଚାଷୀଙ୍କ ଦୁର୍ଦ୍ଦଶାକୁ ନେଇ ଉପହାସ କରୁଛନ୍ତି।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

## ସଂକ୍ଷେପରେ

### ଆଲୋକ ନାଥଙ୍କ ବିରୋଧରେ ବଳାତ୍କାର ମାମଲା



**ମୁମ୍ବାଇ,୨୧।୧୧(ପି.ଟି.):** ଅଭିନେତା ଆଲୋକନାଥଙ୍କ ବିରୋଧରେ ମୁମ୍ବାଇ ପୋଲିସ ବଳାତ୍କାର ମାମଲା ରୁଜୁ କରିଛି। ତାଙ୍କ ବିରୋଧରେ ଲେଖିକା ବିନ୍ତା ନନ୍ଦ ବଳାତ୍କାର ଓ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ବିନ୍ତା ଗଣମାଧମ ଆଗରେ ଅଭିଯୋଗ ନ କରିବା ଏବଂ ଆଲୋକଙ୍କ ବିରୋଧରେ ମତାମତ ନ ଦେବା ଲାଗି ନିର୍ଦ୍ଦେଶ ଦେବା ନିମନ୍ତେ ତାଙ୍କ ପତ୍ନୀ କରିଥିବା ଆବେଦନକୁ ପୂର୍ବରୁ ମୁମ୍ବାଇର ଏକ ସେସନ୍ସ କୋର୍ଟ ଖାରଜ କରିଦେଇଥିଲେ। ଆଲୋକ ନାଥ ମଧ ବିନ୍ତାଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ। ସେଥିରେ ସେ ବିନ୍ତାଙ୍କଠାରୁ ଲିଖିତ କ୍ଷମାପ୍ରାର୍ଥନା ସହ ୧ ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ଲେଖିକା ତଥା ନିର୍ମାତା ବିନତା ମି ଟୁ ଅଭିଯାନରେ ସାମିଲ ହୋଇ ତାଙ୍କ ଫେସବୁକ ପୋଷ୍ଟରେ ଅଭିନେତା ଆଲୋକ ନାଥଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ଆହୁରି ଅନେକ ଅଭିଯୋଗ ମଧ ତାଙ୍କ ବିରୋଧରେ ଆସିଥିଲା। ଏହା ପରେ ଆଲୋକଙ୍କୁ ସିନେ ଏବଂ ଟିଭି କଳାକାର ସଂଘରୁ ବହିଷ୍କାର କରାଯାଇଥିଲା।

### ଆଣ୍ଡାମାନରେ ଆମେରିକା ପର୍ଯ୍ୟଟକଙ୍କୁ ହତ୍ୟା

**ନୂଆଦିଲ୍ଲୀ,୨୧।୧୧(ପି.ଟି.):** ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ଏକ ଦ୍ୱୀପରେ ଜଣେ ଆମେରିକୀୟ ପର୍ଯ୍ୟଟକଙ୍କୁ ସ୍ଥାନୀୟ ଅଧିବାସୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ଏକ ନରହତ୍ୟା ମାମଲା ରୁଜୁ କରାଯିବା ସହ ଜନ ଆଲେନ ଚାଉ ନାମକ ଉକ୍ତ ପର୍ଯ୍ୟଟକଙ୍କୁ ସେଠାକୁ ନେଇଥିବା ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ନାଗରିକ ଜଣକ ନିଖୋଜ ହେବା ପରେ ଆମେରିକା କନସୁଲେଟ ପକ୍ଷରୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡିଛି। ପୋର୍ଟ ବ୍ଲେୟାରରୁ ପ୍ରକାଶିତ ଏକ ସମ୍ବାଦପତ୍ର ରିପୋର୍ଟ ଅନୁଯାୟୀ ଚାଉ ପୂର୍ବରୁ ୫ ଥର ଏହି ଦ୍ୱୀପପୁଞ୍ଜକୁ ଆସିଛନ୍ତି। ସେ ସେଠାକାର ସେଣ୍ଟିନେଲ୍ସ ଅଧିବାସୀମାନଙ୍କୁ ଭେଟିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ। ବାହ୍ୟ ଜଗତ ସହ ସମ୍ପର୍କ ରଖୁ ନଥିବା ଏହି ଅଧିବାସୀ କୌଣସି ବାହାର ଲୋକ ପାଖକୁ ଆସିବା ଦେଖିଲେ ତୀର ମାରିଥାନ୍ତି। ଚାଉ ଗତ ୧୬ ତାରିଖରେ ଚିଡିୟାଟାପୁ ଅଞ୍ଚଳରୁ ଏକ ମାଛଧରା ଡଙ୍ଗା ଭଡାରେ ନେଇ ସେଠାକୁ ଯାଇଥିଲେ।

# ପିଏମ୍‌ଓ ଦେଉନି ମନ୍ତ୍ରୀଙ୍କ ଦୁର୍ନୀତି ତଥ୍ୟ



- ସୁରକ୍ଷା ଆଳ ଦେଖାଇ ସୂଚନା ଦେବାକୁ ଅଗ୍ରାହ୍ୟ
- ଆରଟିଆଇରେ ସଞ୍ଜୀବ ଚତୁର୍ବେଦୀ କରିଥିଲେ ଆବେଦନ

**ନୂଆଦିଲ୍ଲୀ,୨୧।୧୧(ପି.ଟି.)**

କେନ୍ଦ୍ରମନ୍ତ୍ରୀମାନଙ୍କ ବିରୋଧରେ ହୋଇ ଥିବା ଦୁର୍ନୀତି ଅଭିଯୋଗ ସମ୍ପର୍କିତ ତଥ୍ୟ ଦେବାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ମନା କରିଦେଇଛି। ଏଭଳି ତଥ୍ୟ ପ୍ରଦାନ କରିବା ଜଟିଳ କାର୍ଯ୍ୟ ହୋଇପାରେ ବୋଲି ପିଏମଓ ପକ୍ଷରୁ ସଫେଇ ଦିଆଯାଇଛି। କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ହରିଭାଇ ପାର୍ଥିଭାଇ ଚୌଧରୀଙ୍କ ବିରୋଧରେ ଜଣେ ସିବିଆଇ ଅଫିସର ଦୁର୍ନୀତି ଅଭିଯୋଗ ଆଣିଥିଲାବେଳେ ପିଏମଓ ପକ୍ଷରୁ ଏଭଳି ମତାମତ ପ୍ରଦାନ କରାଯାଇଛି।

ଏକ ଆରଟିଆଇ ଆବେଦନ ଉପରେ ପିଏମ୍‌ଓ ପକ୍ଷରୁ କୁହାଯାଇଛି, ବିଭିନ୍ନ ସମୟରେ ଏହା ଭିନ୍ନ ଭିନ୍ନ କେନ୍ଦ୍ରମନ୍ତ୍ରୀ ଏବଂ ଉଚ୍ଚସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ପାଇଥାଏ। ସେଥିରୁ କେତେକ ଅଭିଯୋଗକାରୀ ଛଦ୍ମନାମରେ ଅଭିଯୋଗ କରିଥିଲା ବେଳେ ଅନ୍ୟ କେତେକ ବେନାମୀ ଅଭିଯୋଗ। ତେଣୁ ଅଭିଯୋଗଗୁଡିକ କେତେ ସତ୍ୟ ତାହା ଜାଣିବା ପାଇଁ ସେଗୁଡ଼ିକର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବାକୁ ହୋଇଥାଏ ବୋଲି ଆରଟିଆଇ ଆବେଦନ ଉପରେ ପିଏମଓ ପକ୍ଷରୁ କୁହାଯାଇଛି। ସଞ୍ଜୀବ ଚତୁର୍ବେଦୀ ନାମକ ଜଣେ ହ୍ୱିସିଲ୍ ବ୍ଲୋୟର ଆଇଏଫଏସ ଅଫିସରଙ୍କ ପକ୍ଷରୁ ଏହି ଆରଟିଆଇ ଆବେଦନ କରାଯାଇଥିଲା। ସେ ୨୦୧୨ରୁ ୨୦୧୪ ମଧ୍ୟରେ ମୁଖ୍ୟ ଭିଜିଲାନ୍ସ ଅଫିସର ଥିଲା ବେଳେ ଦିଲ୍ଲୀ ଏମ୍ସର ବହୁ ଦୁର୍ନୀତି ଘଟଣା ପଦାକୁ ଆଣିଥିଲେ।

ଆରଟିଆଇ ଆବେଦନର ଉତ୍ତରରେ ପିଏମଓ ପକ୍ଷରୁ କୁହାଯାଇଛି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପରେ ରେକର୍ଡଗୁଡିକ ଗୋଟିଏ ଜାଗାରେ ନ ରହି କାର୍ଯ୍ୟାଳୟର ବିଭିନ୍ନ ସେକ୍ଟର ଓ ୟୁନିଟରେ ରଖାଯାଇଥାଏ। ଆବେଦନକାରୀ କେବଳ ଦୁର୍ନୀତି ସମ୍ପର୍କିତ ଅଭିଯୋଗର ସବିଶେଷ ବିବରଣୀ ଚାହିଁଛନ୍ତି। ସେଗୁଡିକୁ ଚିହ୍ନଟ, ଯାଞ୍ଚ ଏବଂ ବର୍ଗୀକରଣ କରିବା କଷ୍ଟକର ବ୍ୟାପାର ବୋଲି ପିଏମଓ କହିଛି। ଏଥିପାଇଁ ଅନେକ ଫାଇଲ ଖୋଲାଇବାକୁ ପଡିବ। ଫଳରେ କାର୍ଯ୍ୟାଳୟର ସାଧାରଣ କାର୍ଯ୍ୟ ବ୍ୟାହତ ହେବା ସହ ସମ୍ବଳର ଅଯଥା ଅପଚୟ ହେବ ଯାହା ସୂଚନା ଅଧିକାର ଆଇନର ଧାରା ୭(୯) ଅନୁଯାୟୀ ଗ୍ରହଣୀୟ ନୁହେଁ। ଏହି ଧାରା ଅନୁଯାୟୀ ଯଦି କୌଣସି ସୂଚନା ସରକାରୀ ସମ୍ବଳର ଅଯଥା ଅପଚୟ କରୁଥାଏ କିମ୍ବା ସୁରକ୍ଷା ପ୍ରତି କ୍ଷତି ପହଞ୍ଚିବା ଆଶଙ୍କା ରହିଥାଏ କିମ୍ବା ରେକର୍ଡର ସଂରକ୍ଷଣ ଉପରେ ପ୍ରଶ୍ନ ଉଠୁଥାଏ ସେପରି ସ୍ଥଳେ ତଥ୍ୟ ଦିଆଯାଇପାରିବ ନାହିଁ।

ସିବିଆଇ ଅଫିସର ମନୀଷ କୁମାର ସିହ୍ନା ସୋମବାର କେନ୍ଦ୍ରମନ୍ତ୍ରୀ ଚୌଧରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ। ଏଥିସହିତ ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ ଏବଂ ସିଭିସି କେ.ଭି. ଚୌଧରୀ ମଧ ସିବିଆଇ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ତଦନ୍ତରେ ହସ୍ତକ୍ଷେପ ଉଦ୍ୟମ କରିଥିଲେ ବୋଲି ସିହ୍ନା ଅଭିଯୋଗ କରିଥିଲେ।

## ଅମୃତସର ଆକ୍ରମଣ : ଜଣେ ଗିରଫ

**ଚଣ୍ଡିଗଡ,୨୧।୧୧(ପି.ଟି.):** ଅମୃତସର ଗ୍ରେନେଡ ଆକ୍ରମଣ ଘଟଣାରେ ସଂପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ସୂଚନା ଦେଇଛନ୍ତି। ରବିବାର ହୋଇଥିବା ଗ୍ରେନେଡ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ବିକ୍ରମଜିତ୍ ସିଂ ନାମକ ଅଭିଯୁକ୍ତ ଗିରଫ ହୋଇଛି ଏବଂ ଅନ୍ୟତମ ଅଭିଯୁକ୍ତ ଅବତାର ସିଂଙ୍କୁ ଖୋଜା ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି। ସେ ଦୁଇ ଅଭିଯୁକ୍ତଙ୍କ ଫଟୋ ଦେଖାଇବା ସହ ଖୁବ୍‌ଶୀଘ୍ର ଦ୍ୱିତୀୟ ଅଭିଯୁକ୍ତ ଗିରଫ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସଆଇ ପଞ୍ଜାବରେ ଅସୁବିଧା ସୃଷ୍ଟି କରିବାରେ ସକ୍ରିୟ ରହିଛି ଏବଂ ଏହା ସମ୍ପୂର୍ଣ୍ଣ ଆତଙ୍କବାଦୀ କାର୍ଯ୍ୟ ବୋଲି ଅମରିନ୍ଦର କହିଛନ୍ତି। ରବିବାର ଅମୃତସରର ରାଜାସାନ୍ସି ନିକଟବର୍ତ୍ତୀ ଆଡଲିୱାଲ ଗ୍ରାମରେ ଥିବା ନିରଙ୍କାରୀ ଭବନ ପ୍ରାର୍ଥନା କକ୍ଷରେ ବହୁସଂଖ୍ୟାରେ ଲୋକ ଉପସ୍ଥିତ ଥିଲା ବେଳେ ଏହି ଗ୍ରେନେଡ ମାଡ ହୋଇଥିଲା।

## ସାବରିମାଳା ବିବାଦ
# ସୁରେନ୍ଦ୍ରନ୍‌ଙ୍କୁ ଜାମିନ

**ପଥାନାମଥିଟ୍ଟା(କେରଳ),୨୧।୧୧ (ପି.ଟି.):**



ସାବରିମାଳା ମନ୍ଦିର ବିବାଦରେ ଗିରଫ ଭାଜପା ସାଧାରଣ ସମ୍ପାଦକ କେ. ସୁରେନ୍ଦ୍ରନ୍‌ଙ୍କ ସମେତ ୭୨ ଜଣଙ୍କୁ ବୁଧବାର ଏକ ଅଦାଲତ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୋଲିସର ବାରଣ ସତ୍ତ୍ୱେ ଗତ ୧୮ ତାରିଖରେ ସୁରେନ୍ଦ୍ରନ୍ ଏବଂ ଅନ୍ୟ ଦୁଇ ଜଣ ଆୟାପ୍ପା ମନ୍ଦିର ଅଭିମୁଖେ ଅଗ୍ରସର ହେବାରୁ ସେମାନଙ୍କୁ ଗିରଫ କରାଯାଇଥିଲା। ସେହିପରି ଆୟାପ୍ପା ମନ୍ଦିର ପରିସରରେ ୧୪୪ ଧାରା ଜାରି ସତ୍ତ୍ୱେ ରବିବାର ବିଳମ୍ବିତ ରାତିରେ ନାମ ଜପ କରୁଥିବା ୬୯ ଜଣଙ୍କୁ ପୋଲିସ ଗିରଫ କରିଥିଲା। ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କା ଲେଖାଏ ଦୁଇଟି ବ୍ୟକ୍ତିଗତ ମୁଚାଲିକା ଦାଖଲ କରିବା ପାଇଁ କୁହାଯାଇଥିଲା ବେଳେ ଦୁଇ ମାସ ପର୍ଯ୍ୟନ୍ତ ରାନି ତାଲୁକରେ ପ୍ରବେଶ ନ କରିବାକୁ ଜାମିନରେ ସର୍ତ୍ତ ରଖାଯାଇଛି।

# ପାକିସ୍ତାନକୁ ଟ୍ରମ୍ପ୍ ଝଟକା



**୧.୬୬ ବିଲିୟନ ଡଲାର ସୁରକ୍ଷା ସହାୟତା ବାତିଲ**

**ୱାଶିଂଟନ,୨୧।୧୧(ପି.ଟି.)**

ଆତଙ୍କବାଦୀଙ୍କୁ ସୁରକ୍ଷା ଦେବା ପାକିସ୍ତାନକୁ ମହଙ୍ଗା ପଡ଼ିଛି। ଇସ୍‌ଲାମାବାଦକୁ ୧.୬୬ ବିଲିୟନ ଡଲାର ସୁରକ୍ଷା ସହାୟତା ଦେବାକୁ ଆମେରିକା ରୋକ୍‌ଠୋକ୍ ମନା କରିଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ପାକିସ୍ତାନ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ବୁଧବାର ପେଣ୍ଟାଗନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଆମେରିକା ପ୍ରତିରକ୍ଷା ବିଭାଗ ମୁଖପାତ୍ର କଲୋନେଲ ରବ୍ ମାନିଙ୍ଗ୍ କହିଛନ୍ତି, ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ସହଯୋଗ କରିବାକୁ ୱାଶିଂଟନକୁ ଇସ୍‌ଲାମାବାଦ ପ୍ରତିଶ୍ରୁତି ଦେଇଥିଲା। ହେଲେ ପାକିସ୍ତାନ ପକ୍ଷରୁ କିଛି ସହଯୋଗ ମିଳି ନ ଥିବାରୁ ଟ୍ରମ୍ପ୍ କ୍ଷୁବ୍ଧ ହୋଇ ସୁରକ୍ଷା ସହାୟତା ରାଶି ବାବଦକୁ ୧.୬୬ ବିଲିୟନ ଡଲାର ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ପାକିସ୍ତାନ ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଛି। ସେହି ଭୂଖଣ୍ଡରେ ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ ଇସ୍‌ଲାମାବାଦ ଠୋସ୍ ପଦକ୍ଷେପ ନ ନେବା ଯାଏ ପାକିସ୍ତାନକୁ କିଛି ସହାୟତା ମିଳିବ ନାହିଁ। ପାକିସ୍ତାନର ଆବୋଟ୍ଟାବାଦ ନିକଟରେ ଅଲ୍-କାଏଦା ମୁଖ୍ୟ ଓସାମା ବିନ ଲାଡେନ୍ ଲୁଚିଥିବାବେଳେ ସେଠାକାର ସରକାର ତାଙ୍କୁ ଆଶ୍ରୟ ଦେଇଥିଲା। ପାକିସ୍ତାନ ଆମେରିକାକୁ କିଛି ସାହାଯ୍ୟ କରୁ ନ ଥିବାରୁ ଆମେ ତାକୁ ଆର୍ଥିକ ସହାୟତା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛୁ।

## କାର ମାଡ଼ିଗଲା: ୫ ଶ୍ରମିକ ମୃତ

**ହିସାର,୨୧।୧୧(ପି.ଟି.)**

ହରିୟାଣାର ହିସାରଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ଫ୍ଲାଏ ଓଭରରେ ଶୋଇଥିବା ଶ୍ରମିକମାନଙ୍କ ଉପରେ ଏକ କାର ମାଡିଯିବାରୁ ୫ଜଣଙ୍କର ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ୯ ଜଣ ଆହତ ହୋଇଛନ୍ତି। ରାତି ୨ଟା ବେଳେ କାରଟି ହାନସି ଅଭିମୁଖେ ଦ୍ରୁତ ଗତିରେ ଯାଉଥିଲାବେଳେ ଡ୍ରାଇଭର ନିୟନ୍ତ୍ରଣ ହରାଇ ଫ୍ଲାଏଓଭର ଡିଭାଇଡରକୁ ଧକ୍କା ଦେବା ସହ ଶ୍ରମିକମାନଙ୍କ ଉପରେ ମଡାଇ ଦେଇଥିଲା ବୋଲି ପୋଲିସ କହିଛି। ଏହା ପରେ କାରଟି ଫ୍ଲାଏ ଓଭର ସେଫ୍ଟି ରେଲ ଭାଙ୍ଗି ୫୦ ଫୁଟ ତଳକୁ ଖସିପଡିଥିଲା। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ ଡ୍ରାଇଭର ମଧ ଆହତ ହୋଇଛନ୍ତି। ପୋଲିସ ଶ୍ରମିକଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଫୁର୍‌ସତ

# ଅନାହାରରେ ଗଲାଣି ୮୫,୦୦୦ ଶିଶୁଙ୍କ ଜୀବନ

**ସାନା:** ଯୁଦ୍ଧଗ୍ରସ୍ତ ୟେମେନ୍‌ରେ ଜଟିଳ ହେଉଛି ସ୍ଥିତି। ଦୁର୍ଭିକ୍ଷ ଯୋଗୁ ଦେଶର ଅଧିକାଂଶ ଭାଗରେ ଲୋକେ ଅନାହାର କଷଣ ସହି ଦିନ ବିତାଉଛନ୍ତି। ଭୋକର ତାଡ଼ନା ସହ ହଜାର ହଜାର ପିଲାଙ୍କୁ ମଧ ଯୁଝିବାକୁ ପଡୁଛି। ୟେମେନ୍‌ରେ ବିଗତ ତିନିବର୍ଷ ମଧ୍ୟରେ ପ୍ରାୟ ୮୫,୦୦୦ ଶିଶୁ ଅନାହାର ଓ ଅପପୁଷ୍ଟି ଯୋଗୁ ପ୍ରାଣ ହରାଇଲେଣି। ମୃତ ଶିଶୁଙ୍କ ବୟସ ୫ ବର୍ଷରୁ କମ୍ ବୋଲି ବୁଧବାର ମାନବତାବାଦୀ ସଙ୍ଗଠନ 'ସେଭ୍ ଦ ଚିଲ୍‌ଡ୍ରେନ୍' ରିପୋର୍ଟରେ ପ୍ରକାଶ ପାଇଛି।

ୟେମେନ୍‌ରେ ସୌଦି ଆରବ ସମର୍ଥିତ ସୁରକ୍ଷାବଳ ଏବଂ ଇରାନ୍ ସମର୍ଥିତ ହୁଥି ବିଦ୍ରୋହୀଙ୍କ ମଧ୍ୟରେ ଲାଗିରହିଛି ଯୁଦ୍ଧ। ଏମାନେ ପରସ୍ପର ଉପରେ ଶକ୍ତି ପ୍ରଦର୍ଶନରୁ ବିରତ ରହୁ ନ ଥିବାରୁ ଦେଶର ଅସଂଖ୍ୟ ଲୋକ ଭିଟାମାଟି ଛାଡ଼ି ପ୍ରାଣବିକଳରେ କିଏ କେଉଁଆଡ଼େ ମୁଣ୍ଡ ଗୁଞ୍ଜୁଛନ୍ତି। ଖାଦ୍ୟଶସ୍ୟ ଉତ୍ପାଦନ ହେଉ ନ ଥିବାରୁ ଏଠାରେ ଖାଦ୍ୟସାମଗ୍ରୀର ଦରଦାମ୍ ବି ଆକାଶଛୁଆଁ। ତେଣୁ ଦରିଦ୍ର ଶ୍ରେଣୀର ଲୋକେ ଖାଇବାକୁ ଦୁଇମୁଠା ପାଉନାହାନ୍ତି। ଜାତିସଂଘ ପକ୍ଷରୁ ପ୍ରଦତ୍ତ ତଥ୍ୟକୁ ଆଧାର କରି ପ୍ରସ୍ତୁତ ହୋଇଥିବା ରିପୋର୍ଟ ଅନୁଯାୟୀ ୟେମେନ୍‌ରେ ପ୍ରାୟ ୧୪ ନିୟୁତ ଲୋକ ଦୁର୍ଭିକ୍ଷର ଶିକାର ହୋଇଛନ୍ତି। ଯୁଦ୍ଧଯୋଗୁ ଯେତିକି ସଂଖ୍ୟକ

**ଯୁଦ୍ଧଗ୍ରସ୍ତ ୟେମେନ୍‌ରେ ଖାଦ୍ୟ ସଙ୍କଟ**



ପିଲା ଗୁଳି ଓ ବୋମାମାଡ଼ରେ ପ୍ରାଣ ହରାଉ ନାହାନ୍ତି, ତା'ଠାରୁ ଅଧିକ ଶିଶୁଙ୍କ ଜୀବନ ଯାଉଛି ଭୋକରେ। ପୁଷ୍ଟିହୀନତା ଯୋଗୁ ୟେମେନ୍‌ର ଅଧିକାଂଶ ପିଲାଙ୍କ ବିଭିନ୍ନ ଅଙ୍ଗ ଅଚଳ ହୋଇପଡୁଛି। ରୋଗପ୍ରତିରୋଧକ ଶକ୍ତି ଏତେ କମିଯାଉଛି ସେମାନେ ବାରମ୍ବାର ସଂକ୍ରମଣର ଶିକାର ହେଉଛନ୍ତି। ଅପପୁଷ୍ଟି ଯୋଗୁ ପିଲାମାନେ ଅତି ଦୁର୍ବଳ ହୋଇ କାନ୍ଦିବାକୁ ମଧ ବଳ ପାଉନାହାନ୍ତି। ପିଲାମାନଙ୍କ ଶରୀର ଅଚଳ ହେବା ଭଳି ଦାରୁଣ ଦୁଃଖ ମା' ବାପାଙ୍କୁ ଦେଖିବାକୁ ପଡୁଛି ବୋଲି 'ସେଭ୍ ଦ ଚିଲ୍‌ଡ୍ରେନ୍'ର ୟେମେନ୍ ଶାଖା ନିର୍ଦ୍ଦେଶକ ତାମର କିରୋଲୋସ୍ କହିଛନ୍ତି।

ହୁଦାୟଦାରେ ଗତ କିଛି ସପ୍ତାହ ହେଲା ଆକାଶରୁ ବୋମାବର୍ଷଣ ଜାରି ରହିଛି। ଏଠାରେ ୧୫୦,୦୦୦ ଶିଶୁଙ୍କ ଜୀବନ ବିପଦମୁଖକୁ ଠେଲି ହୋଇଯାଇଛି ବୋଲି କାରୋଲୋସ୍ ସତର୍କବାଣୀ କରିଛନ୍ତି। ତେବେ ୨୦୧୫ ଏପ୍ରିଲରୁ ୨୦୧୮ ଅକ୍ଟୋବର ମଧ୍ୟରେ ୮୪,୭୦୦ ଶିଶୁ ପ୍ରାଣ ହରାଇଛନ୍ତି ବୋଲି ବିବିସିରେ ଏକ ରିପୋର୍ଟ ପ୍ରକାଶ ପାଇଛି। ପୁଷ୍ଟିହୀନତା ରୋକିବା ଲାଗି ପଦକ୍ଷେପ ଗ୍ରହଣ କରା ନ ଗଲେ ୟେମେନ୍‌ରେ ପ୍ରତିବର୍ଷ ଶିଶୁ ମୃତ୍ୟୁହାର ୨୦ରୁ ୩୦ ପ୍ରତିଶତ ବୃଦ୍ଧିପାଇବ ବୋଲି ବ୍ରିଟେନ୍‌ସ୍ଥିତ ଦାତବ୍ୟ ସଂସ୍ଥା 'ସେଭ୍ ଦ ଚିଲ୍‌ଡ୍ରେନ୍' ପକ୍ଷରୁ ଆକଳନ କରାଯାଇଛି। ୟେମେନ୍‌ରେ ଯୁଦ୍ଧସ୍ଥିତି ଯୋଗୁ ୬,୮୦୦ ସାଧାରଣ ନାଗରିକ ନିହତ ହେଲେଣି।

## ଇତିହାସର ଆଇନାରେ
### ନଭେମ୍ବର ୨୨ର ପ୍ରମୁଖ ଘଟଣା

୧୯୪୩ ନଭେମ୍ବର ୨୨ରେ ପୂର୍ବ ଭୂମଧ୍ୟସାଗରୀୟ ଦେଶ ଲେବାନନ୍ ଫ୍ରାନ୍ସଠାରୁ ସ୍ୱାଧୀନତା ଲାଭ କରିଥିଲା। ଇତିହାସକୁ ଦେଖିଲେ ଜଣାଯାଏ ଲେବାନନ୍ ଥିଲା ଫିନିସିଆନ୍‌ଙ୍କ ବାସସ୍ଥଳୀ। ସେମାନେ ପ୍ରାୟ ୧୦୦୦ ବର୍ଷ ଧରି ଏଠାରେ ରହିଥିଲେ।

୨୦୦୪ ନଭେମ୍ବର ୨୨ରେ ୟୁକ୍ରେନ୍‌ରେ ଆରମ୍ଭ ହୋଇଥିଲା ଅରେଞ୍ଜ ରିଭୋଲ୍ୟୁଶନ। ଫଳସ୍ୱରୂପ ଅନ୍ତର୍ଜାତୀୟ ଚାପ ଓ କୋର୍ଟଙ୍କ ନିର୍ଦ୍ଦେଶରେ ଦେଶରେ ସାନି ରାଷ୍ଟ୍ରପତି ନିର୍ବାଚନ ସମ୍ଭବ ହୋଇଥିଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**—ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**— ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ପରିଷ୍କାର ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୬ | ୧୮.୦ |
| ଚାନ୍ଦବାଲି | ୩୦.୪ | ୧୯.୮ |
| କଟକ | ୩୧.୦ | ୧୮.୪ |
| ପାରାଦ୍ୱୀପ | ୩୧.୩ | ୨୧.୧ |
| ଭୁବନେଶ୍ୱର | ୩୨.୭ | ୧୮.୯ |
| ଗୋପାଳପୁର | ୩୩.୫ | ୨୦.୬ |
| ପୁରୀ | ୩୧.୦ | ୨୧.୪ |
| ଅନୁଗୋଳ | ୩୧.୧ | ୧୫.୬ |
| ବାରିପଦା | ୨୯.୦ | ୧୮.୦ |
| ଝାରସୁଗୁଡ଼ା | ୩୨.୪ | ୧୭.୭ |
| କେନ୍ଦୁଝର | ୨୯.୧ | ୧୬.୭ |
| ସମ୍ବଲପୁର | ୩୩.୨ | ୧୮.୪ |
| ସୁନ୍ଦରଗଡ଼ | ୩୩.୦ | ୧୮.୦ |
| ହୀରାକୁଦ | ୩୨.୧ | ୧୮.୬ |
| ତାଳଚେର | --- | ୧୭.୩ |
| ଭବାନୀପାଟଣା | ୩୧.୦ | ୧୬.୦ |
| ବଲାଙ୍ଗୀର | ୩୨.୦ | ୧୮.୦ |
| କୋରାପୁଟ | ୨୯.୬ | ୧୪.୦ |
| ଫୁଲବାଣୀ | ୨୯.୨ | ୧୦.୦ |
| ଟିଟିଲାଗଡ଼ | --- | ୧୫.୦ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୧.୨ | ୧୭.୬ |
| ଦାରିଙ୍ଗିବାଡ଼ି | --- | ୧୩.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଅନ୍ୟଙ୍କୁ ଦେଖିବା ସହଜ



ସନ୍ନି ଲିଓନ

**ମୁମ୍ବାଇ:** ଲୋକଙ୍କ କାମ ହେଲା ଅନ୍ୟକୁ ଦେଖିବା ଏବଂ କିଛି ନା କିଛି ଖୁଣ ବାହାର କରି କହିବା। ବାସ୍ତବତା ଯାହା ବି ହୋଇଥାଉ ନା କାହିଁକି, ସେସବୁକୁ ପରଖିବା ବିନା ମୁହଁରୁ ବାହାରିପଡ଼େ ଅନେକ କଥା। ସେଥିମଧ୍ୟରୁ ଅଧିକ ବାକ୍ୟ ମନଗଢ଼ା ହୋଇଥାଏ। ଏଭଳି ଭ୍ରାନ୍ତ ଚିନ୍ତାଧାରାରୁ ସୃଷ୍ଟ ଗୁଜବର ଶିକାର ହୋଇଛନ୍ତି ବୋଲି ଅଭିନେତ୍ରୀ ସନ୍ନି ଲିଓନ କହିଛନ୍ତି। କ୍ରାଫ୍ଟସ୍‌ଭିଲ୍ଲା ପକ୍ଷରୁ ଚାଲିଥିବା '#ଜଜ୍ ମି ନଟ୍' ଅଭିଯାନରେ ସାମିଲ ହୋଇ ସେ ମନର କଥା କହିଛନ୍ତି। ସନ୍ନିଙ୍କ କହିବା ଅନୁଯାୟୀ ଲୋକମାନେ ନିଜ ବିଚାରଧାରା ମୁତାବକ ତାଙ୍କ ବିଷୟରେ ଅନେକ କିଛି ତର୍ଜମା କରନ୍ତି ଏବଂ ଟିପ୍ପଣୀ ଦେଇଦିଅନ୍ତି। କାହିଁକିନା ଅନ୍ୟକୁ ପରଖିବା ବହୁତ ସହଜ। କିନ୍ତୁ ଅପର ବ୍ୟକ୍ତି ବିଷୟରେ ପ୍ରକୃତ କଥା ବୁଝିବା କଷ୍ଟ। ସେ ଆହୁରି କହିଛନ୍ତି, ଜଣେ ବ୍ୟକ୍ତି ଜୀବନରେ ଯେଉଁସବୁ ପରିସ୍ଥିତି ସାମ୍ନା କରିଛନ୍ତି ବିଲ୍‌କୁଲ ସେହି ସ୍ଥିତିକୁ ନ ଯିବା ଯାଏ ତାଙ୍କୁ ସମ୍ପୂର୍ଣ୍ଣ ଭାବେ ବୁଝିବା ଏବଂ ତାଙ୍କର ପ୍ରକୃତ କାହାଣୀ ଜାଣିବା ସମ୍ଭବ ନୁହେଁ। ଜଣଙ୍କ ଜୀବନ ଚଲାପଥ ବିଷୟରେ ଭଲଭାବେ ନ ଜାଣି ପରଖିବା ଅନୁଚିତ। କିନ୍ତୁ ଲୋକମାନେ ଏକଥାକୁ ଧ୍ୟାନ ନ ଦେଇ ସହଜେ ଅନ୍ୟ ବିଷୟରେ ଟିପ୍ପଣୀ ଦେଇଦିଅନ୍ତି। ତେବେ ଲୋକଙ୍କ ଦୃଷ୍ଟିଭଙ୍ଗୀ ଓ ମନ୍ତବ୍ୟକୁ ସାମ୍ନା କରିବା ପାଇଁ ସେ କର୍ମ ଉପରେ ଧ୍ୟାନ ଦେଉଥିବା ଅଭିନେତ୍ରୀ ଜଣକ କହିଛନ୍ତି। ଅନ୍ୟ କଥାକୁ ଖାତିର ନ କରି ନିଜ ହିସାବରେ ବଞ୍ଚନ୍ତି ଏବଂ କାର୍ଯ୍ୟଧାରାରେ କାହାକୁ ଆଘାତ ଦିଅନ୍ତି ନାହିଁ ବୋଲି ସନ୍ନି କହିଛନ୍ତି। ସବୁଠୁ ବଡ଼କଥା ହେଲା ସେ ମନର କଥା ଶୁଣନ୍ତି। ଆଉ ତାଙ୍କ ମନ କହେ ସେ ଜଣେ ଭଲ ମଣିଷ। ତେଣୁ ଅନ୍ୟମାନଙ୍କ ଟିପ୍ପଣୀକୁ ନେଇ ଚିନ୍ତିତ ଏବଂ ବ୍ୟଥିତ ହେଉ ନ ଥିବା ସେ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପର୍ନ ଷ୍ଟାରରୁ ବଲିଉଡ୍ ଜଗତକୁ ଆସିଥିବା ସନ୍ନି ଲିଓନ୍‌ଙ୍କ ଚରିତ୍ରକୁ ନେଇ ନାନାଦି ଚର୍ଚ୍ଚା ହୁଏ। କିନ୍ତୁ ବାସ୍ତବ ଜୀବନରେ ସେ ଜଣେ ଦରଦୀ ମଣିଷ। ଜଣେ ଅନାଥ ପିଲାକୁ ସେ ପୋଷ୍ୟକନ୍ୟା ଭାବେ ଗ୍ରହଣ କରିଛନ୍ତି। ସମାଜ ମଙ୍ଗଳ କାର୍ଯ୍ୟରେ ମଧ ସେ ନିଜକୁ ନିୟୋଜିତ କରନ୍ତି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




## ଶୋ'ରୁମ ଶଟରକୁ ଗୁଳିମାଡ଼

**ରାୟଗଡା ଅଫିସ, ୨୧।୧୧**

ରାୟଗଡା ସହରର ମୁଖ୍ୟ ବଜାର ତଥା ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ରେଡିମେଡ୍ ଶୋ'ରୁମକୁ ମଙ୍ଗଳବାର ରାତିରେ ଗୁଳିମାଡ ହୋଇଛି । ଦୋକାନ ବନ୍ଦ ଥିବା ବେଳେ କେହି ଦୁର୍ବୃତ୍ତ ଦୋକାନ ଶଟରକୁ ଗୁଳିମାଡ଼ କରିଛନ୍ତି । ଗୁଳି ଶଟର ଭିତର ଦେଇ ଶୋ'ରୁମ କାଚରେ ବାଜିଛି । ଦୋକାନ ମାଲିକ ମୋହିତ ଆଶ୍ରାନୀ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି' ପୋଲିସ ଘଟଣାସ୍ଥଳରୁ ୨ ଖୋକା ଜବତ କରି ତଦନ୍ତ ଜାରି ରଖିଛି । ଏହା ୭.୬୫ଏମ୍.ଏମ. ରିଭଲଭରର ଗୁଳି ବୋଲି ଥାନାଧିକାରୀ କହିଛନ୍ତି ।

## ଶ୍ରୀମନ୍ଦିରରେ ମହିଳା ଭକ୍ତ ଅସୁସ୍ଥ

**ପୁରୀ ଅଫିସ, ୨୧।୧୧:** ବୁଧବାର ପଞ୍ଚୁକର ତୃତୀୟ ଦିବସ । ମହାପ୍ରଭୁଙ୍କ ଦର୍ଶନ ଲାଗି ଶ୍ରୀମନ୍ଦିର ଭକ୍ତଙ୍କ ଭିଡ଼ ଜମିଥିଲା । ହାଇଦ୍ରାବାଦର ବି. ଅନୀତା ରାଓ(୪୪)ପରିବାର ସହ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ । ପୂର୍ବାହ୍ନ ୧୧ଟା ୩୦ରେ ସେ ଜଗମୋହନର ଭିତର କାଠ ନିକଟରେ ଦର୍ଶନ କରୁଥିବା ବେଳେ ଅତ୍ୟଧିକ ଭିଡ଼ ଯୋଗୁ ଅଣନିଃଶ୍ୱାସୀ ହୋଇ ଚେତାଶୂନ୍ୟ ହୋଇପଡିଥିଲେ । ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ହୋଇ ଫେରିଛନ୍ତି ।




■ ଧାନ କିଣାବିକାରେ ଆଉ ଏକ ଚଞ୍ଚକତା

# ସରକାରୀ ଜମି ଦର୍ଶାଇ ଚାଷୀ ପରିଚୟପତ୍ର

**ବରଗଡ଼ ଅଫିସ,୨୧।୧୧**

■ ପୂର୍ତ୍ତ, ଜଳସେଚନ ବିଭାଗ ଜମି ମାଲିକ

■ କେନାଲ, ଗ୍ରାମ୍ୟ ଜଙ୍ଗଲ ପାଲଟିଛି ଚାଷଜମି

ବରଗଡ଼ ଜିଲାରେ ଗତ ରବିବାରରୁ ଧାନ ସଂଗ୍ରହ ପ୍ରକ୍ରିୟାରେ ବାଇକ୍‌ରେ ମିଲକୁ ଧାନ ପରିବହନ ହେବା ଘଟଣା ରାଜ୍ୟରେ ହଇଚଇ ସୃଷ୍ଟି କରିଛି । ଏପରି ଅନିୟମିତତାର ତଦନ୍ତ ଚାଲୁଥିବା ବେଳେ ଚଳିତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଆଉ ଏକ ଦୁର୍ନୀତି ପଦାକୁ ଆସିଛି । ପ୍ରକୃତ ଚାଷୀ ପରିଚୟପତ୍ର ପ୍ରସ୍ତୁତିରେ ହଟହଟା ହେଉଥିବାବେଳେ ବିନା ପରିଚୟ ପତ୍ରରେ ଧାନ ବିକି ପାରୁନାହିଁ । ହେଲେ ସରକାରୀ ଜମିକୁ ନେଇ ଚାଷୀ ପରିଚୟ ପତ୍ର ପ୍ରସ୍ତୁତି କରାଯାଉଛି । ସେହି ପରିଚୟ ପତ୍ର ଦେଖାଇ ଧାନ କିଣାବିକା କରାଯାଇଥିବା ଫୁଡ୍ ଓଡ଼ିଶା ପୋର୍ଟାଲ ତଥ୍ୟରୁ ଜଣାପଡ଼ିଛି । ବୁଧବାର ଏକ ଖବରଦାତା ସମ୍ମିଳନୀରେ ସେଭଳି ତଥ୍ୟ ଉପସ୍ଥାପନ କରି ଫର୍ ସାମାଜିକ ଅନୁଷ୍ଠାନ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି ।

ବରଗଡ଼ ଜିଲାରେ ଧାନ କିଣାବିକା ସମୟରେ ଜାଲ ପରିଚୟପତ୍ର ର୍ୟାକେଟ୍ ସକ୍ରିୟ ହୋଇଛି । କେତେକ ବିଭାଗୀୟ କର୍ମଚାରୀ ଚଞ୍ଚକତା କରି ସରକାରୀ ଜମିକୁ ଦର୍ଶାଇ ଚାଷୀ ପରିଚୟପତ୍ର ପ୍ରସ୍ତୁତ କରୁଛନ୍ତି । ଏପରି କି ଉଠାଜଳସେଚନ, ପୂର୍ତ୍ତ, ଗ୍ରାମ୍ୟ ଜଙ୍ଗଲ ଆଦି ବିଭାଗକୁ ଜମି ମାଲିକ ବୋଲି ଦର୍ଶାଯାଇଥିବା ବେଳେ କେତେକ ନିର୍ଦ୍ଦିଷ୍ଟ ନାମ ଉଲ୍ଲେଖ କରି ସେମାନଙ୍କୁ ସମ୍ପୃକ୍ତ ବିଭାଗର ପୁଅ, ନାତି ବୋଲି ପରିଚୟ ପତ୍ର ପ୍ରସ୍ତୁତ କରାଯାଉଛି ।

ଫୁଡ୍ ଓଡ଼ିଶା ପୋର୍ଟାଲରୁ ମିଳିଥିବା ତଥ୍ୟ ଅନୁଯାୟୀ, ବରଗଡ଼ ତହସିଲ ଖୁଣ୍ଟପାଲି ରାଜସ୍ୱ ନିରୀକ୍ଷକ ସର୍କଲ ବେହେରା ମୌଜାର ପ୍ଲଟ ନଂ-୧୧୪୯ର ଜମି ମାଲିକ ଜଳସେଚନ ବିଭାଗ, ଏରିଆ-୨.୯୯୦ ଏକର, ଚାଷୀ- ପ୍ରେମରାଜ ବାରିକ (କୋଡ୍-ଏସ୧୦୩୦୩୦୬୦୦୦୩୯୪) ରହିଥିବାବେଳେ ଜମି ମାଲିକ ଜଳସେଚନ ବିଭାଗ ସହିତ ଚାଷୀଙ୍କ ବାପପୁଅ ସମ୍ପର୍କ ବୋଲି ଉଲ୍ଲେଖ ରହିଛି । ଜଳସେଚନ ବିଭାଗ ଜଣେ ଚାଷୀଙ୍କ ବାପା କିଭଳି ହେଲେ, ତାକୁ ନେଇ ସାଧାରଣରେ ସଂଶୟ ସୃଷ୍ଟି ହୋଇଛି । ସେହିପରି ଗୋବିନ୍ଦପୁର ରାଜସ୍ୱ ସର୍କଲ ଝାଙ୍କରପାଲି ମୌଜାର ଖାତା ନଂ-୧୭୯, ପ୍ଲଟ ନଂ-୨୬୩, ଏରିଆ-୨.୫୮୦୦ ଏକରର ଜମି ମାଲିକ ରକ୍ଷିତ, କିସମ-ଗ୍ରାମ୍ୟ ଜଙ୍ଗଲ ବୋଲି ଦର୍ଶାଯାଇ ଥିବାବେଳେ ଚାଷୀଙ୍କ ନାମ ବିରେଶ ସ୍ୱାଇଁ ଉଲ୍ଲେଖ ରହିଛି । ଖୁଣ୍ଟପାଲି ରେଭିନ୍ୟୁ ସର୍କଲ ବେହେରା ମୌଜାର ଖାତା ନଂ-୬୧୪, ପ୍ଲଟ ନଂ-୧୧୮, ଜମି ମାଲିକ- ପୂର୍ତ୍ତ ବିଭାଗ, କିସମ-ନୟନଯୋରୀ କେନାଲ ଏବଂ ଚାଷୀଙ୍କ ନାମ-ଅମୂଲ୍ୟ ସ୍ୱାଇଁ ଉଲ୍ଲେଖ ରହିଛି ଏବଂ ସମ୍ପର୍କରେ ବାପପୁଅ ବୋଲି ଦର୍ଶାଯାଇଛି । ଏକ କେନାଲ କିଭଳି ଚାଷଜମି ହେଲା ଏବଂ ସମ୍ପୃକ୍ତ ଚାଷୀ ପୂର୍ତ୍ତ ବିଭାଗର ପୁଅ କିପରି ହେଲେ, ତାକୁ ନେଇ ସନ୍ଦେହ ଉପୁଜିଛି । ଏଭଳି ଆହୁରି ଏକାଧିକ କ୍ଷେତ୍ରରେ ଅନିୟମିତତା ପରିଲକ୍ଷିତ ହୋଇଥିବା ଖବରଦାତା ସମ୍ମିଳନୀରେ ଫର୍‌ର ସଭାପତି ଇଂ ଦେବବ୍ରତ ମିଶ୍ର ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ସହକାରୀ ସମବାୟ ନିବନ୍ଧକ ଦିବାକର ଭୋଇଙ୍କୁ ପଚାରିବାରୁ ଏ ସଂକ୍ରାନ୍ତ ଅଭିଯୋଗ ଆସିବା ପରେ ଅନୁଧ୍ୟାନ ଚାଲିଛି । ଏହି ଦୁର୍ନୀତିରେ ଯେ କେହି ବି ସମ୍ପୃକ୍ତ ଥିବେ, ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ନିଶିକାନ୍ତ
ପରିବାରବର୍ଗ


ଅମନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




**SALE**

46000 km. run, July 2014, Dizire ZXI, white colour. 7873464034. D-9539

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall available for sale and hire. Contact immediately: 9556240228, 9937292015. email: kttbbsr@gmail.com. D-9430




**SALE**

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 8093465134. D-64352

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64378

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ 1200 sqft. 1,80,000/-, ପ୍ରତାପନଗରୀ ଧାକୁଲେଇପୀଠରୁ କିଛି ଦୂରତାରେ 1200କୁ 2,60,000/- (outright). 9938177361, 9776934361. D-64381

BJB Nagarରେ 60X90 GA plot ବିକ୍ରିହେବ। Contact: 9937910363. D-63871

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

ଭୁବନେଶ୍ୱର ହଂସପାଳ, ବାଲିଅନ୍ତା, ଭିଙ୍ଗାରପୁରରେ ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। 9668194157, 9777012228. D-65073

2BHK flat 1120 sqft. near ZEE School, Kateni Bhubaneswar is for sale. 9937162220. D-64749

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64372

Now Matrimonial ads. only on Wednesday & Sunday Book 1 Get 1 FREE




Centrally located for office at Unit-9, 450 sqft., 700 sqft., 650 sqft., 850 sqft. 7789837712, 9861256148. D-9558




Samal packers movers provide household shifting in resonable rates. 9437035016. D-63872




Fully refreshed/ relaxed body massage by expert therapist, Shastrinagar. 7377984773. D-65140

Rejuvenate and Ayurvedic full body massage by smart therapist. 9114402304. D-65138

Pamper yourself this Mansoon professional massage. Contact Purple Orchid. 9776598888. D-65139

Ayurvedic full body massage ladies / gents smart experts therapist. 9114697517. D-64641

All type of full body massage by expert therapist. 7609005923. D-65180

Experience full body massage with us by expert Enquiry: 7377048581. D-65181

Herbal full body massage by smart/ expert therapist. Contact: 8338067247. D-65182

Newly opening ayurvedic massage smart therapist, Shree herbal. 7750020754. D-65183

Improving your health, skin care through expert therapist, excellent offer. 9668374480. D-65184

Take gym body massage and steambath from gym trainer. 9337337007, 9861556765. D-65186

**୫୦ ତମ ବିବାହ ବାର୍ଷିକୀ ଶୁଭେଚ୍ଛା**



**ସଚ୍ଚୀନ୍ଦ୍ରନାଥ ମହାପାତ୍ର**
ଏବଂ
**ସୁନିତୀ ମହାପାତ୍ର**
**୨୬୭ ବି, ଶାନ୍ତିନଗର, ଝାରପଡ଼ା**

ଆଜି ତୁମର ଏହି ସୁବର୍ଣ୍ଣ ଜୟନ୍ତୀ ଅବସରରେ ଜଗତରନାଥ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥ ତୁମର ଆଗାମୀ ଭବିଷ୍ୟତ ଦାମ୍ପତ୍ୟ ଜୀବନ ସୁଖମୟ କରନ୍ତୁ। ସୁଶୀଳ, ସୁଧୀର, ସୁଶାନ୍ତ, ପ୍ରଶାନ୍ତ ତଥା ପରିବାରବର୍ଗ। ସରୟୁ ଭବନ ୨୪୬, କଟକ ରୋଡ, ଭୁବନେଶ୍ୱର। ଧ-୬୫୦୭୪


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜମ୍ମୁ-କଶ୍ମୀର ବିଧାନସଭା...

ବିଧାୟକ ସଂଖ୍ୟା ୫୬ରେ ପହଞ୍ଚିଛି, ଯାହାକି ସରକାର ଗଠନ ପାଇଁ ଯଥେଷ୍ଟ। ତେଣୁ ପିଡିପି-କଂଗ୍ରେସ-ଏନ୍‌ସି ମେଣ୍ଟକୁ ସରକାର ଗଠନ ଲାଗି ସୁଯୋଗ ଦେବାକୁ ରାଜ୍ୟପାଳଙ୍କୁ ମେହବୁବା ଅନୁରୋଧ କରିଥିଲେ। ଇତିମଧ୍ୟରେ ପିପୁଲ୍ସ କନ୍‌ଫରେନ୍ସ (ପିସି) ନେତା ସଜାଦ୍ ଲୋନ୍ ମଧ୍ୟ ରାଜ୍ୟପାଳଙ୍କ ନିକଟରେ ସରକାର ଗଠନ ପାଇଁ ଦାବି ଜଣାଇଥିଲେ। ତାଙ୍କୁ ଭାଜପାର ୨୫ ବିଧାୟକ ସମର୍ଥନ କରୁଥିବା ସେ ନିଜ ପତ୍ରରେ ଦର୍ଶାଇଥିଲେ। ଫଳରେ ରାଜ୍ୟପାଳ ବିଧାନସଭାକୁ ଭଙ୍ଗ କରିଦେଇଥିବା ରାଜଭବନ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ ଯେ, ପିଡିପି ନେତୃତ୍ୱାଧୀନ ମେଣ୍ଟ ସରକାରରୁ ଭାଜପା ସମର୍ଥନ ପ୍ରତ୍ୟାହାର କରିବା ପରେ ଜୁନ୍ ୧୯ରେ ଜମ୍ମୁ-କଶ୍ମୀରରେ ରାଜ୍ୟପାଳ ଶାସନ ଜାରି ହୋଇଥିଲା। ଡିସେମ୍ବର ୧୯ରେ ରାଜ୍ୟପାଳ ଶାସନ ଅବଧି (୬ ମାସ) ପୂରିବାକୁ ଥିବାବେଳେ ଏହାପୂର୍ବରୁ ପିଡିପି-ଏନ୍‌ସି-କଂଗ୍ରେସ ମେଣ୍ଟ ସରକାର ଗଠନ ପାଇଁ ଅଣ୍ଟାଭିଡ଼ିଥିଲେ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ନରସିଂହ ଚରଣ ମହାପାତ୍ର**
(ଭୀମଟାଙ୍ଗୀ, ଭୁବନେଶ୍ୱର)
ଆବିର୍ଭାବ: ୨୩।୦୩।୧୯୩୪
ତିରୋଧାନ: ୧୨।୧୧।୨୦୧୮
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୯୫୬୮

**ଏକାଦଶାହ ଉପଲକ୍ଷେ**



**Late Smt. Sailabala Patnaik**
ଆବିର୍ଭାବ: ୧୭।୧୦।୩୧
ତିରୋଧାନ: ତା ୧୨।୧୧।୧୮
ପୂର୍ଣ୍ଣତା ଭିତରେ ତୁମର ଶୂନ୍ୟତା
ଅସହ୍ୟ ସଭିଙ୍କ ପାଇଁ
ସ୍ନେହର ସାଗର ତୁମେ ମମତାର ଝର
ଉପମା ଯାହାର ନାହିଁ
ସବୁ ପ୍ରଶଂସାର ଊର୍ଦ୍ଧ୍ୱରେ ଥିଲ
ମହୀୟସୀ ମହାମୟୀ
ବଣମଲ୍ଲି ତୁମେ ସ୍ୱର୍ଗେ ହଜିଗଲ
(ଆମକୁ) ସାରାଜୀବନ କନ୍ଦାଇ
ହତଭାଗ୍ୟ ପରିବାର
ଶୋକସନ୍ତପ୍ତ ପରିବାରବୃନ୍ଦ
ଧ-୬୪୯୧୫


# ଖଟିରେ ଖଟିରେ...

## ଆମକୁ କାହିଁ ଛାଡ଼ିବ

ନିର୍ବାଚନ ଯେତିକି ପାଖଉଛି, ଖଟି ମେମ୍ବର ସେତିକି ବଢୁଛନ୍ତି। ଗତ ସପ୍ତାହରେ ରାମମନ୍ଦିର ଖଟିର ଭାରି ଡିମାଣ୍ଡ ଥିଲା। ଆଇଏଏସ୍ ମ୍ୟାଡାମ୍ ଓ ଆଇପିଏସ୍ ସାର୍ ଫୁଲ ଧରିବେ ବୋଲି ଭାରି ଚର୍ଚ୍ଚା। ସେଦିନ ଜଣେ ଖଟି ମେମ୍ବର କହିଲେ ଆଇପିଏସ୍ ସାର୍ ପୁରୀ ଯିବେ। ମ୍ୟାଡାମ୍ ରାଜଧାନୀରୁ ଲଢ଼ିପାରନ୍ତି। ଏହାଶୁଣି ଜଣେ କହିଲେ, ତା'ମାନେ ନମୋ ପୁରୀ ଆସିବେ ବୋଲି ଯେଉଁ ଖବର ହେଉଥିଲା, ତାହା ଡାହା ମିଛ। ଏକଥା ଶୁଣି ଜଣେ ଫୁଲ ଦଳିଆ ସମର୍ଥକ ଟିକିଏ ମନ ପାଣିଚିଆ କରିଦେଲେ। ସେ କହିଲେ, କିଏ କେଉଁଠୁ ଲଢ଼ିବ ତାହା ପର କଥା, ଏଥର କିନ୍ତୁ ଶାସକ ଦଳକୁ ବାଟ ସହଜେ ଛଡ଼ାଯିବାର ପ୍ରଶ୍ନ ଉଠୁନି। ତାଙ୍କ ପାଟିରୁ ଏକଥା ସରିଛି କି ନାହିଁ, ଶଙ୍ଖ ସମର୍ଥକ କହିଲେ, ତମେ ଆମକୁ କାହିଁ ଛାଡ଼ିବ, ମାଲ୍ୟା, ନୀରବ ମୋଦିଙ୍କୁ ବିଦେଶ ଛାଡ଼ିବ।

## କିଛି ଆସେନି

ନିକଟରେ ଜଣେ ପାପୁଲି ମାନ୍ୟବର ଦଳର ଅନ୍ୟତମ ପ୍ରମୁଖ ନେତାଙ୍କୁ ଚିଠି ଖଣ୍ଡେ ଲେଖି ତାଙ୍କୁ କାଠଗଡ଼ାରେ ଠିଆ କରିଦେଇଛନ୍ତି। ଆଉ କଥାଟି ଗେରୁଆ ବାଲାଙ୍କୁ ବେଶ୍ ସୁହାଇଛି। କଥାଟି ବାହାରକୁ ଆସିଲାପରେ ଗେରୁଆ ନେତାମାନେ ଖାଲି ମନେମନେ କୁରୁଳୁଛନ୍ତି। କୁରୁଳିବେନି ବା କେମିତି, ଏତେଦିନ ପରେ ଗେରୁଆଙ୍କ କୋର୍ଟରେ ପାପୁଲି ବାଲାଙ୍କ ବଲ୍ ଯୋଉ ପଡ଼ିଛି। ଆଉ ନିଜ ମୁଣ୍ଡରୁ ଦୋଷ ହଟାଇବାକୁ ଶଙ୍ଖ ଆଉ ପାପୁଲି ବାଲାଏ ଏକାଠି ବୋଲି ଗେରୁଆ ନେତାଏ ବୁଲିବୁଲି କହିଚାଲିଛନ୍ତି। ଖାଲି ଏତିକି ନୁହେଁ ଆଜ୍ଞା, ଉକ୍ତ ପ୍ରମୁଖ ନେତା ଜଣକ ଚିଠି ପାଇଲା ପରଠାରୁ ନିଆଁରେ ବସିଲାଭଳି ଜଣାପଡୁଛନ୍ତି। ଏଇ ବିଷୟରେ କଥାଟି ଯେମିତି ଚପିଯିବ ସେଥିପାଇଁ ସେ ଯଥା ସମ୍ଭବ ପ୍ରୟାସ ଜାରି ରଖିଛନ୍ତି। ହେଲେ ଏଇ ଗଲା ସୋମବାରଟାରେ ପାପୁଲି ଦଳର ହାଉହାଉ ନେତା ଜଣକ ସବୁ ଏପଟସେପଟ କରିଦେଲେ। ଯେମିତି ଖବରଦାତାମାନେ ଏ ବିଷୟରେ ତାଙ୍କୁ ପଚାରିଲେ, ସେ ହାଉହାଉ ହୋଇ ଏହା ଚକ୍ରାନ୍ତକାରୀଙ୍କ ଖେଳ ବୋଲି କହିଦେଲେ। ଏତିକିରେ ପ୍ରମୁଖ ନେତା ଜଣକ ପୂରା ରାଗିକି ପଞ୍ଚମ। ସେତିକିବେଳେ ପ୍ରମୁଖ ନେତାଙ୍କ ପ୍ରକୋଷ୍ଠରେ ଚାଲିଥିବା ଖଟିରେ ଯେମିତି ହାଉହାଉ ନେତା ପଶିଲେ ସେ ଆରମ୍ଭ କରିଦେଲ, ହଇରେ ହେ ତତେ କ'ଣ ଭଡ଼ଭଡ଼ ଛଡା କିଛି ଆସେନି।

### ପ୍ରଥମ ପୃଷ୍ଠାରୁ...

## ବସ୍ ଦୁର୍ଘଟଣାର ତଦନ୍ତ...

ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସନ୍ଧ୍ୟା ସୁଦ୍ଧା ଆହତଙ୍କ ମଧ୍ୟରୁ ଏସ୍‌ସିବି ଡିଜାଷ୍ଟର ୱାର୍ଡରେ ୩୪ଜଣ ଓ ଆଇସିୟୁରେ ଡ୍ରାଇଭର ମୁଦୁଲିଙ୍କ ସହ ୬ଜଣ ଗୁରୁତର ଆହତଙ୍କ ଚିକିତ୍ସା ଚାଲିଛି। ଗୁରୁତରଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଏସ୍‌ସିବି ଜରୁରିକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣା ସୂଚନା ଦେଇଛନ୍ତି।

### ଚାଲିଛି କାରଣ ଖୋଜା

ବସ୍ ଦୁର୍ଘଟଣା ପଛରେ ଲୁଚି ରହିଥିବା କାରଣଗୁଡ଼ିକକୁ ନେଇ ତର୍ଜମା ଆରମ୍ଭ ହୋଇଛି। ଦୁର୍ଘଟଣାର ମୂଳ କାରଣ କୁହାଯାଉଥିବା ମଇଁଷିକୁ ନେଇ ବିବାଦ ଉପୁଜିଛି। ମଇଁଷିଟି ପୂର୍ବରୁ ମହାନଦୀ ପୋଲ ଉପରେ ମରି ପଡ଼ିଥିଲା। ଦୁର୍ଘଟଣାଟି ଠିକ୍ ସନ୍ଧ୍ୟା ୬ଟା ୪୫ରେ ଘଟିଥିଲା। ଅର୍ଥାତ୍ ସେତେବେଳକୁ ଅନ୍ଧାର ହୋଇଯାଇଥିଲେ ମଧ୍ୟ ଡ୍ରାଇଭର ବସ୍‌ର ହେଡ୍‌ଲାଇଟ୍ ବଦଳରେ ସ୍ପାର୍କ ଲାଇଟ୍ ଲଗାଇ ପୋଲ ଅତିକ୍ରମ କରୁଥିଲେ। ସ୍ପାର୍କ ଲାଇଟ୍ ଯୋଗୁ ମଇଁଷି ଉପରେ ତାଙ୍କ ନଜର ପଡ଼ି ନ ଥିଲା। ମଇଁଷି ଉପରେ ବସ୍ ଚଢିଯିବା ପରେ ଭାରସାମ୍ୟ ହରାଇ ପୋଲର ଫୁଟ୍‌ପାଥ ଉପରକୁ ଚଢି ବାଡା ଭାଙ୍ଗି ୩୦ ଫୁଟ ତଳକୁ ନଦୀ ଭିତରକୁ ଖସିପଡ଼ିଥିଲା ବୋଲି ଆଲୋଚନା ହେଉଛି। ମାତ୍ର ଜଗତପୁର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତି କହିଛନ୍ତି, ମଇଁଷିଟି ପୋଲ ଉପରେ ଚାଲି ଚାଲି ଯାଉଥିଲା। ଡ୍ରାଇଭର ଅଲକ୍ଷ୍ୟରେ ବସ୍‌କୁ ମଇଁଷି ଦେହରେ ପିଟିଥିଲେ ବୋଲି ସେ କହିଛନ୍ତି। ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ମଇଁଷିର ମୃତଦେହକୁ ବ୍ୟବଚ୍ଛେଦ କରାଯାଇଛି। ମଇଁଷିଟି କାହାର ସେ ନେଇ ଖୋଳତାଡ଼ କରାଯାଉଥିବା ରାଜ୍ୟ ପ୍ରାଣୀ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ବୀରକିଶୋର ପରିଡ଼ା କହିଛନ୍ତି।

ନିୟମ ଅନୁଯାୟୀ ଫୁଲନଖରା ପାଖରୁ ଟାଙ୍ଗୀ ବନ୍ଦାଳ ପର୍ଯ୍ୟନ୍ତ ଜାତୀୟ ରାଜପଥ ନିମନ୍ତେ ବସ୍‌ର ବେଗ ଘଣ୍ଟା ପ୍ରତି ୫୦ କିଲୋମିଟର ଧାର୍ଯ୍ୟ କରିଛି ପରିବହନ ବିଭାଗ। ତେବେ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହେବା ସମୟରେ ଏହାର ବେଗ ପାଖାପାଖି ୧୦୦ କିଲୋମିଟର ଥିବା ପ୍ରତ୍ୟକ୍ଷଦର୍ଶୀମାନେ ପୋଲିସକୁ କହିଛନ୍ତି । କିନ୍ତୁ ଗାଡ଼ିର ବେଗ ଘଣ୍ଟା ପ୍ରତି ୬୦ରୁ ୭୦ କିଲୋମିଟର ଥିବା ଆମେ ଅନୁମାନ କରୁଛୁ ବୋଲି କଟକ ଆର୍‌ଟିଓ ଦୀପ୍ତିରଞ୍ଜନ ପାତ୍ର କହିଛନ୍ତି। କାରଣ ବସ୍‌ଟି ପୋଲର ଯେଉଁ ଅଂଶରେ ବାଡା ଭାଙ୍ଗିଥିଲା ଠିକ୍ ସେହି ସିଧାରେ ତଳକୁ ଖସିଛି। ବେଗ ୧୦୦ କିଲୋମିଟର ରହିଥିଲେ ବସ୍‌ଟି ବାଡ଼ା ଭାଙ୍ଗିବା ସ୍ଥାନରୁ ୨୦ ଫୁଟ ଦୂରରେ ପଡ଼ିଥାନ୍ତା। ଏହାବାଦ୍ ଆଉ କେତେକ ପ୍ରଶାସନିକ ଖିଲାପି ମଧ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଫୋରମ ଫର୍ ପ୍ରିଭେନ୍‌ଶନ ଅଫ୍ ରୋଡ୍ ଆକ୍ସିଡେଣ୍ଟର ସମ୍ପାଦକ ବିକାଶ ମହାପାତ୍ରଙ୍କ କହିବା ଅନୁଯାୟୀ ଅଧିକାଂଶ ଦୁର୍ଘଟଣା ପଛରେ ଗାଡ଼ିର ବେଗ ଏକ ପ୍ରମୁଖ କାରଣ ହୋଇଥାଏ। ମାତ୍ର ସ୍ପିଡ୍ ଗଭର୍ନର ବ୍ୟବସ୍ଥାକୁ ଅଦ୍ୟାବଧି ବାଧ୍ୟତାମୂଳକ କିମ୍ବା ନିଶ୍ଚିତ କରାଯାଇ ପାରିଲା ନାହିଁ। ସେହିପରି ପରିବହନ ବିଭାଗର ଏନ୍‌ଫୋର୍ସମେଣ୍ଟକୁ ନେଇ ଏବେ ବଡ଼ ପ୍ରଶ୍ନ ଉଠିଛି। ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ୧୯୬୦ରେ ଏନ୍‌ଫୋର୍ସମେଣ୍ଟରେ ଯେତିକି କର୍ମଚାରୀ ଥିଲେ ୨୦୧୮ରେ ସେତିକି ପଦବୀ ରହିଛି। ମାତ୍ର ଇତିମଧ୍ୟରେ ଗାଡ଼ି ସଂଖ୍ୟା ଦ୍ରୁତଗତିରେ ବଢିଚାଲିଛି। ଆଡ୍‌ଭୋକେଟ ପ୍ରଦୀପ ପଟ୍ଟନାୟକ କୁହନ୍ତି, ରାସ୍ତାରେ ସ୍ପିଡ୍ ଲେଜର କ୍ୟାମେରା ଲଗାଯାଉ ନାହିଁ। ଉକ୍ତ କ୍ୟାମେରା ଲଗାଗଲେ ଆପଣାଛାଏ ଡ୍ରାଇଭରମାନେ ଦ୍ରୁତଗତିରେ ଯିବା ପାଇଁ ଭୟ କରିବେ। ଖୋର୍ଦ୍ଧାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଏହି କ୍ୟାମେରା ଲଗାଇବା ପାଇଁ ଦୀର୍ଘଦିନ ହେବ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ଏଭଳି ଅନେକ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି।

ସୂଚନାଥାଉକି, ଜଗନ୍ନାଥ ନାମକ ଘରୋଇ ବସ୍(ନଂ. ଓଡିଶା୫ଏ-୦୨୧୧)ଟି ତାଳଚେରରୁ କଟକ ଆସୁଥିଲାବେଳେ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣାଗ୍ରସ୍ତ ହୋଇ ମହାନଦୀ ଭିତରକୁ ଖସିପଡ଼ିଥିଲା। ଏଥିରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫୧ ଜଣ ଆହତ ହୋଇଥିଲେ।

## ମା' ପେଟରେ ...

୫୪ ଜଣଙ୍କ ମୃତ୍ୟୁ ମା' ପେଟରେ ଘଟୁଥିବା ବେଳେ ବ୍ରହ୍ମପୁରରେ ପ୍ରତି ୧ହଜାରରେ ୫୨ ଓ ବୁର୍ଲାରେ ଏହି ହାର ୩୪ ଥିବା ଦର୍ଶାଯାଇଛି । କେବଳ ସେତିକି ନୁହେଁ, ମା' ପେଟରେ ମୃତ୍ୟୁ ଘଟିବା ପରେ ଶୁଖିଯାଇ ଜନ୍ମ (ମାସେରେଟେଡ୍ ଷ୍ଟିଲ୍ ବାର୍ଥ) ନେଉଥିବା ଶିଶୁ ହାର ହେଉଛି ୩୬%। ବାକି ୬୪% ହେଉଛନ୍ତି ସଦ୍ୟ ମୃତ ଶିଶୁ (ଫ୍ରେସ୍ ଷ୍ଟିଲ୍ ବାର୍ଥ), ଯାହା ଅନୁଗୋଳ, ବୌଦ୍ଧ, ଢେଙ୍କାନାଳ, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ଖୋର୍ଦ୍ଧା, ନବରଙ୍ଗପୁର, ନୟାଗଡ଼, ରାୟଗଡ଼ା, ସୋନପୁର, ସୁନ୍ଦରଗଡ଼, ଏସ୍‌ସିବି ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ବେଶ୍ ଅଧିକ ରହିଛି।

ଏନ୍‌ବିସିସି ରିପୋର୍ଟରୁ ଆଉ ଏକ ଗୁରୁତର ବିଭ୍ରାଟ ସାମ୍ନାକୁ ଆସିଛି। ତାହା ହେଉଛି କାର୍ଡିଓ ପଲ୍‌ମନାରୀ ରିସୋସିଟେଶନ (ଶ୍ୱାସକ୍ରିୟା ପାଇଁ ସହାୟତା ଯୋଗାଇବା)। ଉଦାହରଣ ସ୍ୱରୂପ ଯଦି ଜଣେ ସଦ୍ୟ ମୃତ ଶିଶୁ ଜନ୍ମ ହୁଏ ତେବେ ନିୟମ କହୁଛି, ଉକ୍ତ ଶିଶୁର ଶ୍ୱାସକ୍ରିୟା ଓ ହୃତ୍‌ସ୍ପନ୍ଦନ ଫେରାଇବା ପାଇଁ ସମସ୍ତ ଉଦ୍ୟମ କରାଯିବା କଥା । ଯଥା ଶିଶୁର ନାକ, ପାଟି ସଫା କରିବା, ଅକ୍ସିଜେନ ଯୋଗାଇଦେବା ଇତ୍ୟାଦି କାମ ୧୦ ମିନିଟ୍ କରାଯିବା କଥା। ଏହାପରେ ଯଦି ଶ୍ୱାସକ୍ରିୟା କିମ୍ବା ହୃଦ୍‌ସ୍ପନ୍ଦନ ନ ଫେରେ ତେବେ ଶିଶୁକୁ ମୃତ ଘୋଷଣା କରାଯାଇଥାଏ। ମାତ୍ର ଏନ୍‌ବିସିସି ରିପୋର୍ଟ ଅନୁଯାୟୀ, ଗଜପତି, ଜଗତ୍‌ସିଂହପୁର, କେନ୍ଦୁଝର ଓ ଏସ୍‌ସିବି ଭଳି ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଏହି କାର୍ଯ୍ୟ କରାଯାଉ ନ ଥିବା ଦର୍ଶାଯାଇଛି । ଫଳରେ ଅନେକ କ୍ଷେତ୍ରରେ ଶିଶୁକୁ ପୋତିବାକୁ ନେବା ସମୟରେ ହଠାତ୍ ଶିଶୁ କାନ୍ଦି ଉଠିବା ଭଳି ଘଟଣା ଘଟୁଛି।

ବାରିପଦା ମେଡିକାଲ କଲେଜର ଶିଶୁ ରୋଗ ବିଭାଗର ମୁଖ୍ୟ ଡାକ୍ତର ପ୍ରଭାକର ମିଶ୍ରଙ୍କ କହିବା ଅନୁଯାୟୀ ଷ୍ଟିଲ୍ ବାର୍ଥ ଏକ ବଡ଼ ସମସ୍ୟା । ଗର୍ଭଧାରଣରୁ ପ୍ରସବ ପର୍ଯ୍ୟନ୍ତ ମହିଳାମାନେ ସ୍ୱାସ୍ଥ୍ୟର ଯତ୍ନ ନେଲେ ଏହାକୁ ଅନେକ ମାତ୍ରାରେ ରୋକିହେବ। ଶିଶୁଭବନର ବରିଷ୍ଠ ଶିଶୁ ରୋଗ ବିଭାଗ ପ୍ରଫେସର ଜ୍ଞାନେନ୍ଦ୍ର ବେହେରା କୁହନ୍ତି, ଏହାର ଅନେକ କାରଣ ରହିଛି । ଅନେକ କ୍ଷେତ୍ରରେ ବଂଶାନୁକ୍ରମିକ ଦୋଷ ଏକ କାରଣ ହୋଇଥିବାବେଳେ ଚିକିତ୍ସା ଅଭାବ ଯୋଗୁ ଷ୍ଟିଲ୍ ବାର୍ଥ ହେଉଥିବା ଜଣାପଡ଼ିଛି । ଏସ୍‌ସିବି ମେଡିକାଲର ପୂର୍ବତନ ଅଧୀକ୍ଷକ ତଥା ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ପ୍ରଫେସର ଶ୍ୟାମା କାନୁନ୍‌ଗୋ କୁହନ୍ତି, ଷ୍ଟିଲ୍ ବାର୍ଥ ଉପରେ ତର୍ଜମା ଜାରି ରହିଛି। ଏହାର ବହୁତ ଗୁଡ଼ିଏ କାରଣ ରହିଛି। ଯଥା ସଂକ୍ରମଣ, ପୁଷ୍ଟିହୀନତା, ଗର୍ଭାବସ୍ଥାରେ ମା'କୁ ଆଘାତ, ଗର୍ଭାବସ୍ଥାରେ ଶିଶୁ ବେକରେ ନାଡ଼ ଗୁଡ଼ାଇ ହୋଇଯିବା ଆଦି ଚିହ୍ନଟ କରାଯାଇଛି। ତେବେ ଗର୍ଭଧାରଣରୁ ପ୍ରସବ ପର୍ଯ୍ୟନ୍ତ ନିୟମିତ ଡାକ୍ତରୀ ଚିକିତ୍ସାରେ ରହିଲେ ଏହି ସମସ୍ୟାକୁ ଏଡାଇ ଦେଇହେବ ବୋଲି ଡାକ୍ତର କାନୁନଗୋ କହିଛନ୍ତି।

ସୂଚନାଥାଉକି, ମାତୃ, ଶିଶୁ ମୃତ୍ୟୁହାର ରୋକିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି । ଗର୍ଭଧାରଣରୁ ପ୍ରସବ ଓ ଶିଶୁଙ୍କୁ ୬ ବର୍ଷ ହେବା ପର୍ଯ୍ୟନ୍ତ ସରକାରୀ ଯୋଜନା ଭିତରେ ସାମିଲ କରାଯାଉଛି। କିନ୍ତୁ ଏହିସବୁ ଯୋଜନା ଗୁରୁତର ଭାବେ ଓଡ଼ିଶାରେ ବିଫଳ ହୋଇଥିବା ଏନ୍‌ବିସିସି ତଥ୍ୟରୁ ସ୍ପଷ୍ଟ ହୋଇଛି ।

## ଏଲ୍‌ପିଜି ଦର ...

ବେଙ୍ଗାଲୁରୁରେ ଏହା ୯୪୧ଟଙ୍କା, ମାଙ୍ଗାଲୋରରେ ୯୨୧, ହୁବଲିରେ ୯୬୨ ଟଙ୍କା ରହିଛି। ଅନ୍ୟପକ୍ଷରେ ରାଇପୁରରେ ୧୦୧୭ଟଙ୍କା, ଦାର୍ଜିଲିଂରେ ୧,୧୧୧ଟଙ୍କା, ଆଇଜଲରେ ୧,୦୮୧ ଟଙ୍କା ସିଲିଣ୍ଡର ଦର ରହିଛି। ସୂଚନାଥାଉ କି, ପ୍ରତ୍ୟେକ ଏଲ୍‌ପିଜି ଗ୍ରାହକଙ୍କୁ କେନ୍ଦ୍ର ସରକାର ୧୨ଟି ସିଲିଣ୍ଡର ପାଇଁ ସବ୍‌ସିଡି ଦେଇଥାନ୍ତି। ଏହାପରେ ଅବଶିଷ୍ଟ ସିଲିଣ୍ଡର ପାଇଁ ଅଣ ସବସିଡି ଦରରେ କିଣିବାକୁ ପଡ଼େ।

## ମନ୍ତ୍ରଣାଳୟ ନିର୍ଦ୍ଦେଶ ...

କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଛି। ମନ୍ତ୍ରଣାଳୟ ଅନେକ ସମୟରେ କାର୍ଯ୍ୟବନ୍ଦ ଆଦେଶକୁ ଅସ୍ଥାୟୀ ଭାବେ ଉଠାଇ ଦେଉଛି। ଫଳରେ ବିଚାରାଧୀନ ସମସ୍ତ ମାମଲାର ସମାଧାନ ହେବା ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଯାଇଥିବ। ଏ ନେଇ ମୁଁ ୨୦୧୫ ସେପ୍ଟେମ୍ବର ୧୬, ୨୦୧୭ ନଭେମ୍ବର ୨୮ ଏବଂ ୨୦୧୮ ଜୁଲାଇ ୧୨ରେ ଚିଠି ଲେଖି ଜଣାଇଛି। ଏହି ପ୍ରକଳ୍ପ ହେଲେ ଓଡ଼ିଶାର ମାଲକାନଗିରି ଜିଲାର ପ୍ରାଚୀନ ଆଦିବାସୀ ଗ୍ରାମ, ଜଙ୍ଗଲ ଓ ଚାଷଜମିଗୁଡ଼ିକ ଜଳମଗ୍ନ ହୋଇଯିବ। ପ୍ରକଳ୍ପର ଢାଞ୍ଚା ପରିବର୍ତ୍ତନ କରିବାକୁ ପ୍ରତିଶ୍ରୁତି ଦେବାରୁ ମନ୍ତ୍ରଣାଳୟ ୨୦୦୫ ଅକ୍ଟୋବର ୨୫ରେ ପରିବେଶ ଅନୁମତି ଦେଇଥିଲା। ଅନ୍ୟାଦେଶ ପର୍ଯ୍ୟନ୍ତ କାର୍ଯ୍ୟାରମ୍ଭ ନ କରିବାକୁ ମନ୍ତ୍ରଣାଳୟ ୨୦୧୧ ଫେବୃୟାରୀ ୮ରେ ଆନ୍ଧ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲା। ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ କ୍ରମେ ୨୦୧୩ ଫେବୃୟାରୀ ୨୭ରେ ମନ୍ତ୍ରଣାଳୟ ସ୍ଥଗିତାଦେଶକୁ ୬ ମାସ ଯାଏ ଅସ୍ଥାୟୀ ଭାବେ ଉଠାଇ ଦେଇଥିଲା। ୨୦୧୪ ଜାନୁୟାରୀ ୧ରେ ପୁଣି ୬ ମାସ ଯାଏ ସ୍ଥଗିତାଦେଶକୁ ଘୁଞ୍ଚାଇ ଦିଆଯାଇଥିଲା। ୨୦୧୫ ଜୁଲାଇ ୩ରୁ ୨୦୧୬ ଜୁଲାଇ ୨, ୨୦୧୬ ଜୁଲାଇ ୩ରୁ ୨୦୧୭ ଜୁଲାଇ ୨, ୨୦୧୭ ଜୁଲାଇ ୩ରୁ ୨୦୧୮ ଜୁଲାଇ ୨ ଏବଂ ପୁଣିଥରେ ୨୦୧୮ ଜୁଲାଇ ୩ରୁ ୨୦୧୯ ଜୁଲାଇ ୨ ଯାଏ ଅସ୍ଥାୟୀ ଭାବେ ସ୍ଥଗିତାଦେଶକୁ ଘୁଞ୍ଚାଇ ଦିଆଯାଇଥିଲା। ପୋଲାଭରମ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨୦୧୯ ସୁଦ୍ଧା ଶେଷ ହେବ ବୋଲି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ପ୍ରକଳ୍ପ ନିର୍ମାଣ ପୂର୍ବରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ କୌଣସି ଜନଶୁଣାଣି କରାଯାଇ ନାହିଁ। ତେଣୁ ତୁରନ୍ତ ହସ୍ତକ୍ଷେପ କରି ମନ୍ତ୍ରଣାଳୟର ଅସ୍ଥାୟୀ କାର୍ଯ୍ୟାଦେଶକୁ ରଦ୍ଦ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଶ୍ରୀଚନ୍ଦ୍ର ବିଳାସକାରକ, ଶୁକ୍ର ଦୃଷ୍ଟିରେ ରହି ଦିନଟିକୁ ହସଖୁସିରେ ଅତିବାହିତ କରାଇବ। ରାଶି ପାଇଁ ବାଧକାଧିପ ଗ୍ରହ ଶନି ଭାଇ, ବନ୍ଧୁ ଓ କୁଟୁମ୍ବ ସ୍ଥାନକୁ ଅବଲୋକନ କରି କିଛିନା କିଛି ସମସ୍ୟା ସୃଷ୍ଟି କରିପାରନ୍ତି। ପଡୋଶୀଙ୍କୁ କରଜ ଦେଇଥିବା ଅର୍ଥକୁ କେନ୍ଦ୍ରକରି କିଛି ସମସ୍ୟା ଦେଖାଦେଇପାରେ। ସ୍ନେହ ସମ୍ପର୍କରେ ଫାଟ ସୃଷ୍ଟି ହୋଇପାରେ।

**ବୃଷ** ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରୁ ବନ୍ଧୁ କିମ୍ବା ସହକର୍ମୀଙ୍କ ସହ ସାଧାରଣ କଥାରେ ତର୍କ ବିତର୍କ ଲାଗିପାରେ। ସଭାସମିତି, ଆଲୋଚନା, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ କିଛିଟା ଶ୍ରମ ସ୍ୱୀକାର କରିପାରିଲେ ଅବଶ୍ୟ ସଫଳତା ପାଇବେ। ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହୋଇପାରନ୍ତି।

**ମିଥୁନ** କର୍ମାଧିପ ପାପଗ୍ରହ ମଧ୍ୟସ୍ଥ ଯୋଗୁ ଅଟକି ରହିଥିବା କାରଣରୁ ସେହିକଥା ଭାବି ଭାବି ଅନ୍ୟମନସ୍କ ରହିପାରନ୍ତି। ବନ୍ଧୁଙ୍କୁ କୌଣସି ଜିନିଷ ଦେବା ନେବାକୁ କେନ୍ଦ୍ରକରି ପରିବାରରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବ। ଯାନବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ।

**କର୍କଟ** ରାହୁ, କେତୁ, ଶୁକ୍ର ଓ ଚନ୍ଦ୍ର ଚାରୋଟି କେନ୍ଦ୍ରର ରାଶିରେ ଅବସ୍ଥାନ କରି ସ୍ୱାସ୍ଥ୍ୟ, ପରିବାର, ବ୍ୟବସାୟ ଓ କର୍ମକ୍ଷେତ୍ରକୁ ଅସ୍ଥିର କରିପାରନ୍ତି। ଫଳତଃ ପୂର୍ବାପେକ୍ଷା କେତେକ ଅସୁବିଧା ଭୋଗିବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବା ଦିଗରେ ସଫଳତା ହାସଲ କରିପାରନ୍ତି। ପରିବାର, ଗୃହ, ଯାନବାହନର ମରାମତି ପାଇଁ ବ୍ୟଗ୍ରତା ପ୍ରକାଶ ପାଇପାରେ।

**ସିଂହ** ଏକାଧିକ ଗ୍ରହ ଚତୁର୍ଥ ସ୍ଥାନରେ ରହିଥିବାରୁ ପରିବାର ଭିତରେ ମତାନ୍ତର ଆଶଙ୍କା ଉପୁଜିପାରେ। ଫଳତଃ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ସାହିତ୍ୟ, କଳା ଓ ରଚନାତ୍ମକ ତଥା ଆନୁଷ୍ଠାନିକ କାମରେ ଉଚ୍ଚ ପ୍ରଶଂସା ମିଳିବ । କ୍ରନିକ୍ ରୋଗଜନିତ ପୀଡ଼ାନୁଭବ କରିପାରନ୍ତି।

**କନ୍ୟା** ଆଜି ଭଲ ସମ୍ପର୍କ ଥିବା ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବାର ସୂଚନା ପାଇବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ, ପ୍ଲଟିଂ କାରବାରରେ ମାନମନାନ୍ତର ଦେଖାଦେଇପାରେ। ଅବଶ୍ୟ ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ଗୃହ, ଜମିଜମା, ମାଲିମକଦ୍ଦମା ସମ୍ପର୍କିତ ଆଲୋଚନା ବିଗିଡି ଯାଇପାରେ।

**ତୁଳା** ଦ୍ୱିତୀୟ ଭାବରେ ଶୁକ୍ର ରହିଥିବାରୁ ଶ୍ରୁତିରୋଚକ କଥା କହି ବନ୍ଧୁମାନଙ୍କୁ ଆପ୍ୟାୟିତ କରାଇପାରନ୍ତି। କିନ୍ତୁ ରାହୁଙ୍କ ପ୍ରଭାବଜନିତ କର୍ମକ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିପାରେ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଅଫିସ୍‌ରେ କାଗଜପତ୍ର କିମ୍ବା ଫାଇଲ୍ କାମକୁ ନେଇ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।

**ବିଛା** କର୍ମାଧିପ ରବି ଭାଗ୍ୟାଧିପତି ଚନ୍ଦ୍ରଙ୍କ ସହ ଷଡ଼ାଷ୍ଟକ ସ୍ଥିତିରେ ଅବସ୍ଥାନ କରିଥିବାରୁ ମନ ଅନୁଯାୟୀ କୌଣସି କାମ କରିପାରିବେ ନାହିଁ। ଅବଶ୍ୟ ଧାର୍ମିକ କାର୍ଯ୍ୟ, ପରିଭ୍ରମଣ ସହ କିଛି ମୂଲ୍ୟବାନ ଜିନିଷ ଆସିବା ସମୟରେ ଆଣି ପାରନ୍ତି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବା କାରଣରୁ ସାମୟିକ ଖୁସୀ ହେବେ। ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବ ।

**ଧନୁ** ମନୋବଳ ଓ ଧୈର୍ଯ୍ୟର ଅଭାବ ନ ଥିଲେ ମଧ୍ୟ ଶନିଙ୍କ କୁପ୍ରଭାବରୁ ଆଳସ୍ୟ ଓ ଅବହେଳା ସୁଯୋଗ ହରାଇବାର ମୁଖ୍ୟ କାରଣ ହେବ। ବ୍ୟବସାୟ, ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟାଗୁଡ଼ିକର ସମାଧାନ ପାଇଁ ବିଶେଷ ଅସୁବିଧା ହେବନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ସାମୟିକ ଭାବରେ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ମକର** ମଙ୍ଗଳଙ୍କ କ୍ରୁରତା କାରଣରୁ ଆଜି ଆପଣଙ୍କ କଠୋର ବାକ୍ୟ କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ନିଜର ସମ୍ପର୍କୀୟ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପୂର୍ବ ସ୍ଥିରୀକୃତ ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ହାସଲ କରିବେ।

**କୁମ୍ଭ** ତୃତୀୟାଧିପତି ନିଜ ରାଶିରେ ରହୁଥିବାରୁ ନିକଟ ସମ୍ପର୍କୀୟଙ୍କ ସହଯୋଗ ଲାଭକରି କାର୍ଯ୍ୟ ହାସଲ କରିପାରନ୍ତି। ବ୍ୟବସାୟରେ ଲାଗି ରହିଥିବା ପ୍ରତିବନ୍ଧକକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡିବା ପାଇଁ ଚିନ୍ତା କରିବେ। ପରିବହନ ପାଇଁ ଦିନଟି ବହୁତ ବଢିଆ। କର୍ମକ୍ଷେତ୍ରରେ ପ୍ରକୃତ ଘଟଣା ନ ବୁଝି ନିଜର ଉପରିସ୍ଥ ଅଫିସର କ୍ରୋଧ ପ୍ରକାଶ କରିପାରନ୍ତି।

**ମୀନ** ଚନ୍ଦ୍ରଙ୍କ ସୁପ୍ରଭାବରୁ ଦିନସାରା ମୁହଁରେ ହସ ଲାଗି ରହିବ। ଯାହା ଚାହୁଁଛନ୍ତି ତାହା ପାଇବା ସାଙ୍ଗକୁ ଯେଉଁ କାମରେ ହାତ ଦେବେ ତାହା ନିଶ୍ଚିତ ସଫଳତା ଲାଭ କରିବ। ଅବଶ୍ୟ ଅପରାହ୍ନ ସମୟରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପ୍ରତିରୋଧ ଦୂରେଇଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ।

ଆଜି କାର୍ତ୍ତିକ ଶୁକ୍ଲ ଚତୁର୍ଦ୍ଦଶୀ ଗୁରୁବାର, ଦିବା ଘ୧।୧୯ମି. ଗତେ ପୂର୍ଣ୍ଣମୀ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଲକ୍ଷ୍ମୀନୃସିଂହ ଓ ଡାଳିକିଆ ବେଶ, ନଭେମ୍ବର ୨୨ ତାରିଖ, ପୂର୍ଣ୍ଣମୀର ଚନ୍ଦ୍ରପୂଜା ଓ ଉପବାସ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ପୂର୍ଣ୍ଣମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୧୮ମି. ଗତେ ଘ୧୧।୪୨ମି. ମଧ୍ୟେ ଅମୃତବେଳା। ଘ୧୧।୪୨ମି. ଗତେ ଘ୧।୦୬ମି. ମଧ୍ୟେ ମାହେନ୍ଦ୍ରବେଳା। ଘ୧୨।୫୫ମି. ଗତେ ଘ୨।୧୭ମି. ମଧ୍ୟେ ରାହୁକାଳ।

ହୋଟେଲ ମ୍ୟାନେଜମେଣ୍ଟ କୋର୍ସ ପରେ ଚାକିରୀ କରିବା ପାଇଁ ଚାହୁଁଛନ୍ତି କି? ଯୋଗାଯୋଗ କରନ୍ତୁ:-
ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ବଲାଙ୍ଗୀର ଦ୍ୱାରା ନିମ୍ନଲିଖିତ ଟ୍ରେଡ଼ ଗୁଡିକରେ ପ୍ରଶିକ୍ଷଣ ଦିଆଯାଉଛି ।
(1) Food & Beverage Service (2) Food Production (3) Housekeeping Utility — Course Commences from 10.12.2018 onwards
* ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା: ଅଷ୍ଟମ ପାସ କିମ୍ବା ତତ୍ତୁର୍ଦ୍ଧ * ବୟସ ସୀମା: ୧୮ ରୁ ୨୮ ବର୍ଷ (୦୧. ୦୭. ୨୦୧୮ ସୁଦ୍ଧା) ସମସ୍ତ ବର୍ଗର ସମସ୍ତ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କ ପାଇଁ ଉଦ୍ଦିଷ୍ଟ ।
ନିୟମ ଓ ସର୍ତ୍ତାବଳୀ: ୨ ମାସର ପାଠ୍ୟକ୍ରମ ସହିତ ୩ ମାସର ବାଧ୍ୟତାମୂଳକ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ସମ୍ପୂର୍ଣ କରିବାକୁ ପଡିବ ଏବଂ ୯୫% ଉପସ୍ଥାନ ଜରୁରୀ ଅଟେ ।କେବଳ ଚାକିରୀ କରିବାକୁ ଚାହୁଁଥିବା ପ୍ରାର୍ଥୀ/ପ୍ରାର୍ଥିନୀ ଯୋଗାଯୋଗ କରନ୍ତୁ ।
ଭୁବନେଶ୍ୱର ପାଇଁ ଯୋଗାଯୋଗ କରନ୍ତୁ: ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ଶାଖା ପାନ୍ଥନିବାସ, ରୁମ ନମ୍ବର.୩୦୭, ବିଜେବି କଲେଜ ସାମ୍ନା, ଭୁବନେଶ୍ୱର (ଫୋନ ନମ୍ବର- ୭୨୫୬୦୯୬୩୮୦)
ବଲାଙ୍ଗୀର ପାଇ ଯୋଗାଯୋଗ କରନ୍ତୁ: ୯୪୩୭୧୪୦୭୭୨, ୬୩୭୦୧୮୦୦୪୦, ୯୪୩୭୨୧୨୭୫୦୪, (୦୬୬୫୨)-୨୩୦୭୨୯,୨୩୦୭୩୦
SIHM
STATE INSTITUTE OF HOTEL MANAGEMENT, BALANGIR
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
e-mail: principal@sihmbalangir.org website: www.sihmbalangir.org

## ସଂକ୍ଷେପରେ

### ପୋଲିସ ଗୁଳିରେ ମହିଳା ହାର୍ଡକୋର ମାଓବାଦୀ ନିହତ

ମାଲକାନଗିରି,୨୧।୧୧ (ଡି.ଏନ୍.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ଓଡିଶା ସୀମାନ୍ତ ଧୌଡିପଡର ଗ୍ରାମ ନିକଟ ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଜ୍ୟୋତି। ତାଙ୍କ ନାମରେ ଛତିଶଗଡ ସରକାର ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଜ୍ୟୋତି ଅନେକ ମାଓବାଦୀ ହିଂସାକାଣ୍ଡରେ ଜଡିତ ଥିବା ସୁକୁମା ଏସ୍‌ପି ଅଭିଷେକ ମୀନା କହିଛନ୍ତି। ବୁଧବାର ଏସ୍‌ପି ଅଭିଷେକଙ୍କ ନିକଟରେ ଜଣେ ଇନାମୀ ମହିଳା ମାଓବାଦୀଙ୍କ ସମେତ ୩ଜଣ ହାର୍ଡକୋର ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି। ସେମାନେ ହେଲେ ବେକ ମୁକେ ଓରଫ ପାର୍ବତୀ, ସୋଡି ଜଗା ଓ ବେଟିରାମା। ବେକ ମୁକେ କାରାଣ୍ଡି ଏଲ୍‌ଓସିର ଓଡିଶା ଦାୟିତ୍ୱରେ ଥିଲେ। ଜଗା ଓ ରମା ପୂର୍ବ ଦକ୍ଷିଣ ବସ୍ତର ଡିଭିଜନାଲ କମିଟି କମାଣ୍ଡର ରୂପେ କାର୍ଯ୍ୟ କରୁଥିଲେ। ଏହି ୩ଜଣ ସରକାରଙ୍କ ଥଇଥାନ ନୀତି ଓ ମାଓବାଦୀ ବିରୋଧୀ ଅଭିଯାନରେ ଅନୁପ୍ରାଣିତ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆତ୍ମସମର୍ପଣ କରିଥିବା ଏସ୍‌ପି ପ୍ରକାଶ କରିଛନ୍ତି।

# ବ୍ରାହ୍ମଣ ବିରୋଧୀ ପୋଷ୍ଟର: କ୍ଷମା ମାଗିଲା ଟୁଇଟର

ନୂଆଦିଲ୍ଲୀ,୨୧।୧୧

ବ୍ରାହ୍ମଣ ବିରୋଧୀ ପୋଷ୍ଟର ପାଇଁ ଟୁଇଟର ସିଇଓ ଜ୍ୟାକ୍ ଦୋର୍ସି ବିବାଦୀୟ ହୋଇପଡିଛନ୍ତି। ଗତ ସପ୍ତାହରେ ଜ୍ୟାକ୍ ଭାରତ ଆସିଥିବାବେଳେ ଦେଶରେ ଟୁଇଟର ଅଭିଜ୍ଞତା ନେଇ ମହିଳା ସାମ୍ବାଦିକ, ସାମାଜିକ କର୍ମୀ ଓ ଲେଖକଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ସେ ଏକ ପୋଷ୍ଟର ସହ ଫଟୋ ଲାଗି ପୋଜ୍ ଦେଇଥିଲେ। ସେ ଧରିଥିବା ପୋଷ୍ଟରରେ ବ୍ରାହ୍ମଣ ଆଧିପତ୍ୟ ଧ୍ୱଂସକରିବା ନେଇ ଲେଖା ହୋଇଥିଲା। ପୋଷ୍ଟର ଧରିଥିବା ଜ୍ୟାକ୍‌ଙ୍କ ଫଟୋକୁ ଜଣେ ସାମ୍ବାଦିକା ଟୁଇଟରରେ ପୋଷ୍ଟକରିବା ପରେ ଏହା ଭାଇରାଲ ହୋଇଥିଲା। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ କମ୍ପାନୀ ପକ୍ଷରୁ ସଫେଇ ଦିଆଯିବା ସହ କ୍ଷମା ପ୍ରାର୍ଥନା କରାଯାଇଥିଲା।

ଏଭଳି କୌଣସି କାର୍ଯ୍ୟଦ୍ୱାରା କୌଣସି ଗୋଷ୍ଠୀ ବିରୋଧରେ ଘୃଣାକୁ ଉସୁକାଇବା ଠିକ୍ ନୁହେଁ ବୋଲି ଇନ୍‌ଫୋସିସର ପୂର୍ବତନ ସିଏଫ୍‌ଓ ଟି.ଭି. ମୋହନ ଦାସ ପାଇଙ୍କ ସମେତ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଟୁଇଟ୍ ଯୋଗେ ପ୍ରତିକ୍ରିୟା ରଖିଛନ୍ତି। ଦୋର୍ସି ଭାଇରାଲ ହେବା ପରେ ଟୁଇଟର୍ ଇଣ୍ଡିଆ ପକ୍ଷରୁ ସଫେଇ ଦିଆଯାଇଛି ଯେ, ଦୋର୍ସିଙ୍କୁ ଜଣେ ଦଳିତ ସାମାଜିକ କର୍ମୀ ଏହି ପୋଷ୍ଟର ଧରାଇ ଥିଲେ। ବିଶ୍ୱର ବିଭିନ୍ନ ସ୍ଥାନରେ କମ୍ପାନୀ ବିଭିନ୍ନ ବର୍ଗର ଲୋକଙ୍କ ଆଲୋଚନାକୁ ପୋଷ୍ଟର ମାଧ୍ୟମରେ ପ୍ରତିଫଳିତ କରିଥାଏ ବୋଲି ଟୁଇଟର ପକ୍ଷରୁ କୁହାଯାଇଛି। ଏହି ଘଟଣାକୁ ନେଇ ଜ୍ୟାକ୍‌ଙ୍କ ସହ ଭାରତ ଆସିଥିବା କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ କ୍ଷମାମାଗିଛନ୍ତି।

### ଭିତରକନିକାରେ ସ୍ତନ୍ୟପାୟୀ ପ୍ରାଣୀ ଗଣନା ୨୩ରୁ

ରାଜନଗର,୨୧।୧୧(ଡି.ଏନ.ଏ.)

ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ସ୍ତନ୍ୟପାୟୀ ପ୍ରାଣୀ ହରିଣ, ବାର୍‌ହା, ହେଟା ବାଘ, ଝିଙ୍କ, ଶମ୍ବର, ଓଧ, ଫିସିଙ୍ଗ୍ କ୍ୟାଟ୍, ହନୁ ମାଙ୍କଡ, ପାତି ମାଙ୍କଡ, ବଣ ଓଧ, ଠେକୁଆ ଆଦିଙ୍କ ଗଣନା କରାଯିବ। ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ବୁଧବାର ଅତିରିକ୍ତ ବନ ସଂରକ୍ଷକ ସୁବ୍ରତ ପାତ୍ର ଏହି ସୂଚନା ଦେଇଛନ୍ତି। ଭିତରକନିକା ଜାତୀୟ ଉଦ୍ୟାନ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଏହି ଗଣନା କରାଯିବ। ଏଥିସହିତ ଲୁଣା ଜଙ୍ଗଲ, ଖାଉଁ ଜଙ୍ଗଲ, ଘାସ ପଡିଆ ଓ ଜଳାଶୟରେ ରହୁଥିବା ସ୍ତନ୍ୟପାୟୀ ପ୍ରାଣୀଙ୍କ ଗଣନା ହେବ। ୮ ପ୍ରକାର ବିଷାକ୍ତ ସାପଙ୍କ ମଧ୍ୟରୁ କିଙ୍ଗ୍ କୋବ୍ରାର ମଧ୍ୟ ଗଣନା କରାଯିବ। ୩ ବର୍ଷ ହେଲା ଏହି ଗଣନା କରାଯାଉଛି।



### ତ୍ରିବିକ୍ରମ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

■ ଆଜି ଲକ୍ଷ୍ମୀ ନୃସିଂହ ବେଶ

ପୁରୀ ଅଫିସ, ୨୧।୧୧

ବୁଧବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ତ୍ରିବିକ୍ରମ (ଆଡ଼କିଆ) ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ଠାକୁରଙ୍କ ଅବକାଶ ନୀତି ଶେଷ ହେବା ପରେ ଏହି ବେଶରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ଭୂଷିତ କରାଇଥିଲେ। ଏହି ବେଶରେ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ମସ୍ତକରେ ଚୂଳ ଲଗା ଯାଇଥିଲା। ଚୂଳରେ ସ୍ୱର୍ଣ୍ଣ ନିର୍ମିତ କିଆ ଖୋସାଯାଇଥିଲା। ତିନି ଠାକୁରଙ୍କ ମସ୍ତକର ଶୀର୍ଷ ଭାଗରେ ସ୍ୱର୍ଣ୍ଣଚନ୍ଦ୍ରିକା ଖଞ୍ଜା ଯାଇଥିଲା। ଏହାସହିତ ଅନ୍ୟାନ୍ୟ ସ୍ୱର୍ଣ୍ଣ ଅଳଙ୍କାର ଏବଂ ବଡ଼ଠାକୁର ହଳମୁଷଳ ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ଶଙ୍ଖ ଓ ଚକ୍ର ଆଦିରେ ଭୂଷିତ ହୋଇଥିଲେ। ପ୍ରକାଶ ଥାଉ କି କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ଗୁରୁବାର ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହେବ। ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମାରେ ମହାପ୍ରଭୁ ରତ୍ନସିଂହାସନରେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେବେ।

### ପାଣି ଟାଙ୍କିରୁ ଶିଶୁକନ୍ୟାର ମୃତଦେହ ଉଦ୍ଧାର

ବେଲପଡ଼ା,୨୧।୧୧(ଡି.ଏନ୍.ଏ.): ବେଲପଡ଼ା ଥାନା ଭରୁଆମୁଣ୍ଡା ଗ୍ରାମର ପ୍ରଦୀପ ମେହେରଙ୍କ ୭ ବର୍ଷର ଝିଅ ରଶ୍ମିତାଙ୍କ ମୃତଦେହ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ଘର ପାଣିଟାଙ୍କିରୁ ଉଦ୍ଧାର କରାଯାଇଛି। ପାଣିଟାଙ୍କିରେ ପଡ଼ି ଝିଅର ମୃତ୍ୟୁ ହୋଇଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ରାମନାରାୟଣ ପୁରୋହିତ କହିଛନ୍ତି।

DADLS - 189



ଶହୀଦ ଲକ୍ଷ୍ମଣ ନାଏକଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୨ ନଭେମ୍ବର, ୨୦୧୮

ସମୟ – ସକାଳ ଘ.୭.୩୦.ମି.
ଭୁବନେଶ୍ୱର ଏକ ନମ୍ବର ୟୁନିଟ୍‌ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

ସମୟ – ସକାଳ ଘ.୮.୩୦ମି.
କଳିଙ୍ଗ ହସ୍ପିଟାଲ ଛକସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

ସାଧାରଣ ସଭା
ସମୟ – ସଂଧ୍ୟା ୫.୩୦ ମି. ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମାଝୀ, ମାନ୍ୟବର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ

ସମ୍ମାନିତ ଅତିଥିବୃନ୍ଦ – ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଝୀନ ହିକକା ଏବଂ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଲାଲବିହାରୀ ହିମିରିକା, ଶ୍ରୀଯୁକ୍ତ ଭୁଜବଳ ମାଝୀ, ଶ୍ରୀଯୁକ୍ତ ତାରାପ୍ରସାଦ ବାହିନୀପତି, ଶ୍ରୀଯୁକ୍ତ ମନୋହର ରନ୍ଧାରୀ, ଶ୍ରୀଯୁକ୍ତ ସୁବାସ ଗଣ୍ଡ, ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ପାଙ୍ଗି, ଶ୍ରୀଯୁକ୍ତ ମାନସ ମାଡ଼କାମି, ଶ୍ରୀଯୁକ୍ତ ଡ଼ମ୍ବରୁ ଶିଶା, ଶ୍ରୀଯୁକ୍ତ ତ୍ରିନାଥ ଗମାଙ୍ଗ, ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର କୁଲେସିକା, ଶ୍ରୀଯୁକ୍ତ ଜଗନ୍ନାଥ ସରକା, ଶ୍ରୀଯୁକ୍ତ ଚନ୍ଦ୍ରଶେଖର ମାଝୀ ଓ ରାଜ୍ୟ କାଜୁ ନିଗମର ଅଧ୍ୟକ୍ଷ, ଶ୍ରୀଯୁକ୍ତ ମୁନା ଖାନ୍

ମୁଖ୍ୟବକ୍ତା – ଡ. ଗୌରହରି ଦାସ, ସମ୍ବାଦ ଖବରକାଗଜର ଫିଚର ସମ୍ପାଦକ

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।
ସଭା ପରେ କୋରାପୁଟର କୋଟପାଡ କଳା ବିକାଶ କେନ୍ଦ୍ର ଦ୍ୱାରା ଆଦିବାସୀ ନୃତ୍ୟ ଓ ସଂଗୀତ ପରିବେଷଣ କରାଯିବ ।
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ଉପନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0414/1819

ରାଷ୍ଟ୍ରୀୟ ନାଟକ ବିଦ୍ୟାଳୟ
ନୂଆଦିଲ୍ଲୀ
କେନ୍ଦୁଝର ଜିଲ୍ଲା ପ୍ରଶାସନ
ସହବନ୍ଧନରେ
ଆୟୋଜନ କରୁଛି



Adirang MAHOTSAV
ଆଦିରଙ୍ଗ ମହୋତ୍ସବ
ରାଷ୍ଟ୍ରୀୟ ଜନଜାତୀୟ ମହୋତ୍ସବ
୨୩-୨୫ ନଭେମ୍ବର, ୨୦୧୮
କାଳୀପଡ଼ିଆ ଗ୍ରାଉଣ୍ଡ, କେନ୍ଦୁଝରଗଡ଼, ଓଡ଼ିଶା
ମୁଖ୍ୟ ଅତିଥି
ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
ମାନ୍ୟବର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ତଥା କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରୀ
ଭାରତ ସରକାର
ସମ୍ମାନିତ ଅତିଥି
ଶ୍ରୀମତୀ ଶକୁନ୍ତଳା ଲାଗୁରୀ
ମାନ୍ୟବର ସାଂସଦ (ଲୋକସଭା)
ଶ୍ରୀ ମୁକେଶ ତିୱାରୀ
ଖ୍ୟାତନାମା ଚଳଚ୍ଚିତ୍ର ଓ ଥିଏଟର ବ୍ୟକ୍ତିତ୍ୱ
ଅଧ୍ୟକ୍ଷତା କରିବେ
ଡା. ଅର୍ଜୁନ ଦେଓ ଚରଣ
କାର୍ଯ୍ୟକାରୀ ଅଧ୍ୟକ୍ଷ, ରାଷ୍ଟ୍ରୀୟ ନାଟକ ବିଦ୍ୟାଳୟ ସୋସାଇଟି
ସ୍ୱାଗତ ସମ୍ଭାଷଣ
ଶ୍ରୀ ସୁରେଶ ଶର୍ମା
ଭାରପ୍ରାପ୍ତ ନିର୍ଦ୍ଦେଶକ, ରାଷ୍ଟ୍ରୀୟ ନାଟକ ବିଦ୍ୟାଳୟ





ପରିବେଷଣ: ସନ୍ଧ୍ୟା ୬ ଘ. ପରଠାରୁ
ନାଟକ : ୨୪ ଓ ୨୫, ରାତ୍ରି ୮.୩୦ ଘ. ପରଠାରୁ
ଆଲୋଚନାଚକ୍ର: ୨୪ ଓ ୨୫, ପୂର୍ବାହ୍ନ ୧୧ ଘ. ପରଠାରୁ
ଶିଳ୍ପ ମେଳା: ପୂର୍ବାହ୍ନ ୧୧ ଘ. ପରଠାରୁ
ରଙ୍ଗମଞ୍ଚ
ସଙ୍ଗୀତ
ନୃତ୍ୟ
ଆଲୋଚନାଚକ୍ର
ଶିଳ୍ପ

ଆର୍.ଏସ୍.ଭି.ପି.
ପ୍ରଦୀପ କୁମାର ମହାନ୍ତି
ରେଜିଷ୍ଟ୍ରାର
ରାଷ୍ଟ୍ରୀୟ ନାଟକ ବିଦ୍ୟାଳୟ, ନୂଆଦିଲ୍ଲୀ
୦୧୧ ୨୩୩୮୫୯୫୪

ଆପଣଙ୍କୁ ସାଦର ନିମନ୍ତ୍ରଣ

> ଯଦି କୌଣସି ସମସ୍ୟା ଆସେ– ତେବେ ତା'ସମ୍ବନ୍ଧେ ବିକ୍ଷିପ୍ତ ଭାବେ ମୁଣ୍ଡ ନ ଖେଳାଇ ଯଦି ଶୁଭେଚ୍ଛାର ଅଭୀପ୍ସା ନେଇ ଏକ ଶୁଭସଂକଳ୍ପ ପାଇଁ ପ୍ରୟୋଜନ ବୋଧ ସହିତ ନୀରବ ଓ ଶାନ୍ତଭାବେ ଅପେକ୍ଷା କର – ତେବେ ସମାଧାନ ଖୁବ୍‌ଶୀଘ୍ର ଆସିଥିବା– ଏବଂ ତୁମେ ନୀରବ ଥିବାରୁ ତାହା ଶୁଣିବାକୁ ସମର୍ଥ ହେବ।
>
> –ଶ୍ରୀମା





### ପରିବେଶ ପରିଚିନ୍ତା

# ଶାକାହାରୀ ସପକ୍ଷରେ ରୁମି

ମାନେକା ଗାନ୍ଧୀ

ମୋ ମତରେ ପ୍ରତ୍ୟେକ ଧର୍ମ ବିଶ୍ୱାସରେ ଖାଦ୍ୟ ପ୍ରମୁଖ ସ୍ଥାନ ଅଧିକାର କରିଛି। କାରଣ ଏହା ବିଶ୍ୱର ସବୁକିଛିକୁ ନିୟନ୍ତ୍ରଣ କରୁଛି। ମାଂସ ଭକ୍ଷଣକାରୀ କେବଳ ପ୍ରାଣୀ ନୁହେଁ, ଗ୍ରହଜଗତକୁ ମଧ୍ୟ ଯନ୍ତ୍ରଣା ଦେଇଥାଆନ୍ତି। ମୋ ଜାଣିବାରେ ପ୍ରଫେଟ ମହମ୍ମଦ, ଯୀଶୁ, ବୁଦ୍ଧ, ରୁମି ଏବଂ ମହାତ୍ମା ଗାନ୍ଧୀ ଥିଲେ ବିଶ୍ୱର ପାଞ୍ଚ ମୁଖ୍ୟ ଶାକାହାରୀ। ଦୁଃଖର ବିଷୟ ଯେ ସେମାନଙ୍କ ଅନୁଗାମୀମାନେ ପ୍ରଚୁର ପରିମାଣରେ ମାଂସ ଖାଇ ଧର୍ମଶାସ୍ତ୍ର ଆଳରେ ଫମ୍ପା ଉଚ୍ଚାରଣ କରିଚାଲିଛନ୍ତି।

ଜଲାଲ୍ ଅଲ୍‌-ଦିନ୍ ମହମ୍ମଦ ବାଲ୍‌ଖି, ଯିଏକି ରୁମି ନାମରେ ପରିଚିତ ଥିଲେ, ତାଙ୍କ ବିଷୟରେ ସମସ୍ତେ ଜାଣିବା ଉଚିତ ମନେକରୁଛି। ସେ ତ୍ରୟୋଦଶ ଶତାବ୍ଦୀ (୧୨୦୭–୧୨୭୩)ରେ ଇରାନ୍‌ର ବାଲ୍‌ଖଠାରେ (ଏବେ ଆଫଗାନିସ୍ତାନରେ ଅବସ୍ଥିତ) ଜନ୍ମଗ୍ରହଣ କରିଥିଲେ। ତାଙ୍କର ଦେହାବସାନ କୋନ୍ୟା (ବର୍ତ୍ତମାନ ତୁର୍କୀ)ରେ ଘଟିଥିଲା। ମୁସଲମାନ୍ କବି, ଆଇନଜ୍ଞ, ଧର୍ମଶାସ୍ତ୍ରବିତ୍ ଏବଂ ସୁଫି ରହସ୍ୟବାଦୀ ବ୍ୟକ୍ତି ଭାବେ ସେ ଜଣାଶୁଣା। ମୌଲାନା ଓ ମୌଲବୀ ଭାବେ ସମ୍ମାନ ପାଉଥିବା ରୁମି ଜଣେ ସୁଫି ଆଧାତ୍ମିକ ସନ୍ଥ ଭାବେ ଅନେକ କିଛି ଲେଖି ଯାଇଛନ୍ତି। ସେଥିମଧ୍ୟରୁ 'ସ୍ପିରିଚୁଆଲ୍ କପ୍‌ଲେଟ' ବା ମାତ୍ରାକ୍ଷରଯୁକ୍ତ ଆଧାତ୍ମିକ କବିତା ସର୍ବଜନାଦୃତ ହୋଇପାରିଛି। ତାଙ୍କ ସାହିତ୍ୟ ରହସ୍ୟବାଦୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ଓ ତାହା ସମଗ୍ର ମୁସଲମାନ ଜଗତରେ ସ୍ୱାତନ୍ତ୍ର୍ୟ ବଜାୟ ରଖିପାରିଛି। ରୁମିଙ୍କ ତିରୋଧାନ ପରେ ତାଙ୍କ ଅନୁଗାମୀ ଓ ପୁତ୍ର 'ମେଭ୍‌ଲେଭି ଅର୍ଡର' ପ୍ରତିଷ୍ଠା କରିଥିଲେ। ମେଭ୍‌ଲେଭି ହେଉଛି କୋନ୍ୟାଠାରେ ପ୍ରଚଳିତ ସୁଫିବାଦ ସଂକ୍ରାନ୍ତ ଆଧାତ୍ମିକ ନିର୍ଦ୍ଦେଶ। ଏହା ଦାରିଦ୍ର୍ୟ ବ୍ରତ ପାଳନ ପାଇଁ ପ୍ରତିଜ୍ଞା କରିଥିବା ମୁସଲମାନ ଧାର୍ମିକ ଗୋଷ୍ଠୀର ସଦସ୍ୟଙ୍କ ପାଇଁ ଏକ ଚେତନା ପାଲଟିପାରିଛି। ରୁମିଙ୍କ ଭାବନା ଉପରେ ଆଧାରିତ ଏହି ଚିନ୍ତାଧାରା ଇରାନ୍, ଆଫଗାନିସ୍ତାନ, ତାଜିକିସ୍ତାନ, ଉଜ୍‌ବେକିସ୍ତାନ ଆଦି ରାଷ୍ଟ୍ରରେ ବାସ କରୁଥିବା ଇରାନୀୟ ନାଗରିକ ଏବଂ ବିଭିନ୍ନ ମୁସଲମାନ ଦେଶରେ ବିସ୍ତାରଲାଭ କରିଛି। ତାଙ୍କ କବିତାଗୁଡ଼ିକ ବିଶ୍ୱର ବିଭିନ୍ନ ଭାଷାରେ ଅନୂଦିତ ହୋଇ ଉଚ୍ଚପ୍ରଶଂସିତ ହୋଇଛି। ବିଶେଷକରି ପାର୍ସୀ, ତୁର୍କିସ୍, ଉର୍ଦ୍ଦୁ ଏବଂ ପାସ୍ତୋ ସାହିତ୍ୟ ଉପରେ ଏହାର ପ୍ରଭାବ ଅତି ମାତ୍ରାରେ ପଡ଼ିଥିବା ଦେଖିବାକୁ ମିଳିଛି। ଇସ୍‌ଲାମୀୟ ଅନୁଶାସନରେ ସୁଫିବାଦ ବା ତସୱଫ୍‌ରେ ଅନ୍ତର୍ମୁଖୀ ରହସ୍ୟବାଦ ଦର୍ଶନ ଦେଖିବାକୁ ମିଳିଥାଏ। ସୁଫିବାଦରେ ବିଶ୍ୱାସୀ ବ୍ୟକ୍ତି ଉପାସନାରେ ପରିପୂର୍ଣ୍ଣତା ହାସଲ ଲାଗି ପ୍ରୟାସ କରିଥାଆନ୍ତି। ଇସ୍‌ଲାମୀୟ ଦାର୍ଶନିକ ଉଇଲିୟମ୍ ଚିଟିକ୍‌ଙ୍କ ମତରେ, ସୁଫିବାଦ ଇସ୍‌ଲାମୀୟ ବିଶ୍ୱାସକୁ ତୀବ୍ର କଲା ଭଳି ଅନ୍ତର୍ମୁଖୀ ଚିନ୍ତନକୁ ବୁଝାଇଥାଏ। ଏହା ଇସଲାମ୍‌ର ଏକ ଶାନ୍ତିପୂର୍ଣ୍ଣ ତଥା ଅଣରାଜନୈତିକ ରୂପ ଭାବେ ଉପଲବ୍ଧ ହେଉଥିବାରୁ ବହୁବାଦରେ ବିଶ୍ୱାସ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହାର ସହନଶୀଳତା ଗୁଣ ପ୍ରତୀକ ପାଲଟିଯାଇଛି।

ସୁଫିମାନେ ଇସ୍‌ଲାମୀୟ ନିୟମକୁ କଡ଼ାକଡ଼ି ପାଳନ କରିବା ସହ କୌଣସି ପ୍ରକାର ଯାନ୍ତ୍ରିକ କଳାର ପୂଜାରୀ ଭାବେ ରହିଥାଆନ୍ତି। ତାଙ୍କ ଭକ୍ତିର ମାର୍ଗ 'ଧିକର' ବା ଈଶ୍ୱରଙ୍କୁ ସ୍ମରଣ କରିବା ଦିଗରେ ସଦା ଅଭିପ୍ରେତ। ଶାସ୍ତ୍ରୀୟ ସୁଫି ବିଦ୍ୱାନ୍‌ମାନେ ତସୱଫ୍‌ର ସଂଜ୍ଞା ନିରୂପଣ କରିବାକୁ ଯାଇ ଏହାକୁ ଏକ ବିଜ୍ଞାନସମ୍ମତ ଅଭ୍ୟାସ, ଯେଉଁଥିରୁ ହୃଦୟକୁ ଶୁଦ୍ଧ କରିବାର ଉପାଦାନ ମିଳିଥାଏ ବୋଲି କହିଛନ୍ତି। ସୁଫିମାନେ ବିଶ୍ୱାସ କରନ୍ତି ଯେ, ମହମ୍ମଦଙ୍କ ପ୍ରତି ଆଧାତ୍ମିକ ଆନୁଗତ୍ୟ ରହିଲେ ଈଶ୍ୱରଙ୍କ ସହ ଯୋଡ଼ିହେବାର ବାଟ ସୁଗମ ହୋଇଥାଏ। ଉଭୟ ଶିୟା ଓ ସୁନ୍ନିଙ୍କ ମଧ୍ୟରେ ସୁଫିଙ୍କ ଉପସ୍ଥିତି ଥିବାରୁ ଏହା ଏକ ସମ୍ପ୍ରଦାୟ ନୁହେଁ, ବରଂ ଭାବନ ଶକ୍ତିର ମାଧ୍ୟମ ବୋଲି ଅଭିହିତ ହୋଇଛି।

ଯେତେବେଳେ ସବୁ ମୁସଲମାନ ମୃତ୍ୟୁ ପରେ ଆଲ୍ଲାଙ୍କ ସାନ୍ନିଧ୍ୟ ପାଇବା ପାଇଁ ତାଙ୍କ ନିକଟତର ହେବାକୁ ଆଶା କରି ଥାଆନ୍ତି, ସେତେବେଳେ ସୁଫିମାନେ ମଧ୍ୟ ପାପରୁ ପ୍ରାୟଶ୍ଚିତ୍ତ କରିବା, ଶାରୀରିକ ବା ଆଧାତ୍ମିକ ଭାବରେ ଶୁଦ୍ଧ ରହିବା ସକାଶେ ଘୃଣ୍ୟ ଗୁଣକୁ ପରିତ୍ୟାଗ କରି ପୁଣ୍ୟ ଓ ଉତ୍ତମ ଚରିତ୍ରବାନ୍ ହେବାରେ ନିଜକୁ ନିୟୋଜିତ କରିଥାଆନ୍ତି।

ସୁଫିବାଦରେ ମହମ୍ମଦଙ୍କ ପ୍ରତି ସମର୍ପଣଭାବ ଅସାଧାରଣ ଭାବେ ଅନୁପାଳନ କରାଯାଉଥିବା ଦେଖିବାକୁ ମିଳିଥାଏ। ରୁମି ଆତ୍ମସଂଯମ ଓ ଦୁନିଆର ପାର୍ଥିବ ସୁଖରୁ ବିରତ ରହିବା ଲାଗି ସର୍ବଦା କହି ଆସିଛନ୍ତି। ସେ କହିଛନ୍ତି ଯେ, ତାଙ୍କ ଚିନ୍ତାଧାରା ସମ୍ପୂର୍ଣ୍ଣ ଭାବେ ମହମ୍ମଦଙ୍କ ଦ୍ୱାରା ପ୍ରଦର୍ଶିତ ପଥ ଦ୍ୱାରା ଅନୁପ୍ରାଣିତ। ଧିକର ହେଉଛି ଆଲ୍ଲାଙ୍କୁ ସ୍ମରଣ କରିବା ଲାଗି କୋରାନ୍‌ରେ ବର୍ଣ୍ଣିତ ଏକ ମାଧ୍ୟମ, ଯେଉଁଥିରେ ସ୍ୱତନ୍ତ୍ର ଭାବେ ଭକ୍ତିଭାବକୁ ଗୁରୁତ୍ୱ ଦିଆଯାଇଛି। ସୁଫିଙ୍କ ଦ୍ୱାରା ଧିକର ରୀତିନୀତି କବିତା ଆବୃତ୍ତି, ସଙ୍ଗୀତ ଗାନ (ବିଶେଷକରି କୱାଲି), ବାଦ୍ୟଯନ୍ତ୍ର ପରିବେଷଣ, ନୃତ୍ୟ, ଧ୍ୟାନ ଜରିଆରେ ପରମାନନ୍ଦ ପ୍ରାପ୍ତି ମିଳିଥାଏ ବୋଲି ବିଶ୍ୱାସ କରାଯାଉଛି। ସୁଫି ଡେର୍ଭିସ୍ ବା ଦାରିଦ୍ର୍ୟ ବ୍ରତ ପାଳନ ସକାଶେ ପ୍ରତିଜ୍ଞାବଦ୍ଧ ମୁସଲମାନ ଗୋଷ୍ଠୀର ଏହି ସଭ୍ୟମାନେ ମେଭେଲେଭି ଆଦେଶ ଅନୁସରଣ କରିଚାଲିଛନ୍ତି। ସୁଫିମାନଙ୍କ ଲକ୍ଷ୍ୟ ଥାଏ ନୃତ୍ୟ ମାଧ୍ୟମରେ ପୂର୍ଣ୍ଣତାର ଉତ୍ସରେ ପହଞ୍ଚିବା। ଏଥିସହିତ ଜଣେ ନିଜର ଗର୍ବଭାବ ଓ ବ୍ୟକ୍ତିଗତ ଇଚ୍ଛା ପରିତ୍ୟାଗ କରିବା, ସଙ୍ଗୀତ ଶୁଣିବା, ଈଶ୍ୱରଙ୍କ ପ୍ରତି ଲୟଭାବ, ସୌରମଣ୍ଡଳରେ ଗ୍ରହଙ୍କ ଅବସ୍ଥିତି ଥିବା ରୂପରେଖକୁ ଅନୁକରଣ କଲା ଭଳି ପ୍ରତୀୟମାନ ହେଉଥିବା ଚିନ୍ତାଧାରା ଦ୍ୱାରା ଏହା ସମ୍ଭବ ବୋଲି କୁହାଯାଇଛି।

ମାଂସ ଖାଉଥିବା ଏକ ମୁସଲମାନ ପରିବାରରେ ରୁମି ଜନ୍ମ ହୋଇଥିଲେ। ହେଲେ ୧୨ ବର୍ଷ ବୟସରେ ଶାକାହାରୀ ପାଲଟି ମୃତ୍ୟୁ ଯାଏ ନିରାମିଷାଶୀ ଥିଲେ। ସେବେଠାରୁ ସେ ଲେଖାଲେଖି ପ୍ରତି ମନ ବଳାଇ ଅସଂଖ୍ୟ କବିତା ରଚନା କଲେ। ସେଥିରେ ପ୍ରାଣୀଙ୍କ ଜୀବନ ନେବା ଠିକ୍ ନୁହେଁ ବୋଲି ଲେଖିଥିଲେ। ପୃଥିବୀରେ ବାସ କରୁଥିବା ସବୁ ପ୍ରାଣୀଙ୍କ ଜୀବନ ଅଛି। ଏପରିକି ନିଜ ପାଟିରେ ସ୍ୱାଦ ଆଣିବା ପାଇଁ ଏକ ଛୋଟିଆ ଜୀବକୁ ସେ କିଭଳି ମାରିପାରିବେ। ଏମିତିକି ଭୂମିରେ ପଡ଼ିରହିଥିବା ନିର୍ଜୀବ ପଥର ଭିତରେ ସଚେତନଶୀଳତାକୁ ସେ ଦେଖିପାରିଥିବାରୁ ତାହାକୁ ସମ୍ମାନ ଦେଉଥିଲେ। ନିରାମିଷାଶୀ ହେବା ପାଇଁ ସେ ତାଙ୍କ ଲେଖା ଜରିଆରେ ଅନେକ କଥା ବର୍ଣ୍ଣନା କରିବାକୁ ଯାଇ କ୍ଷୀର କିମ୍ବା କ୍ଷୀରଜାତୀୟ ଦ୍ରବ୍ୟ ଖାଇବା ପରିହାର କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଇସ୍‌ଲାମୀୟ ରୀତିନୀତିରେ ବକ୍ରିଦ୍ ସମୟରେ ହେଉଥିବା ପଶୁବଳିଠାରୁ ସେ ବହୁ ଦୂରରେ ରହିଥିଲେ। ସେ କହୁଥିଲେ, ମଣିଷକୁ ଯେଉଁଭଳି ଦୃଷ୍ଟିରେ ଦେଖି ହେବ, ସେହିଭଳି ପଶୁଙ୍କୁ ଦେଖିବା ଦରକାର। ଏହା ହେଉଛି ମଣିଷ ପାଇଁ ସର୍ବଶ୍ରେଷ୍ଠ ଚିନ୍ତାଧାରା। ବିଶ୍ୱ ସମାନୁଭୂତି ପାଇଁ ଏଭଳି ଭାବନା ନିତାନ୍ତ ଜରୁରୀ। ସେ ଲେଖିଛନ୍ତି, ଯାହା ଆମେ ଖାଆନ୍ତି, ତାହା ସିଧାସଳଖ ଆମ ଭାବନାଶକ୍ତିକୁ ପ୍ରଭାବିତ କରିଥାଏ। ଯଦି ଆମେ ଏକ ପ୍ରାଣୀକୁ ମାରି ଖାଇବା, ତେବେ ତା'ର ଘନୀଭୂତ ରକ୍ତ ଆମକୁ କଂସେଇ ଭଳି କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଇବ।

ଆମେ ଖଣିଜରୁ ଜୀବନ ଆରମ୍ଭ କରିଛେ। ତା' ପରେ ଉଦ୍ଭିଦ ଓ ପ୍ରାଣୀଜ ଅବସ୍ଥା ଦେଇ ମାନବର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛେ। ତେବେ କିଭଳି ଆମେ ଆମର ପୂର୍ବ ଅବସ୍ଥାକୁ ଭୁଲି ଯାଉଛେ ବୋଲି ସେ ତାଙ୍କ ନିର୍ବାଚିତ କବିତାରେ ମଣିଷ ଜାତି ପାଇଁ ପ୍ରଶ୍ନ କରିଛନ୍ତି।

ରୁମି ଯେତେବେଳେ ପ୍ରାଣତ୍ୟାଗ କଲେ ତାଙ୍କ ମରଶରୀରକୁ ସମାଧିସ୍ଥ କରାଯାଇଥିଲା, ଯାହା ଏକ ସବୁଜ ପୁଣ୍ୟପୀଠର ମର୍ଯ୍ୟାଦା ପାଇଛି। ତାଙ୍କ ସମାଧିଲେଖରେ ସ୍ଥାନ ପାଇଛି–

'ଯେତେବେଳେ ଆମେ ମୃତ୍ୟୁ ଲଭୁଛେ, ସେତେବେଳେ ଜୀବନକୁ ପୃଥିବୀର ସମାଧିସ୍ଥଳରେ ଖୋଜନାହିଁ, ମଣିଷର ହୃଦୟରେ କିଭଳି ମିଳିପାରିବ ସେଥିଲାଗି ଚାହାଁ। ଭଗବାନଙ୍କ ପାଖରେ ପହଞ୍ଚିବା ଲାଗି ସଙ୍ଗୀତ, କବିତା ଓ ନୃତ୍ୟକୁ ଆପଣାଇବା ଦରକାର'।

ରୁମିଙ୍କ କବିତାର ସମୀକ୍ଷକଙ୍କ ମତରେ ପ୍ରକୃତିକୁ ଉପଭୋଗ କରିବା ଉଦ୍ଦେଶ୍ୟରେ ନିଜ ଅନୁଗାମୀଙ୍କୁ ସାଥିରେ ଧରି ଯାଇଥିବା ବେଳେ ବଂଶୀ ଓ ମୃଦଙ୍ଗ ବାଦନ, ଝରଣାର କୁଳୁକୁଳୁ ଶବ୍ଦ ମଧ୍ୟରେ ତାଙ୍କ ଲେଖା ପ୍ରସ୍ଫୁଟିତ ହୋଇଥିଲା। ଫୁଲ ଓ ପକ୍ଷୀଙ୍କ ଭଲ ପାଇବା ମଧ୍ୟରେ ଫୁଟି ଉଠୁଥିବା ଅପାର ସୌନ୍ଦର୍ଯ୍ୟକୁ ପ୍ରକୃତିରେ ପ୍ରତିଫଳନ ବୋଲି ସେ ଖୋଜିପାଇଥିଲେ। ତାଙ୍କ ମତରେ ପ୍ରତ୍ୟେକ ପ୍ରେମ, ସ୍ୱର୍ଗୀୟ ସୁଖ ସହ ଏକ ସେତୁ ବାନ୍ଧିଥାଏ। ଏହାକୁ ଅନୁଭବ କରି ନ ଥିବା ବ୍ୟକ୍ତି କଦାପି ଏହାର ମର୍ମ ବୁଝିପାରେ ନାହିଁ।

Email: gandhim@nic.in

# ଧର୍ମ ମାସ କାର୍ତ୍ତିକ



ଡ. କିଶୋର ମହାନ୍ତି

ହିନ୍ଦୁ ଶାସ୍ତ୍ର ଅନୁସାରେ କାର୍ତ୍ତିକ ପବିତ୍ର ମାସ। ଏହାକୁ ଦାମୋଦର ମାସ ବୋଲି କୁହାଯାଇଥାଏ। ସ୍କନ୍ଦ ପୁରାଣ ଓ ନାରଦ ପୁରାଣରେ ଏହି ମାସର ମହତ୍ତ୍ୱ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା ରହିଛି। ପ୍ରଭୁ ଶ୍ରୀକୃଷ୍ଣଙ୍କର ଅତି ପ୍ରିୟ ମାସ ହେଉଛି କାର୍ତ୍ତିକ ମାସ। ବିଷ୍ଣୁଙ୍କର ବିଭିନ୍ନ ଅବତାର ମଧ୍ୟରୁ ମତ୍ସ୍ୟ ଅବତାର ଅନନ୍ୟ ଓ ଆକର୍ଷଣୀୟ। ଶଙ୍ଖାସୁର ବେଦକୁ ଚୋରାଇ ନେଇ ଅଥଳ ସମୁଦ୍ର ମଧ୍ୟକୁ ପ୍ରବେଶ କରିବା ସମୟରେ ସ୍ୱୟଂ ନାରାୟଣ ମତ୍ସ୍ୟ ଅବତାର ଧାରଣ କରି ଶଙ୍ଖସୁରକୁ ମାରି ବେଦକୁ ଉଦ୍ଧାର କରିଥିଲେ କାର୍ତ୍ତିକ ପୂର୍ଣ୍ଣିମା ଦିନ। ସେଥିପାଇଁ ଏହି ମାସର ବିଶେଷତ୍ୱ ରହିଛି।

ତୁଳସୀ ବୃକ୍ଷ ହିନ୍ଦୁ ଧର୍ମାବଲମ୍ବୀମାନଙ୍କର ପବିତ୍ର ବୃକ୍ଷ। ଏହାର ଔଷଧୀୟ ଗୁଣ ରହିଛି। ତୁଳସୀ ଚଉରାମୂଳେ ତୁଳସୀ ଦେବୀଙ୍କୁ ଦୀପଦାନ କରି ପୂଜାର୍ଚ୍ଚନା କରାଯାଏ। ଚଉରା ମୂଳେ ମୁରୁଜ ପକାଇବା ପରମ୍ପରା ଅଦ୍ୟାବଧି ଚଳି ଆସୁଛି। ଏହା ଆମ କଳାକୃତିର ଏକ ନିଦର୍ଶନ। ଶୁଦ୍ଧପୂତ ଭାବରେ ଦୀପଦାନ କଲେ ଐଶ୍ୱର୍ଯ୍ୟ, ଶ୍ରୀ, ସୁଖସମ୍ପଦ ପ୍ରାପ୍ତ ହୋଇଥାଏ ବୋଲି କଥିତ ଅଛି। ଧର୍ମୀୟ ଚେତନାରେ ଆକାଶଦୀପ ଏକ ମହନୀୟ ପରମ୍ପରା ଓ ଆମ ସଂସ୍କୃତିର ଅଙ୍ଗ। ଖଣ୍ଡେ ବାଉଁଶଦଣ୍ଡର ଉପରିଭାଗରେ ମାଟି ଆଟିକା କଣାକରି ତା' ଭିତରେ ଦୀପ ଜାଳି ଉପରକୁ ଉଠାଇ ଦିଆଯାଏ। ଏ ପରମ୍ପରା ଆଜି ସୁଦ୍ଧା ରହିଆସିଛି। ଗାଁ ଗଣ୍ଡା, ନଗର, ଜନପଦ ସବୁଠି ଆକାଶଦୀପ ମନରେ କୌତୂହଳ ଜାତ କରିବା ସଙ୍ଗେ ସଙ୍ଗେ ଧର୍ମୀୟ ଚେତନାରେ ବୁଡ଼ାଇ ରଖେ। ଏହି ମାସରେ ପୁରୁଷୋତ୍ତମ ଧାମରେ ହବିଷିଆଳିମାନେ ବ୍ରତ ରଖିଥାନ୍ତି। ବିଧବାମାନେ ପ୍ରଭୁ ଦାମୋଦରଙ୍କ ଉଦ୍ଦେଶ୍ୟରେ ନିଜକୁ ସମର୍ପିତ କରିଦେଇଥାନ୍ତି ଓ ତାଙ୍କ ଆଶ୍ରା ନେଇ ହବିଷ୍ୟାନ୍ନ ଗ୍ରହଣପୂର୍ବକ ମାସଟିଏ କାଟିଥାନ୍ତି ଶ୍ରୀକ୍ଷେତ୍ରରେ। ସମ୍ପ୍ରତି ସେମାନଙ୍କର ରହଣି ସୁବିଧା ପାଇଁ ପୁରୀରେ ଓଡ଼ିଶା ସରକାରଙ୍କ ତରଫରୁ ବନ୍ଦୋବସ୍ତ କରାଯାଇଛି।

ଆକାଶଦୀପ ବସାଇବା ଏକ ପ୍ରାଚୀନ ପରମ୍ପରା। ପିତୃପୁରୁଷଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କର ଅନ୍ଧକାରମୟ ଦୁର୍ଗମ ପଥକୁ ଆଲୋକିତ କରିବା ପାଇଁ ଏହା କରାଯାଇଥାଏ। ଶିବଙ୍କ ପୁତ୍ର ଦେବସେନାନୀ କାର୍ତ୍ତିକଙ୍କ ଜନ୍ମ ହୋଇଥିଲା କାର୍ତ୍ତିକ ପୂର୍ଣ୍ଣିମାରେ। ତେଣୁ ଏହିଦିନ ତାଙ୍କର ପୂଜାର୍ଚ୍ଚନା ହୋଇଥାଏ। କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନ ପଞ୍ଚୁକ ନାମରେ ଖ୍ୟାତ। ଏହାକୁ ଭୀଷ୍ମପଞ୍ଚକ ବା ବକପଞ୍ଚକ ବି କୁହାଯାଏ। କାର୍ତ୍ତିକ ପୂର୍ଣ୍ଣିମାକୁ ମଧ୍ୟ ରାସପୂର୍ଣ୍ଣିମା କୁହାଯାଇଥାଏ। ଏହା ମଧ୍ୟ ତ୍ରିପୁରାରି ପୂର୍ଣ୍ଣିମା ନାମରେ ଖ୍ୟାତ କାରଣ ଶିବଶମ୍ଭୁ ଏହି ଦିନ ତ୍ରିପୁରାସୁରକୁ ବଧ କରିଥିଲେ। ରାସ ଉତ୍ସବ ଆମ ସଂସ୍କୃତିର ଏକ ଗୌରବମୟ ପ୍ରାଚୀନ ସାଂସ୍କୃତିକ ପରମ୍ପରା।

ରାଧାକୃଷ୍ଣଙ୍କର ଯୁଗଳ ମିଳନ ହିଁ ରାସ। ଦୁଇ ପ୍ରକାର ରାସ ଆମ ଓଡ଼ିଶାରେ ପ୍ରଚଳିତ ଅଛି। ପ୍ରଥମଟି ଶରତ ରାସ, ଯାହା ଶରତ ଋତୁରେ ଏଇ କାର୍ତ୍ତିକ ମାସରେ ଅନୁଷ୍ଠିତ ହୋଇଥାଏ। ଦ୍ୱିତୀୟଟି ବସନ୍ତ ରାସ ଯାହା ଫଗୁଣ ମାସରେ ଅନୁଷ୍ଠିତ ହୁଏ। ଏହି ରାସ ବିଭିନ୍ନ ନାଟ୍ୟାନୁଷ୍ଠାନ ଦ୍ୱାରା ପରିବେଷଣ ହୋଇଥାଏ। ବିଶେଷତଃ ଗୋଟିପୁଅ ନାଟରେ ଏହି ରାସଟି ବେଶ୍ ଚିତ୍ତାକର୍ଷକ ହୁଏ। ଓଡ଼ିଶାରେ ଏଥିପାଇଁ ସ୍ୱତନ୍ତ୍ର ରାସ ଦଳ ମଧ୍ୟ ଗଠିତ ହୋଇଥିଲା। ତା'ର ତତ୍ତ୍ୱାବଧାରକ ଥିଲେ ମୋହନ ଗୋସ୍ୱାମୀ। ପରେ ପରେ ଅନ୍ୟାନ୍ୟ ଦଳ ସୃଷ୍ଟି ହୋଇ ରାସ ମଞ୍ଚସ୍ଥ ହେଲା। ଏହା ଧର୍ମୀୟ ଚେତନାକୁ ଉଜ୍ଜୀବିତ କରିବା ସଙ୍ଗେ ସଙ୍ଗେ ମନୋରଞ୍ଜନର ଖୋରାକ ମଧ୍ୟ ଯୋଗାଇ ପାରୁଥିଲା। ଏହି ଦୃଷ୍ଟିରୁ ପ୍ରତିଷ୍ଠିତ ନାଟ୍ୟ ବ୍ୟକ୍ତିତ୍ୱ ବିଜୟକେତନ ମଙ୍ଗରାଜଙ୍କ ଦଳ ଓଡ଼ିଶାର କୋଣେ ଅନୁକୋଣେ ଏକଦା 'ମାନଭଞ୍ଜନ' ପରିବେଷଣ କରି ଚହଳ ପକାଇଥିଲା। ବାବାଜୀ ବୈଷ୍ଣବ ଦାସ ମଧ୍ୟ ଅନେକ ରାସ ଲେଖିଯାଇଛନ୍ତି, ଯାହା ଏବେ ବି ଆକାଶବାଣୀ କଟକ କେନ୍ଦ୍ର ଦ୍ୱାରା ପ୍ରଚାରିତ ହେଉଛି।

କାର୍ତ୍ତିକ ଶୁକ୍ଳ ନବମୀ ବା ଅଁଳାନବମୀ ଦିନ ସାକ୍ଷୀଗୋପାଳ ପୀଠରେ ରାଧାଙ୍କ ପାଦ ଦର୍ଶନ ନିମନ୍ତେ ଅନେକ ଶ୍ରଦ୍ଧାଳୁଙ୍କର ଭିଡ଼ ଜମେ। ଐତିହ୍ୟ ଓ ସଂସ୍କୃତି ତଥା ଭାଇଚାରାର ସ୍ୱାକ୍ଷର ଆଙ୍କେ ଐତିହାସିକ ବାଲିଯାତ୍ରା, ଯାହା କଟକର ମହାନଦୀ କୂଳରେ ଗଡ଼ଗଡ଼ିଆ ଘାଟରେ ଅନୁଷ୍ଠିତ ହୋଇଥାଏ। ଓଡ଼ିଶା ସଂସ୍କୃତି ତଥା ବ୍ୟବସାୟର ଏକ ପେଣ୍ଠ ପାଲଟିଯାଏ ସେଇ ପ୍ରାନ୍ତର। ବିଭିନ୍ନ ଖାଦ୍ୟ, ବସ୍ତ୍ର, ଖେଳଣା, ଘରକରଣା ଜିନିଷ, ପ୍ରସାଧନ ସାମଗ୍ରୀର ହାଟ ବସେ। କଟକର ଏହା ସବୁଠାରୁ ଆକର୍ଷଣୀୟ ମହୋତ୍ସବ। କେବଳ ସେତିକି ନୁହେଁ ଆମର ଐତିହ୍ୟ, ପରମ୍ପରା ଓ ଧର୍ମୀୟ ଚେତନାର ପ୍ରତୀକ ହେଉଛି କାର୍ତ୍ତିକ ପୂର୍ଣ୍ଣିମାର ପ୍ରସିଦ୍ଧ ବୋଇତ ବନ୍ଦାଣ ଉତ୍ସବ। ଇତିହାସ ତଥା କିମ୍ବଦନ୍ତୀ କହେ ସାଧବପୁଅମାନେ ଏକଦା ବାଲି, ଜାଭା ଓ ସୁମାତ୍ରାକୁ ବାଣିଜ୍ୟ କରିବାକୁ ଯାଉଥିଲେ। ତା'ର ସ୍ମାରକୀ ବହନ କରେ ବାଲିଯାତ୍ରା ଓ ବୋଇତ ବନ୍ଦାଣ। ଧର୍ମ ଡଙ୍ଗାଟିକୁ ସୁପ୍ରଭାତରୁ ଆମେ ନଦୀଜଳରେ ଭସାଇ ଧର୍ମ କମାଇ ଥାଉ, ଆଉ କହିଥାଉ–

'ଆ କା ମା ବୈ ପାନ ଗୁଆ ଥୋଇ
ପାନଗୁଆ ତୋର ମାସକ ଧରମ ମୋର।'

ଏତଦ୍‌ବ୍ୟତୀତ ଉପକୂଳବର୍ତ୍ତୀ ଅଞ୍ଚଳରେ ବଡ଼ଓଷା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଓଷା ଭାବରେ ପରିଗଣିତ। ଧବଳେଶ୍ୱର ପୀଠରେ ଏଥିପାଇଁ ମେଳାବସେ। ଜନସମାଗମ ହୁଏ। କାର୍ତ୍ତିକ ମାସ ଯଥାର୍ଥରେ ଧର୍ମ ମାସ ଏବଂ ଶ୍ରେଷ୍ଠ ମାସ ବୋଲି କଥିତ ଅଛି। ବିଭିନ୍ନ ପର୍ବପର୍ବାଣି ତଥା ସାଂସ୍କୃତିକ ଉତ୍ସବ ଏବଂ ଧର୍ମୀୟ ଚେତନା ଯେମିତି ଏକାକାର ହୋଇଯାଇଛି ଏଇ ମାସଟିରେ।

ଇ/୫୦, ସେକ୍ଟର–୭, ସିଡିଏ,
କଟକ ମୋ–୯୪୩୭୭୨୮୪୭୫

## ଏଇ ଭାରତରେ

ବିଦ୍ୟାଳୟ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ ପିଲାଙ୍କ ଉତ୍ତମ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବିଦ୍ୟାଳୟରେ ଶୌଚାଳୟ ସ୍ଥାପନ କରାଯାଉଛି। ମାତ୍ର ତା'ର ରକ୍ଷଣାବେକ୍ଷଣ ଓ ସଫା ଠିକ୍ ଭାବେ ହେଉ ନ ଥିବାରୁ ଅଧିକାଂଶ ଶୌଚାଳୟର ଅବସ୍ଥା କହିଲେ ନ ସରେ। ବିଦ୍ୟାଳୟରେ ନିଯୁକ୍ତ ଚତୁର୍ଥଶ୍ରେଣୀ କର୍ମଚାରୀମାନେ ମଧ୍ୟ ଶୌଚାଳୟର ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେଉନାହାନ୍ତି। ତେଣୁ ଅନେକ ସମୟରେ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ଶୌଚାଳୟ ସଫା କରିବା କାର୍ଯ୍ୟରେ ଲଗାଯାଉଥିବା ନଜିର ଦେଖିବାକୁ ମିଳୁଛି। ମାତ୍ର କର୍ଣ୍ଣାଟକର ଏକ ସରକାରୀ ବିଦ୍ୟାଳୟରେ ଏପରି ଜଣେ ଶିକ୍ଷକ ଅଛନ୍ତି ଯିଏକି ଦୀର୍ଘବର୍ଷ ଧରି ନିୟମିତ ଭାବେ ବିଦ୍ୟାଳୟରେ ଥିବା ଶୌଚାଳୟକୁ ସଫା କରୁଛନ୍ତି। କର୍ଣ୍ଣାଟକ ଚମରାଜ ନଗର ଜିଲ୍ଲା ଗୁଣ୍ଡଲୁପେଟ୍‌ସ୍ଥିତ ହିଙ୍ଗହଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବି. ମହାଦେଶ୍ୱର ସ୍ୱାମୀ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ବିଦ୍ୟାଳୟରେ ଥିବା ଶୌଚାଳୟକୁ ପରିଷ୍କାର ରଖିବା ଉଦ୍ଦେଶ୍ୟରେ ସେ ନିଜେ ଏହାକୁ ପ୍ରତ୍ୟେକ ଦିନ ସଫା କରୁଛନ୍ତି। ଖାଲି ସେତିକି ନୁହେଁ ସେ ନିଜ ଉଦ୍ୟମରେ ବିଦ୍ୟାଳୟରେ ଏକ ଗ୍ରନ୍ଥାଗାର ଖୋଲିଛନ୍ତି। ନିଜ ପଇସାରେ ପିଲାଙ୍କ ପାଇଁ ବିଭିନ୍ନ ପ୍ରକାର ପୁସ୍ତକ କିଣି ଗ୍ରନ୍ଥାଗାରରେ ରଖିଛନ୍ତି। ମହାଦେଶ୍ୱରଙ୍କ ଏଭଳି ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳରେ ସମସ୍ତେ ପ୍ରଶଂସା କରିଛନ୍ତି। ମହାଦେଶ୍ୱରଙ୍କ ଏଭଳି କାର୍ଯ୍ୟରେ ଅନ୍ୟ ବିଦ୍ୟାଳୟର ଶିକ୍ଷକମାନେ ମଧ୍ୟ ଅନୁପ୍ରାଣିତ ହେବା ଆବଶ୍ୟକ ବୋଲି ଅଭିଭାବକ ମହଲରେ ପ୍ରକାଶ ପାଉଛି।

## ଚିରନ୍ତନୀ

ଧରଣୀ ହେଲା କୋମଳତମ
ଆକାଶ କମନୀୟ
ମରଣ ହେଲା ମଧୁରତର
ଜୀବନ ହେଲା ପ୍ରିୟ।
ସେ ଗୀତେ ମୁଁ ତ ଯାଇନି ହଜି
ନିଜକୁ ତହିଁ ପାଇଲି ଖୋଜି,
ସେ ଗୀତେ ମୋର ପରାଣ ଭରି
ଝରିଲା କି ଅମିଅ,
ମରଣ ହେଲା ମଧୁରତର ଜୀବନ ହେଲା ପ୍ରିୟ।

(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 9 | | | 4 | | 0 | | 1 | | 5 | 6 | | |
| A | | | E | | C | | | | | | | D | 2 | 7 |
| 2 | C | | | | | | B | | | A | | | | |
| | | 0 | | B | | 3 | | E | | | 9 | | | |
| | | 1 | | | 5 | | | 2 | | | 6 | 3 | B | A |
| | | | 3 | E | | | 4 | | 7 | | 0 | 9 | C | |
| C | E | | | | D | | | 5 | | | | | | 2 |
| | 9 | | | | | | | | | B | | E | 8 | |
| | 0 | | | | 9 | 6 | 1 | | | C | | 4 | 5 | B |
| | | | | 6 | | | | B | 3 | | | | | |
| | 2 | | | | 3 | | A | 8 | | 5 | E | | | 1 |
| | | A | | | | 1 | | | 2 | 7 | | | 0 | 3 |
| 1 | | 5 | | | | | 7 | | 9 | 6 | | C | | |
| | D | | | 2 | | 0 | | | | | | | | |
| | | | | | | | | 9 | | D | 1 | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | B | 6 | D | 2 | 9 | E | 0 | 7 | A | 4 | 8 | 5 | C | 1 |
| 8 | 4 | 2 | 3 | 0 | C | B | D | A | 6 | 5 | 1 | E | 7 | 9 |
| C | E | 9 | 4 | A | 6 | 1 | 8 | 5 | 7 | 0 | 2 | 3 | D | B |
| 0 | A | 1 | E | 5 | 7 | 9 | 3 | 6 | B | C | D | 2 | 4 | 8 |
| D | 5 | 7 | B | 8 | 1 | C | 2 | 4 | 9 | 3 | E | A | 6 | 0 |
| A | D | E | 6 | B | 3 | 2 | 5 | 9 | 1 | 8 | 7 | C | 0 | 4 |
| 7 | C | 4 | 1 | D | 5 | 8 | B | 3 | 0 | E | 9 | 6 | A | 2 |
| 1 | 8 | 0 | 7 | 4 | 2 | D | 6 | C | 3 | A | B | 9 | E | 5 |
| 5 | 2 | B | A | 9 | 0 | 4 | E | 1 | C | D | 6 | 8 | 3 | 7 |
| 9 | 6 | 3 | C | E | 8 | A | 7 | 0 | 5 | 2 | 4 | 1 | B | D |
| 6 | 0 | 5 | 9 | 1 | B | 3 | A | D | 2 | 7 | C | 4 | 8 | E |
| E | 3 | A | 2 | 7 | 4 | 0 | C | B | 8 | 9 | 5 | D | 1 | 6 |
| 2 | 7 | D | 0 | 6 | A | 5 | 4 | 8 | E | 1 | 3 | B | 9 | C |
| B | 9 | 8 | 5 | C | D | 7 | 1 | E | 4 | 6 | A | 0 | 2 | 3 |
| 4 | 1 | C | 8 | 3 | E | 6 | 9 | 2 | D | B | 0 | 7 | 5 | A |

ଗତକାଲିର ଉତ୍ତର



# କେବଳ ପାଇଖାନା ଯଥେଷ୍ଟ କି

ବିଚିତ୍ର ବିଶ୍ୱାଳ

ଆଜକୁ ପ୍ରାୟ ଚାରି ବର୍ଷ ତଳେ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ ବେଳେ ଆମ ଦେଶରେ ନେତାଠୁ ଜନତା ଯାଏ ସମସ୍ତେ ବହୁତ ଉତ୍ସାହିତ ହୋଇଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଚୁର ଆଗ୍ରହ ଓ ପ୍ରଚାର ରଣକୌଶଳକୁ ଦେଖି ଗଣମାଧ୍ୟମଗୁଡ଼ିକ ବି ଏହି ଅଭିଯାନର ଖୁବ୍ ପ୍ରଚାର କରିଥିଲେ। ପ୍ରଥମେ ପ୍ରଥମେ ଲାଗିଥିଲା, ଏଥର ଭାରତକୁ ସ୍ୱଚ୍ଛ ହେବାରୁ କେହି ବି ଅଟକେଇ ପାରିବେ ନାହିଁ। ସ୍ୱଚ୍ଛ ଭାରତ ଅଭିଯାନ ବି ସାଧାରଣ ଭାରତୀୟଙ୍କ ମନରେ ସ୍ୱଚ୍ଛତା ସମ୍ବନ୍ଧରେ ଏକ ବୈପ୍ଳବିକ ଆବେଗ ଆଣିଥିଲା। ସମସ୍ତେ ହାତରେ ଝାଡୁ ଧରି ରାଜରାସ୍ତାକୁ ଓହ୍ଲେଇଥିଲେ। ସାମାଜିକ ଗଣମାଧ୍ୟମ ସବୁ ହାତରେ ଝାଡୁଧରା ଫଟୋରେ ଭର୍ତ୍ତି ହୋଇ ଯାଇଥିଲା। ସରକାରୀ ଅନୁଷ୍ଠାନଗୁଡ଼ିକ ନିଜ ନିଜ ଅଞ୍ଚଳରେ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ୍ ହୋଇଥିଲେ। ସେଲିବ୍ରିଟିମାନଙ୍କୁ ବି ଅନେକ ଜାଗାରେ ହାତରେ ଝାଡୁ ଧରିଥିବାର ଦେଖାଗଲା। ଏପରିକି ମୋଦି ସରକାର ଲୋକମାନଙ୍କ ଉପରେ ୦.୫ ପ୍ରତିଶତ ସ୍ୱଚ୍ଛ ଭାରତ କର ବି ଲଗାଇଦେଲେ। ହେଲେ ଯେତେ ଯେତେ ମୋଦି ସରକାର ପୁରୁଣା ହେବାକୁ ଲାଗିଲା, ପୂର୍ବର ସେହି ଉତ୍ସାହ କମିବାକୁ ଲାଗିଲାଣି। ସଂପ୍ରତି ସ୍ୱଚ୍ଛ ଭାରତ ଅଭିଯାନ କେବଳ ପାଇଖାନା ତିଆରିରେ ସୀମିତ ହୋଇଗଲାଣି।

ଏହା ସତ୍ୟ ଯେ, ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ ହେବା ପରେ ଆମ ଦେଶରେ ପାଇଖାନା ନିର୍ମାଣରେ ଦ୍ରୁତ ଅଗ୍ରଗତି ଘଟିଛି। ୧୯୯୯ ପରଠାରୁ ଆମ ଦେଶରେ ୯.୪ ମିଲିୟନ ପାଇଖାନା ନିର୍ମାଣ ହୋଇଥିବା ବେଳେ କେବଳ ଗତ ଚାରିବର୍ଷ ମଧ୍ୟରେ ୪୯ ମିଲିୟନ ପାଇଖାନା ନିର୍ମାଣ ହୋଇଛି। ସ୍ୱଚ୍ଛ ଭାରତ ଅଭିଯାନର ଚାରି ବର୍ଷ ପରେ ଆଜି ଦେଖାଯାଉଛି ଯେ, ଏବେ ବି ଭାରତ ସ୍ୱଚ୍ଛ ହେବାକୁ ଅନେକ ବାକି ଅଛି। ଏବେ ବି ଆମ ଦେଶର ନଦୀ ସବୁ ଆବର୍ଜନାରେ ଭର୍ତ୍ତି ହୋଇଛି ଓ ପୂର୍ବ ପରି ପ୍ରଦୂଷିତ ଅବସ୍ଥାରେ ଅଛି। ସହର ବଜାରର ଡ୍ରେନ୍ ସବୁ ପଲିଥିନ୍ ଓ ଅନ୍ୟାନ୍ୟ ଆବର୍ଜନାରେ ଭରପୂର୍। ରାସ୍ତାଘାଟରେ ଗୋରୁମାନେ ପଲିଥିନ୍ ପାକୁଳି କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଦେଶର ବଡ଼ ବଡ଼ ସହରର ରାସ୍ତାଘାଟ ଅବସ୍ଥା ନ କହିବା ଭଲ। ଏପରିକି ଆମ ଦେଶର ରାଜଧାନୀ ଦିଲ୍ଲୀ ସଂପ୍ରତି ସର୍ବାଧିକ ପ୍ରଦୂଷିତ ସହର, ଯେଉଁଠି ସୁସ୍ଥତାର ସହିତ ବଞ୍ଚିବା କଷ୍ଟକର ହୋଇଉଠିଛି।

ଯଦିଓ ଗାଁଗୁଡ଼ିକରେ ପାଇଖାନା ତିଆରି ବୃଦ୍ଧି ପାଇଛି ଏବଂ ଅନେକ ଗାଁ ଅଛି, ଯେଉଁଠି ପ୍ରତି ଘରେ ପାଇଖାନା ତିଆରି ହୋଇଛି, ତଥାପି ଏବେ ବି ଅନେକ ଗାଁରେ ଲୋକମାନେ ବାହାରକୁ ମଳତ୍ୟାଗ କରିବାକୁ ଯାଉଛନ୍ତି। ରାସ୍ତାକଡ଼ ସବୁ ମଳରେ ଭର୍ତ୍ତି। ଗାଁ, ବସ୍ତି ସବୁ ଦୁର୍ଗନ୍ଧମୟ। ଏଥିରୁ ଗୋଟିଏ କଥା ବୁଝାପଡୁଛି ଯେ, କେବଳ ପାଇଖାନା ତିଆରିରେ ଭାରତ ସ୍ୱଚ୍ଛ ହୋଇପାରିବ ନାହିଁ। ପାଇଖାନା ତିଆରି ହେବା ଓ ପାଇଖାନା ବ୍ୟବହାର କରିବା ଦୁଇଟା ଏକା କଥା ନୁହେଁ। ଏବେ ଅନେକ ଘରେ ପାଇଖାନା ଥାଇ ବି ଅଭ୍ୟାସବଶତଃ ସେହି ଘରର ଲୋକମାନେ ବାହାରେ ମଳତ୍ୟାଗ କରୁଛନ୍ତି। ପାଇଖାନାରେ ପାଣିର ସଂଯୋଗ ନ ଥିବା ବି ଅନେକ କ୍ଷେତ୍ରରେ ଲୋକମାନଙ୍କୁ ବାହାରକୁ ମଳତ୍ୟାଗ କରିବାକୁ ଯିବାକୁ ବାଧ୍ୟ କରୁଛି ବୋଲି ଲୋକମାନେ ଅଭିଯୋଗ କରୁଛନ୍ତି। କେବଳ ପାଇଖାନା ତିଆରି ହୋଇଗଲେ ଲୋକମାନେ ଯେ ବାହାରେ ମଳତ୍ୟାଗ ବନ୍ଦ କରିଦେବେ, ଏହି ଧାରଣା ଏବେ ପ୍ରାୟତଃ ଆଉ ନାହିଁ। ଲୋକମାନଙ୍କର ବର୍ଷ ବର୍ଷର ଅଭ୍ୟାସ ନ ବଦଳିଲେ ବାହାରେ ମଳତ୍ୟାଗ ବନ୍ଦ ହେବ ନାହିଁ। ଏହି ଅଭ୍ୟାସ ବଦଳେଇବା କାମ କେବଳ ପାଇଖାନା ନିର୍ମାଣ ଦ୍ୱାରା ସମ୍ଭବ ହେବ ନାହିଁ। ଏଥିପାଇଁ ସରକାର ଓ ଲୋକମାନଙ୍କୁ, ଉଭୟଙ୍କୁ ଭିନ୍ନ ଭାବେ ଚିନ୍ତା କରିବାକୁ ପଡ଼ିବ। ଲୋକମାନଙ୍କର ବର୍ଷ ବର୍ଷର ଅଭ୍ୟାସ ବଦଳେଇବା ପାଇଁ ସରକାରଙ୍କୁ ଏକ ଭିନ୍ନ ପ୍ରକାର ଦୀର୍ଘକାଳୀନ ରଣକୌଶଳ ଆପଣେଇବାକୁ ପଡ଼ିବ। କେବଳ ପ୍ରଚାରଭିତ୍ତିକ କାମରେ ମାତିଲେ କିଛି ସମୟ ପାଇଁ ହୋହାଲ୍ଲା ହୋଇପାରେ କିନ୍ତୁ ଏହାଦ୍ୱାରା ସ୍ୱଚ୍ଛତା ଆସିବ ନାହିଁ। ସରକାର ବର୍ତ୍ତମାନ ଯେପରି ଭାବେ ନିଜ ଭୂମିକାକୁ ମୁଖ୍ୟତଃ ପାଇଖାନା ତିଆରିରେ ସୀମିତ ରଖିଛନ୍ତି, ଏହାଦ୍ୱାରା ପାଇଖାନା ସଂଖ୍ୟା ସିନା ବଢ଼ିବ ହେଲେ ବାହାରେ ମଳତ୍ୟାଗରୁ ମୁକ୍ତି ମିଳିବ ନାହିଁ। ଗୋଟିଏ ପଟେ ସରକାର ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ନିଜକୁ ସଂକଳ୍ପବଦ୍ଧ ବୋଲି ପ୍ରଚାର କରୁଥିବା ବେଳେ ଅନ୍ୟପକ୍ଷରେ ଏବେ ବି ଦେଶରେ ସଫେଇ କର୍ମଚାରୀଙ୍କର ଅନେକ ଅଭାବ ରହିଛି। ଭିନ୍ନ ଭିନ୍ନ ସରକାରୀ ସଂସ୍ଥା ତଥା ମ୍ୟୁନିସିପାଲିଟି ଆଦିରେ ଥିବା ସଫେଇ କର୍ମଚାରୀଙ୍କ ଦରମା ଓ ଭତ୍ତା ମଧ୍ୟ ଅନ୍ୟ ବୃତ୍ତିଗୁଡ଼ିକ ପରି ଉତ୍ସାହଜନକ ନୁହେଁ। ତେଣୁ ସହର ବଜାର ଅପରିଷ୍କାର ରହିବାଟା ହିଁ ସାର ହେଉଛି। ଏତଦ୍‌ବ୍ୟତୀତ ଆମ ଦେଶରେ ସାମାଜିକ ବ୍ୟବସ୍ଥା ମଧ୍ୟ ସ୍ୱଚ୍ଛତା ବ୍ୟାହତ କରିବାରେ ଅନେକାଂଶରେ ଦାୟୀ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ, ଆମ ଦେଶରେ ମଇଳା ସଫା କରୁଥିବା ଲୋକମାନଙ୍କୁ ନିମ୍ନ ଦୃଷ୍ଟିରେ ଦେଖାଯାଉଥିବା ବେଳେ ମଇଳା କରୁଥିବା ଲୋକମାନଙ୍କୁ ଅଧିକ ସମ୍ମାନଜନକ ଦୃଷ୍ଟିରେ ଦେଖାଯାଉଛି। ନିଜ ମଇଳାକୁ ନିଜେ ସଫା କରିବାର ସଂସ୍କୃତି ଏବେ ବି ଆମ ଦେଶରେ ପ୍ରତିଷ୍ଠା ହୋଇପାରି ନାହିଁ। ବଡ଼ ଲୋକମାନେ ତଥା ସମାଜର ଉପର ସ୍ତରରେ ଥିବା ଲୋକମାନେ ଏବେ ବି ଭାବିନାହାନ୍ତି ଯେ, ନିଜ ମଇଳାକୁ ନିଜେ ସଫା କରିବା ସେମାନଙ୍କର ଦାୟିତ୍ୱ। ସେମାନେ ଏଥିପାଇଁ ସବୁବେଳେ ଅନ୍ୟ ଉପରେ ନିର୍ଭର କରିଆସିଛନ୍ତି ଓ ଏବେ ବି ସେପରି କରିବାର ମାନସିକତାରେ ଅଛନ୍ତି।

ତେଣୁ ଏ ସବୁ ଦିଗ ପ୍ରତି ସରକାରଙ୍କୁ ଦୃଷ୍ଟି ଦେବାକୁ ହେବ। କେବଳ ପ୍ରଚାରସର୍ବସ୍ୱ ଯୋଜନା ନ କରି ଦୀର୍ଘକାଳୀନ ଭାବେ ସ୍ୱଚ୍ଛତା ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଲୋକମାନଙ୍କର ମାନସିକତାର ପରିବର୍ତ୍ତନ କରିବାକୁ ହେବ। ଏପରିକି ବିଦ୍ୟାଳୟ ପାଠ୍ୟକ୍ରମରେ ବି ସ୍ୱଚ୍ଛତାକୁ ସାମିଲ କରାଯିବା ଉଚିତ। ଏଥିପାଇଁ ଠୋସ୍ ପଦକ୍ଷେପ ନେବା ପାଇଁ ପ୍ରଶାସନିକ ସ୍ତରରେ ଦୃଢ଼ ଇଚ୍ଛାଶକ୍ତି ପୋଷଣ କରିବାକୁ ହେବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,
bichitrabiswal@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ଐତିହାସିକ ନିଷ୍ପତ୍ତି

ମହାଶୟ,

୧୯୫୦ ମ୍ୟୁନିସିପାଲ ଆଇନ ଅନୁସାରେ ରାଜ୍ୟରେ ଏନ୍‌ଏସି ଏବଂ ମହାନଗର ନିଗମଗୁଡିକରେ ପୌରାଧ୍ୟକ୍ଷ ଏବଂ ମେୟରମାନେ ପରୋକ୍ଷ ଭାବେ ନିର୍ବାଚିତ ହୋଇ ଆସୁଛନ୍ତି। ଏହା ସମ୍ପୂର୍ଣ୍ଣ ଭାବେ ବିଧାୟକମାନଙ୍କ ହାତମୁଠାରେ ରହୁଛି ଏବଂ ଖୋଲାଖୋଲି ଭାବେ ଘୋଡାବେପାର ହୋଇ ଯୋଗ୍ୟ, ନିଷ୍ଠାବାନ ଏବଂ ସଚ୍ଚୋଟ ଭଦ୍ରବ୍ୟକ୍ତିଟିଏ ଆଗକୁ ଆସିପାରୁନି। ଫଳରେ ସହରଗୁଡିକର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏବେ ମୁଖ୍ୟମନ୍ତ୍ରୀ ନବୀନବାବୁ ବହୁ ବିଳମ୍ବରେ ହେଲେ ମଧ୍ୟ ଏନ୍‌ଏସି ଏବଂ ମହାନଗର ନିଗମର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ମେୟର ଏବଂ ଡେପୁଟି ମେୟର ପଦର ପ୍ରତ୍ୟକ୍ଷ ନିର୍ବାଚନ କରିବାର ନିଷ୍ପତ୍ତି ନେଇଛନ୍ତି, ଯାହା ଏକ ସୁଚିନ୍ତିତ ପଦକ୍ଷେପ ଏବଂ ଐତିହାସିକ ନିଷ୍ପତ୍ତି।

କାଶୀନାଥ ଦାସ, ଖଣ୍ଡପଡାଗଡ, ନୟାଗଡ

### ଏମିତି କେମିତି ହେଲା

ଗଣମାଧ୍ୟମରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ, ମଧ୍ୟପ୍ରଦେଶର ଜଣେ ଭାଜପା ପଳାତକ ବିଧାୟକ ୨୦ ବର୍ଷ ପରେ ଗିରଫ ହୋଇଛନ୍ତି। ସେ ଅନ୍ୟ ୨୭ ଜଣ ସହଯୋଗୀଙ୍କ ସହ ମିଶି ଗୋଟିଏ ଥାନାରେ ପୋଲିସକୁ ଆକ୍ରମଣ କରିବା ସହ ବ୍ୟାପକ ଭଙ୍ଗାରୁଜା କରିଥିବା ଅପରାଧରେ ଅଭିଯୁକ୍ତ ଥାଇ ଫେରାର ହୋଇଯିବାରୁ ତାଙ୍କୁ ପଳାତକ ଘୋଷଣା କରାଯାଇଥିଲା। ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ ଘଟଣା ହେଉଛି, ସେ ପଳାତକ ଥିବା ଅବସ୍ଥାରେ ମଧ୍ୟପ୍ରଦେଶ ବିଧାନସଭାକୁ ୩ଥର ନିର୍ବାଚିତ ହୋଇଥିଲେ। ଜଣେ ପଳାତକ ଅଭିଯୁକ୍ତ ନିର୍ବାଚନ ପ୍ରକ୍ରିୟାରେ ଭାଗନେଇ ତିନି ତିନି ଥର ଦଳୀୟ ବିଧାୟକ ଭାବେ ନିର୍ବାଚିତ ହେବା ବିଷୟ ଜାଣିବା ପରେ ଲୋକଙ୍କ ମନରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହେଉଛି– ଏମିତି କେମିତି ହେଲା ?

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୨ ନଭେମ୍ବର ୧୯୯୩

- ମାସିଡୋନିଆର ଏକ ବିମାନ ତୁଷାରାବୃତ୍ତ ପର୍ବତ ଦେହରେ ଧକ୍କା ଖାଇବା ଫଳରେ ୧୧୫ ଜଣ ଯାତ୍ରୀଙ୍କ ଶୋଚନୀୟ ପ୍ରାଣହାନି।
- ଦୀର୍ଘ ୫୦ ବର୍ଷ ପରେ ଭାରତ ଦକ୍ଷିଣ ଆଫ୍ରିକା ସହିତ ପୁଣିଥରେ ସ୍ୱାଭାବିକ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି।


Bijay Mohanty
Actor

PLEDGE 'PLASTIC-FREE' ODISHA

#PlasticFreeOdisha

ଧରିତ୍ରୀ DHARITRI TEAM


■ ୧୧ ଦିନ ହେଲା କାଳିଆପାଣି ଟୈଲଙ୍ଗୀ ଖଣି ବନ୍ଦ

# ୧୦କୋଟି ଟଙ୍କାର କଞ୍ଚାମାଲ ଫସି ରହିଛି

## ଫେରୋକ୍ରୋମ କାରଖାନା ଚଳିବା କଷ୍ଟକର

**ଯାଜପୁର ଅଫିସ,୨୧।୧୧**

ରାଜ୍ୟ ଶିଳ୍ପ ନିଗମ ପରିଚାଳିତ ଯାଜପୁର ଜିଲା ସୁକିନ୍ଦା କାଳିଆପାଣିସ୍ଥିତ ଟୈଲଙ୍ଗୀ କ୍ରୋମାଇଟ ଖଣି ଗତ ୧୧ତାରିଖ ଠାରୁ ବନ୍ଦ ହୋଇଯାଇଛି। ଏହାଦ୍ୱାରା ଉତ୍ତୋଳିତ କ୍ରୋମାଇଟ, କ୍ରୋମ୍ ଓର, ରମ(ରନ ଅଫ୍ ମାଇନ୍ସ) ଆଦି ୧୦ କୋଟି ଟଙ୍କାର କଞ୍ଚାମାଲ୍ ଖଣିରେ ଫସି ରହିଛି। ଏହାସହ ରାଜ୍ୟ ଶିଳ୍ପ ନିଗମର ଶେଷ କାରଖାନା ଭାବେ ବଞ୍ôଥିବା ଯାଜପୁରରୋଡ ଫେରୋକ୍ରୋମ ଆଲଏଜ ଚାଲିବା କଷ୍ଟକର ହୋଇପଡିଛି। ଖଣି ବନ୍ଦ ହୋଇପଡ଼ିବା ଫଳରେ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହେବା ସହ ଖଣି ଅଞ୍ଚଳରେ ଅଚଳାବସ୍ଥା ଜାରି ରହିଛି। ଯେଉଁମାନଙ୍କ ଷଡ଼ଯନ୍ତ୍ରରେ ଏହି ଖଣି ବନ୍ଦ ହୋଇଯାଇଛି ସେମାନଙ୍କ ଆଡ଼କୁ ଅଙ୍ଗୁଳି ଉଠିବା ଆରମ୍ଭ ହୋଇଛି। ଲୋକଙ୍କ ରୋଷରୁ ବର୍ତ୍ତିବା ପାଇଁ ସେମାନେ ଏବେ ନୂଆ ନୂଆ ଭେଳିକି ଆରମ୍ଭ କରିଛନ୍ତି।

କାଳିଆପାଣି ଅଞ୍ଚଳର ଶାସକ ଦଳ ସମର୍ଥିତ ଜଣେ ପ୍ରଭାବଶାଳୀ ଶ୍ରମିକ ନେତାଙ୍କ ଜରିଆରେ ଶତାଧିକ ବ୍ୟକ୍ତିଙ୍କ ଟ୍ୟାମ୍ପରିଂ ଦସ୍ତଖତ ସମ୍ବଳିତ ଅଭିଯୋଗ କ୍ରମେ ତଳଙ୍ଗି ଖଣି ଭବିଷ୍ୟତରେ କାର୍ଯ୍ୟକ୍ଷମ ସମ୍ଭବ ନୁହେଁ ବୋଲି ଅଭିଯୋଗ କରି ସମୟ ସୀମାକୁ କୋହଳ କରାଯାଇଥିଲା। ଅଭିଯୋଗରେ ଖଣିର ଦୁର୍ବଳତା ଉପରେ ବିଭିନ୍ନ କାରଣ ଦର୍ଶାଯାଇଥିଲା। ୧ ବର୍ଷର ସମୟସୀମାକୁ କାଟି ଗତ ଅଗଷ୍ଟ ମାସଠାରୁ ୩ ମାସ ସମୟ ଦେଇଥିଲେ। ଯାହାର କଣ୍ଟ ଗତ ନଭେମ୍ବର ମାସ ୧୦ତାରିଖରେ ଶେଷ ହୋଇଗଲା। କିନ୍ତୁ ଖଣିର ଲିଜ୍ ଅବଧି ୨୦୩୦ ମସିହା ପର୍ଯ୍ୟନ୍ତ ରହିଛି। ରାଜ୍ୟ ଶିଳ୍ପ ନିଗମର ଏହି ବ୍ୟବସାୟିକ ଦିଗକୁ ବନ୍ଦ କରିଦେବା ଫଳରେ ଫେରୋକ୍ରୋମ କାରଖାନା ମଧ୍ୟ ଏହା ଦ୍ୱାରା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇ ବନ୍ଦ ହୋଇଯିବାର ପଥ ପରିଷ୍କାର ହୋଇଛି। ଓଏମ୍‌ସିଠାରୁ କଞ୍ଚାମାଲ କ୍ରୋମାଇଟ ଓର କିଣି ଫେରୋକ୍ରୋମ ଉତ୍ପାଦନ କଲେ ଟନ୍ ପିଛା ୧୦ରୁ ୧୫ ହଜାର ଟଙ୍କା ଅଧିକ ଖର୍ଚ୍ଚ ହେବ। ନିଜସ୍ୱ ତଳଙ୍ଗି ଖଣି ଥାଇ ଫେରୋକ୍ରୋମ ଏଥରେ ରସାତଳଗାମୀ ହେବ। ବହୁ ଚର୍ଚ୍ଚିତ ତଳଙ୍ଗୀ ଖଣିରୁ ଶାଗମାଛ ଦରରେ ଲୋ-ଗ୍ରେଡ କ୍ରୋମ୍ ଓର ଉଠାଣରେ ପ୍ରାୟ ୧୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ଅଭିଯୋଗକୁ ଚାପି ଦେବା ପାଇଁ ଏସବୁ ନାଟକବାଜି ଚାଲିଛି ବୋଲି ଏବେ ଚର୍ଚ୍ଚା ଜୋର ଧରିଛି। ନିଜର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସାବାଡ କରିବା ଉଦ୍ଦେଶ୍ୟରେ ୯୨୭ଜଣ ଠିକା ଶ୍ରମିକଙ୍କ ଜୀବିକା ଯାଇଛି। ସୂଚନାଯୋଗ୍ୟ ଯେ, ତଳଙ୍ଗୀ ଖଣି ବନ୍ଦ ହେବା ଫଳରେ ଶ୍ରମିକମାନେ ଅଧିକାରୀଙ୍କୁ ଛାଡୁ ନାହାନ୍ତି। ଫେରୋକ୍ରୋମ କାରଖାନା ପ୍ରାୟ ୧୦କୋଟି ୫୦ଲକ୍ଷ ଟଙ୍କାର କଞ୍ଚାମାଲ ତଳଙ୍ଗୀ ଖଣିରୁ ଆଣିପାରିଲା ନାହିଁ। ଟୈଲଙ୍ଗୀ ଖଣିରେ ପ୍ରାୟ ୨.୫ କୋଟି ଟଙ୍କାର ୨୩୦୧ ମେଟ୍ରିକ ଟନ୍ କ୍ରୋମଓର, ପ୍ରାୟ ୨୫ଲକ୍ଷ ଟଙ୍କାର ୫୪୨ଟନ ଲମ୍ପ, ୩.୫ କୋଟି ଟଙ୍କାର ୮୧୭୦ ମେଟ୍ରିକ ଟନ କ୍ରୋମ୍‌ଓର ଫାଇନ୍ସ ସେଠାରେ ପଡ଼ି ରହିଛି। ଖଣିରୁ ଖୋଳାଯାଇ ସିଧା କାରଖାନାକୁ ଅଣାଯାଉଥିବା ରମ୍ ୧୫୯୩୧ ଟନ ସେଠାରେ ପଡ଼ି ରହିଛି ଯାହାର ବଜାର ମୂଲ୍ୟ ଟନ୍ ପିଛା ୧୨୦୦ ଟଙ୍କାରୁ ଊର୍ଦ୍ଧ୍ୱ ହିସାବରେ ପ୍ରାୟ ୨କୋଟି ହେବ। ସେହିପରି ଟୈଲଙ୍ଗୀରେ କାର୍ଯ୍ୟରତ କ୍ରୋମ୍ ଓର ବେନିଫିକେସନ ପ୍ଲାଣ୍ଟରୁ ୧ହଜାର ମେଟିକ ଟନ୍ କ୍ରୋମ କନ୍‌ସେନ୍‌ଟ୍ରେଟ ଟନ୍ ପିଛା ୧୩ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହିସାବରେ ପ୍ରାୟ ୨କୋଟି ୩୦ଲକ୍ଷ ଟଙ୍କା ଫସି ରହିଛି। ଏହିପରି ୫ପ୍ରକାରର କଞ୍ଚାମାଲ ଫେରୋକ୍ରୋମ କାରଖାନାକୁ ଆସି ନ ପାରିବା ଫଳରେ ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସରକାରଙ୍କ କ୍ଷତି ହୋଇଛି। ଏହା ଉପରେ ମୁଖ୍ୟମନ୍ତ୍ରୀ ଓ ଆଇଡିସିର ଅଧ୍ୟକ୍ଷ ଧ୍ୟାନ ଦେବାକୁ ଶ୍ରମିକ ନେତା ଦୁଷ୍ମନ୍ତ କୁମାର ରାଉତ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଫେରୋକ୍ରୋମ କାରଖାନାର ପରିଚାଳନା ନିର୍ଦ୍ଦେଶକ ବୀରକିଶୋର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଖଣି ଭିତରେ ଥିବା କଞ୍ଚାମାଳ ସବୁକୁ ଆଣିବାକୁ ଉଦ୍ୟମ ଜାରି ରହିଛି। ଏଥିରେ କୌଣସି କ୍ଷତି ହେବାର ସମ୍ଭାବନା ନାହିଁ।

ଅନୁଗୋଳରେ ମଦମୃତ୍ୟୁ ଅଭିଯୋଗ

# କୁକୁଡ଼ା ଫାର୍ମର ୨ ମହିଳା କର୍ମଚାରୀ ମୃତ

**ଅନୁଗୋଳ ଅଫିସ/ବନ୍ତଳା,୨୧।୧୧:** ଅନୁଗୋଳ ଜିଲା ବନ୍ତଳା ଥାନା ଚନ୍ଦନପୁର ସାରୁଆଳି ଅଞ୍ଚଳରେ ବୁଧବାର ମଦମୃତ୍ୟୁ ଅଭିଯୋଗ ଆସିଛି। ଏକ କୁକୁଡ଼ା ଫାର୍ମରେ ଦିନ ମଜୁରିଆ ଭାବେ କାମ କରୁଥିବା ସୁନ୍ଦରଗଡ଼ର ବିମଳା ନାଇକ(୪୮) ଓ ବୁଧୁନି ନାଇକ(୪୦)ଙ୍କ ଅତ୍ୟଧିକ ମଦ୍ୟପାନ କିମ୍ବା ବିଷାକ୍ତ ମଦ ଯୋଗୁ ଜୀବନ ଯାଇଥିବା ସନ୍ଦେହ କରାଯାଉଛି। ସେଦିନ ରାତିରେ ଅନ୍ୟ ମହିଳା କର୍ମଚାରୀମାନେ ବିମଳା ଓ ବୁଧୁନିଙ୍କ ସହ ମିଶି ମଦ୍ୟପାନ କରିଥିଲେ। ସେମାନେ ଏବେ ସୁସ୍ଥ ଅଛନ୍ତି । ତେବେ କେଉଁ କାରଣରୁ ସମ୍ପୃକ୍ତ ୨ ମହିଳାଙ୍କ ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇନାହିଁ। ମୃତକଙ୍କ ସହଯୋଗୀ ବିଳାସ ମୁଣ୍ଡା ଓ ମଙ୍ଗଳ ମୁଣ୍ଡା କହିଛନ୍ତି, ବିମଳା ଓ ବୁଧୁନି ପୂର୍ବରୁ ମଦ୍ୟପାନ କରିଥିଲେ। ସାଙ୍ଗରେ ଆଉ ୩ ବୋତଲ ଆଣିଥିଲେ। ରାତିରେ ସେଥିରୁ ୨ ବୋତଲ ପିଇ ଶୋଇଥିଲେ। ସକାଳୁ ନ ଉଠିବାରୁ ଉଭୟଙ୍କୁ ଫାର୍ମ ମାଲିକ ଅରୁଣ ସିଂ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବିମଳା ଓ ବୁଧୁନି ଗୋଟିଏ ଜାଗାରୁ ମଦ ଆଣିଥିବା ବେଳେ ସହଯୋଗୀ କର୍ମଚାରୀମାନେ ସାରୁଆଳି ନିକଟ ଭାଟିରୁ ମଦ ଆଣି ପିଇଥିବା ବିଳାସ ଓ ମଙ୍ଗଳ କହିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ଡାକ୍ତରଖାନା ରିପୋର୍ଟକୁ ଭିତ୍ତିକରି ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ହରିହର ପାଣି କହିଛନ୍ତି। ଯଦି ମଦମୃତ୍ୟୁ ସମ୍ପର୍କରେ ଜଣାପଡ଼େ ତା'ହେଲେ ଏ ନେଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

■ ଅନୁସୂଚିତ ଜାତି, ଜନଜାତି ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ପ୍ରସଙ୍ଗ

# ୨୪ରେ ରାଜଭବନ ଆଗରେ ବିଜେଡିର ରିଲେ ଅନଶନ

**ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)**

ରାଜ୍ୟରେ ପ୍ରାୟ ୨ଲକ୍ଷ ଅନୁସୂଚିତ ଜାତି, ଜନଜାତିର ଛାତ୍ରୀଛାତ୍ର ମାଟ୍ରିକ ଓ ଉଚ୍ଚତର ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଏହି ଛାତ୍ରୀଛାତ୍ରଙ୍କ ଶିକ୍ଷା ପାଇଁ ମେଧାବୃତ୍ତି ବ୍ୟବସ୍ଥା କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ହୋଇଆସୁଛି। ଏହି ବ୍ୟବସ୍ଥାରେ କେନ୍ଦ୍ର ୯୦ପ୍ରତିଶତ ଆର୍ଥିକ ବ୍ୟବସ୍ଥାରେ ସହଯୋଗ ରଖୁଥିଲାବେଳେ ରାଜ୍ୟ ସରକାର ୧୦ପ୍ରତିଶତ ଦେଉଥିଲେ। ୨୦୧୬-୧୭ ଆର୍ଥିକ ବର୍ଷରେ ଏହିକ୍ରମରେ କେନ୍ଦ୍ରର ଅଂଶ ୨୧୫.୮୦ କୋଟି ଟଙ୍କା ଥିବାବେଳେ ରାଜ୍ୟ ଅଂଶ ୨୨.୪୮ କୋଟି ଟଙ୍କା ଥିଲା। ହଠାତ୍ କେନ୍ଦ୍ର ସରକାର ଏହି ବ୍ୟବସ୍ଥାର ପରିବର୍ତ୍ତନ କରିଛନ୍ତି। ରାଜ୍ୟ ସରକାରଙ୍କ ଉପରେ କେନ୍ଦ୍ର ସରକାର ୮୦%ରୁ ଅଧିକ ଆର୍ଥିକ ବୋଝ ଲଦି ଦେଇଛନ୍ତି। ଏହା ସମଗ୍ର ଅନୁସୂଚିତ ଜାତି, ଜନଜାତି ଛାତ୍ରୀଛାତ୍ରଙ୍କ ପ୍ରତି ଚରମ ଅନ୍ୟାୟ ବୋଲି ବିଜେଡି ଅଭିଯୋଗ କରିଛି। କେନ୍ଦ୍ରର ଏଭଳି ନିଷ୍ପତ୍ତି ବିରୋଧରେ ଶାସକ ଦଳର ଅନୁସୂଚିତ ଜାତି, ଜନଜାତି ବିଧାୟକ ତଥା କାର୍ଯ୍ୟକର୍ତ୍ତାମାନେ ଆସନ୍ତା ୨୪ରେ ରାଜଭବନ ସମ୍ମୁଖୀନରେ ରିଲେ ଅନଶନରେ ବସିବେ ବୋଲି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ବିଜେଡି ମୁଖ୍ୟାଳୟରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଶଶିଭୂଷଣ କହିଛନ୍ତି, ମୁଖ୍ୟମନ୍ତ୍ରୀ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ପାଇଁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖିଥିଲେ। ଅନୁଦାନ କ୍ଷେତ୍ରରେ ପୁନର୍ବିଚାର କରିବା ସହ ପୂର୍ବପରି କେନ୍ଦ୍ର ୯୦% ଓ ରାଜ୍ୟ ୧୦% ଅର୍ଥ ବହନ କରିବା ଲାଗି ଅନୁରୋଧ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ସେ ନେଇ କେନ୍ଦ୍ର ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ଏପରି ବୈମାତୃକ ମନୋଭାବ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ପାଇଁ କେନ୍ଦ୍ରର ନିଷ୍ଠା ଓ ଆନ୍ତରିକତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶଶିଭୂଷଣ କହିଛନ୍ତି। ଏହା ବିରୋଧରେ ଆସନ୍ତା ୨୪ରେ ରାଜଭବନ ସମ୍ମୁଖରେ ସକାଳ ୮ଟାରୁ ୧୨ଘଣ୍ଟିଆ ରିଲେ ଅନଶନ ଅନୁଷ୍ଠିତ ହେବ ବୋଲି ଶଶିଭୂଷଣ ସୂଚନା ଦେଇଛନ୍ତି।

# ପୋଲରେ ପିଟିହେଲା ବାଇକ୍, ୨ ମୃତ

**ବଣାଇ, ୨୧।୧୧(ସ୍ୱ.ପ୍ର.):** ସୁନ୍ଦରଗଡ ଜିଲା ବଣାଇ ଉପଖଣ୍ଡର ଟିକାୟତପାଲି ଥାନା ଅନ୍ତର୍ଗତ ଭାଲୁପାଣିଠାରେ ବୁଧବାର ଦୁର୍ଘଟଣା ଘଟିଛି। ପୋଲରେ ଏକ ବାଇକ୍ ଭାରସାମ୍ୟ ହରାଇ ପିଟି ହେବା ଫଳରେ ୨ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏମାନେ ହେଲେ ଦହିଚୁର ଗାଁର ଡବ୍ଲ୍ୟୁ. ମୁଣ୍ଡା (୨୩) ଓ ବନ୍ଧାଭୂଇଁ ଗାଁର ରସାନନ୍ଦ ପାହୁଲେ (୨୨)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

■ ଓଡ଼ିଆ ଭାଷାର ବିକାଶ ପାଇଁ ଆନ୍ତରିକତା ଅଭାବ

# ଚେୟାର ଖୋଲି ବସିପଡ଼ିଲେ ସରକାର

**ଭୁବନେଶ୍ୱର,୨୧।୧୧(ବ୍ୟୁରୋ)**

■ ବିଏଚ୍‌ୟୁରେ କାର୍ଯ୍ୟକ୍ଷମ ହୋଇପାରୁନି

■ ରାଜ୍ୟ ବିଶ୍ୱବିଦ୍ୟାଳୟରେ ନାହିଁ ଓଡ଼ିଆ ଚେୟାର

ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଏକାଧିକ ପଦକ୍ଷେପ ନେଉଛନ୍ତି ରାଜ୍ୟ ସରକାର। ଓଡ଼ିଆ ଭାଷାରେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହ ଦେଶର ବିଭିନ୍ନ ରାଜ୍ୟରେ ଓଡ଼ିଆ ଭାଷାରେ ଗବେଷଣା ଚେୟାର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଛି। ଏପରି କି, ଦୁଇ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା ହୋଇସାରିଥିବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବାରମ୍ବାର କୁହାଯାଉଛି। ମାତ୍ର ଏହାର ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟ(ବିଏଚ୍‌ୟୁ)ରେ ଗତବର୍ଷ ପ୍ରତିଷ୍ଠା ହୋଇଥିବା ଓଡ଼ିଆ ଭାଷା ସାହିତ୍ୟ ଚେୟାର ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନି।

ବିଏଚ୍‌ୟୁରେ ଚେୟାର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩ କୋଟି ୭୦ଲକ୍ଷ ଟଙ୍କା ଦିଆଯାଇସାରିଛି। ହେଲେ ସେଠାରେ ଓଡ଼ିଆ ଚେୟାର କାହିଁକି କାର୍ଯ୍ୟକାରୀ ହୋଇପାରୁନି, ତାହାକୁ ନେଇ ପ୍ରଶ୍ନ ଉଠିଛି। ଆନ୍ତରିକତା ଅଭାବରୁ ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଉଛି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ପ୍ରତିଷ୍ଠା ହୋଇଥିବା ଏହି ଭାଷା ଚେୟାର କେବେ କାର୍ଯ୍ୟକ୍ଷମ ହେବ, ତାହାର ଉତ୍ତର କାହା ପାଖରେ ନାହିଁ। ଚେୟାର ପ୍ରତିଷ୍ଠା କରିଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଚୁପ୍ ହୋଇ ବସିରହିଛି। ଇତିମଧ୍ୟରେ ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରେ ଆଦିକବି ସାରଳା ଦାସଙ୍କ ନାମରେ ପ୍ରତିଷ୍ଠା ହୋଇଥିବା ଭାଷା ଚେୟାର କାର୍ଯ୍ୟକ୍ଷମ ହୋଇଛି। ୨୦୧୭ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଥିପାଇଁ ୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ସେଠାରେ ଜଣେ ପ୍ରଫେସର ଓ ସହକାରୀ ପ୍ରଫେସର ନିଯୁକ୍ତି ପାଇଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ହୋଇଥିବା ଭାଷା ଚେୟାର ଏହା ମଧ୍ୟରେ ବନ୍ଦ ହୋଇଗଲାଣି। ଏପରି କି, ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ଥିବା ଦୁଇଟି ଭାଷା ଚେୟାର ବନ୍ଦ ହୋଇପଡ଼ିଛି। ଏ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସ୍ନାତକୋତ୍ତର ବିଭାଗ ଥିବାରୁ ସେଠାରେ ଚେୟାର ପ୍ରତିଷ୍ଠା ହେବାର ଆବଶ୍ୟକତା ନାହିଁ। ବିଏଚ୍‌ୟୁରେ ଓଡ଼ିଆ ଚେୟାର କାର୍ଯ୍ୟକ୍ଷମ ହେବାକୁ ଟିକେ ସମୟ ଲାଗିବ। ନିକଟରେ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଥିଲା। ତେଣୁ ସେମାନେ ଏ ସମ୍ପର୍କିତ ବିଜ୍ଞାପନ କରିପାରି ନ ଥିଲେ। ଖୁବ୍‌ଶୀଘ୍ର ବିଜ୍ଞାପନ ବାହାର କରି ଚେୟାର କାର୍ଯ୍ୟକ୍ଷମ କରିବେ ବୋଲି ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଆମକୁ କହିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଗୁଜରାଟ ଏବଂ ଆନ୍ଧ୍ରପ୍ରଦେଶର ଗୋଟିଏ ଲେଖାଏ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା ହେବ। ଏ ନେଇ ଓଡ଼ିଶା ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯାଇଛି। ଗୁଜରାଟର ଗାନ୍ଧୀନଗର ଏବଂ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଯଥାକ୍ରମେ କୁନ୍ତଳା କୁମାରୀ ସାବତ ଓ ଭକ୍ତକବି ମଧୁସୂଦନ ରାଓଙ୍କ ନାମରେ ଭାଷା ଚେୟାର ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି। ତାହା ଏବେ ସୁଦ୍ଧା ବିଚାରାଧୀନ ରହିଛି।

# ରୋଟାରୀ କ୍ଲବ ପକ୍ଷରୁ ପାଣି ଟ୍ୟାପ୍ ଉଦ୍‌ଘାଟିତ

**ଧର୍ମଶାଳା,୨୧।୧୧ (ଡି.ଏନ୍.ଏ.)**

ଜାରକା ରୋଟାରି କ୍ଲବ ପକ୍ଷରୁ ଗଙ୍ଗାଧରପୁରସ୍ଥିତ ପତିତପାବନ ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ମଙ୍ଗଳବାର ଏକ ପାଣି ଟ୍ୟାପ୍ ଉଦ୍‌ଘାଟିତ ହୋଇଛି। ଏଥିସହ ହାତ ଧୋଇ ଖାଇବା ଉପରେ ସଚେତନତା ସୃଷ୍ଟି କରାଯାଇଛି। ରୋଟାରି କ୍ଲବ ପକ୍ଷରୁ ନବ ନିର୍ମିତ ପାଣି ଟ୍ୟାପ୍‌କୁ ରୋଟାରି ଜିଲା ଗଭର୍ନର ଭବାନୀ ପ୍ରସାଦ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ଜାରକା ରୋଟାରି କ୍ଲବ ସଭାପତି ପ୍ରଦୀପ୍ତ କୁମର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଭଞ୍ଜନା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ରୋଟାରିଆନ ତଥା ପୂର୍ବତନ ସିଡିଏମ୍‌ଓ ବିଜୟ କୁମାର ଶତପଥୀ ଅତିଥିଭାବେ ଯୋଗଦେଇଥିଲେ। ଜିଲା ଗଭର୍ନର ଚୌଧୁରୀ ରୋଟାରି କ୍ଲବ ପକ୍ଷରୁ ଧର୍ମଶାଳା -କବାଟବନ୍ଧ ରାସ୍ତାରେ ହୋଇଥିବା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ। ପ୍ରମୋଦ ସାମଲ, ନିରଞ୍ଜନ ପାଣିଗ୍ରାହୀ, କଳାକର ମହାନ୍ତିଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ବିନୋଦ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରେନ ଧକ୍କାରେ ହାତୀ ମୃତ

**କେନ୍ଦୁଝର, ୨୧।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସଦର ରେଂଜ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ନିକଟରେ ବୁଧବାର ରାତି ପ୍ରାୟ ୧୦ ଟାରେ ମାଲଗାଡି ଧକ୍କାରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ହାତୀର ବୟସ ପାଖାପାଖି ୧୦ ବର୍ଷ ହେବ ବୋଲି କୁହାଯାଉଛି । ହାତୀଟି ରେଲଲାଇନ ପାର ହେଉଥିବା ବେଳେ ହରିଚନ୍ଦନପୁର ଆଡୁ କେନ୍ଦୁଝର ଆସୁଥିବା ଏକ ମାଲବାହୀ ଟ୍ରେନ୍‌ଟି ଧକ୍କା ଦେଇଥିଲା। ହାତୀଟି ପାଖାପାଖି ୫୦ଫୁଟ ଘୋଷାରୀ ହୋଇଯାଇଥିଲା। ମାଲବାହୀ ଟ୍ରେନଟି ଅଟକି ରହିଥିବା ଜଣାପଡିଛି । ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।


**ଖୋର୍ଦ୍ଧା ରୋଡ଼ ମଣ୍ଡଳର ବ୍ରହ୍ମପୁର ନିକଟସ୍ଥ ଜଗନ୍ନାଥପୁର ଠାରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଦୃଷ୍ଟିରୁ ଟ୍ରେନ ଚଳାଚଳ ବାତିଲ୍/ଆଂଶିକ ବାତିଲ୍ କରାଯିବ**

ଟ୍ରେନ୍ ସେବା ବାତିଲ୍

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ଷ୍ଟେସନ ଠାରୁ | ଛାଡିବା ତାରିଖ |
|---|---|---|---|
| 58419 | ଭୁବନେଶ୍ୱର-ପଲାସା ପାସେଞ୍ଜର | ଭୁବନେଶ୍ୱର | 22.11.2018 ଠାରୁ 25.11.2018 |
| 58420 | ପଲାସା-ଭୁବନେଶ୍ୱର ପାସେଞ୍ଜର | ପଲାସା | |

ତା.22.11.2018 ରୁ 25.11.2018 ରିଖ ପର୍ଯ୍ୟନ୍ତ ଟ୍ରେନ୍ ସେବା ଆଂଶିକ ବାତିଲ୍

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ଷ୍ଟେସନ ଠାରୁ | ଷ୍ଟେସନ ମଧ୍ୟରେ ବାତିଲ୍ |
|---|---|---|---|
| 58418 | ଗୁଣୁପୁର- ପୁରୀ ପାସେଞ୍ଜର | ଗୁଣୁପୁର | ପୁରୀ-ବ୍ରହ୍ମପୁର ମଧ୍ୟରେ ଉଭୟ ଦିଗରୁ ବାତିଲ୍ ହେବ |
| 58417 | ପୁରୀ-ଗୁଣୁପୁର ପାସେଞ୍ଜର | ପୁରୀ | |
| 58411 | ଭୁବନେଶ୍ୱର-ବ୍ରହ୍ମପୁର ପାସେଞ୍ଜର | ଭୁବନେଶ୍ୱର | ଖଲ୍ଲୀକୋଟ-ବ୍ରହ୍ମପୁର ମଧ୍ୟରେ ଉଭୟ ଦିଗରୁ ବାତିଲ୍ ହେବ |
| 58412 | ବ୍ରହ୍ମପୁର-ଭୁବନେଶ୍ୱର ପାସେଞ୍ଜର | ବ୍ରହ୍ମପୁର | |



ପୂର୍ବ ତଟ ରେଳପଥ
PR-390/J/18-19



ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍
ଭାରତ ସରକାର

ପିଏନ୍‌ଜିଆର୍‌ବି



"...ପ୍ରାକୃତିକ ଗ୍ୟାସ୍ ପରବର୍ତ୍ତୀ ପିଢ଼ିର ଜୀବାଶ୍ମ ଇନ୍ଧନ। ଏହା ସସ୍ତା ଏବଂ କମ୍ ପ୍ରଦୂଷଣକାରୀ । ଆମେ ଗ୍ୟାସ୍ ଆଧାରିତ ଅର୍ଥନୀତି ଆଡ଼କୁ ଅଗ୍ରସର ହେବାକୁ ପ୍ରାଥମିକତା ଦେଉଛୁ..."

**ସ୍ୱଚ୍ଛ ଇନ୍ଧନ**

ଅଭିମୁଖେ ଭାରତର ପ୍ରତିବଦ୍ଧତାରେ ଏକ ଐତିହାସିକ ମୁହୂର୍ତ୍ତ

ଭିତ୍ତି ପ୍ରସ୍ତର ସ୍ଥାପନ

**ସହରି ଗ୍ୟାସ୍ ବିତରଣ ପ୍ରକଳ୍ପ (ସିଜିଡି)**

ନବମ ସହରି ଗ୍ୟାସ୍ ବିତରଣ ନିଲାମ-ପ୍ରକ୍ରିୟା ପର୍ଯ୍ୟାୟ ଅଧୀନରେ ୬୫ଟି ଭୌଗୋଳିକ କ୍ଷେତ୍ର ଅନ୍ତର୍ଗତ ୧୨୯ ଟି ଜିଲାରେ

ଏବଂ

ଶୁଭାରମ୍ଭ

**ଦଶମ ସିଜିଡି ନିଲାମ-ପ୍ରକ୍ରିୟା ପର୍ଯ୍ୟାୟ**

୫୦ଟି ଭୌଗୋଳିକ କ୍ଷେତ୍ର ଅନ୍ତର୍ଗତ ୧୨୪ଟି ଜିଲା ନିମନ୍ତେ

ସିଏନ୍‌ଜିର ସୁବିଧା
- ଶସ୍ତା ଇନ୍ଧନ
- ପରିବେଶ ଅନୁକୂଳ ଏବଂ ସ୍ୱଚ୍ଛ ଇନ୍ଧନ
- ଧୂଆଁ ହୀନ ଏବଂ ବାସ୍ତବରେ ଆଦୌ ଅଙ୍ଗାର ନିଷ୍କୃତ
- କମ୍ ଅଙ୍ଗାର ଉପାଦାନ, ବାହନ ରକ୍ଷଣାବେକ୍ଷଣ ବାବଦରେ କମ୍ ଖର୍ଚ୍ଚ

ପିଏନ୍‌ଜିର ସୁବିଧା
- ସମ୍ପୂର୍ଣ୍ଣ ସୁରକ୍ଷିତ
- ଅତ୍ୟନ୍ତ ସୁବିଧାଜନକ
- ସ୍ୱଚ୍ଛ ପରିବେଶ
- ନିରବଚ୍ଛିନ୍ନ ଯୋଗାଣ
- ବ୍ୟବହାର ପରେ ଭୁଗତାନ

ଓଡ଼ିଶାରେ ସିଜିଡି ମ୍ୟାପ୍, ୨୦୧୮



ନମୁନା
ଅଷ୍ଟମ ପର୍ଯ୍ୟାୟ ପର୍ଯ୍ୟନ୍ତ ବିଦ୍ୟମାନ
ନବମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ

**ନରେନ୍ଦ୍ର ମୋଦି**
ପ୍ରଧାନମନ୍ତ୍ରୀଙ୍କ
କରକମଳରେ

ଗରିମାମୟ ଉପସ୍ଥିତି

ଡ. ହର୍ଷ ବର୍ଦ୍ଧନ
କେନ୍ଦ୍ରମନ୍ତ୍ରୀ
ବିଜ୍ଞାନ ଓ ଶିଳ୍ପ ବିଜ୍ଞାନ, ଭୂବିଜ୍ଞାନ ଏବଂ ପର୍ଯ୍ୟାବରଣ ବନ ଓ ଜଳବାୟୁ ପରିବର୍ତ୍ତନ

ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ରମନ୍ତ୍ରୀ
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ତଥା ଦକ୍ଷତା ବିକାଶ ଓ ଉଦ୍ୟମିତା

ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଏବଂ ନବମ ସହରି ଗ୍ୟାସ୍ ବିତରଣ ନିଲାମ-ପ୍ରକ୍ରିୟା ପର୍ଯ୍ୟାୟର ପ୍ରତିବଦ୍ଧ କାର୍ଯ୍ୟ ପାଇଁ ଓଡ଼ିଶାରେ କାର୍ଯ୍ୟକ୍ରମ

| ଭୌଗୋଳିକ କ୍ଷେତ୍ରର ନାମ | ସ୍ୱୀକୃତିପ୍ରାପ୍ତ ସଂସ୍ଥାର ନାମ | ପିଏନ୍‌ଜି ସଂଯୋଗ (ଆନୁମାନିକ) | ସିଏନ୍‌ଜି ଷ୍ଟେସନ | ଇସ୍ପାତ ପାଇପଲାଇନ (ଇଞ୍ଚ-କିମି) |
|---|---|---|---|---|
| ଅନୁଗୋଳ ଏବଂ ଢେଙ୍କାନାଳ ଜିଲା | ଭାରତ ଗ୍ୟାସ୍ ରିସୋର୍ସ ଲିମିଟେଡ | ୨୨,୬୦୦ | ୨୧ | ୧,୪୬୪ |
| ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲା | ଗେଲ୍ ଗ୍ୟାସ୍ ଲିମିଟେଡ୍ | ୧,୦୦,୦୦୦ | ୨୦ | ୫୦୦ |
| ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ଜିଲା | ଆଦାନି ଗ୍ୟାସ୍ ଲିମିଟେଡ୍ | ୧,୫୦,୪୦୦ | ୨୦ | ୫୦୬ |
| ବରଗଡ଼, ଦେବଗଡ଼ ଏବଂ ସମ୍ବଲପୁର ଜିଲା | ଭାରତ ଗ୍ୟାସ୍ ରିସୋର୍ସ ଲିମିଟେଡ୍ | ୧୩,୯୧୦ | ୧୧ | ୬୫୦ |
| ଗଞ୍ଜାମ, ନୟାଗଡ଼ ଏବଂ ପୁରୀ ଜିଲା | ଗେଲ୍ ଗ୍ୟାସ୍ ଲିମିଟେଡ୍ | ୫୧,୦୦୦ | ୧୫ | ୬୫୦ |
| ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲା | ଭାରତ ଗ୍ୟାସ ରିସୋର୍ସ ଲିମିଟେଡ୍ | ୧୨,୫୫୦ | ୧୦ | ୭୯୧ |
| ଯାଜପୁର ଏବଂ କେନ୍ଦୁଝର ଜିଲା | ଭାରତ ଗ୍ୟାସ୍ ରିସୋର୍ସ ଲିମିଟେଡ୍ | ୧୮,୨୦୦ | ୧୯ | ୨,୪୪୨ |

୨୨ ନଭେମ୍ବର ୨୦୧୮, ଅପରାହ୍ଣ ୪.୦୦ ଘଣ୍ଟା
ବିଜ୍ଞାନ ଭବନ, ନୂଆଦିଲ୍ଲୀ



## ସଂକ୍ଷେପରେ

### ମଣି ମଠଠାରେ ଫାଣ୍ଡି ପ୍ରତିଷ୍ଠା ଦାବି

**କେନ୍ଦ୍ରାପଡ଼ା ଅଫିସ୍, ୨୧।୧୧**
କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଗଙ୍ଗାରାମପୁର ପଞ୍ଚାୟତସ୍ଥିତ ମଣି ମଠଠାରେ ଏକ ନୂତନ ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବି ଉଠିଛି। ମଣିମଠ ନିକଟ ଡାକବଙ୍ଗଳାଠାରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଅଯୋଦ୍ଧାନାଥ ବିଶ୍ୱାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ୮ଟି ପଞ୍ଚାୟତର ଲୋକ ପ୍ରତିନିଧି ଓ ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ। ଫାଣ୍ଡି ପ୍ରତିଷ୍ଠା ଆବଶ୍ୟକତା ସମ୍ପର୍କରେ ଏଠାରେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ଗଙ୍ଗାରାମପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ତରାଇ କହିଥିଲେ, କେନ୍ଦ୍ରାପଡା ଜିଲାର ପୋଲିସ ବ୍ୟବସ୍ଥା ବହୁ ବର୍ଷ ଧରି ଅପରିବର୍ତ୍ତିତ ରହିଛି। ଜନସଂଖ୍ୟା ବୃଦ୍ଧି ସହିତ ବିଭିନ୍ନ ସ୍ଥାନରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ପଟ୍ଟାମୁଣ୍ଡାଇ ଓ ସଦର ଥାନା ମଣିମଠ ନିକଟରୁ ୧୮ କିଲୋମିଟର ଦୂରରେ ଥିବାରୁ ଏହାକୁ ଆୟତ୍ତ କରିବା ଅଧିକାଂଶ ସମୟରେ ସମ୍ଭବ ହେଉନି। ପ୍ରାୟ ଶତାଧିକ ଗ୍ରାମାଞ୍ଚଳ ଏହି ଦୁଇଟି ଥାନା ଅଧୀନରେ ଥିବା ବେଳେ ନିକଟରେ କୌଣସି ଫାଣ୍ଡି ନାହିଁ। ତେବେ ଏଠାରେ ଫାଣ୍ଡି ପ୍ରତିଷ୍ଠା ପାଇଁ ଏସ୍‌ପି, ଜିଲାପାଳ ଓ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସରପଞ୍ଚ ତରାଇ ବୁଧବାର ସୂଚନା ଦେଇଛନ୍ତି।

### ମୂର୍ଚ୍ଛନା ପକ୍ଷରୁ ସ୍ମୃତିଚାରଣ ସଭା

**ରାଜନଗର, ୨୧।୧୧ (ଡି.ଏନ୍.ଏ.):** ସର୍ବପୁରାତନ ସାଂସ୍କୃତିକ ପରିଷଦ ମୂର୍ଚ୍ଛନା ପକ୍ଷରୁ ଶିକ୍ଷାବିତ୍ ଦୁଃଶାସନ କବି ଏବଂ କଣ୍ଠଶିଳ୍ପୀ ଚିତ୍ତ ଜେନାଙ୍କ ବିୟୋଗରେ ଶୁକ୍ରବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ସ୍ମୃତି ସଭାରେ ଅଭିରାମ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାପାତ୍ର, କୃପାସିନ୍ଧୁ ସାମଲ, ରାମଚନ୍ଦ୍ର ବାରିକ, ରବୀନ୍ଦ୍ର ନାଥ ଶର୍ମା, ଅଭିରାମ ସାହୁ, ପ୍ରଫୁଲ୍ଲ ଦାସ, ରଙ୍ଗାଧର ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ କବି ଓ କଣ୍ଠଶିଳ୍ପୀ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

# ଯେନାସାହିରେ ପାନୀୟ ଜଳ ସଙ୍କଟ

**ପଟ୍ଟାମୁଣ୍ଡାଇ, ୨୧।୧୧ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଦାଣ୍ଡିସାହି ଗ୍ରାମର ଯେନା ସାହିରେ ବସବାସ କରୁଥିବା ୨୦ ପରିବାରର ୨୦୦ଲୋକଙ୍କ ପାଇଁ ପାନୀୟ ଜଳ ଯୋଗାଣ ପ୍ରହସନରେ ପରିଣତ ହୋଇଛି। ପେଣ୍ଠପାଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ପାନୀୟ ଜଳ ପ୍ରକଳ୍ପରୁ ଆବଶ୍ୟକ ପରିମାଣରେ ପିଇବା ପାଣି ଦାଣ୍ଡିସାହି ଗ୍ରାମର ଯେନା ସାହିରେ ପହଞ୍ଚୁନାହିଁ। ଫଳରେ ଲୋକେ ପିଇବା ପାଣି ନ ପାଇ ନାନା ହଇରାଣ ହରକତ ହେଉଛନ୍ତି। ଫଳରେ ପାଣି ପାଇଁ ଯେନା ସାହି ଲୋକେ ପ୍ରାୟ ୧କି.ମି. ଦୂର ଜୟହୀନ୍ଦ ହାଇସ୍କୁଲ ନିକଟରେ ଥିବା ନଳକୂପକୁ ପାଣି ଆଣିବାକୁ ଯାଉଛନ୍ତି। ଝିଅ ବୋହୂମାନେ ପ୍ରତିଦିନ ଗରା ବାଲ୍‌ଟି ଧରି ପାଣି ଆଣିବାକୁ ଯାଉଛନ୍ତି। ବିଡ଼ମ୍ବନାର ବିଷୟ ଯେନା ସାହିରେ ଏକ ଗଭୀର ନଳକୂପ ସ୍ଥାପନ କରିବା ପାଇଁ ଦୀର୍ଘ ୩ବର୍ଷ ହେଲା ସାହି ଲୋକମାନେ ଦାବି କରି ଆସୁଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏଥିସହ ସ୍ଥାନୀୟ ଲୋକ ପ୍ରତିନିଧି ମଧ୍ୟ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ତେବେ ସ୍ଥାନୀୟ ଲୋକଙ୍କ ପାନୀୟ ଜଳ ସମସ୍ୟାରେ ସୁଧାର ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗିରିଧାରୀ ଯେନା, ପୁରୁଷୋତ୍ତମ ଯେନା, ପ୍ରଫୁଲ୍ଲ ଯେନା, ନାରାୟଣ ଯେନା, ଭୀମ ଯେନା, ଅକ୍ଷୟ ଯେନା, ଗୟାଧର ଯେନା, ବାବାଜୀ ଯେନା, ରମେଶ ଯେନା ପ୍ରମୁଖ ଦାବି କରିଛନ୍ତି।

## କାର୍ତ୍ତିକେଶ୍ୱର ପୂଜା ପାଇଁ ପ୍ରସ୍ତୁତି ବୈଠକ

**ରାଜନଗର,୨୧।୧୧(ଡି.ଏନ.ଏ.)**

ରାଜନଗର ବ୍ଲକ ମୁଖଶାଳାରେ ଥିବା ଗୋସିଗାଁର ଶ୍ରୀ ଶ୍ରୀ ଗର୍ତ୍ତେଶ୍ୱର ଶୈବପୀଠରେ କାର୍ତ୍ତିକେଶ୍ୱର ପୂଜା ପାଇଁ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକେଶ୍ୱର କମିଟି ସଭାପତି ଶରତ କୁମାର ରାଉତଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ଏହି ବୈଠକରେ କ୍ଷୀରୋଦ କୁମାର ରାଉତ, ନିରଞ୍ଜନ ରାଉତ, ଅଜିତ୍ କୁମାର ରାଉତ, ରଞ୍ଜନ କୁମାର ପାଢୀ ପ୍ରମୁଖ ଯୋଗଦେଇ ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ଶେଷ କରିବା ପାଇଁ ଆଲୋଚନା କରିଥିଲେ। ଏହି ପୂଜା ୨୩ ରୁ ଆରମ୍ଭ ହୋଇ ୨୬ ତାରିଖ ଯାଏଁ ଚାଲିବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ମାନସ କୁମାର ନାୟକ, ସୁଧାଂଶୁ ରାଉତ, ବିଘ୍ନେଶ ନାୟକ, ଅମିୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନାକଚଣା ବୋଲି ଖଣ୍ଡେ**
**ତାକୁ ବୋହୂ ନାଉଥାଏ ଦଣ୍ଡେ**
**ତାକୁ ଶାଶୁ ନାଉଥାଏ ଦଣ୍ଡେ ।**

ସାଧାରଣତଃ ମହିଳାମାନେ ଅଳଙ୍କାର ପ୍ରିୟ। ଅଳଙ୍କାରରେ ନିଜକୁ ସଜେଇ ଅନ୍ୟ ଆଗରେ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଅଳଙ୍କାର ପ୍ରତି ବିଶେଷ ଦୁର୍ବଳତାଭାବ ରହିଥିବା ସ୍ଥଳେ ସାମାନ୍ୟ ନାକଚଣାକୁ ପିନ୍ଧିବା ନେଇ ଶାଶୁ ବୋହୂଙ୍କ ମଧ୍ୟରେ ଟଣାଓଟରା ଲାଗିରହିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନଈ ତଡ଼ର ଚାଷ**
**ଗାଁ ଶେଷର ବାସ**
**ବୁଢ଼ା କାଳର କାଶ ।**

ନଈ ବନ୍ଧ ତଳେ କରାଯାଉଥିବା ଚାଷ ଉପରେ ଭରସା ନ ଥାଏ। କାରଣ ନଈରେ ବନ୍ୟା ଆସିଲେ ଚାଷ ନଷ୍ଟ ହୋଇଯିବା ଆଶଙ୍କା ରହିଥାଏ। ଗାଁର ଶେଷ ମୁଣ୍ଡରେ ଘର କରି ରହୁଥିବା ଲୋକ ମନରେ ସଦାସର୍ବଦା ଚୋରି ଭୟ ରହିଥାଏ। ସେହିପରି ବୃଦ୍ଧାବସ୍ଥାରେ ହେଉଥିବା କାଶ ବେମାରୀ ସହଜରେ ଭଲ ହୋଇ ନ ଥାଏ। ତେଣୁ ଏପରି ଅବସ୍ଥା ମନ୍ଦ ସାବ୍ୟସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମହମ୍ମଦ ଜୟନ୍ତୀ ପାଳିତ



ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ବାହାରିଥିବା ଶୋଭାଯାତ୍ରା।

**ଡେରାବିଶ, ୨୧।୧୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକର ବିଭିନ୍ନ ସ୍ଥାନରେ ଇସ୍‌ଲାମ୍ ଧର୍ମ ପ୍ରବର୍ତ୍ତକ ହଜରତ ମହମ୍ମଦ୍‌ଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏଥିପାଇଁ ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଛଚିଣା ନୂଆହାଟ ମୁସଲିମ୍ ବସ୍ତିରୁ ଏକ ବିରାଟ ଜୁଲୁସ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରି ସ୍ଥାନୀୟ ମସ୍‌ଜିଦ ନିକଟରେ ପହଞ୍ଚିଥିଲା। ସେଠାରେ ହାପିଜ ସିରୁଜଦ୍ଦିନ ହବିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧର୍ମସଭାରେ ମୌଲାନା ମଲାରୁଦ୍ଦିନ୍ ହବିବ୍, ହାପିଜ ଲୋକମାନ ଅଲ୍ଲୀ, ହାପିଜ ଅସଲମ ରଜା, ମୌଲାନା ତାଜ ମହମ୍ମଦ୍ ଏବଂ ମୌଲାନା ଅବଦୁଲ ହପିଜ ଯୋଗଦେଇ ମହମ୍ମଦ୍‌ଙ୍କ ଆଦର୍ଶକୁ ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଗୋଲରାହାଟ ପଞ୍ଚାୟତସ୍ଥିତ ଡେରାବିଶ ମୁସ୍‌ଲିମ ବସ୍ତିରେ ସକାଳ ନମାଜ ପରେ କୁରୁଆନ ପାଠ କରାଯାଇଥିଲା। ସକାଳ ୯ଟାରେ ବସ୍ତିର ଦୁଇ ମସ୍‌ଜିଦ୍ ନିକଟରୁ ଜୁଲୁସ୍ ବାହାରି ବିଭିନ୍ନ ଗାଁ ପରିକ୍ରମା କରି ପୀର ସୟଦ ଜମାଲ ସାହା ବାବାଙ୍କ ପୀଠରେ ଶେଷ ହୋଇଥିଲା। ପରେ ସମବେତ ପ୍ରାର୍ଥନା କରାଯାଇଥିଲା। ସେହିପରି ଓଲଢି, ସବଲଙ୍ଗ କଣିପଡ଼ା, ମନ୍ତ୍ରୀପଡ଼ା, ହଳଦିଆ, ମୋଗଲବାଗ, ମିର୍ଜାପାଟଣା ପ୍ରଭୃତି ମୁସଲମାନ ବସ୍ତିରେ ଏହି ପର୍ବ ପାଳିତ ହୋଇଯାଇଛି। ବରିଷ୍ଠ ବିଜେଡି ନେତା ରବି ସାମଲ, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ବରିଷ୍ଠ କଂଗ୍ରେସ ନେତା ଜୟନ୍ତୀ ମହାନ୍ତିଙ୍କ ସମେତ ବହୁ ରାଜନେତା ମୁସଲମାନ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ସୁସ୍ଥ, ନୀରୋଗ ପାଇଁ ଶୌଚାଳୟ ନିର୍ମାଣ ଜରୁରୀ

**କେନ୍ଦ୍ରାପଡା ଅଫିସ, ୨୧।୧୧**

କେନ୍ଦ୍ରାପଡା ବ୍ଲକ କଳପଡାରେ ଜିଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ ସୋମବାର ପାଳିତ ହୋଇଯାଇଛି । ଜିଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା, ଜିଲାପାଳ ଦାଶରଥି ଶତପଥୀ, ପିଡି ଦିଲୀପ କୁମାର ପରିଡା, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ବିଡିଓ ଚନ୍ଦ୍ରକାନ୍ତ ମଲ୍ଲିକ, ଜିଲାପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ, ସମିତିସଭ୍ୟା ମାନିନୀ ମଲ୍ଲିକ ଓ ସରପଞ୍ଚ ନିତ୍ୟାନନ୍ଦ ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଶୌଚାଳୟ ନିର୍ମାଣରେ ସଫଳତା ହାସଲ କରିଥିବା ଗରଦପୁର, କେନ୍ଦ୍ରାପଡା ଓ ଆଳି ବ୍ଲକ ପ୍ରଶାସନକୁ ପୁରସ୍କୃତ କରାଯାଇଥିଲା । ସେହିପରି ନବେ ପ୍ରତିଶତ ଶୌଚାଳୟ ନିର୍ମାଣ ସରିଥିବା କେନ୍ଦ୍ରାପଡା ବ୍ଲକର କଳପଡା ଓ ଗରଦପୁର ବ୍ଲକର କଳାବୁଦା ସରପଞ୍ଚଙ୍କୁ ସମ୍ମାନିତ କରାଯାଇଥିଲା ।

# ବିଶ୍ୱ ଶୌଚାଳୟ ଦିବସ ପାଳିତ

**ରାଜନଗର,୨୧।୧୧ (ଡିଏନଏ)**



କେରଡାଗଡଠାରେ ଅନୁଷ୍ଠିତ ସଭା।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମ ଉତ୍‌ଥାନ ପକ୍ଷରୁ କେରଡାଗଡଠାରେ ସୋମବାର ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ସଂଗଠନ ପକ୍ଷରୁ ଶୌଚାଳୟ ବ୍ୟବହାର ପାଇଁ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ଜଳଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଅସିତ କୁମାର ସୁନ୍ଦରାୟ, ସରପଞ୍ଚ ପ୍ରଭାତି ନାୟକ, ପ୍ରଦୀପ ନାୟକ, ସତ୍ୟ ରଞ୍ଜନ ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନିଗମ ମଲିକ, ଧନେଶ୍ୱର ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ମା'ଜଞ୍ଜାଳିଦେବୀ କୀର୍ତ୍ତନମଣ୍ଡଳୀର ଶ୍ରୀକ୍ଷେତ୍ର ଯାତ୍ରା

**ରାଜକନିକା, ୨୧।୧୧ (ଡି.ଏନ୍.ଏ)**

ରାଜକନିକା ବ୍ଲକ ଅନ୍ତର୍ଗତ ଅବଦୁଲପୁର ମା'ଜଞ୍ଜାଳିଦେବୀ କୀର୍ତ୍ତନମଣ୍ଡଳୀ ଶ୍ରୀକ୍ଷେତ୍ର ଯାତ୍ରା ଇତିମଧ୍ୟରେ ଶେଷ ହୋଇଛି । ମଣ୍ଡଳୀର ସଦସ୍ୟମାନେ ସୋମବାର ରାତିରେ ଜଞ୍ଜାଳିଦେବୀଙ୍କ ପୀଠରୁ କୀର୍ତ୍ତନ ଆରମ୍ଭ କରି ଗ୍ରାମ ପରିକ୍ରମା କରି ପୁରୀ ଅଭିମୁଖେ ବାହାରିଥିଲେ। ସେମାନେ ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ସହ ଲିଙ୍ଗରାଜ ମହାପ୍ରଭୁ, ଛତିଆର ଜଗନ୍ନାଥ ମହାପ୍ରଭୁ ଓ ବିରଜାଦେବୀଙ୍କୁ ଦର୍ଶନ କରିଥିଲେ। କୀର୍ତ୍ତନ ଦଳର ମୁଖ୍ୟ ଚକ୍ରଧର ପାଣ୍ଡବଙ୍କ ନେତୃତ୍ୱରେ ଦଳରେ ଅର୍ଜୁନୀ ଚରଣ ଦାସ, ଘନଶ୍ୟାମ ଦାସ,ଚିନ୍ତାମଣି ସାହୁ, ଜ୍ଞାନେନ୍ଦ୍ର ଦାଶ, ନକୁଳି ଚରଣ ସାହୁ ଓ ଅରୁଣ କୁମାର ଦାସ ପ୍ରମୁଖ ସାମିଲ ହୋଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

SMS JOB
SEND SMS, EARN MONEY
TELECOM - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
08013841721
08013848031

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ

ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

(ବିଶେଷ ଋଣ ଅଫର୍)
KUBER FINANCE
ତରଫରୁ ପି.ଏମ୍. ଜନଧନ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ ଇତ୍ୟାଦି 50000ରୁ 1 କୋଟି ପର୍ଯ୍ୟନ୍ତ ପାଆନ୍ତୁ । 1% ସୁଧ 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
Call Now:
8295564405
7496890187

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| MORE SPACE • SAME PRICE | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
6283338517
6283327687
H.No.-258, VPO Duhai, Ghaziabad, (U.P.) 201203

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCIAL SERVICES
(Govt. Registered)
(Registration No.- U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୨ରୁ ୩ ଦିନରେ ପାଆନ୍ତୁ
Call Now
8859690149
7830746256
T-51, Gali No.-8, Gautampuri, Delhi-110053

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଅଗରୱାଲ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000- 50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625285496
Add : - 41/14, Sec-1 Pushp Vihar, Delhi

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ, ବ୍ୟବସାୟ,ଇଟାଭାଟି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍‌ସିଡି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers:
7409203163

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ରାସୋତ୍ସବ, ମୁରୁଜ ପ୍ରତିଯୋଗିତା



ବାଲିକୁଦା,୨୧।୧୧(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଅଧୀନ ମାଛଗାଁ ପଞ୍ଚାୟତର ସୁକିଦା ଗ୍ରାମରେ ୪୨ତମ ରାସୋତ୍ସବ ପାଳିତ ହେଉଛି। ପେଣ୍ଠାଗନ ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ ଅବସରରେ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଗାଁର ମହିଳା ଓ ଯୁବତୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦୈନିକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ମଧ ପରିବେଷଣ କରାଯାଉଛି। ବାବୁଲାଲ ବାରିକ, କୁମର ବାରିକ, ରାଜେନ୍ଦ୍ର ବାରିକ, ବାବୁଲି ବାରିକ, ମୃତ୍ୟୁଞ୍ଜୟ ସ୍ୱାଇଁ ପ୍ରମୁଖ ଉତ୍ସବ ପରିଚାଳନା କରୁଛନ୍ତି। ସେହିପରି ବାଲିକୁଦାର ପ୍ରତ୍ୟେକ ଗାଁ ଗହଳିରେ ପଞ୍ଚୁକ ବ୍ରତ ଓ ରାସୋତ୍ସବ ପାଳିତ ହେଉଛି। ସନ୍ଧ୍ୟାରେ ଗାଁ ଗୁଡିକ ଉତ୍ସବ ମୁଖର ହୋଇ ଉଠୁଛି। ମଠ ମନ୍ଦିର ଆଦିରେ ରାଧା କୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ରାସ୍ତା ଘାଟରେ କୁନି କୁନି ପିଲା ରାଧାକୃଷ୍ଣ, ନନ୍ଦ ଯଶୋଦା ବେଶରେ ସଜେଇ ହୋଇ ନୃତ୍ୟ ପରିବେଶଣ କରୁଛନ୍ତି।

### ହାଜିପୁର ମଣ୍ଡଳ ଭାଜପାର ମିଶ୍ରଣ ପର୍ବ

ବାଲିଆ,୨୧।୧୧: ବିରିଡ଼ି ବ୍ଲକ ହାଜିପୁର ମଣ୍ଡଳ ଭାଜପା ପକ୍ଷରୁ ଉତ୍ତରଶାସନ ପଞ୍ଚାୟତର ୨ ୱାର୍ଡରେ ମଙ୍ଗଳବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଭାଜପା ନେତା ହରିହର ବେହେରାଙ୍କ ନେତୃତ୍ୱରେ ୫୪ ମହିଳା ଓ ପୁରୁଷ ଅନ୍ୟ ଦଳ ଛାଡି ଭାଜପାରେ ସାମିଲ ହୋଇଥିଲେ। ବିରିଡ଼ି ପଞ୍ଚାୟତ ସମିତି ଉପାଧକ୍ଷା ଗୀତାଞ୍ଜଳି ସାହୁ, ଜିଲା କୃଷକ ମୋର୍ଚ୍ଚା ଉପସଭାପତି ବୈଷ୍ଣବ ଜେନା, ହାଜିପୁର ମଣ୍ଡଳ ସାଧାରଣ ସମ୍ପାଦକ ବିଭୂପ୍ରସାଦ ଦାସ, କୃଷକ ମୋର୍ଚ୍ଚା ସଭାପତି ସୁଦର୍ଶନ ପଣ୍ଡା, ଉତ୍ତରଶାସନ ପଞ୍ଚାୟତ ପ୍ରମୁଖ ସୁକଦେବ ରଥ, ଯୁବନେତା ସାନ୍ତନୁ ଭୋଇ ଓ ବାଦଲ ଭୋଇଙ୍କ ସଂଚାଳନାରେ ସମ୍ପୃକ୍ତ ଲୋକମାନେ ଭାଜପାରେ ମିଶିଥିଲେ।

### ଚେଲିତୋଳ ବାଲିଯାତ୍ରା ପ୍ରସ୍ତୁତି ଚୂଡ଼ାନ୍ତ

ତିର୍ତ୍ତୋଲ,୨୧।୧୧(ଡି.ଏନ.ଏ.): ତିର୍ତ୍ତୋଲ ଗୋପିଆକୁଦ ମହାନଦୀ ବେଳାଭୂମିରେ କାର୍ତ୍ତିକ ପୂର୍ଣ୍ଣମୀଠାରୁ ଆରମ୍ଭ ହେଉଥିବା ଚେଲିତୋଳ ବାଲିଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ତିର୍ତ୍ତୋଲ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମହୋତ୍ସବକୁ ଚଳିତ ବର୍ଷ ଅଧିକ ଆକର୍ଷଣୀୟ କରିବା ପାଇଁ ଉଦ୍ୟମ ହେଉଛି। ବିଭିନ୍ନ ତୋରଣ, ଷ୍ଟଲ ଆଦି ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ୨୦୦ରୁ ଉର୍ଦ୍ଧ୍ୱ ଷ୍ଟଲ କରାଯାଇଛି। ଛୋଟ ଛୋଟ ପିଲାମାନଙ୍କ ପାଇଁ ବିଭିନ୍ନ ରକମର ଦୋଳି ଲଗାଯାଇଛି। ଏହି ଉପଲକ୍ଷେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହେବ। ଏଥିସହିତ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ପ୍ରତିଭାଧାରୀ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ।

## ■ ଆଜିଠାରୁ କଳିଙ୍ଗ ବାଲିଯାତ୍ରା

# ଉଦ୍‌ଘାଟନୀ ଉତ୍ସବକୁ ଆସିବେନି ମୁଖ୍ୟମନ୍ତ୍ରୀ




■ସମ୍ମାନିତ ଅତିଥି ହେବେ ଦାମ

■ ୫୦୦ରୁ ଅଧିକ ଷ୍ଟଲ ନିର୍ମାଣ ସରିଛି

ପାରାଦୀପ,୨୧।୧୧(ସ୍ୱ.ପ୍ର.)

ପାରାଦୀପ ବତିଘର ନିକଟସ୍ଥ ବେଳାଭୂମିରେ ଗୁରୁବାରଠାରୁ ଆରମ୍ଭ ହେବ କଳିଙ୍ଗ ବାଲିଯାତ୍ରା ମହୋତ୍ସବ। ଏଥିପାଇଁ ବୁଧବାର ସନ୍ଧ୍ୟା ସୁଦ୍ଧା ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ମହୋତ୍ସବ ୭ ଦିନ ଧରି ଚାଲିବ। ତେବେ ଏହି ବାଲିଯାତ୍ରାର ଉଦ୍‌ଘାଟନୀ ଉତ୍ସବକୁ ନେଇ ଆୟୋଜକ ଜିଲା ପ୍ରଶାସନ ତଥା କଳିଙ୍ଗ ବାଲିଯାତ୍ରା କମିଟି ମଧରେ ଉତ୍କଣ୍ଠା ପ୍ରକାଶ ପାଇଛି। କାରଣ ବିଜେଡିରୁ ବହିଷ୍କୃତ ନେତା ତଥା ପାରାଦୀପ ବିଧାୟକ ଡା. ଦାମୋଦର ରାଉତ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେବେ। ଦାମ ଏବେ ସରକାର ଓ ବିଜେଡି ନେତାଙ୍କ ପାଇଁ ଅଲୋଡା। କିନ୍ତୁ ବାଲିଯାତ୍ରା କମିଟିରେ ଜଗତ୍‌ସିଂହପୁର ଜିଲାର ୪ ବିଧାୟକ ଓ ଏମ୍‌ପି ସ୍ଥାୟୀ ସଦସ୍ୟ ଥିବାରୁ ସେମାନଙ୍କୁ ଉଦ୍‌ଘାଟନୀ ଏବଂ ଉଦ୍‌ଯାପନୀ ସଭାରେ ସମ୍ମାନିତ ଅତିଥିଭାବେ ଯୋଗଦେବା ବିଧେୟ। ଏହି କ୍ରମରେ ସମସ୍ତ ବିଧାୟକ ଓ ଏମ୍‌ପିଙ୍କୁ ଉଦ୍‌ଘାଟନୀ ଉତ୍ସବକୁ ଡକାଯାଇଛି। ଏଥିରେ ବିଧାୟକ ଡା. ରାଉତ ଯୋଗଦେବେ ବୋଲି ସମ୍ମତିପତ୍ର ଦେଇଛନ୍ତି। ବାଲିଯାତ୍ରାକୁ ଉଦ୍‌ଘାଟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସିବାର ଥିଲା। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଆସିବେ ନାହିଁ ବୋଲି ସ୍ପଷ୍ଟ ହୋଇଛି। ବାଲିଯାତ୍ରାକୁ ଉଦ୍‌ଘାଟନ କରିବା ପାଇଁ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଆସିବେ ବୋଲି ନିମନ୍ତ୍ରଣପତ୍ରରେ ଦର୍ଶାଯାଇଛି। ଏହାବ୍ୟତୀତ ଏମ୍‌ପି କୁଳମଣି ସାମଲ, ବିଧାୟକ ପ୍ରଶାନ୍ତ ମୁଦୁଲି, ଦାମ ରାଉତ, ରାଜଶ୍ରୀ ମଲିକ, ଚିରଞ୍ଜୀବ ବିଶ୍ୱାଳ, ଜିଲା ପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ବନ୍ଦର ଅଧକ୍ଷ ରିଙ୍କେଶ ରାୟ, ଏସ୍‌ପି ପ୍ରକାଶ ଆର, ଏଡିଏମ୍ କାହ୍ନୁଚରଣ ଧୀର ସମ୍ମାନିତ ଅତିଥି ଭାବେ ଯୋଗଦେବେ। ଜିଲାପାଳ ଯାମିନୀ ଷଡଙ୍ଗୀ ଅଧକ୍ଷତା କରିବେ ବୋଲି ସ୍ଥିର ହୋଇଛି। ଦାମ ଯେତେବେଳେ ସୁଯୋଗ ପାଉଛନ୍ତି ସେତେବେଳେ ଶାସକ ଦଳର ନେତା ଓ ପ୍ରଶାସକଙ୍କୁ କଟାକ୍ଷ କରି ଟିପ୍ପଣୀ ଦେଉଛନ୍ତି। ବାଲିଯାତ୍ରା ଭଳି ମଞ୍ଚରେ ଉଭୟ ଶାସକ-ପ୍ରଶାସକ ରହିବେ। ସେତେବେଳେ ଦାମ କିପରି ବକ୍ତବ୍ୟ ରଖିବେ ସେ ନେଇ ନାନା କଳ୍ପନା ଜଳ୍ପନା ସୃଷ୍ଟି ହୋଇଛି। ଗତ ସପ୍ତାହ ମଧରେ ବିଜେଡିର ତୁଙ୍ଗ ନେତାମାନେ ପାରାଦୀପ, କୁଜଙ୍ଗ, ଭୂତମୁଣ୍ଡାଇ ଅଞ୍ଚଳରେ ପଦଯାତ୍ରା କରିଛନ୍ତି। ସେହି ପଦଯାତ୍ରା ସମାବେଶରେ ବିଜେଡି ନେତାମାନେ ବିରୋଧୀ ଦଳ ଅପେକ୍ଷା ଦାମଙ୍କ ସମ୍ପର୍କରେ ଅଧିକ ମତ ରଖିଥିଲେ। ସେହିସବୁ ବୈଠକର ଜବାବ ଦାମ ବାଲିଯାତ୍ରାରେ ଦେବେ ବୋଲି ଆଶଙ୍କା କରାଯାଉଛି। ଚଳିତ ବାଲିଯାତ୍ରାରେ ନନ୍ଦିଘୋଷ ରଥର ଚକକୁ ସ୍ୱତନ୍ତ୍ର ଭାବେ ରଖାଯିବ। ଏଥିସହ ହକି ବିଶ୍ୱକପ୍ ମାସ୍କଟ ରହିବ। ଉଦ୍‌ଘାଟନୀ-ଉଦ୍‌ଯାପନୀ ବ୍ୟତିରେକ ଅନ୍ୟ ଦିନରେ କୌଣସି ନେତାଙ୍କ ଭାଷଣ କାର୍ଯ୍ୟକ୍ରମ ରହିବ ନାହିଁ। କେବଳ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୫୦୦ରୁ ଅଧିକ ଷ୍ଟଲ ନିର୍ମାଣ ସରିଛି। ଏଥିସହ ପଲ୍ଲିଶ୍ରୀ ମେଳା, ଜିଲା ଶିଳ୍ପ କେନ୍ଦ୍ର, ମିନାବଜାର ଆଦି ସ୍ୱତନ୍ତ୍ର ଷ୍ଟଲ ରହିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପାଇଁ ୨୫ଟି ଷ୍ଟଲ ସଂରକ୍ଷିତ ରଖାଯାଇଛି।



ଷୋଡ଼ଶ ଉପଚାର ପୂଜାରେ ଯୋଗଦେଇଥିବା ଅତିଥି।

## ମା'ଶାରଳାଙ୍କ ଷୋଡ଼ଶ ଉପଚାର ପୂଜା

ନାଉଗାଁ,୨୧।୧୧(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅଧୀନ ଗଙ୍ଗଦାହାଟରେ ମା'ଶାରଳା ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ମା'ଶାରଳାଙ୍କ ଷୋଡ଼ଶ ଉପଚାର ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ଡା. ବିଚିତ୍ର କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଦାସ, ମୁଖ୍ୟବକ୍ତା ବାଲିକୁଦା ପୂଜ୍ୟପୂଜା ସଂସଦ ସମ୍ପାଦକ ଅରୁଣ କୁମାର ମହାନ୍ତି, ସମ୍ମାନିତ ଅତିଥି ମିନତୀ ଦାସ, ଯୁବନେତା ଅମରେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ନାଉଗାଁ ବ୍ଲକର ଗୌରବମୟ ପରମ୍ପରାକୁ ବର୍ଣ୍ଣନା କରିବା ସହ ମାତୃଶକ୍ତି ପୂଜାର ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପରିଷଦ ଯୁଗ୍ମ ସମ୍ପାଦକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବେଳେ ସମ୍ପାଦକ ନିରଞ୍ଜନ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରତିଭା ପୂଜା କାର୍ଯ୍ୟକ୍ରମରେ କୃତୀ ଶିକ୍ଷକ ପ୍ରମୋଦ କୁମାର ମହାନ୍ତିଙ୍କୁ ଶାରଳା ସେବାଶ୍ରୀ, ବାସୁଦେବ ନୃତ୍ୟକଳା ଏକାଡେମୀର ନୃତ୍ୟଗୁରୁ ବାସୁଦେବ ପର୍ବତଙ୍କୁ ମାଶାରଳା କଳାଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍ସବକୁ ପରିଷଦ କର୍ମକର୍ତ୍ତା ଧରଣୀଧର ଜେନା, ଲକ୍ଷ୍ମୀଧର ସେନାପତି, ଦୁର୍ଯ୍ୟୋଧନ ଜେନା, ମହାଦେବ ସାହୁ, ଉଲ୍ଲାସ ଚନ୍ଦ୍ର ସ୍ୱାଇଁ, ସମୀର କୁମାର ଲେଙ୍କା, ସରୋଜ ସାହୁ, ରାମଚନ୍ଦ୍ର ଓଝା, ବିଷ୍ଣୁ ଚରଣ ଜେନା, ଧୀରେଶ ସ୍ୱାଇଁ, ତୁକା ପୁହାଣ ପ୍ରମୁଖ ପରିଚାଳନା କରିଥିଲେ। କାର୍ତ୍ତିକ ପୂର୍ଣ୍ଣିମା ଦିନ ଏକ ସବୁଜ ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ପରିଷଦ କର୍ମକର୍ତ୍ତା ସୂଚନା ଦେଇଛନ୍ତି।

## ହଜରତ ମହମ୍ମଦଙ୍କ ଜନ୍ମୋତ୍ସବ



ମହମ୍ମଦଙ୍କ ଜୟନ୍ତୀରେ ପାରାଦୀପ ଜାମା ମସଜିଦ୍ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ରଘୁନାଥପୁର, ୨୧।୧୧( ଡି.ଏନ.ଏ.)

ରଘୁନାଥପୁର ବ୍ଲକ ତରିକୁନ୍ଦଠାରେ ମହାପୁରୁଷ ହଜରତ ମହମ୍ମଦଙ୍କ ଜନ୍ମୋତ୍ସବ ବୁଧବାର ପାଳିତ ହୋଇଯାଇଛି। ତରିକୁନ୍ଦ ମଦ୍ରାସା ଓ ଇଦ୍‌ଗାହା ପଡିଆରେ ଅନୁଷ୍ଠିତ ଉତ୍ସବରେ ଜଗତ୍‌ସିଂହପୁର ଥାନା ଆଇଆଇସି ରଜନୀକାନ୍ତ ମିଶ୍ର, ସରପଞ୍ଚ ପୁଷ୍ପଲତା ଦାସ, ଅଭିମନ୍ୟୁ ନାୟକ, ବିଜୟ ସ୍ୱାଇଁ, ପ୍ରମୋଦ ଜେନା, ସାମାଜିକ କର୍ମୀ ଅଜୟ ବେହେରା ପ୍ରମୁଖ ଯୋଗଦେଇ ମହମ୍ମଦଙ୍କ ଜୀବନ ଦର୍ଶନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କଲିମ୍ ଉଦ୍ଦିନ୍ ଖାଁ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଇଦ୍‌ଗା ପଡିଆଠାରୁ ବିଶାଳ ଶୋଭାଯାତ୍ରାରେ ପ୍ରାୟ ୨ ହଜାର ଲୋକ ଯୋଗଦେଇ ନୂଆଦା, କବିରପାଟଣା, ଧନିପୁର, ବେହେରାମପୁର ଆଦି ପରିକ୍ରମା କରିଥିଲା। ଜୟନ୍ତୀ କମିଟି ସଭାପତି ତେହେର ଅଲ୍ଲି, ମହମ୍ମଦ ଫାରୁକ୍ ଜିଆଉଦ୍ଦିନ, ତଉନକ୍ ଅଲ୍ଲି, ସଲାନା ସହାଉଦ୍ଦିନ, ଆଲାମ ସାହେବ, ମହମ୍ମଦ ହାଜିସାହେବ, ଶେଖ ଅଫଜଲଙ୍କ ସମେତ ବହୁ ବ୍ୟକ୍ତି ଏହାର ନେତୃତ୍ୱ ନେଇଥିଲେ। ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସହ ହିନ୍ଦୁ ସାମିଲ ହୋଇଥିଲେ।

ବିରିଡି,(ଡି.ଏନ.ଏ.): ବିରିଡି ଅଞ୍ଚଳରେ ଥିବା ମୁସଲମାନ ବସ୍ତିରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଛି। ବ୍ଲକର ନୂଆଡ଼ଣା ମସଜିଦ୍‌ର ମୌଲାନା ହାଫିଜ ହଜିବୁର ରହମାନ ଖାନ, ସର୍ଦ୍ଦାର କମର ଅଲ୍ଲୀ, ଡ. ନୁର୍ ଉଲ୍ଲା ଓ ମେହବୁବ ଅଲ୍ଲୀଙ୍କ ସହ ଜଗତ୍‌ସିଂହପୁର ଜିଲା ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ମୀର ଆଜମୀର ଅଲ୍ଲୀଙ୍କ ନେତୃତ୍ୱରେ ପ୍ରତ୍ୟେକ ମସଜିଦ୍‌ରୁ ଏକ ଜୁଲୁସ ବା ଶୋଭାଯାତ୍ରା ବାହାରି ସମସ୍ତ ବସ୍ତି ଓ ବଜାର ପରିକ୍ରମା କରିଥିଲା। ତାଞ୍ଚଣା, ତଳପାଟକ, ହାଜିପୁର, ବେତମାଳିଆ, ଅଡ଼ଙ୍ଗଗଡ଼, ବାରାହପୁର, ଭବାନୀପୁର, ଗୋବିନ୍ଦପୁର ପଦାସାହି ଓ ଅମୁଲ ସାହି ମସଜିଦ୍‌ମାନଙ୍କରୁ ମୁସଲମାନ ଭାଇମାନଙ୍କ ଦ୍ୱାରା ଶୋଭାଯାତ୍ରା ବାହାରିଥିଲା।

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ବଡ଼ପଡ଼ିଆସ୍ଥ ଜାମା ମସ୍‌ଜିଦ ପକ୍ଷରୁ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଏକ ଶୋଭଯାତ୍ରା ଜାମା ମସ୍‌ଜିଦଠାରୁ କବରଖାନା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ମସ୍‌ଜିଦ ମୌଲାନା ଅବରାର ବସି, ହାପିଜ ମୋଜମିଲ ଅତିଥି ଭାବେ ଯୋଗ ଦେଇଥିଲେ।

## ଆକ୍ୱା ଡିଲର୍ସ ଆସୋସିଏଶନର ସମନ୍ୱୟ ବୈଠକ

ଏରସମା,୨୧।୧୧(ସ୍ୱ.ପ୍ର.)

ଏରସମା ବ୍ଲକ ଅଧୀନ ସ୍ୱପ୍ନଜିତ ମଣ୍ଡପ ପରିସରରେ ବୁଧବାର ଶ୍ରୀଜଗନ୍ନାଥ ଆକ୍ୱା ଡିଲର୍ସ ଆସୋସିଏଶନର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ଏରସମା ବ୍ଲକ ସଭାପତି ମୂରଲୀଧର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ ସଭାପତି ପ୍ରଭାରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଥିଲେ, ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ଚିଙ୍ଗୁଡି ଚାଷ ପ୍ରମୁଖ ଉତ୍ସ ଭାବରେ ପରିଗଣିତ ହେଉଛି। ଏହାକୁ ବୃତ୍ତିଭାବେ ଗ୍ରହଣ କରିଥିବା ଚାଷୀ ଓ ଖାଦ୍ୟ ସାର ଯୋଗାଉଥିବା ଡିଲରଙ୍କ ମଧରେ ସୁସମ୍ପର୍କ ରହି ପାରିଲେ ଏହି ଚାଷର ଚାହିଦା ବିଶ୍ୱ ଦରବାରକୁ ଯାଇ ପାରିବ।

ଆସୋସିଏଶନ ରାଜ୍ୟ ଉପସଭାପତି ସଂଗ୍ରାମ ଦାସ, ସୂର୍ଯ୍ୟୋଦୟ କମ୍ପାନୀ ନିର୍ଦ୍ଦେଶକ ଅଜୟ ଦାଶ, ରାଜ୍ୟ ମାଗନମ ରପ୍ତାନୀ କମ୍ପାନୀ ସଭାପତି ପ୍ରକାଶ ମହାନ୍ତି, ଫିଡ ଡିଲର ସୁକୁମାର ସାହୁ, ପୂର୍ବତନ ଏମ୍‌ପି ସଂଗୀତା ସିଂହଦେଓ, ପର୍ଶୁରାମ ବେହେରା, ଭବତୋଷ ସାହୁ, ଏସ.କେ. ରାଉତ, ଜଗତସିଂହପୁର ଜିଲା ସଂଘ କର୍ମମର୍ତ୍ତା ନିଷାକର ରାଉତ, ଅଜୟ ଲେଙ୍କା, ଅମର ମହାପାତ୍ର ଓ ବିଦ୍ୟାଧର ପାଣି ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ସଂଘରେ କିପରି ସମନ୍ୱୟ ରକ୍ଷା କରାଯାଇ ପାରିବ ତା' ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ରାଜ୍ୟ ସଂଘ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ହବିଷ ବ୍ରତ ପାଳନ ଦ୍ୱାରା ଧାର୍ମିକ ଭାବନା ସୃଷ୍ଟି ହୋଇଥାଏ'

ବିରିଡି, ୨୧।୧୧(ଡି.ଏନ.ଏ.)

ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡ ଶ୍ରୀକ୍ଷେତ୍ର ମହାତ୍ମ୍ୟରେ କୁହାଯାଇଛି, ଏମିତି ଏକ କ୍ଷେତ୍ର ବିଶ୍ୱରେ ବିରଳ ଯେଉଁଠି କ୍ଷେତ୍ରର ନାମ ପୁରୁଷୋତ୍ତମ କ୍ଷେତ୍ରର ଅଧିପତି ଦେବତାଙ୍କ ନାମ ମଧ ପୁରୁଷୋତ୍ତମ। ଏଠି ସ୍ୱୟଂ ପରବ୍ରହ୍ମ ଦାରୁ ଦିଅଁ ହୋଇ ଶ୍ରୀଜଗନ୍ନାଥ ରୂପରେ ବିଦ୍ୟମାନ। ଭକ୍ତଙ୍କୁ ଅଭୟ ପ୍ରଦାନ କରିବା ସହ ବାରମାସରେ ତେର ବ୍ରତ ଆମ ପରମ୍ପରାକୁ ଉଜ୍ଜିବିତ କରେ। ସେଥିରେ କାର୍ତ୍ତିକ ମାସର ପବିତ୍ର ତିଥି ଗୁଡିକରେ ପ୍ରଭୁ ଭିନ୍ନ ଭିନ୍ନ ବେଶ ହୋଇଥାନ୍ତି। ଏହି ମାସର ମହାତ୍ମ୍ୟ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପ ବା ଶ୍ରଦ୍ଧପିଣ୍ଡ ପ୍ରଦାନ କଲେ ପିତୃପୁରୁଷ ବ୍ରହ୍ମ ଲୋକ ପ୍ରାପ୍ତି ହୁଅନ୍ତି ବୋଲି ବିଶ୍ୱାସ ରହିଛି। ଏହା ସହିତ ରାଇ ଦାମୋଦର ପୂଜା ମାସକ ଜାକର ହବିଷ ବ୍ରତ ପାଳନ ଦ୍ୱାରା ମଣିଷ ଭିତରେ ଧାର୍ମିକ ଭାବନା ସୃଷ୍ଟି କରିଥାଏ ବୋଲି ମଙ୍ଗଳବାର ବିରିଡି ବ୍ଲକ ଗୋଷାଣୀ ଦେଇପୁର କାର୍ତ୍ତିକେଶ୍ୱର ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ପ୍ରବଚନ ସଭାରେ ପ୍ରବଚକ ବାବୁଲି ରଞ୍ଜନ ଦାସ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ ଗ୍ରାମରେ ଭଜନ କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋଷାଣୀଦେଇପୁର ଗ୍ରାମର ସମସ୍ତ ଗ୍ରାମବାସୀ ସହାୟତା କରିଥିଲେ।

## ମୃତକଙ୍କ ପାଇଁ ମହମବତି ଶୋଭାଯାତ୍ରା




ମାଇଁ ବ୍ଲଡ ଗ୍ରୁପ୍ କଂଗ୍ରେସ କର୍ମକର୍ତ୍ତା ମହମବତି ଶୋଭାଯାତ୍ରାରେ ଟାଉନହଲ୍ ଛକରୁ ସାନବଜାର ତ୍ରିନାଥ ମନ୍ଦିର ନିକଟକୁ ଯାଉଛନ୍ତି।

ଜଗତ୍‌ସିଂହପୁର ଅଫିସ, ୨୧।୧୧

**ବସ୍ ଦୁର୍ଘଟଣା**

କଟକ ମହାନଦୀ ପୋଲରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ବସ ଖସି ପଡ଼ିବାରୁ ୧୦ ଜଣଙ୍କ ମୃତ୍ୟୁ ହୋଇଛି । ଏହି ସଂଖ୍ୟା ବଢିପାରେ। ଆକସ୍ମିକ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମାଇଁ ବ୍ଲଡ କଂଗ୍ରେସ ଗ୍ରୁପ ତରଫରୁ ବୁଧବାର ସନ୍ଧ୍ୟାରେ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରା ସ୍ଥାନୀୟ ଟାଉନ ହଲ୍ ଛକରୁ ବାହାରି ସାନବଜାର ତ୍ରିନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଜଗତ୍‌ସିଂହପୁର ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲିକ, ଦେବୀପ୍ରସାଦ ପରିଡ଼ା, ସୁବାସ ଚାନ୍ଦ, ସୂର୍ଯ୍ୟକାନ୍ତ ସାହୁ, ଅମ୍ବୁଜ କୁମାର ପାତ୍ର, ସ୍ୱରୂପ କାନୁନ୍‌ଗୋ, ସୋସିଆଲ ମିଡିଆ ଅଧକ୍ଷ ଦୁର୍ଗା ଚରଣ ବିଶୋଇ, ଛାତ୍ର ନେତା ସନ୍ତୋଷ କୁମାର ଜେନା, କୃଷ୍ଣଚନ୍ଦ୍ର ପ୍ରଧାନ, ଶ୍ରୀକାନ୍ତ ବିଶ୍ୱାଳ, ଅତୁଲ୍ୟ ବିଶ୍ୱାଳ, ଅଭିଷେକ ବଳ, ତପନ ଓଝା, ମନୋଜ ମହାପାତ୍ର, ତୃପ୍ତିରଞ୍ଜନ ରାୟ ପ୍ରମୁଖ ଯୋଗଦେଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

## କର୍ମନିଯୁକ୍ତି ପାଇଁ ଯିବାକୁ ଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ରଘୁନାଥପୁର, ୨୧।୧୧( ଡି.ଏନ.ଏ.)

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁରସ୍ଥିତ ଓଡ଼ିଶା ଷ୍ଟେଟ୍‌ଆଇଟିଆଇ ପରିସରରେ ଉପାସନା ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ଚାଲିଥିବା ଡିଡିୟୁଜିକେୱାଇ ତାଲିମ କେନ୍ଦ୍ରର ତାଲିମପ୍ରାପ୍ତ ନବମ ବ୍ୟାଚ ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ତାଲିମପ୍ରାପ୍ତ ଛାତ୍ରୀମାନେ ଆସନ୍ତା ୩୦ତାରିଖରେ କର୍ମନିଯୁକ୍ତି ପାଇଁ ବାଙ୍ଗାଲୋର ଯାତ୍ରା କରିବେ। ଏଠାରେ ତାଲିମ ନେଉଥିବା ଛାତ୍ରୀଙ୍କ ରହିବା, ଖାଇବା ଓ ତାଲିମ ବାବଦର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିଥାନ୍ତି। ଏହି ଉପଲକ୍ଷେ କେନ୍ଦ୍ର ପରିଚାଳନା ଅନିର୍ଭା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଡିଆରଡିଏର ଦକ୍ଷତା ବିକାଶ ଜିଲା ସଂଯୋଜକ ଶୁଭାଶିଷ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉପାସନା ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ମନୋଜ କୁମାର ରାଉତ, ମନୋଜ ମହାନ୍ତି, ସୁବାସ ଚନ୍ଦ୍ର ନାୟକ ଓ ରଞ୍ଜନ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ସେମାନେ ଛାତ୍ରୀମାନଙ୍କ ପାଇଁ ଦିଆଯାଉଥିବା କର୍ମନିଯୁକ୍ତିର ସୁଯୋଗକୁ ପ୍ରଶଂସା କରିବା ସହ ଗ୍ରାମାଞ୍ଚଳର ଛାତ୍ରୀମାନେ ଅଧିକରୁ ଅଧିକ ପରିମାଣରେ ତାଲିମ ନେଇ ଆତ୍ମ ନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରଶିକ୍ଷକ ରଶ୍ମି ପରିଡା, ସୌଭାଗିନୀ ମଞ୍ଜରି ସାହୁ, ଅନାଲିସା ନାୟକ, ଶିବ ପ୍ରସାଦ ଶତପଥୀ ଓ ସରୋଜ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ତପନ ନାୟକ ଧନ୍ୟବାଦ ଦେଇଥିଲେ।



କର୍ମନିଯୁକ୍ତି ପାଇଁ ବାଙ୍ଗାଲୋର ଯିବାକୁ ଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ରୋହିଆ ପଞ୍ଚାୟତ କଂଗ୍ରେସରେ ଫାଟ

■କଂଗ୍ରେସ ହାତରୁ ରୋହିଆ ପଞ୍ଚାୟତ ଖସିଯିବା ଆଶଙ୍କା

■ଗାଁରେ ଦଳ ସଜାଡ଼ିବା ଆରମ୍ଭ କଲେଣି ନେତା

ନାଉଗାଁ,୨୧।୧୧(ସ୍ୱ.ପ୍ର)

ଆସନ୍ତା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ରାଜନେତା ଗାଁଗାଁରେ ଦଳ ସଜାଡ଼ିବା ଆରମ୍ଭ କଲେଣି। କିଏ କିପରି କର୍ମୀଙ୍କୁ ମନେଇ ଦଳରେ ରଖି ଆଗାମୀ ନିର୍ବାଚନ ବୈତରଣୀ ପାର ହେବ ତାକୁ ନେଇ କସରତ ଆରମ୍ଭ ହୋଇଗଲାଣି। କିନ୍ତୁ ଏହି ସମୟରେ ନାଉଗାଁ ବ୍ଲକ ଅଧୀନ ରୋହିଆ ପଞ୍ଚାୟତ କଂଗ୍ରେସରେ ଫାଟ ଦେଖାଦେଇଛି। ଯାହାକି କେତେଜଣ ଆଗ ଧାଡ଼ିର ନେତା ଦଳର ଅନ୍ୟ କର୍ମୀଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇଥିବା ଜଣାପଡ଼ିଛି। ଏପରି କି ଆଗାମୀ ନିର୍ବାଚନରେ ଏହି ଅସନ୍ତୁଷ୍ଟ ତୀବ୍ର ରୂପ ଧାରଣ କରିବ ବୋଲି ମଧ କେତେଜଣ କର୍ମୀ ଚେତାବନୀ ଦେଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଏହି ପଞ୍ଚାୟତର ସମିତିସଭ୍ୟ ଓ ସରପଞ୍ଚ ଉଭୟ କଂଗ୍ରେସ ଦଳରୁ ନିର୍ବାଚିତ ହୋଇଥିଲେ। ସେହିପରି ୨୦୧୨ ନିର୍ବାଚନରେ ପଞ୍ଚାୟତର କଂଗ୍ରେସ ସମର୍ଥିତ ସମିତିସଭ୍ୟା ଅରୁଣାରାଣୀ ମଲିକ ନିର୍ବାଚିତ ହେବାସହ ବ୍ଲକ ଅଧକ୍ଷା ପଦ ହାତେଇଥିଲେ। ତେଣୁ ଦୀର୍ଘ ଦିନ ହେବ ଏହି ପଞ୍ଚାୟତରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ବିଜୟ ହେଉଥିବାରୁ ଦଳର ସ୍ଥିତି ଏଠାରେ ସୁଦୃଢ ଥିବା କୁହାଯାଉଛି। କିନ୍ତୁ ପଞ୍ଚାୟତ ନିର୍ବାଚନ ପରେ ନିର୍ଦ୍ଦିଷ୍ଟ ୱାର୍ଡ ସଭ୍ୟଙ୍କୁ ଅଣଦେଖା କରାଯିବା ସହ ସେମାନଙ୍କ ଅଗୋଚରରେ ଅନେକ କାର୍ଯ୍ୟ କରାଯାଉ ଥିବା କେତେଜଣ କର୍ମୀ ଅଭିଯୋଗ କରିଛନ୍ତି। ଏପରି କି ଦଳକୁ ଏକଜୁଟ ଓ ସୁଦୃଢ କରିବାରେ ଯେଉଁ କର୍ମୀଙ୍କ ମୁଖ୍ୟ ଭୂମିକା ରହିଛି ସେମାନଙ୍କୁ ମଧ ବିଭିନ୍ନ କ୍ଷେତ୍ରରେ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପଞ୍ଚାୟତ ଅଧୀନ ୪ ନଂ ୱାର୍ଡର କେତେଜଣ ଅସନ୍ତୁଷ୍ଟ ବିଜେଡି କର୍ମୀ ଦଳ ଛାଡି କଂଗ୍ରେସରେ ମଙ୍ଗଳବାର ଯୋଗ ଦେଇଛନ୍ତି। ଯାହାକୁ ନେଇ କଂଗ୍ରେସ ଦଳ ଭିତରେ ମତଭେଦ ଦେଖାଦେଇଛି। ଏପରି କି ସେହି ୱାର୍ଡର କଂଗ୍ରେସ କର୍ମୀ ସ୍ୱଦେଶ କୁମାର ମହାନ୍ତି, କମଳ ଲୋଚନ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ନୃସିଂହ ଚରଣ ପରିଡା, ସଞ୍ଜୟ ପରିଡା, ମଣ୍ଟୁ ମହାନ୍ତି, ପୁଷ୍ପଲତା ମହାନ୍ତି, ଭବାନୀ ବାରିକ, ପ୍ରଶାନ୍ତ କୁମାର ରାଉତ, ମିନତି ମହାନ୍ତି ପ୍ରମୁଖ ଶତାଧିକ କର୍ମୀ ଅସନ୍ତୁଷ୍ଟ ହେବା ସହିତ ଆଗାମୀ ଦିନରେ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଦଳର କେତେଜଣ କର୍ମୀ ଫାଟ ସୃଷ୍ଟି କରିବା ପାଇଁ ୱାର୍ଡ ସଭ୍ୟଙ୍କ ଅଗୋଚରରେ ବିଭିନ୍ନ ଦଳ ବିରୋଧୀ କାର୍ଯ୍ୟ କରୁଥିବା ନେଇ ଅସନ୍ତୁଷ୍ଟ ଥିବା କର୍ମୀ ପ୍ରକାଶ କରିଛନ୍ତି। ଯଦି ଉକ୍ତ ପଞ୍ଚାୟତର କର୍ମୀଙ୍କୁ ସଙ୍ଗଠିତ କରା ନ ଯାଏ ତେବେ ଆଗାମୀ ନିର୍ବାଚନରେ ଏହି ପଞ୍ଚାୟତ କଂଗ୍ରେସ ହାତରୁ ଖସିଯିବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ବେହୁରାଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି ଜାଣି ନ ଥିବା କହିଥିଲେ। ତେବେ ଦେଖିବାକୁ ବାକି ରହିଲା ଦଳରେ ସୃଷ୍ଟି ହୋଇଥିବା ଫାଟ ବନ୍ଦ ହେଉଛି ନା ବଡ଼ ହୋଇ ତାହା ଅଧିକ କ୍ଷତିଗ୍ରସ୍ତ କରୁଛି।

## ସଂକ୍ଷେପରେ

### ସାଇ ମନ୍ଦିରରୁ ଚୋରି



**ଡେରାବିଶ,୨୧।୧୧(ସ୍ୱ.ପ୍ର.)**-ଡେରାବିଶ ଥାନା ଅଧୀନ ଛଚିଣା ଗ୍ରାମସ୍ଥିତ ସାଇ ମନ୍ଦିରରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ବୁଧବାର ମନ୍ଦିର କର୍ମକର୍ତ୍ତା ପ୍ରଭାକର ଭୂୟାଁ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କହିବା ଅନୁସାରେ, ଦୁର୍ବୃତ୍ତମାନେ ମନ୍ଦିର ତାଲା ଭାଙ୍ଗି ସାଇବାବାଙ୍କ ମୂର୍ତ୍ତିରୁ ଗୋଟିଏ ସୁନା ଓ ଗୋଟିଏ ରୁପା ଚେନ୍ ନେଇଯାଇଛନ୍ତି। ଏଥିସହ ଏକ ପିତ୍ତଳ ବଡ଼ହାଣ୍ଡି, ବଡ଼ ଦ୍ୱୀପଷ୍ଟାଣ୍ଡ, ଆଳତୀ ଷ୍ଟାଣ୍ଡ, ଘଣ୍ଟି, ସିଂହାସନ ସମେତ ଅନ୍ୟାନ୍ୟ ପିତ୍ତଳ ସାମଗ୍ରୀ ନେଇଯାଇଛନ୍ତି। ସେହିପରି ମନ୍ଦିରରେ ଲାଗିଥିବା ଦୁଇଗୋଟି ଦାନବାକ୍ସକୁ ମଧ ଦୁର୍ବୃତ୍ତମାନେ ତାଡ଼ି ନେଇଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଥିବା ପୋଲିସ କହିଛି। ଅଭିଯୋଗକୁ ଭିତ୍ତିକରି ଥାନାରେ ୧୫୭/୧୮ନଂ.ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଥିବା ସବ୍‌ଇନ୍‌ସପେକ୍ଟର ବିଜୟ କୁମାର ଖଟୁଆ କହିଛନ୍ତି।

### ୬୮ ୟୁନିଟ୍ ରକ୍ତ ସଂଗ୍ରହ

**କେନ୍ଦ୍ରପଡା ଅଫିସ,୨୧।୧୧**-ସହରର ଉର୍ଦ୍ଦୁ ଲାଇବ୍ରେରୀ ପରିସରରେ ମିଲାନ ୟୁଥ ସୋସାଇଟି ପକ୍ଷରୁ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ବୁଧବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୬୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏଥିରେ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ସାମାଜିକ କର୍ମୀ ଇଂ. ମୁରଲୀଧର ସେଠୀ, ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମିଲାନ ୟୁଥ୍ ସୋସାଇଟି କର୍ମକର୍ତ୍ତା ଅମୀନ ରସିଦ ଖାଁ, ସୟଦ ମୁସ୍ତାକ ଅଲ୍ଲୀ, ସେକ୍ ମଞ୍ଜୁର ହୁସେନ, ସୟଦ ଜାକିର ଅଲ୍ଲୀ, ସେକ୍ ନସିମୁଦ୍ଦିନ, ସୟଦ ମକସୁଦ ଅଲ୍ଲୀ, ମୀର ତନୁଆର ବକ୍ସ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ମା' ଜଗଦ୍ଧାତ୍ରୀଙ୍କ ପୂଜା ଉଦ୍‌ଯାପିତ



**ମାର୍ଶାଘାଇ,୨୧।୧୧(ଡିଏନଏ)**-ମାର୍ଶାଘାଇ ବ୍ଲକର ପରକୁଲାଠାରେ ମା'ଜଗଦ୍ଧାତ୍ରୀଙ୍କ ପୂଜା ପାଞ୍ଚ ଦିନ ଧରି ମହାସମାରୋହରେ ପାଳିତ ହୋଇଯାଇଛି । ପଣ୍ଡିତ ଅରୁଣ ପ୍ରଧାନ ପଣ୍ଡା ପୂଜା ପରିଚାଳନା କରିଥିଲେ । ପୂଜା କମିଟି ସଦସ୍ୟ କୁଳମଣି ସାହୁ, ଘନଶ୍ୟାମ ପଣ୍ଡା, ବିଷ୍ଣୁଚରଣ ବେହେରା,ଗୌରାଙ୍ଗ ଚରଣ ପଣ୍ଡା,ସୁରେଶ ଚନ୍ଦ୍ର ଦାସ, କେଶବ ଚରଣ ପଣ୍ଡା,ତ୍ରିଲୋକ୍ୟ ପଣ୍ଡାଙ୍କ ସମେତ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ପୂଜା ଶାନ୍ତିଶୃଙ୍ଖଳାରେ ହୋଇଯାଇଛି। ସୋମବାର ପୂଜାରେ ପ୍ରବଳ ଜନସମାଗମ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ମା' ଜଗଦ୍ଧାତ୍ରୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଇ ଚିତ୍ରୋତ୍ପଳା ନଦୀର ମହାଦେବ ଘାଟରେ ବିସର୍ଜିତ କରାଯାଇଥିଲା।

### ପକ୍ଷୋଟ ଗ୍ରାମରେ ଡେଙ୍ଗୁ ରୋଗୀ ଚିହ୍ନଟ

**ମାର୍ଶାଘାଇ,୨୧।୧୧(ଡ଼ିଏନ୍‌ଏ)**-ମାର୍ଶାଘାଇ ବ୍ଲକ ଜଳପୋକ ପଞ୍ଚାୟତର ପକ୍ଷୋଟ ଗ୍ରାମରେ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛି। ସ୍ୱର୍ଗତ ଗୋବିନ୍ଦ ପ୍ରଧାନଙ୍କ ଏକମାତ୍ର ପୁଅ ଚିନ୍ମୟ (୩୫) ଡେଙ୍ଗୁରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଗତ ୧୭ ତାରିଖରେ ତାଙ୍କୁ ଭୀଷଣ ଜ୍ୱର ହେବାରୁ ପ୍ରଥମେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ଭୁବନେଶ୍ୱର ଘରୋଇ ହସପିଟାଲକୁ ନିଆଯାଇଥିଲା । ବୁଧବାର ଲୁଣା କରାଣ୍ଡିଆ ତ୍ରିକୋଣ ଭୂମି ବିକାଶ ପରିଷଦର ସଭାପତି ମୃତ୍ୟୁଞ୍ଜୟ ମହାନ୍ତି ଏବଂ ସଂପାଦକ ଅମରେନ୍ଦ୍ର ରାଉତ ହସ୍ପିଟାଲରେ ପହଞ୍ଚି ଚିନ୍ମୟଙ୍କୁ ଭେଟିଥିବା ବେଳେ ପ୍ରତିଦିନ ତାଙ୍କୁ ୪ ୟୁନିଟ୍ ରକ୍ତ ଦିଆଯାଉଥିବା ଜାଣିବାକୁ ପାଇଥିଲେ। ଡେଙ୍ଗୁରେ ଆକ୍ରାନ୍ତ ଚିନ୍ମୟଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ବିକାଶ ପରିଷଦ ଏବଂ ଗ୍ରାମବାସୀଙ୍କ ତରଫରୁ ଦାବି ହେଉଛି।

## ■ ଦାଣ୍ଡିସାହି ବ୍ରାହ୍ମଣୀ କଲେଜ
# ବେଆଇନ ନିଯୁକ୍ତି ଅଭିଯୋଗ

**ପଟ୍ଟାମୁଣ୍ଡାଇ,୨୧।୧୧(ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ବ୍ରାହ୍ମଣୀ କଲେଜରେ ବେଆଇନ ଭାବେ କେତେଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଥିନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ସୋମବାର ଉଚ୍ଚ ଶିକ୍ଷା ବିଭାଗ ସଚିବ, ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରାଯାଇ ବେଆଇନ ନିଯୁକ୍ତିକୁ ବାତିଲ କରିବା ପାଇଁ ଦାବି ହୋଇଛି।

ଅଞ୍ଚଳବାସୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ନିଯୁକ୍ତି ନିମନ୍ତେ ୨ଟି ଖବରକାଗଜରେ ବିଜ୍ଞାପନ ପ୍ରକାଶ କରିବାକୁ ନିୟମ ଥିଲେ ମଧ ମାତ୍ର ଗୋଟିଏ ଖବରକାଗଜରେ ବିଜ୍ଞାପନ ପ୍ରକାଶ ପାଇଥିଲା । ଏଥିରେ କେତେ ପଦବୀ ରହିଛି ଓ କେଉଁ ପଦବୀ ପାଇଁ କଣ ଶିକ୍ଷାଗତ ଯୋଗ୍ୟତା ରହିବା ଦରକାର ତାହା ଉଲ୍ଲେଖ ନ ଥିଲା । ଆବେଦନ କରିବାର ଶେଷ ତାରିଖ ନ ଥିଲା ବେଳେ ସାକ୍ଷାତକାର ପାଇଁ ତାରିଖ ଦିଆ ନ ଯାଇ ଅଧକ୍ଷଙ୍କ ଅଫିସ ସହିତ ଯୋଗାଯୋଗ କରିବାକୁ କୁହାଯାଇଥିଲା । ଏଣୁ ଗତ ୧୮ତାରିଖ ରବିବାର ଦିନ ହୋଇଥିବା ସାକ୍ଷାତକାର ପରୀକ୍ଷା ସମ୍ପର୍କରେ ଜାଣି ନ ପାରି ବହୁ ଶିକ୍ଷିତ ବେକାର ଯୁବତୀ ଯୁବକ ଏଥିରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । କଲେଜ ଅଧକ୍ଷ ପରିଚାଳନା ପରିଷଦ ସଭାପତିଙ୍କ ସହିତ ଭିତିରି ବୁଝାମଣା କରି କଲେଜ କର୍ମଚାରୀଙ୍କ ପିଲାମାନଙ୍କୁ ରଖିବା ପାଇଁ ମସୁଧା କରିଥିବା ବେଳେ ଏ ନେଇ ଲାଞ୍ଚ କାରବାର ହୋଇଥିବା ବହୁ ଶିକ୍ଷାବିତ୍ ଓ ସ୍ଥାନୀୟ ଜନ ସାଧାରଣ ଅଭିଯୋଗ କରିଛନ୍ତି। ବେଆଇନ ନିଯୁକ୍ତିକୁ ବାତିଲ କରିବା ସହ ପୁନର୍ବାର ଆଖିଦୃଶିଆ ବିଜ୍ଞାପନ ଗଣମାଧମରେ ପ୍ରକାଶ କରି ଯୋଗ୍ୟ ପ୍ରାର୍ଥୀମାନଙ୍କୁ ସୁଯୋଗ ଦେବା ପାଇଁ ସଂପୃକ୍ତ ଅଞ୍ଚଳର ଶ୍ରୀଧର ଦାସ, ବାବାଜୀ ମଲିକ, ଧନେଶ୍ୱର ପ୍ରଧାନ, ଅଭିଷେକ ବିଶ୍ୱାଳ, ଶମ୍ଭୁନାଥ ମଲିକ, ଶରତ ସେଠୀ, ଖଗେଶ୍ୱର ଯେନା, ନିର୍ମଳ ଯେନା, ବିପିନ ବିହାରୀ ଜେନା, ଉମାକାନ୍ତ ବିଶ୍ୱାଳ, ସୌଭାଗ୍ୟ ବିଶ୍ୱାଳ, ରୀନା ମଲିକଙ୍କ ସମେତ ୫ଶହରୁ ଉର୍ଦ୍ଧ୍ୱ ଜନ ସାଧାରଣ ଦାବି କରିଛନ୍ତି । ଅପରପକ୍ଷେ ଏ ସଂପର୍କରେ ବ୍ରାହ୍ମଣୀ କଲେଜ ଅଧକ୍ଷ ପ୍ରଫେସର ପ୍ରଭାକର ରାଉତଙ୍କୁ ପଚାରିବାରେ କହିଥିଲେ ଯେ, ଗତ ୧୮ତାରିଖ ଦିନ ଠିକ୍ ଭାବେ ସାକ୍ଷାତକାର ହୋଇଥିଲା । ମାତ୍ର ଏ ପର୍ଯ୍ୟନ୍ତ କାହାକୁ ନିଯୁକ୍ତି ଦିଆ ଯାଇନାହିଁ। କଲେଜର ଆବଶ୍ୟକତା ଅନୁଯାୟୀ ଯୁକ୍ତ-୩ ଲାବ୍ରୋଟୋରୀ ବିୟରର, ସହକାରୀ ଗନ୍ଥଗାରିକ, କନିଷ୍ଠ କିରାଣୀ, ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଯେଉଁମାନେ ଆସିଥିଲେ ସେମାନଙ୍କର ୨ଜଣ ଅଭିଜ୍ଞ କର୍ମଚାରୀଙ୍କ ଦ୍ୱାରା ସାକ୍ଷାତକାର ନିଆ ଯାଇଥିଲା । ଏଥିରେ ମୋର କୌଣସି ଭୂମିକା ନାହିଁ କି ବେନିୟମ ହୋଇନାହିଁ ବୋଲି ଅଧକ୍ଷ ରାଉତ କହିଛନ୍ତି।

# କେନ୍ଦ୍ରାପଡା କୋଅପରେଟିଭ ସୋସାଇଟିକୁ ରାଜ୍ୟସ୍ତରୀୟ ସମ୍ମାନ



ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ସୋସାଇଟି ସଭାପତି ପ୍ରମୋଦ ସାହୁଙ୍କୁ ପୁରସ୍କୃତ କରୁଛନ୍ତି।

**କେନ୍ଦ୍ରାପଡା ଅଫିସ, ୨୧।୧୧**

ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ପକ୍ଷରୁ ୬୫ତମ ସମବାୟ ସପ୍ତାହ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ସମବାୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କେନ୍ଦ୍ରାପଡ଼ା କୋଅପରେଟିଭ ସୋସାଇଟିକୁ ରାଜ୍ୟସ୍ତରୀୟ ସମ୍ମାନ ଦିଆଯାଇଛି। ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୋସାଇଟି ସଭାପତି ପ୍ରମୋଦ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏ ସମ୍ପର୍କରେ ସଭାପତି ସାହୁ କୁହନ୍ତି ଯେ, ଏହି ପୁରସ୍କାର ସୋସାଇଟିର ପ୍ରତ୍ୟେକ ଅଂଶୀଦାରଙ୍କ ପାଇଁ ସମ୍ଭବ ହୋଇଛି। ଏହାଦ୍ୱାରା ଆଗକୁ ବଢ଼ିବାର ପ୍ରୋତ୍ସାହନ ମିଳିଛି। ଉତ୍ସବରେ ସୋସାଇଟି ସମ୍ପାଦକ ପ୍ରହଲ୍ଲାଦ ସାହୁ, ସହ ସମ୍ପାଦକ ଅରବିନ୍ଦ ସାହୁ, ମୁଖ୍ୟ ପରିଚାଳକ ମନୋଜ ସାହୁ, ବୀମା ପରାମର୍ଶଦାତା କମଳାକାନ୍ତ ସୁଆରଙ୍କ ସମେତ ବରିଷ୍ଠ କର୍ମଚାରୀ ଯୋଗ ଦେଇଥିଲେ।

# ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା: ୮୬ ପ୍ରକଳ୍ପ ପ୍ରଦର୍ଶିତ

**ପଟ୍ଟାମୁଣ୍ଡାଇ,୨୧।୧୧(ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ହାଇସ୍କୁଲରେ ମଣ୍ଡଳସ୍ତରୀୟ ବିଜ୍ଞାନମେଳା ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି । ଏହି ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରମାନେ ୮୬ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ଏହି ଅବସରରେ ଆୟୋଜିତ ଉତ୍ସବରେ ଏବିଇଓ ତଥା ବିଆରସିସି ଗୋବିନ୍ଦ ଚନ୍ଦ୍ର ପରଡା ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ଓଝା, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅଭୟ ପ୍ରତିହାରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କୁନି କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ । ପୂର୍ବତନ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ନିରଞ୍ଜନ ଜେନା, ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମିଶ୍ର, ପ୍ରାକ୍ତନ ସରପଞ୍ଚ କିଶୋର କୁମାର ଜେନା, ପ୍ରାକ୍ତନ ଏବିଇଓ ସନାତନ ତରାଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏବିଇଓ ପ୍ରଦୀପ ସାମନ୍ତରାୟ ଅତିଥି ପରିଚୟ ଓ ବିଆରସିସି ଚନ୍ଦ୍ରଭାନୁ ମଲ୍ଲିକ ଧନ୍ୟବାଦ ଦେଇଥିଲେ । ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଓୟୁଏଟିର ବରିଷ୍ଠ ବୈଜ୍ଞାନିକ ଗୋକୁଳ ବିହାରୀ ଦାଶ, ଜିଲା ରାମସା ସଂଯୋଜକ ପୀତବାସ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବାଲିପାଟଣା ସରପଞ୍ଚ ସନ୍ଧ୍ୟାରାଣୀ ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଓ ବ୍ଲକ ନୋଡ଼ାଲ କେନ୍ଦ୍ର ସଂଯୋଜକ ସୁରେଶ ଚନ୍ଦ୍ର ଜେନା, ମୋହିନୀ ଦେବୀ ନୋଡାଲ ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ଦିବାକର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା ଅଧିକାରୀ ଓଝା ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷତା କରିଥିଲେ। ଡାମରପୁର ଏଚକେ ହାଇସ୍କୁଲ ପ୍ରଧାନଶିକ୍ଷକ ଧବଳେଶ୍ୱର ଖଣ୍ଡାୟୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିଆରସିସି ରଞ୍ଜିତ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ସହକାରୀ ଶିକ୍ଷକ ସଚିତ୍ର କୁମାର ବେହୁରା ଉତ୍ସବ ପରିଚାଳନା କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ୮୬ଟି ବିଜ୍ଞାନ ପ୍ରକଳ୍ପ ମଧ୍ୟରୁ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବା ପାଇଁ ୬ଟି ପ୍ରକଳ୍ପ ମନୋନୀତ କରାଯାଇଥିଲା ।



ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ ଅତିଥିମାନେ।

### ଜିଲା ଘରୋଇ ଆଇଟିଆଇ ପରିଚାଳନା କମିଟି ସଂଘ ବୈଠକ

**ଡେରାବିଶ,୨୧।୧୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଉଦୟନଗରସ୍ଥିତ କେନ୍ଦ୍ରାପଡ଼ା ଆଇଟିଆଇ ପରିସରରେ ଘରୋଇ ଆଇଟିଆଇ ପରିଚାଳନା ସଂଘର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କ୍ଷୀରୋଦ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ରାଜକିଶୋର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ସରକାର ବିଶେଷକରି ଘରୋଇ ଆଇଟିଆଇ ପ୍ରତି ବୈମାତୃକ ଭାବ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଅନ୍‌ଲାଇନ୍‌ରେ ନାମ ଲେଖା ପ୍ରସ୍ତାବକୁ ସ୍ଥଗିତ ରଖିବା, ଆଗାମୀ ଦିନରେ ଘରୋଇ ଆଇଟିଆଇରେ ନାମ ଲେଖାଇବା ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ପୋଷାକ ଯୋଗାଇ ଦେବା ଏବଂ ଘରୋଇ ଆଇଟିଆଇକୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ଆଦି ଦାବିଗୁଡ଼ିକ ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀ, ବୈଷୟିକ ମନ୍ତ୍ରୀ, ବିଭାଗୀୟ ସଚିବ ଓ ନିର୍ଦ୍ଦେଶକମାନଙ୍କୁ ଭେଟି ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ସବ୍ୟସାଚୀ ମଲ୍ଲିକ, ଦେବୀ ପ୍ରସନ୍ନ ଦାସ, ବୀରବର ସାହୁ, ରଞ୍ଜନ ବେହେରା, ସାରଦା ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ସୁରେଶ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ବଡ଼ଓଷା ପାଇଁ ମାର୍ଶାଘାଇ ଉତ୍ସବ ମୁଖର

**ମାର୍ଶାଘାଇ,୨୧।୧୧(ଡିଏନଏ)**

ବଡଓଷା ପାଇଁ ବୁଧବାର ମାର୍ଶାଘାଇ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଉପବାସ କରିଥିବା ଶ୍ରଦ୍ଧାଳୁମାନେ ରାତିରେ ପଣା ଭୋଗ ପାଇ ବ୍ରତ ଉଦ୍‌ଯାପନ କରିବେ। କାନପୁରର ଲିଙ୍ଗରାଜ ମନ୍ଦିର, ମାର୍ଶାଘାଇର ସର୍ବେଶ୍ୱର, କୁସୁନପୁରର ଆଖଣ୍ଡଳମଣି, ରାମିଆଗଞ୍ଜର ରାମେଶ୍ୱର ମନ୍ଦିର, ଦଶିପୁରର ଉମା ମହେଶ୍ୱର, ଖମଙ୍ଗାବିନ୍ଧାର କପାଳେଶ୍ୱର ମନ୍ଦିରରେ ବଡଓଷା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

# ବ୍ଲକ ଜିଆରଏସ ସଂଘ ବୈଠକ

**ମାର୍ଶାଘାଇ,୨୧।୧୧(ଡିଏନଏ)**

ମଙ୍ଗଳବାର ମାର୍ଶାଘାଇ ବ୍ଲକ କୁସୁନପୁର ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଓଡିଶା ଗ୍ରାମ ରୋଜଗାର ସଂଘ ମାର୍ଶାଘାଇ ବ୍ଲକ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶାଖା ସଂଘ ସଭାପତି ଜନ୍ମେଜୟ ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ୨୪ ଗୋଟି ପଞ୍ଚାୟତର ଜିଆରଏସ୍‌ମାନେ ମିଳିତ ହୋଇଥିଲେ।

ସ୍ଥାୟୀ ଚାକିରୀ ଏବଂ ଭିଏଲଡବ୍ଲୁ ପଦବୀକୁ ପ୍ରମୋଶନ ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯାଉଛି। ମାତ୍ର ସରକାର କୌଣସି ପ୍ରକାର ନିଷ୍ପତ୍ତି ନେଉନାହାନ୍ତି। ତେଣୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଏମଏନଆରଇଜିଏସ,ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ବିଜୁ ପକ୍କା ଘର ଯୋଜନା,ପଲ୍ଲୀସଭା,ଗ୍ରାମସଭା,ମିଶନ ଅନ୍ତ୍ୟୋଦୟ ଏବଂ ସ୍ୱଚ୍ଛ ଭାରତ ଭଳି ଅନେକ ଯୋଜନା ଜିଆରଏସଙ୍କ କାର୍ଯ୍ୟବନ୍ଦ ଯୋଗୁ ପ୍ରଭାବିତ ହେଉଛି। ତେଣୁ ରାଜ୍ୟ ସଂଗଠନ ସହ ଏକମତ ହୋଇ ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂପାଦକ ମନୋରଞ୍ଜନ ବେହେରା,ସତ୍ୟ ପ୍ରକାଶ ପାଣି,ଅନୁସୂୟା ସ୍ୱାଇଁ, ପୂଜାରିଣୀ ପ୍ରତିହାରୀ,ନମିତା ନାୟକ,ମମତା ମହାନ୍ତି, ସୁଧାଂଶୁ ବେହେରା,ଦୁଷ୍ମନ୍ତ ମହାନ୍ତି,ପବିତ୍ର ମହାନ୍ତି,ଦିଲୀପ ଜେନା,ପ୍ରିୟବ୍ରତ ପଣ୍ଡା,ବିଶ୍ୱରଞ୍ଜନ ଜେନା,ପାରେଶ୍ୱର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ବୋଟ୍ ଜବତ: ୨୧ ମତ୍ସ୍ୟଜୀବୀ ଗିରଫ

**ରାଜନଗର,୨୧।୧୧(ଡି.ଏନ୍.ଏ.)**

ରାଜନଗର ବ୍ଲକର ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବୁଧବାର ବେଆଇନ ଭାବରେ ମାଛ ଧରୁଥିବା ଧାମରା ଅଞ୍ଚଳର ୨ଟି ବୋଟ୍‌କୁ ରାଜନଗର ବନ ବିଭାଗ କର୍ମଚାରୀମାନେ ଜବତ କରିଛନ୍ତି। ବୋଟରେ ଥିବା ୧୮ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଜବତ ବୋଟ୍ ଦୁଇଟି ହେଲା ମା' ତାରିଣୀ, ମା' ନାସିନ୍ଦା। ଏହି ଦୁଇଟି ବୋଟ୍‌ରୁ ୭୦ କିଲୋ ମାଛ, ଜାଲ ଓ ମାଛଧରା ସାମଗ୍ରୀ ଜବତ ହୋଇଛି। ନଭେମ୍ବର ୧ ତାରିଖଠାରୁ ଗହୀରମଥାରେ ଲକ୍ଷ ଲକ୍ଷ ଅଲିଭ ରିଡଲେ କଇଁଛଙ୍କ ସମାଗମ ହୋଇଛି। କଇଁଛଙ୍କ ସୁରକ୍ଷା ପାଇଁ ରାଜନଗର ବନ ବିଭାଗ, ମତ୍ସ୍ୟ ବିଭାଗ, ତଟରକ୍ଷୀ ବାହିନୀ ମିଳିତ ଭାବରେ ନିଷିଦ୍ଧାଞ୍ଚଳରେ ପଇଁତରା ଦେଉଛନ୍ତି। ଆଜିସୁଦ୍ଧା ୨୮ଟି ଟ୍ରଲର ଜବତ ହୋଇଥିବା ବେଳେ ପାଖାପାଖି ୨୦୦ ମତ୍ସ୍ୟଜୀବୀ ଗିରଫ ହୋଇଥିବା ଗହୀରମଥା ଅତିରିକ୍ତ ବନ ସଂରକ୍ଷକ ଶ୍ରୀରାମପଦ ଶ୍ରୀ ଅରବିନ୍ଦ ମିଶ୍ର ସୂଚନା ଦେଇଛନ୍ତି।

ସେହିପରି ରାଜନଗର ବ୍ଲକସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକାର ବାଉଁଶଗଡ଼ି ନଦୀରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ୩ଜଣ ମତ୍ସ୍ୟଜୀବୀଙ୍କୁ ବନବିଭାଗ ପକ୍ଷରୁ ବୁଧବାର ଗିରଫ କରାଯାଇଛି। ଏଥିସହ ଗୋଟିଏ ଡଙ୍ଗା ଜବତ ହୋଇଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ତାଳଚୁଆ ସାମୁଦ୍ରିକ ଥାନା ଅଧୀନ ରଙ୍ଗଣୀ ପଞ୍ଚାୟତ ଅଞ୍ଚଳର ସତ୍ୟବ୍ରତ ମଣ୍ଡଳ, ଗୁରୁପଦ ପ୍ରଧାନ, ସୁଜନ ପ୍ରଧାନ। ଗିରଫ ମତ୍ସ୍ୟଜୀବୀମାନଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି।

# ମାର୍ଶାଘାଇରେ ପଲିଥିନ ବର୍ଜନ କାର୍ଯ୍ୟକ୍ରମ



ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ।

**ମାର୍ଶାଘାଇ,୨୧।୧୧(ଡ଼ିଏନ୍‌ଏ)**

ଦୈନିକ ଧରିତ୍ରୀ ଏବଂ ଓଡିଶା ପୋଷ୍ଟ ତରଫରୁ ପଲିଥିନ ବର୍ଜନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହିପରିପ୍ରେକ୍ଷୀରେ ମାର୍ଶାଘାଇ ବ୍ଲକର କରିଲୋପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଏକାଠି ହୋଇ ସ୍ୱଚ୍ଛ ଭାରତ ଯୋଜନାରେ ପଲିଥିନ ବର୍ଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ହରେକୃଷ୍ଣ ମହତାବଙ୍କ ଜୟନ୍ତୀ

**ପାଟକୁରା,୨୧।୧୧(ଡି.ଏନ୍.ଏ.)**

ଗରଦପୁର ବ୍ଲକ ପାଟକୁରାସ୍ଥିତ କହ୍ନେଇଲାଲ ଜୀଉ ମଠ ପରିସରରେ ହରେକୃଷ୍ଣ ମହତାବଙ୍କ ୧୧୯ତମ ଜୟନ୍ତୀ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଖବରଦାତା ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ପ୍ରାଧାପକ ଅଜୟ କୁମାର ରାଉତ, ବିଜେଡି ନେତା ରବି ସାମଲ, ଗରଦପୁର ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର କୁମାର ମହାନ୍ତି ଓ ଖବରଦାତା ଶ୍ରୀକାନ୍ତ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ଆଧୁନିକ ଓଡ଼ିଶା ଗଠନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ହରେକୃଷ୍ଣ ମହତାବଙ୍କ ଭୂମିକା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ନରୋତ୍ତମ ପରିଡ଼ା, ଉଦୟନାଥ ଚୌଧୁରୀ, ଖବରଦାତା ନବଘନ ନାୟକ, ପ୍ରକୃତିବନ୍ଧୁ ଦ୍ୱାରିକା ନାଥ ସେନାପତି, ଖବରଦାତା ନାରାୟଣ ସାହାଣି, ଅଧାପକ ରମାକାନ୍ତ ପାଣି ପ୍ରମୁଖ ଉପସ୍ଥିତ ରହି ଡା.ହରେକୃଷ୍ଣ ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କହ୍ନେଇଲାଲ ଜୀଉ ମଠ ନିକଟ ଛକଠାରେ ଥିବା ଡା. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶେଷରେ ପାଟକୁରା ସରପଞ୍ଚ ସୂର୍ଯ୍ୟମଣି ସେଠୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଶିଶିର କୁମାର ପରିଡ଼ା, ପ୍ରହଲ୍ଲାଦ ସାହୁ, ଡା.ହିମାଂଶୁ ଭୂଷଣ ଷଡ଼ଙ୍ଗୀ, ଗୋକୁଳି ପରିଜା ପ୍ରମୁଖ ସଭାରେ ଯୋଗଦେଇଥିଲେ।



ସ୍ମୃତିଚାରଣ ସଭାରେ ମଞ୍ଚାସୀନ ଅତିଥିମାନେ।

# ଇସଲାମ ଧର୍ମରେ ସତ୍ୟ, ପ୍ରେମର ଗୁରୁତ୍ୱ ଅଧିକ

## ମହମ୍ମଦ ଜୟନ୍ତୀ ଉତ୍ସବ

**କେନ୍ଦ୍ରାପଡା ଅଫିସ, ୨୧।୧୧**

ଇସଲାମ ଧର୍ମର ମହାପୁରୁଷ ମହମ୍ମଦଙ୍କ ବାଣୀ ଅନୁସାରେ ସତ୍ୟ, ପ୍ରେମ ଓ ସମାନତାର ଗୁରୁତ୍ୱ ଅଧିକ। ଏଥିରେ ହିଂସାର ସ୍ଥାନ ନାହିଁ। କେନ୍ଦ୍ରାପଡ଼ା ସହରରେ ବୁଧବାର ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉତ୍ସବରେ ଧର୍ମଗୁରୁମାନେ ଏହି ମତପୋଷଣ କରିଛନ୍ତି। ସହରର ଜସନ୍ ଏ ଇଦ୍ ମିଲାଦ ଉନ ନବୀ କମିଟି ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ୨୫ଟି କମିଟିର ୧୦ ହଜାରରୁ ଉର୍ଦ୍ଧ୍ୱ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତି ଯୋଗଦେଇଥିଲେ। ନୂଆ ଇଦ୍‌ଗାହ ପଡ଼ିଆରେ କମିଟି ସଭାପତି ସେକ୍ ତଜମୁଲ ହୋସେନଙ୍କ ଅଧକ୍ଷତାରେ ଏକ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗୁରୁ ଇମାମବାଡ଼ା ମସ୍‌ଜିଦର ଇମାମ ହାଜୀ ହାଫିଜ କମାଲୁଦ୍ଦିନ ଖାଁ ହବିବି ଓ ଜାମ୍ମେ ମସଜିଦର ଇମାମ ସାହେବ, ମୌଲାନା ଗୋଲାମ ମହମ୍ମଦ ଓ ମୌଲାନା ଗୁଲାମ ମୁସ୍ତାଫା ପ୍ରମୁଖ ମୌଲାନାଙ୍କ ସମେତ ସାୟରମାନେ ଯୋଗ ଦେଇଥିଲେ।

ପୂର୍ବାହ୍ନରେ ସହରର ଜଇପୁରା, ଦିଲାରପୁର, ଇମାମପଡ଼ା, ଇଦ୍‌ଗାହ ମହଲା, ରଣପଡ଼ା, ଗରାପୁର, ଦାଉତପୁର, ମନକରପୁର, ଖଡ଼ିଅଙ୍ଗ, କନ୍ୟାଜୋର ଆଦି ସ୍ଥାନ ସହ କଜଳା, ମନ୍ତ୍ରୀପଡ଼ା ଆଦି ସହରର ପାଖଆଖ ବସ୍ତିରୁ ଶୋଭାଯାତ୍ରା ପାଇଁ ଟାଉନ ହାଇସ୍କୁଲ ପଡ଼ିଆରେ ଏକତ୍ରିତ ହୋଇଥିଲେ। ସହରର ବିଭିନ୍ନ ସ୍ଥାନରେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା, ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲା ପରିଷଦ ସଭାପତି ମାନସ କୁମାର ପରିଡା, ବିଜେଡି ନେତା ପ୍ରମୋଦ ସାହୁ, ପୂର୍ବତନ ପୌରାଧକ୍ଷ ଧୀରେନ ସାହୁ, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା ପ୍ରମୁଖ ଶୋଭାଯାତ୍ରାକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲା ସଭାପତି ଚିନ୍ମୟ ବେହୁରା, ପୂର୍ବତନ କାଉନସିଲର ଶରତ ବେହୁରା, ସଞ୍ଜୟ ରାଉତ, ସମ୍ବିତ ଶ୍ରୀଚନ୍ଦନ ପ୍ରମୁଖ ଶୋଭାଯାତ୍ରାକାରୀଙ୍କୁ ସ୍ୱାଗତ କରିଥିଲେ। ଏହି ଉତ୍ସବକୁ ସୟଦ ନୁରୁଦ୍ଦିନ, ହାଜୀ ସୟଦ ଅହେସାନ ଅଲ୍ଲୀ, ଏଜାଜ ଖାଁ, ଗୟାସୁଦ୍ଦିନ ଖାଁ, ହାଜି ଫାରୁକ୍, ସେକ୍ ଚନ୍ଦନ ପ୍ରମୁଖ ପରିଚାଳନା କରିଥିଲେ।

ସେହିପରି କେନ୍ଦ୍ରାପଡ଼ା ବ୍ଲକ ଗାଙ୍ଗପଡ଼ା ପଞ୍ଚାୟତର ଭରସିଂସ୍ଥିତ ଇଦ୍‌ଗାହ ମହଲାରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜସ୍ନ ଏ ଇଦ୍ ମିଲଦୁନନ ନବୀ କମିଟି ପକ୍ଷରୁ ଏଥିପାଇଁ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ଉପଲକ୍ଷେ ସ୍ଥାନୀୟ ଇଦ୍‌ଗାହଠାରେ ଧାର୍ମିକ ସଭା ଅନୁଷ୍ଠିତ ହୋଇଥିଲା। ଭରସିଂ ମସଜିଦ୍‌ର ମୌଲାନା ଉମତ ନବୀ ଇସଲାମ ଓ ମହମ୍ମଦଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। କମିଟି ସଦସ୍ୟ ଫିରୋଜ ଖାଁ, ବାବୁଲା ଖାଁ, ରିଜୁଆନ ଖାଁ, ଅବଦୁଲ୍ଲା ଖାଁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଅନାମବନ୍ଧୁ ଧଳ, ସରପଞ୍ଚ ସଞ୍ଜୁକ୍ତା ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବକ୍ତି ଯୋଗଦେଇ ଭାଇଚାରାର ପରମ୍ପରା ସୃଷ୍ଟି କରିଥିଲେ।



ମହମ୍ମଦ ଜୟନ୍ତୀ ଅବସରରେ ସହର ମଧ୍ୟରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଶୋଭାଯାତ୍ରା।



ସାରା ଅଲ୍ଲୀ ଖାଁ

# କେବଳ ଗୋଟିଏ ଦୁଃଖ

ସୈଫ ତନୟା ସାରା ଅଲ୍ଲୀ ଖାଁଙ୍କ ମନରେ ଏକ ଦୁଃଖ ଅଛି। ବର୍ତ୍ତମାନ ଖୁସିରେ ତାଙ୍କ ଗୋଡ଼ ତଳେ ଲାଗୁନି। କାରଣ ସେ ନାୟିକା ଭାବରେ ବଲିଉଡ୍‌ରେ ଏଣ୍ଟ୍ରି କରିସାରିଛନ୍ତି। ଚଳଚ୍ଚିତ୍ରଟି ହେଲା 'କେଦାରନାଥ', ଯାହାର କାହାଣୀ ୨୦୧୩ରେ ଉତ୍ତର ଭାରତରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା ଉପରେ ଆଧାରିତ। ପୁଣି ଫିଲ୍ମଟି ଚଳିତବର୍ଷ ଡିସେମ୍ବର ୭ରେ ରିଲିଜ୍ ହେବାକୁ ଯାଉଛି। ଏ ସବୁ ସତ୍ତ୍ୱେ ତାଙ୍କର ମନ ଦୁଃଖ। କାରଣ ଆକ୍ଟିଂରେ ତାଙ୍କର ରୋଲ ମଡେଲ ସାଜିଥିବା ତାଙ୍କ ପାପା ପାଖରେ ରହୁନାହାନ୍ତି। କରୀନାଙ୍କୁ ସୈଫ ବିବାହ କରିବା ପୂର୍ବରୁ ସାରାଙ୍କ ମା' ଅମ୍ରିତା ସିଂଙ୍କ ସହ ଡିଭୋର୍ସ ହୋଇଥିଲା। ତା'ପରେ ମା-ଝିଅ ଅଲଗା ରହୁଛନ୍ତି। 'ଆମେ ଏଠି ଖୁସିରେ ଅଛୁ, ସେଠାରେ ପାପା ମଧ୍ୟ ଖୁସିରେ ଅଛନ୍ତି, ହେଲେ ଯଦି ଆମେ ଗୋଟିଏ ଘରେ ରହୁଥାଆନ୍ତୁ ତେବେ ଏହି ଖୁସି ଦ୍ୱିଗୁଣିତ ହୋଇଯାଇଥାଆନ୍ତା। ଏ କଥାକୁ ନେଇ ମନ ଦୁଃଖ ତ ହେଉଛି, ହେଲେ ଏବେ ଆମେ ଉପାୟଶୂନ୍ୟ।' ସୂଚନାଯୋଗ୍ୟ, ସାରାଙ୍କ ଅଭିନୀତ 'କେଦାରନାଥ'ର ନାୟକ ଭୂମିକାରେ ଅଭିନୟ କରିଛନ୍ତି ସୁଶାନ୍ତ ସିଂ ରାଜପୁତ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ କପୁର।

# ଚାମ୍ପିୟନ ଅର୍ଚ୍ଚିତା

ଗାଁର ଶାନ୍ତ ସରଳ ଝିଅଟିଏ। ଘର କାମ ବ୍ୟତୀତ ବିଲରେ ହଳ କରିବା ଆଦି କାର୍ଯ୍ୟରେ ସେ ଧୁରନ୍ଧର। ସମୟଚକ୍ରରେ ପଡି ସେ ଜନ୍ମସ୍ଥାନ ଛାଡି ସହରକୁ ଚାଲିଯାଏ। ସେଠାରେ ମଞ୍ଚରେ ନାଚେ। ଲାଲ୍‌ପାନ ବିବି ଭାବରେ ତାକୁ ମିଳେ ଅଜସ୍ର ପ୍ରଶଂସା। ହେଲେ ଥରେ ଏମିତି ସୁଯୋଗ ଆସେ, ଯାହାକୁ ପାଥେୟ କରି ସେ ବକ୍ସିଂ ଶିଖିବାକୁ ମନ ବଳାଏ। ଆଉ ତା'ପରେ ? ସେ ନିଜକୁ ଜଣେ ଖାତିସମ୍ପନ୍ନ ବକ୍ସର ଭାବରେ ପରିଚିତ କରାଇପାରେ କି? ବାପାଙ୍କ ସ୍ୱପ୍ନକୁ ସାକାର କରିବାକୁ ପଣ କରିଥିବା ଏହି ଝିଅଟିର ଆଶା ପୂରଣ ହୁଏ କି ? ଜଣେ ଝିଅର ଏଭଳି ଉତ୍‌ଥାନ ପତନ କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଚାମ୍ପିୟନ'। ଡଗ୍ଣ୍ୟ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହି ଚଳଚ୍ଚିତ୍ରର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଅର୍ଚ୍ଚିତା ସାହୁ। ଏନ୍. ଗଙ୍ଗାଧର ଏବଂ ଦୀପ୍ତିଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀ କ୍ରିଷ୍ଣା। ଡ. ରଜନୀ ରଞ୍ଜନ ସଂଳାପ ରଚନା କରିଛନ୍ତି ଏବଂ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ବୈଦ୍ୟନାଥ ଦାଶ।



## ରିଲିଜ୍ ଅପେକ୍ଷାରେ

# ସାଥୀ ତୁ ଫେରିଆ

ଚଳିତ ମାସ ୨୩ରେ ପରଦା ଉପରକୁ ଆସୁଛି ଓଡ଼ିଆ ସିନେମା 'ସାଥୀ ତୁ ଫେରିଆ'। ମା'-ପୁଅର ଅନାବିଳ କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ଏହି ଚଳଚ୍ଚିତ୍ର। ଏଥିରେ ଲଭ୍ ଇମୋଶନ, ଆକ୍ସନର ମଜା ଦର୍ଶକ ନେଇପାରିବେ। ଖାସ୍ କଥା ହେଲା, ଏହି ଫିଲ୍ମରେ ଅଭିନେତା ଜ୍ୟୋତି ଡନ୍ ସାଜିଛନ୍ତି। ଏଭଳି ଭୂମିକା ସମ୍ପର୍କରେ ଜ୍ୟୋତି କହନ୍ତି, 'ମା-ପୁଅର ସମ୍ପର୍କକୁ ନେଇ କାହାଣୀ ରଚିତ। ଏଥିରେ ମୋତେ ଏକ ଭିନ୍ନ ଧରଣର ଭୂମିକା ମିଳିଛି। ଅନ୍ୟପକ୍ଷରେ ତାହାକୁ ସଫଳ କରିବାକୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି। ଗୋଟିଏ କଥା- ଫିଲ୍ମଟି ସବୁବର୍ଗର ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା।' ଜି ସାର୍ଥକ ସହାୟତା ଏବଂ ସାଇ ଶ୍ରଦ୍ଧା ଷ୍ଟୁଡିଓ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ବିନି ସାମଲ। ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ। ପ୍ରେମ୍ ଆନନ୍ଦଙ୍କ ସ୍ୱର ସଂଯୋଜନାରେ ଏଥିରେ ସଂଯୋଜିତ ଏକ ରୋମାଣ୍ଟିକ୍ ଗୀତ 'ପ୍ରେମର ଅଙ୍ଗନୱାଡିରେ' ବେଶ୍ ଭାଇରାଲ ହୋଇସାରିଲାଣି। ମହାଶ୍ୱେତା ରାୟ, ଅନୁଭା ସୌର୍ଯ୍ୟା, ଶୁଭାଶିଷ ଶର୍ମା (ମଣ୍ଟୁ), ଶ୍ରୀତମ ଦାସ, ରାଜୀବ ମହାନ୍ତି, ପିଣ୍ଟୁ ନନ୍ଦ, ଅନୀଷା, ବିଜୁ ବଡ଼ଜେନା ପ୍ରମୁଖ କଳାକାର ଉକ୍ତ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

'ସାଥୀ ତୁ ଫେରିଆ'
ଚଳଚ୍ଚିତ୍ରରେ ଅନୁଭା-ଜ୍ୟୋତି





ରଣବୀର-ଆଲିଆ

# ଚାଲିଛି ଫୁଲ୍ ମସ୍ତି

ରଣବୀର କପୁର ଏବଂ ଆଲିଆ ଭଟ୍ଟଙ୍କ ପ୍ରେମ ସମ୍ପର୍କ ବିଷୟରେ କିଏ ବା ଅଜଣା। ଦୁହେଁ ଏବେ ପୁଣି ଥରେ ଆଲୋଚନାର ଶିରୋନାମା ପାଲଟିଛନ୍ତି। ଦୁହେଁ କୁଆଡେ ଫୁଲ ମସ୍ତିରେ ବ୍ୟସ୍ତ। ଏହି ଯୋଡି ଏବେ ନିର୍ମିତ ହେଉଥିବା ହିନ୍ଦୀ ସିନେମା 'ବ୍ରହ୍ମାସ୍ତ୍ର'ରେ ଅଭିନୟ କରୁଛନ୍ତି। ଶୁଟିଂ ଶେଷ ହେବା ପରେ ଦୁହେଁ ଲଙ୍ଗ ଡ୍ରାଇଭରେ ବାହାରି ଯାଉଛନ୍ତି। ନିକଟରେ ଦୁହିଁଙ୍କୁ ମୁମ୍ବାଇ ବିଚ୍‌ରେ ଦେଖିବାକୁ ମିଳିଥିଲା। କାର୍ ଭିତରେ ରଣବୀର ଚୁପଚାପ ବସିଥିବା ବେଳେ ଆଲିଆ ମୋବାଇଲ ଦେଖିବାରେ ବ୍ୟସ୍ତ ଥାଆନ୍ତି। ଏହି ଫଟୋଟି ଏବେ ଭାଇରାଲ ହୋଇଛି ଆଉ ସେ ବିଷୟରେ ସଫେଇ ଦେବାକୁ ଉଚିତ ମଣୁନାହାନ୍ତି ଏହି ପ୍ରେମୀ ଯୁଗଳ। ଖାସ୍ କଥା ହେଲା, ଏହି ଫିଲ୍ମରେ ରଣବୀରଙ୍କ ସହ ପ୍ରଥମ ଥର ପାଇଁ ଅଭିନୟ କରୁଛନ୍ତି ଆଲିଆ। ଏହାର ନିର୍ଦ୍ଦେଶକ ଆର୍ଯ୍ୟନ ମୁଖାର୍ଜୀ ଯେତେବେଳେ ଏହି ଅଫର ଦୁହିଁଙ୍କୁ ଦେଲେ ସେତେବେଳେ ଦୁହେଁ ଏକାଥରେ ରାଜି ହୋଇଯାଇଥିଲେ। 'ବ୍ରହ୍ମାସ୍ତ୍ର' ଚଳିତବର୍ଷ ଡିସେମ୍ବରରେ ରିଲିଜ ହେବାକୁ ଯାଉଛି।

# ଅଭିନୟ ନିଶାରେ ଅମୂଲ୍ୟ

ପ୍ରଥମେ ଥିଏଟର ତା'ପରେ ବେତାର ନାଟକ ରଚନା ଏବଂ ଅଭିନୟ, ଟିଭି କାର୍ଯ୍ୟକ୍ରମ, ଟେଲିଫିଲ୍ମ, ଶର୍ଟ ଫିଲ୍ମ, ବିଜ୍ଞାପନ। ଓଡ଼ିଆ ଚଳଚ୍ଚିତ୍ରରେ ନିଜର ଦକ୍ଷତା ଦେଖାଇ ନିଜ ଲକ୍ଷ୍ୟପଥରେ ଆଗେଇ ଚାଲିଛନ୍ତି ସେ। ନିଜର କ୍ୟାରିୟରକୁ ସେ ଏତିକିରେ ସୀମିତ ରଖିନାହାନ୍ତି। ମଡେଲିଂ ସହ ଆଙ୍କରିଂ ହେଉଛି ତାଙ୍କର ଅନ୍ୟତମ ନିଶା। ହେଲେ ଅଭିନୟରୁ ତାଙ୍କୁ ମିଳିଛି ଆତ୍ମତୃପ୍ତି। ସେ ହେଲେ ଅମୂଲ୍ୟ ରଞ୍ଜନ ସାହୁ (ଅନମୋଲ)। ପାଖାପାଖି ୮୦ଟି ଥିଏଟର ନାଟକରେ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇ ସାଉଁଟିଛନ୍ତି ଅନେକ ପ୍ରଶଂସା। ପାଞ୍ଚଟି ବେତାର ନାଟକ ରଚନା କରି ସେଥିରେ ଅଭିନୟ କରିସାରିଛନ୍ତି ଅମୂଲ୍ୟ। ଓଡ଼ିଆ ସିନେମା 'ଅ ଆ ହର୍ଷେଇ', 'ଏମିତି ପ୍ରେମ ହୁଏନା', 'ଝିଅଟା ବିଗିଡି ଗଲା' ଏବଂ 'ସପନର ପଥେ ପଥେ', ଟେଲିଫିଲ୍ମ 'କର୍ତ୍ତବ୍ୟ', 'ସମ୍ପର୍କ' ତାଙ୍କ ଅଭିନୟ ଦକ୍ଷତାର ସ୍ୱାକ୍ଷର ବହନ କରିଥାଏ। ମଞ୍ଚ ସଞ୍ଚାଳକ ଭାବରେ ତାଙ୍କର ମଧ୍ୟ ପରିଚୟ ରହିଛି। ବ୍ରହ୍ମପୁର ଗୋସେଇଁ ନୂଆଗ୍ରାମରେ ଜନ୍ମିତ ଏବଂ ବର୍ତ୍ତମାନ କଟକରେ ରହୁଥିବା ଏହି ଅଲ୍‌ରାଉଣ୍ଡର ନିଜ କ୍ୟାରିୟରରେ ଆହୁରି ସଫଳତାର ଫର୍ଦ୍ଦ ଯୋଡ଼ିବାକୁ ବେଶ୍ ପ୍ରତିଶ୍ରୁତିବଦ୍ଧ।



**ଅପେରା ହାଲ୍‌ଚାଲ୍**

# ନାୟକ ହେବାକୁ ଆଶା

ସେ ହସର ବଣିକ। ତାଙ୍କ ଡାଏଲଗ୍ ଶୁଣିବା ମାତ୍ରେ ଦର୍ଶକେ ହସି ହସି ଗଡ଼ିଯାଆନ୍ତି। ତାହା ଶୂନ୍ମାପୁଡି ହେଉ ଅବା 'ହାଲୋ, କିଏ କହୁଚ'। ଜଲିଉଡ୍‌ରେ ଦୀର୍ଘ ୧୮ ବର୍ଷର ଯାତ୍ରାରେ ସେ ସତେଯେମିତି ଅଭିନୟ ପାଇଁ ନିଜକୁ ସମର୍ପି ଦେଇଛନ୍ତି, ଯାହା ତାଙ୍କ ଅଭିନୟରୁ ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ। କମେଡିରୁ ନିଜର ଯାତ୍ରା ଜୀବନ ଆରମ୍ଭ କରିଥିବା ଏହି ଲୋକପ୍ରିୟ ଅଭିନେତା ଜଣକ ହେଲେ ଭିକାରୀ ସ୍ୱାଇଁ। ୨୦୦୦ରେ ସେ ଏଣ୍ଟ୍ରି କରନ୍ତି ପଞ୍ଚସଖା ଗଣନାଟ୍ୟରେ। ପ୍ରଥମ ନାଟକ 'ମା' କାନ୍ଦେ ଲୁଚି ଲୁଚି' ପରେ ସେ ଗୋଟିଏ ପରେ ଗୋଟିଏ ନାଟକରେ ନିଜ ଆକ୍ଟିଂ ଦକ୍ଷତାର ପ୍ରମାଣ ଦେଇସାରିଛନ୍ତି। ପଞ୍ଚସଖା, ଯାତ୍ରା ତ୍ରିରଙ୍ଗା ପରେ ବର୍ତ୍ତମାନ ଶିବାନୀ ଗଣନାଟ୍ୟରେ ଦୀର୍ଘ ନଅ ବର୍ଷ ଧରି ନିଜ କ୍ୟାରିୟରକୁ ଆଗକୁ ଆଗେଇ ନେଉଛନ୍ତି ଏହି କମେଡିଆନ୍। 'ମୋ ଗୁରୁ କିଶୋର ଖଣ୍ଡୁଆଳଙ୍କ ରଚିତ ଏବଂ ନିର୍ଦ୍ଦେଶିତ 'ହେ ଈଶ୍ୱର ନମସ୍କାର'ର ଜଟିଆ ବାରିକ (ଶୂନ୍ମାପୁଡି) ଚରିତ୍ର ମୋତେ ଦର୍ଶକଙ୍କ ନିକଟରେ ପରିଚିତ କରାଇ ପାରିଥିଲା। ମଣିଷ ଆଶାରେ ବଞ୍ଚେ। ପ୍ରତ୍ୟେକ ଦର୍ଶକ ମୋ ପାଇଁ ଭଗବାନ। ସେମାନଙ୍କୁ କିପରି ଅଭିନୟରେ ବାନ୍ଧି ରଖିବି ସେ ନେଇ ସବୁବେଳେ ଚେଷ୍ଟା କରିଥାଏ। ଏଥିରେ ନିଜର ବେଷ୍ଟ ଦେବାକୁ ଉଦ୍ୟମ ଜାରି ରହିବ। ବାକି ରହିଲା ଆଶା। କେବଳ କମେଡିଆନ ଭାବରେ ନୁହେଁ, ଏକ ନାଟକରେ ମୁଖ୍ୟ ନାୟକ ଭୂମିକାରେ ଅଭିନୟ କରିବାର ଯଦି କେବେ ସୁଯୋଗ ମିଳେ ତେବେ ତାହା ମୋ ପାଇଁ ସୌଭାଗ୍ୟର କଥା ହେବ। ମା' ଶାରଳାଙ୍କ ଉପରେ ମୋର ଭରସା ରହିଛି। ଯଦି ପାର୍ଟି ମାଲିକ, ନାଟ୍ୟକାର ଏବଂ ନିର୍ଦ୍ଦେଶକ ମୋ ଉପରେ ଥରେ ଭରସା ରଖି ସୁଯୋଗ ଦେଲେ ତାହାକୁ ତୁଲାଇବାର ଦକ୍ଷତା ମୋ ପାଖରେ ରହିଛି ବୋଲି କହିବି। ଯୁଆଡ଼େ ଗଲେ ମୋତେ ଲୋକ ଦେଖି କହନ୍ତି, 'ଆରେ ଦେଖ ଶୂନ୍ମାପୁଡି ଆସିଗଲା'। ଏଇ କଥା ପଦକ ଶୁଣିବା ପରେ ମୋ ମନରେ କେତେ ଖୁସି ଆସେ ତାହା ବର୍ଣ୍ଣନା କରିପାରିବି ନାହିଁ।' ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବଡ଼ ବାଲିକୁଦା ଗ୍ରାମରେ ଜନ୍ମିତ ହାଡିବନ୍ଧୁ ସ୍ୱାଇଁଙ୍କର ଏହି ଜ୍ୟେଷ୍ଠ ପୁତ୍ରଙ୍କ ଅଭିନୀତ ପ୍ରମୁଖ ତଥା ଦର୍ଶକାଦୃତ ନାଟକଗୁଡିକ ମଧ୍ୟରେ ରହିଛି 'ସଜନୀ ଲାଜରେ ଗଲି ମୁଁ ମରି, କଟକୀ ଝିଅଟା ଅଟକି ଗଲା, ରାଜଧାନୀ ଝିଅ ରାଜନନ୍ଦିନୀ, ରୂପ ରାଇଜର ରାଜକୁମାରୀ, ରଙ୍ଗିଲା ରାଧିକା ରଜନୀଗନ୍ଧା, ରାମ ବନବାସ କାହାଣୀ ଶେଷ, ବରଣୀ କନିଆ ବରଷାରାଣୀ ଏବଂ ରଜନୀ ସଜନୀ ରାତି ପାହିଲା'।



ଭିକାରୀ ସ୍ୱାଇଁ

# ଭଲ ସିନେମା ପାଇଁ ଉଦ୍ୟମ ହେଉ

ଓଡ଼ିଆ ଚଳଚ୍ଚିତ୍ରର ବୟସ ଅନୁସାରେ ପରିପକ୍ୱତା ପରିପୃଷ୍ଟ ଥିବା ବାସ୍ତବଧର୍ମୀ ଚଳଚ୍ଚିତ୍ର ପ୍ରଦର୍ଶନ ହେଲେ ତାହା ସାଧାରଣ ଦର୍ଶକମାନଙ୍କର ପସନ୍ଦ ଯୋଗ୍ୟ ହେବ। କାହାଣୀ ଗତିଶୀଳତା ନଥାଇ କେବଳ ଗତାନୁଗତିକ ଭିନ୍ନ ଭିନ୍ନ ଭାଷାରୁ ସିଧାସଳଖ ଉତାରି ଆମେ ନିଜ ଚଳଚ୍ଚିତ୍ରର ପ୍ରଶଂସାରେ ଶତମୁଖ ହେଉ। ହେଲେ ଏବେ ଅଧିକାଂଶ ସାଧାରଣ ଜନତା ଓଡ଼ିଆ ଚଳଚ୍ଚିତ୍ର ଦର୍ଶନ କରିବା ଦିଗରେ ବିମୁଖ।

ଭଲ ଚଳଚ୍ଚିତ୍ର ନିର୍ମାଣ କରିବାକୁ ହେଲେ ପରିଶ୍ରମ ଲୋଡ଼ା। ଓଡ଼ିଶାରେ କିଛି ନିର୍ଦ୍ଦେଶକମାନେ ବିନା ପରିଶ୍ରମରେ ଉତ୍ତରା ଚଳଚ୍ଚିତ୍ରଟିଏ ନିର୍ମାଣ କରି ନିଜର ପ୍ରତିଷ୍ଠା ଖ୍ୟାତିକୁ ଆଳ ଦେଖାଇ ବଞ୍ଚିବା ଏକମାତ୍ର ପନ୍ଥା। ଆମ ରାଜ୍ୟରେ ଏଭଳି କାହାଣୀ ଅଛି ଯାହାକୁ ନେଇ ଭଲ ସିନେମାଟିଏ ନିର୍ମାଣ କରାଯାଇପାରିବ। ଏହାର ଉଦାହରଣ ଭାବରେ ନିର୍ମାଣାଧୀନ ଓଡିଆ ଚଳଚ୍ଚିତ୍ର 'ପାଟଣାଗଡ'କୁ ନିଆଯାଇପାରେ। ଅର୍ନ୍ତଜାତୀୟ ଖ୍ୟତି ସମ୍ପନ୍ନ ନିର୍ଦ୍ଦେଶକ ରାଜେଶ ଟଚରିଭରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମଟି ପରଦାରେ ପ୍ରଦର୍ଶିତ ହେଲେ ତାହା ଅନ୍ୟ ପ୍ରଯୋଜକମାନଙ୍କୁ ଏଭଳି ବାସ୍ତବଧର୍ମୀ ଚଳଚ୍ଚିତ୍ରଟିଏ ନିର୍ମାଣ କରିବାକୁ ନିଶ୍ଚୟ ପ୍ରେରଣା ଯୋଗାଇବ। ଭଲ ସିନେମା ସବୁବେଳେ ସବୁ ସମୟରେ ସୁନାମ କେବଳ ନୁହେଁ, ଦର୍ଶକମାନଙ୍କ ମନକୁ ମଧ୍ୟ ପ୍ରଭାବିତ କରେ। ଭଲ ଓଡ଼ିଆ ସିନେମା ନିର୍ମାଣରେ ଶିଥିଳତା ଦେଖା ଦେବା ସ୍ୱାଭାବିକ। ଅନେକ ଅଭିଜ୍ଞ ନିର୍ଦ୍ଦେଶକମାନେ ନିଜ ନିଜ ପ୍ରଚେଷ୍ଟାରେ ଓଡ଼ିଆ ସିନେମା ନିର୍ମାଣ କରି ପ୍ରଶଂସିତ ହେଲେ, ମାତ୍ର ଆର୍ଥିକ ଦିଗରୁ ସେମାନଙ୍କ ପେଟ ପୁରିଲା ନାହିଁ। ନାନା ପରୀକ୍ଷାମୂଳକ ସିନେମା କରି ଥକ୍କାମନରେ ନିର୍ଦ୍ଦେଶକମାନେ ନିଜ ନିଜର ମନକୁ ବୁଝାଇ ନୀରବତା ମଧ୍ୟରେ ରହିଯାଇଛନ୍ତି। ହାତଗଣତି ଭଲ ପ୍ରଯୋଜକମାନେ ନିଜର ସୁଯୋଗ ପାଇଁ ଭଲ ସିନେମା ପ୍ରତି ଦରଦ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ।

ବର୍ତ୍ତମାନ ଯୁବପୀଢ଼ିଙ୍କୁ ଆକର୍ଷିତ କରିବାକୁ ହେଲେ ଭଲ ନିର୍ଦ୍ଦେଶକ ମାନଙ୍କର ନିର୍ଦ୍ଦେଶନାରେ ଚଳଚ୍ଚିତ୍ର ନିର୍ମାଣକୁ ଅଗ୍ରାଧିକାର ଦେବା ସହ ଗୁଣାତ୍ମକ ଦିଗ ପ୍ରତି ଅଧିକ ରୁଚିଶୀଳ କରିବା ଉଚିତ୍ ହେବ। ଓଡ଼ିଆ ଚଳଚ୍ଚିତ୍ର ପ୍ରତି ସଜାଗ ନହେଲେ ଆମେ କେବଳ ବର୍ଷକୁ ବର୍ଷ ନିଜର ଆତ୍ମସମୀକ୍ଷା କରି ଆତ୍ମବଡ଼ିମା ଦେଖାଇଲେ ଯୁବପୀଢ଼ି କ୍ଷମା ଦେବେ ନାହିଁ।

**-ଦିଲ୍ଲୀପ ହାଲି**
ମୋ-୯୮୬୧୦୦୯୨୫୨



ପରବର୍ତ୍ତୀ ପିଢ଼ିର ଗ୍ରାହକ ଚାହିଦାକୁ ଧ୍ୟାନରେ ରଖି ନୂଆ ଆର୍ଟିଗା ଡିଜାଇନ ହୋଇଥିବା ବେଳେ ଏହା ଗ୍ରାହକଙ୍କ ମନ ଜିଣିବାରେ ସକ୍ଷମ ହେବ।
**– କେନିଚି ଆୟୁକାୱା, ଏମ୍‌ଡି ତଥା ସିଇଓ, ମାରୁତି ସୁଜୁକି ଇଣ୍ଡିଆ**



ଆଗାମୀ ଦିନର ଚ୍ୟାଲେଞ୍ଜକୁ ଧ୍ୟାନରେ ରଖି ଭାରତରେ ଏକ ଦୃଢ଼ ଟିମ୍ ତଥା ନୂଆ ନିଯୁକ୍ତି ଉପରେ ଧ୍ୟାନ କେନ୍ଦ୍ରିତ କରିଛୁ।
**– ପିଟର ବେଜ୍, ସିଇଓ, ଆଇକିଆ ଇଣ୍ଡିଆ**

## ସଂକ୍ଷେପରେ

### ଅଭିଜିତ୍ ବୋଷ ହେଲେ ହ୍ୱାଟ୍ସଆପ୍‌ର ଭାରତ ମୁଖ୍ୟ



**ନୂଆଦିଲ୍ଲୀ,୨୧-୧୧:** ମେସେଜିଂ ଆପ୍ ହ୍ୱାଟ୍ସଆପ୍ କେନ୍ଦ୍ର ସରକାରଙ୍କ ବିଭିନ୍ନ ଦାବି ମଧ୍ୟରୁ ଗୋଟିଏ ମାନି ନେଇଛି। କମ୍ପାନୀ ବୁଧବାର ଭାରତରେ ନିଜର ସ୍ଥାନୀୟ ପ୍ରମୁଖଙ୍କୁ ନିଯୁକ୍ତି ଦେଇଛି। ଅଭିଜିତ୍ ବୋଷ ହ୍ୱାଟ୍ସଆପ୍‌ର ଭାରତ ମୁଖ୍ୟ ଭାବେ ନିଯୁକ୍ତି ପାଇଛନ୍ତି। କାଲିଫର୍ଣ୍ଣିଆରେ କାର୍ଯ୍ୟ କରିଥିବା ବୋଷ ଗୁରୁଗ୍ରାମ୍‌ରେ ଟିମ୍ ତିଆରି କରିବେ। କମ୍ପାନୀର ମୁଖ୍ୟ ପରିଚାଳନା ଅଧିକାରୀ ମ୍ୟାଟ୍ ଇଦେମା କହିଛନ୍ତି ଯେ, ହ୍ୱାଟ୍ସଆପ୍ ଭାରତ ଲାଗି ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ନିଜ ମଧ୍ୟରେ ସମ୍ପର୍କ ପ୍ରତିଷ୍ଠା ଲାଗି କମ୍ପାନୀ ନୂଆ ଉତ୍ପାଦ ଆଣିବ। ସେହିପରି ଭାରତର ଡିଜିଟାଲ ଅର୍ଥନୀତିକୁ ମଧ୍ୟ ସହାୟତା ଦିଆଯିବ। ଜଣେ ସଫଳ ଉଦ୍ୟୋଗୀ ହେବା ଦୃଷ୍ଟିରୁ ଯଥାର୍ଥ ସହଭାଗିତା କିପରି କରିବାକୁ ହେବ ତାହା ବୋଷ ଜାଣିଛନ୍ତି ବୋଲି ସେ କହିଛନ୍ତି।

### ଧରାପଡ଼ିଛି ୨୯୦୮୮ କୋଟିର ଟିକସ ଫାଙ୍କି




**ନୂଆଦିଲ୍ଲୀ,୨୧-୧୧:** ଅର୍ଥ ମନ୍ତ୍ରଣାଳୟ ଅଧୀନ ଯାଞ୍ଚ ବିଭାଗ ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଅକ୍ଟୋବର ଅବଧି ମଧ୍ୟରେ ମୋଟ୍ ୨୯,୦୮୮ କୋଟି ଟଙ୍କାର ଅପ୍ରତ୍ୟକ୍ଷ ଟିକସ ଫାଙ୍କି ଧରିଛି। ୧୮୩୫ ମାମଲାରେ ଏହି ଚୋରି ଧରାଯାଇଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜିଏସ୍‌ଟି ସତର୍କତା ମହାନିର୍ଦ୍ଦେଶାଳୟ(ଡିଜିଜିଆଇ) ଦ୍ୱାରା ଧରାପଡିଥିବା ୫୭୧ ମାମଲାରେ ଜିଏସ୍‌ଟି ଫାଙ୍କି ହୋଇଛି। ଏଥିରେ ମୋଟ୍ ୪୫୬୨ କୋଟି ଟଙ୍କା ଟିକସ ଫାଙ୍କି ଧରାପଡିଛି। ତେବେ ସେବା ଟିକସରେ ସର୍ବାଧିକ ୧୧୪୫ ମାମଲା ଧରାପଡିଛି। ଏଥିରେ ମୋଟ୍‌ରେ ୨୨,୯୭୩ କୋଟି ଟଙ୍କା ସରକାର ରାଜସ୍ୱ ହରାଇଛନ୍ତି ବୋଲି ଜଣାପଡିଛି। ଏହି ଅବଧିରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କର ୧୧୯ ମାମଲାରେ ୧୫୫୩ କୋଟି ଟଙ୍କା ଫାଙ୍କି ଧରାଯାଇଛି। ଏହି ଅବଧିରେ ୫୪୨୭ କୋଟି ଟଙ୍କା ଆଦାୟ କରାଯାଇଛି। ଏଥିରୁ ଜିଏସ୍‌ଟି ବାବଦରେ ୩୧୨୪ କୋଟି ଟଙ୍କା ଏବଂ ସେବା ଟିକସ ବାବଦରେ ୨୧୭୪ କୋଟି ଟଙ୍କା ଆଦାୟ ହୋଇଛି।

## ମୁଖ୍ୟ ଆର୍ଥିକ ଉପଦେଷ୍ଟା ନିଯୁକ୍ତି

# ପୁନମ୍ ଗୁପ୍ତାଙ୍କୁ ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ,୨୧-୧୧**

- ପ୍ରଥମ ମହିଳା ସିଇଏ ହୋଇପାରନ୍ତି
- ଅରବିନ୍ଦ ସୁବ୍ରମଣ୍ୟନଙ୍କ ପରେ ଖାଲିପଡ଼ିଛି ପଦ
- ୨୦୧୮ ଜୁନ୍‌ରେ ଇସ୍ତଫା ଦେଇଥିଲେ ସୁବ୍ରମଣ୍ୟନ୍
- ପୂର୍ବତନ ଗଭର୍ଣ୍ଣର ବିମଲ ଜଲାନଙ୍କ ଅଧ୍ୟକ୍ଷତାରେ କମିଟି ଖୋଜୁଛି ନୂଆ ସିଇଏ



ଖୁବଶୀଘ୍ର ଦେଶକୁ ପ୍ରଥମ ମହିଳା ମୁଖ୍ୟ ଆର୍ଥିକ ଉପଦେଷ୍ଟା (ସିଇଏ) ମିଳିବାକୁ ଯାଉଛି। ବିଶ୍ୱବ୍ୟାଙ୍କରେ କାର୍ଯ୍ୟରତ ପୁନମ୍ ଗୁପ୍ତା ଏହି ପଦରେ ସ୍ଥଳାଭିଷିକ୍ତ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ପୂର୍ବତନ ସିଇଏ ଅରବିନ୍ଦ ସୁବ୍ରମଣ୍ୟନ୍‌ଙ୍କ ଇସ୍ତଫା ପରେ ଏବେ ଏହି ପଦଟି ଖାଲିପଡ଼ିଛି। ସେ ପାରିବାରିକ କାରଣ ଦର୍ଶାଇ ଚଳିତ ବର୍ଷ ଜୁନ୍‌ରେ ନିଜ ପଦରୁ ଇସ୍ତଫା ଦେଇଥିଲେ।

ଦେଶର ପରବର୍ତ୍ତୀ ସିଇଏ କିଏ ହେବ ସେ ନେଇ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ସମ୍ଭାବ୍ୟ ଅର୍ଥନୀତି ବିଶେଷଜ୍ଞଙ୍କ ତାଲିକାରେ ପୁନମ୍‌ଙ୍କ ନାମ ସର୍ବାଗ୍ରେ ରହିଛି। ସେ ବିଶ୍ୱବ୍ୟାଙ୍କରେ ଭାରତର ଅଗ୍ରଣୀ ଅର୍ଥନୀତିଜ୍ଞ ଭାବେ ପ୍ରତିନିଧିତ୍ୱ କରୁଛନ୍ତି। ଏଥିପୂର୍ବରୁ ପୁନମ୍ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ରେ ଅର୍ଥନୀତିଜ୍ଞ ଭାବେ କାର୍ଯ୍ୟ କରିଛନ୍ତି। ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାନ୍ସ ଆଣ୍ଡ୍ ପଲିସି (ଏନ୍‌ଆଇପିଏଫ୍‌ପି)ରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଚେୟାର ପ୍ରଫେସର ଥିଲେ। ସେ ଦିଲ୍ଲୀ ସ୍କୁଲ୍ ଅଫ୍ ଇକୋନୋମିକ୍ସରେ ଆସୋସିଏଟ ପ୍ରଫେସର ଭାବେ ଦାୟିତ୍ୱ ତୁଲାଇଥିଲେ। ଆଇଏମ୍‌ଏଫ୍‌ରେ ସେ ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ, ୟୁରୋପୀୟ ବିଭାଗ ସହିତ ଗବେଷଣା ବିଭାଗ ଦାୟିତ୍ୱରେ ଥିଲେ। ତାଙ୍କର ଗବେଷଣାତ୍ମକ ସନ୍ଦର୍ଭମାନ ଜର୍ନାଲ ଅଫ୍ ଫାଇନାନ୍ସ, ଜର୍ନାଲ ଅଫ୍ ଇଣ୍ଟରନ୍ୟାଶନାଲ ଇକୋନୋମିକ୍ସ, ଆଇଏମ୍‌ଏଫ ଷ୍ଟାଫ୍ ପେପର୍ସ, ୱାର୍ଲ୍ଡ ବ୍ୟାଙ୍କ ରିପୋର୍ଟ୍ସ, ୱାର୍ଲ୍ଡ ବ୍ୟାଙ୍କ ଗ୍ଲୋବାଲ ଇକୋନୋମିକ ପ୍ରସପେକ୍ଟସରେ ପ୍ରକାଶ ପାଇଛି। ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସରୁ ସେ ମାଷ୍ଟର୍ସ ଏବଂ ମେରିଲାଣ୍ଡ ୟୁନିଭର୍ସିଟିରୁ ଇଣ୍ଟରନ୍ୟାଶନାଲ ଇକୋନୋମିକ୍ସରେ ପିଏଚଡି ହାସଲ କରିଥିଲେ। ତାଙ୍କ ସହିତ ଜେପି ମୋର୍ଗାନର ଚିଫ୍ ଇଣ୍ଡିଆ ଇକୋନମିଷ୍ଟ ସାଜିଦ୍ ଚିନୟ ଏବଂ ଇଣ୍ଡିଆ ସ୍କୁଲ ଅଫ୍ ବିଜନେସର କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ୍ ମଧ୍ୟ ମୁଖ୍ୟ ଆର୍ଥିକ ଉପଦେଷ୍ଟା ପଦ ଦୌଡରେ ରହିଛନ୍ତି। ସରକାରଙ୍କ ମତ ଅନୁଯାୟୀ ଏବେ ବିଶ୍ୱରେ ଆର୍ଥିକ ଅସ୍ଥିରତା ଜୋର୍ ଧରିଛି। ଏହାର ମୁକାବିଲା ଲାଗି ପାରଙ୍ଗମ ଥିବା ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କୁ ସରକାର ଖୋଜୁଛନ୍ତି। ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ ସରକାର ଜଣେ ନୂଆ ବ୍ୟକ୍ତିତ୍ୱଙ୍କୁ ଖୋଜୁଛନ୍ତି। ଅରବିନ୍ଦ ସୁବ୍ରମଣ୍ୟନ୍‌ଙ୍କ ଉତ୍ତରାଧିକାରୀଙ୍କୁ ଖୋଜିବା ପାଇଁ ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ବିମଲ ଜଲାନ ଏହି କମିଟିର ମୁଖ୍ୟ ଅଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଅରବିନ୍ଦ ସୁବ୍ରମଣ୍ୟନଙ୍କ ନିଯୁକ୍ତି ତିନି ବର୍ଷ ପାଇଁ ହୋଇଥିଲା। ଏହା ପରେ ତାଙ୍କୁ ଆଉ ବର୍ଷକ ପାଇଁ ତାଙ୍କ କାର୍ଯ୍ୟକାଳକୁ ବଢ଼ାଯାଇଥିଲା। ଏହି କାର୍ଯ୍ୟକାଳ ଆସନ୍ତା ବର୍ଷ ମେ'ରେ ଶେଷ ହେବାର ଥିଲା। ସୂଚନାଥାଉ କି, ଅରବିନ୍ଦଙ୍କ ପୂର୍ବରୁ ରଘୁରାମ ରାଜନ ଦେଶର ମୁଖ୍ୟ ଆର୍ଥିକ ଉପଦେଷ୍ଟା ଥିଲେ। ଏହି ଦୁଇ ଜଣ ଅର୍ଥନୀତିଜ୍ଞଙ୍କ ନିକଟରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ) ଏବଂ ବିଶ୍ୱ ବ୍ୟାଙ୍କରେ କାମ କରିବାର ଅଭିଜ୍ଞତା ଥିଲା। କେବଳ ସେତିକି ନୁହେଁ, ସେମାନଙ୍କ ଏକାଡେମିକ କ୍ୟାରିୟର ମଧ୍ୟ ଆଖିଦୃଶିଆ ଥିଲା। ପୁନମ୍ ଗୁପ୍ତା ଯଦି ଉକ୍ତ ପଦରେ ନିଯୁକ୍ତି ପାଆନ୍ତି ତେବେ ଏହି ଧାରା ବଜାୟ ରହିବ। ମେ ୨୦୧୪ରୁ ଡିସେମ୍ବର ୨୦୧୫ ମଧ୍ୟରେ ଇଳା ପଟ୍ଟନାୟକ ସରକାରଙ୍କ ପ୍ରମୁଖ ଆର୍ଥିକ ଉପଦେଷ୍ଟା ଥିଲେ। ସେହି ଅବଧିରେ କିଛି ସମୟ ପାଇଁ ସିଇଏ ପଦରେ କେହି ନ ଥିଲେ। କାରଣ ରାଜନ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଭାବେ ନିଯୁକ୍ତି ପାଇସାରିଥିଲେ ଏବଂ ଉପା-୨ ସରକାରଙ୍କ ସ୍ଥାନ ନେଉଥିବା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର କାହାକୁ ନିଯୁକ୍ତ କରି ନ ଥିଲେ। ଇଳା ଆର୍ଥିକ ବର୍ଷ ୨୦୧୪ର ଆର୍ଥିକ ସର୍ଭେ ରିପୋର୍ଟ ପ୍ରସ୍ତୁତ କରିଥିଲେ।

## ହୋଣ୍ଡା ଟୁହ୍ୱିଲର୍ସ-ଏନ୍‌ଏସ୍‌ଡିସି ଚୁକ୍ତି



**ଭୁବନେଶ୍ୱର,୨୧-୧୧**

ଦକ୍ଷତା ବିକାଶ ଲାଗି ଜାତୀୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷ (ଏନଏସ୍‌ଡିସି) ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ଲିମିଟେଡ ଓ ଜାଗୁଆର ଫାଉଣ୍ଡେଶନ ସହ ଚୁକ୍ତିରେ ସାମିଲ ହୋଇଛି। ଏହା ଦ୍ୱାରା ଯୁବକ ଯୁବତୀଙ୍କୁ ଅଟୋମୋଟିଭ୍ ଓ ପ୍ଲମ୍ବିଂ କ୍ଷେତ୍ରରେ କୌଶଳ ତାଲିମ ପ୍ରଦାନ କରାଯିବ। ସରକାରଙ୍କ ସ୍କିଲ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ଯୁବବର୍ଗଙ୍କୁ ଲ୍ୟାବ ତାଲିମ ସୁବିଧା ଯୋଗାଣ ଦ୍ୱାରା ସେମାନଙ୍କ ଆର୍ଥିକ ବିକାଶ କ୍ଷେତ୍ରରେ ଏହା ସହାୟକ ହେବ ବୋଲି କମ୍ପାନୀ ପ୍ରକାଶ କରିଛି। ପ୍ରଥମ ପର୍ଯ୍ୟାୟରେ ହୋଣ୍ଡା ଟୁହ୍ୱିଲର୍ସ ଯୁବବର୍ଗଙ୍କୁ ୨ ଚକିଆ ଏବଂ ୩ ଚକିଆ ଯାନ ଲାଗି ଅଟୋମେଟିକ ସେବା ଦେଶର ପ୍ରଥମ ପର୍ଯ୍ୟାୟରେ ଯୋଗାଇ ଦେବ।

## କର୍ତ୍ତବ୍ୟନିଷ୍ଠା ଲାଗି ରେଳ କର୍ମଚାରୀ ସମ୍ବର୍ଦ୍ଧିତ



**ଭୁବନେଶ୍ୱର,୨୧-୧୧**

ଡ୍ୟୁଟି ସମୟରେ କର୍ତ୍ତବ୍ୟନିଷ୍ଠ ଓ ସାବଧାନତା ଯୋଗୁ ଅନେକ ଯାତ୍ରୀଙ୍କ ଜୀବନ ରକ୍ଷା କରିଥିବା ଦୁଇ ଲୋକୋ ପାଇଲଟ ତଥା ଜଣେ କର୍ମଚାରୀଙ୍କୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଉମେଶ ସିଂ ପୁରସ୍କୃତ କରିଛନ୍ତି। ଖୋର୍ଦ୍ଧା ରେଳ ମଣ୍ଡଳର ଲୋକୋ ପାଇଲଟ ଏମ୍.ଏମ୍. କର୍ଣ୍ଣ, ସହାୟକ ଲୋକୋ ପାଇଲଟ ଏଲ୍.ଏନ୍. ବୁନକର ଓ ଖଡଗପୁର ରେଳ ମଣ୍ଡଳର ଗାର୍ଡ ଏଲ୍.ଡି. ବ୍ରହ୍ମାନଙ୍କରଙ୍କୁ ସିଂ ସମ୍ବର୍ଦ୍ଧିତ କରିବା ସହ ନଗଦ ଅର୍ଥ ରାଶି ପ୍ରଦାନ କରିଛନ୍ତି। ଅକ୍ଟୋବର ୪ରେ ସିକନ୍ଦରାବାଦ-ହାୱଡା ଫଲକନାମା ଏକ୍ସପ୍ରେସକୁ ସାବଧାନତା ସହ ଦୁର୍ଘଟଣାରୁ ଏହି କର୍ମଚାରୀମାନେ ରକ୍ଷା କରିପାରିଥିଲେ। ସେମାନଙ୍କ ସାବଧାନତା ତଥା ସତର୍କତା ଦ୍ୱାରା ଅନେକ ଲୋକଙ୍କ ଜୀବନ ରକ୍ଷା ହୋଇପାରିଛି ବୋଲି ସିଂ କହିଛନ୍ତି। ଲୋକୋ ପାଇଲଟମାନେ ଟ୍ରେନ ଚଳାଇବା ବେଳେ ବିଶେଷ ଯତ୍ନବାନ ହେବା ଆବଶ୍ୟକ। ନିଜ ପରିବାର ଉକ୍ତ ଗାଡିରେ ଯାତ୍ରା କରୁଛନ୍ତି ବୋଲି ଏହା ଲୋକୋ ପାଇଲଟ ମାନେ ବିଚାର କରିବା ଆବଶ୍ୟକ ବୋଲି ସିଂ ପ୍ରକାଶ କରିଛନ୍ତି। ଏହା ଶ୍ରେଷ୍ଠ ସୁରକ୍ଷା ପନ୍ଥା ହୋଇ ପାରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ମହାପ୍ରବନ୍ଧକ ରାଜୀବ ଶର୍ମା, ପ୍ରମୁଖ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଉପସ୍ଥିତ ଥିଲେ।

## ଆର୍‌ବିଆଇ-ସରକାର ବିବାଦ

# ଚାପ କମାଇଥିଲେ ସ୍ୱାଧୀନ ନିର୍ଦ୍ଦେଶକ

**ନୂଆଦିଲ୍ଲୀ,୨୧-୧୧**

- ଅକ୍ଟୋବର ୩ରେ ବୈଠକ ହୋଇଥିଲା
- ଯୋଜନା ପ୍ରସ୍ତୁତ କରାଯାଇଥିଲା




ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଭିତରେ ଚାପ କମାଇବା ଲାଗି ସ୍ୱାଧୀନ ନିର୍ଦ୍ଦେଶକମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଡେପୁଟି ଗଭର୍ଣ୍ଣର ବିରଲ ଆଚାର୍ଯ୍ୟ କେନ୍ଦ୍ରୀୟ ବ୍ୟାଙ୍କକୁ ସ୍ୱାୟତ୍ତତା ପ୍ରଦାନ ନେଇ ଖୋଲାଖୋଲି ଚେତାବନୀ ଦେବାର ଠିକ୍ ୩ ଦିନ ପରେ ଆର୍‌ବିଆଇ ବୋର୍ଡର କେତେ ଜଣ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଏକ ଗୋଷ୍ଠୀ ଚାପ କମାଇବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଏଥିଲାଗି ଅକ୍ଟୋବର ୩ରେ ତରବରିଆ ବୈଠକ ଡକାଯାଇଥିଲା ଏବଂ ସମସ୍ତ ସ୍ୱାଧୀନ ନିର୍ଦ୍ଦେଶକ ମୁମ୍ବାଇ ପହଞ୍ଚିଥିଲେ।

ଏହି ବିବାଦରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଜଣେ ସ୍ୱାଧୀନ ନିର୍ଦ୍ଦେଶକ କହିଥିଲେ ଯେ, ବିରଲ ଯାହା କଲେ ତାହା ନିଆଁରେ ଘିଅ ଢାଳିବା ସହିତ ସମାନ ଥିଲା। ସରକାର ଓ ଆର୍‌ବିଆଇ ମଧ୍ୟରେ ମତଭେଦ ନୂଆ ନୁହେଁ। ତେବେ ଗୋଟିଏ ବୋର୍ଡ ବୈଠକ ପରେ ବିରଲଙ୍କ ବକ୍ତବ୍ୟ ପ୍ରଦାନ ପରେ ମାମଲା ହାତରୁ ଖସିଯାଇଥିଲା। ଉଭୟ ପକ୍ଷ ସାଲିସ୍‌ଠାରୁ ବହୁ ଦୂରକୁ ଚାଲିଯାଇଥିଲେ। ଆର୍‌ବିଆଇକୁ ନିୟନ୍ତ୍ରଣରେ ରଖାଯିବା ଆବଶ୍ୟକ ବୋଲି ସେତେବେଳେ ମନେ ହୋଇଥିଲା। ସ୍ୱାଧୀନତା ନାମରେ ସବୁକିଛିକୁ ସ୍ୱୀକାର କରାଯାଇପାରିବ ନାହିଁ। ଆର୍‌ବିଆଇ ପାଇଁ ଏକ ସୀମା ରହିବା ଦରକାର ବୋଲି ସମସ୍ତେ ମନେ କରିଥିଲେ। ତେବେ ପଦକ୍ଷେପ ନେଉଥିବା ଏହି ସ୍ୱାଧୀନ ନିର୍ଦ୍ଦେଶକ ଗୋଷ୍ଠୀରେ ସରକାରଙ୍କ ମନୋନୀତ ସଦସ୍ୟ ଏସ୍ ଗୁରୁମୂର୍ତ୍ତି, ସତୀଶ ମାରାଠେ, ସଚିନ ଚତୁର୍ବେଦୀ ଓ ରେବତୀ ଅୟର ନ ଥିଲେ। ଏହାଛଡା କେନ୍ଦ୍ର ସରକାର ଆର୍‌ବିଆଇ ଆଇନର ଧାରା ୭ ପ୍ରୟୋଗ କରିବା ମଧ୍ୟ ଠିକ୍ ହେବ ନାହିଁ ବୋଲି ସମସ୍ତେ ଏକମତ ହୋଇଥିଲେ। ଏଭଳି ସ୍ଥିତିରେ ଏହି ସ୍ୱାଧୀନ ନିର୍ଦ୍ଦେଶକ ଗୋଷ୍ଠୀ ଏକାଧିକଥର ବୈଠକରେ ବସି ଯୋଜନା ପ୍ରସ୍ତୁତ କରିଥିଲେ। ବିବାଦର ମୂଳ ଖୋଜାଯାଇଥିଲା। କିଛି ପ୍ରସଙ୍ଗରେ ଉଭୟପକ୍ଷ ଯେପରି ସହମତ ହେବେ ସେଦିଗରେ ପ୍ରୟାସ କରାଯାଇଥିଲା। ତେବେ ବୈଠକରେ ଉଭୟ ଆର୍‌ବିଆଇ ଓ କେନ୍ଦ୍ର ସରକାରଙ୍କ ପ୍ରତିନିଧି ଖୋଲା ମନୋଭାବ ନେଇ ଆଲୋଚନା କରିବା ପରେ ସମାଧାନର ସୂତ୍ର ବାହାରି ଥିଲା।

## ଅର୍ଗାନିକ ଗ୍ରୀନ୍ ଟି'ର ଚାହିଦା ବଢୁଛି

**ଭୁବନେଶ୍ୱର,୨୧-୧୧**

ଅଧିକାଂଶ ଭାରତୀୟ ଦିନଚର୍ଯ୍ୟାରେ ଚା'କୁ ସାମିଲ କରିଥାନ୍ତି। ଲୋକମାନେ କ୍ଷୀର ଚା'କୁ ପସନ୍ଦ କରୁଥିବା ବେଳେ ଏବେ ଏହି ଟ୍ରେଣ୍ଡରେ ପରିବର୍ତ୍ତନ ଦେଖାଯାଉଛି। ଲୋକମାନେ ଏବେ ଅର୍ଗାନିକ ଗ୍ରୀନ୍ ଟି'କୁ ଅଧିକ ପସନ୍ଦ କରୁଥିବା ଦେଖାଯାଉଛି। ସ୍ୱାସ୍ଥ୍ୟ ସଚେତନ ଥିବା ଲୋକମାନେ ସେମାନଙ୍କ ଜୀବନଶୈଳୀରେ ଏହାର ବ୍ୟବହାରକୁ ଗୁରୁତ୍ୱ ଦେଉଥିବା ଦେଖାଯାଉଛି। କେବଳ ଭାରତ ନୁହେଁ ବିଦେଶରେ ମଧ୍ୟ ଏହି ଧାରା ଦେଖିବାକୁ ମିଳୁଛି। ଅର୍ଗାନିକ ଚା ବ୍ୟବହାର ପାଚନ ଯନ୍ତ୍ର ଉପରେ ଭଲ ପ୍ରଭାବ ପକାଇବା ସହ କୋଲେଷ୍ଟରଲ ନିୟନ୍ତ୍ରଣ କରିଥାଏ। ନୂଆଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ଏନ୍‌ଆଇଆର୍‌ଏଏମ୍‌ସି ଦ୍ୱାରା ପ୍ରସ୍ତୁତ ଏକ ଚା କପ୍ ପିଇବାକୁ ଜଣେ ବ୍ୟକ୍ତିଙ୍କୁ ଦିଆଯାଇଥିଲା। କପ୍‌ର ତଳଭାଗରେ ଏକ ବିଶେଷ ଫିଲଟର ରହିଥିଲା। ଯାତ୍ରା ସମୟରେ ଏହାର ବ୍ୟବହାର ଅତ୍ୟନ୍ତ ସୁବିଧା ଜନକ ବୋଲି ବ୍ୟକ୍ତି ଜଣଙ୍କ ଅନୁଭବ କରିଥିବା ପ୍ରକାଶ କରିଛନ୍ତି।

## ସ୍ୱଚ୍ଛତା କ୍ଷେତ୍ରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଯୋଗଦାନ

**ଭୁବନେଶ୍ୱର,୨୧-୧୧**

ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଭାରତ ସରକାରଙ୍କ 'ସ୍ୱଚ୍ଛ ଭାରତ' ତଥା 'ସ୍ୱଚ୍ଛ ବିଦ୍ୟାଳୟ' ଅଭିଯାନରେ ନିଜର ଯୋଗଦାନ ରଖିଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବ୍ୟାଙ୍କ ରାଜ୍ୟରେ ୪ଟି ବିଦ୍ୟାଳୟରେ ଶୌଚାଳୟ ସ୍ଥାପନ କରିଛି। ସାମାଜିକ ପ୍ରତିଷ୍ଠାନ ଗ୍ରାମ ବିକାଶର ସହଯୋଗରେ ବ୍ୟାଙ୍କ ପକ୍ଷରୁ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ବିଶ୍ୱ ଶୌଚାଳୟ ଦିବସ ଅବସରରେ ଏହି ନୂଆ ଶୌଚାଳୟଗୁଡ଼ିକୁ ଶୁଭାରମ୍ଭ କରାଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ସେହିଭଳି ଶୌଚାଳୟଗୁଡ଼ିକୁ ସେହି ସ୍କୁଲର ପରିଚାଳନା କମିଟିକୁ ହସ୍ତାନ୍ତର କରାଯାଇଛି।

## ବନ୍ଦ ହୋଇଯିବ ୫୦% ଏଟିଏମ୍

**ନୂଆଦିଲ୍ଲୀ,୨୧-୧୧**

ଏଟିଏମ୍ ଚଳାଇବାକୁ ନେଇ କେନ୍ଦ୍ର ସରକାରଙ୍କ ନିୟାମକଙ୍କ ପକ୍ଷରୁ ନିୟମ କଡ଼ାକଡି କରାଯାଉଥିବାରୁ ଏହାକୁ ପରିଚାଳନା କରିବାରେ କ୍ଷତି ବଢ଼ିବାରେ ଲାଗିଛି। ଏହି କାରଣରୁ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଦେଶରେ କାର୍ଯ୍ୟରତ ୨.୩୮ ଲକ୍ଷ ଏଟିଏମ୍ ମଧ୍ୟରୁ ପ୍ରାୟ ୫୦% ବନ୍ଦ ହୋଇଯିବ ବୋଲି ଆଶଙ୍କା ବ୍ୟକ୍ତ କରାଯାଇଛି। କନଫେଡେରେଶନ ଅଫ୍ ଏଟିଏମ୍ ଇଣ୍ଡଷ୍ଟ୍ରି(ସିଏଟିଏମ୍‌ଆଇ) ପକ୍ଷରୁ ଏ ସମ୍ପର୍କରେ ଚେତାବନୀ ଦିଆଯାଇଛି।

ସିଏଟିଏମ୍‌ଆଇ ଏକ ବିବୃତି ଜାରି କରି କହିଛି ଯେ, ଏଟିଏମ୍ ବନ୍ଦ ହେଲେ ହଜାର ହଜାର ନିଯୁକ୍ତି ତଥା ଆର୍ଥିକ ସମାବେଶକୁ ନେଇ ସରକାରଙ୍କ ଉଦ୍ୟମ ପ୍ରଭାବିତ ହେବ। ଅର୍ଦ୍ଧ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ଅଧିକାଂଶ ଏଟିଏମ୍‌କୁ ବନ୍ଦ କରିଦିଆଯିବ। ବିବୃତିରେ କୁହାଯାଇଛି ଯେ, ଏଟିଏମ୍ ହାର୍ଡୱେର ଏବଂ ସଫ୍ଟୱେର ଅପ୍‌ଗ୍ରେଡ୍ କରିବା, କ୍ୟାସେଟ୍ ସ୍ୱାପ୍ ମେଥଡ ଯୋଗୁ ଏଟିଏମ୍ ଅପରେଟ କରିବା ବ୍ୟୟସାପେକ୍ଷ ହେଉଛି।

## ଟାଟା ଷ୍ଟିଲ୍‌ର 'ହଜାରେ ସ୍କୁଲ' କାର୍ଯ୍ୟକ୍ରମ ପୁରସ୍କୃତ



**ଭୁବନେଶ୍ୱର,୨୧-୧୧**

ଟାଟା ଷ୍ଟିଲ୍‌ର ହଜାରେ ସ୍କୁଲ କାର୍ଯ୍ୟକ୍ରମକୁ ପୁରସ୍କୃତ କରାଯାଇଛି। ନିକଟରେ ଅନୁଷ୍ଠିତ ମେକ୍ ଇନ୍ ଓଡିଶା ୨୦୧୮ କନ୍‌କ୍ଲେଭରେ ଏହି କାର୍ଯ୍ୟକ୍ରମକୁ ମୋଷ୍ଟ ଇମ୍ପାକ୍ଟଫୁଲ ସିଏସ୍‌ଆର ପ୍ରକଳ୍ପ ଭାବେ ପୁରସ୍କାର ପ୍ରଦାନ କରାଯାଇଛି। ସ୍କୁଲ ଶିକ୍ଷାକୁ ତ୍ୱରାନ୍ୱିତ କରିବା ପାଇଁ ୨୦୧୫ ଜାନୁୟାରୀରେ କମ୍ପାନୀ ଏଭଳି ଏକ ପଦକ୍ଷେପ ହାତକୁ ନେଇଥିଲା। ଏଥିରେ ରାଜ୍ୟର ୩ ଜିଲାର ୬ ବ୍ଲକ ସାମିଲ ରହିଛି। ଏହା ମଧ୍ୟରେ ଯାଜପୁର ଜିଲାର ସୁକିନ୍ଦା,ଦାନଗଦି, କେନ୍ଦୁଝର ଜିଲାର ଯୋଡା, ହରିଚନ୍ଦନପୁର, ସୁନ୍ଦରଗଡ ଜିଲାର କୋଇରା ଓ କୁତ୍ରା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଅର୍ଥର ଅର୍ଥ

# ଆର୍ଥିକ ସୁରକ୍ଷାକୁ ସୁନିଶ୍ଚିତ କରିବା ଜରୁରୀ



Rupkumar Pradhan
**CERTIFIED FINANCIAL PLANNER[CM]**
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ପ୍ର. ଏକ ଟର୍ମ ପ୍ଲାନ କିଣିବା ପାଇଁ ଚାହୁଁଛି। ଏହା କ୍ରୟ ପାଇଁ ବାର୍ଷିକ ଆୟ କେତେ ରହିବା ଆବଶ୍ୟକ? ଏହାକୁ ଆଧାର କରି ଜୀବନବୀମା ସୁରକ୍ଷା ସ୍ଥିର କରାଯାଏ କି ? ଜଣେ ବ୍ୟକ୍ତି କେତେ ଟଙ୍କାର ଜୀବନ ବୀମା ସୁରକ୍ଷା ନେଇପାରିବେ? ପରାମର୍ଶ ଦେବା ପାଇଁ ଅନୁରୋଧ।**

**– ସଙ୍ଗୀତା ମଞ୍ଜରୀ ଜେନା ବ୍ରହ୍ମପୁର**

ଉ. ହଁ ଆପଣ ଟର୍ମ ପ୍ଲାନ (ଖାଣ୍ଟି ଜୀବନ ବୀମା ସୁରକ୍ଷା) କିଣିବା ସମୟରେ ଜୀବନବୀମା କମ୍ପାନୀ ଆପଣଙ୍କର ବାର୍ଷିକ ଆୟ, ବୟସ ଓ ସ୍ୱାସ୍ଥ୍ୟଗତ ରିପୋର୍ଟ ଅନୁଯାୟୀ ଟର୍ମ ପ୍ଲାନ ପ୍ରଦାନ କରିଥାନ୍ତି। ଟର୍ମ ପ୍ଲାନରେ ଆପଣ କେତେ ଟଙ୍କାର ଜୀବନବୀମା ସୁରକ୍ଷା ନେବେ ଏହା ଆପଣଙ୍କ ବାର୍ଷିକ ଆୟ ଉପରେ ନିର୍ଭର କରିବ। କାରଣ ଜୀବନ ବୀମା କମ୍ପାନୀ ସବୁ ବାର୍ଷିକ ଆୟକୁ ଆଧାର ଜୀବନବୀମା ସୁରକ୍ଷା ସୀମା ନିର୍ଦ୍ଧାରଣ କରିଥାନ୍ତି। ସାଧାରଣତଃ, ଜଣେ ୩୦ ବର୍ଷ ବ୍ୟକ୍ତି ତାଙ୍କ ବାର୍ଷିକ ଆୟର ୨୦-୨୨ ଗୁଣ ସର୍ବାଧିକ ଜୀବନବୀମା ସୁରକ୍ଷା ନେଇପାରିବେ। କିନ୍ତୁ ଏହା ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟଗତ ପରୀକ୍ଷା ରିପୋର୍ଟ ଅନୁଯାୟୀ ସ୍ଥିର କରାଯାଏ। ଏହି ସର୍ବାଧିକ ସୀମା ଜୀବନବୀମା କମ୍ପାନୀର ସ୍କିମ୍ ହିସାବରେ ହୁଏତ ଅଲଗା ହୋଇପାରେ। ଆପଣଙ୍କ ବୟସ ଯେତେ ଅଧିକ ହେବ ଜୀବନବୀମା ସୁରକ୍ଷା ସୀମାର ଗୁଣିତକ ସେତେ କମ୍ ହେବ। ଯଦି ଆପଣଙ୍କ ବୟସ ୫୬ ବର୍ଷରୁ ଅଧିକ ତେବେ ଆପଣ ବାର୍ଷିକ ଆୟର ୧୦ ଗୁଣ ସର୍ବାଧିକ ଜୀବନବୀମା ସୁରକ୍ଷା ନେଇପାରିବେ। ଆମର ପରାମର୍ଶ ଆପଣ ଯେତେ ଶୀଘ୍ର ଜୀବନବୀମା ସୁରକ୍ଷା ସୁନିଶ୍ଚିତ କରିବେ ଏହା ଆପଣ ଓ ଆପଣଙ୍କ ପରିବାର ପାଇଁ ସେତେ ଭଲ ହେବ। ହୁଏତ ବୟସ ଅଧିକ ହୋଇଯିବା ପରେ ଜୀବନବୀମା ସୁରକ୍ଷା ନେବା ପାଇଁ ଇଚ୍ଛା କଲେ ମଧ୍ୟ ଜୀବନବୀମା ସୁରକ୍ଷା ପଲିସି ମିଳି ନ ପାରେ। ଏହାର କାରଣ ହେଉଛି ଜୀବନବୀମା କମ୍ପାନୀ ଏକ ଟର୍ମ ପ୍ଲାନ ଧରାଯାଉ- ୧ କୋଟି କିମ୍ବା ୧.୫୦ କୋଟି ଟଙ୍କାର ଟର୍ମ ପ୍ଲାନ କିମ୍ବା ଅନ୍ୟ କୌଣସି ଜୀବନବୀମା ସୁରକ୍ଷା ପଲିସି ପ୍ରଦାନ କରିବା ପୂର୍ବରୁ ୨ଟି ଜିନିଷ ନିଶ୍ଚିତ ଭାବରେ ଦେଖିବେ। ପ୍ରଥମତଃ ଆପଣଙ୍କ ବାର୍ଷିକ ଆୟ ଯାହାକି ଫାଇନାନସିଆଲ ଅଣ୍ଡର ରାଇଟିଙ୍ଗ ଏବଂ ଦ୍ୱିତୀୟତଃ ଆପଣଙ୍କ ସ୍ୱାସ୍ଥ୍ୟଗତ ପରୀକ୍ଷା ରିପୋର୍ଟ ଯାହାକି ମେଡ଼ିକାଲ ଅଣ୍ଡର ରାଇଟିଙ୍ଗ ହିସାବରେ ଜୀବନବୀମା କମ୍ପାନୀ ଦେଖିବା ପରେ ଆପଣଙ୍କୁ ପଲିସି ପ୍ରଦାନ କରିବ। ଭବିଷ୍ୟତରେ ହୁଏତ ଆପଣଙ୍କ ପାଖରେ ଟଙ୍କା ଥାଇପାରେ କିନ୍ତୁ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ହୁଏତ ଜୀବନବୀମା ପଲିସି କିଣିପାରିବେ ନାହିଁ। ଆପଣଙ୍କ ପ୍ରିୟ ପରିବାରର ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା କ୍ଷେତ୍ରରେ ଜମା ଅଣଦେଖା କରନ୍ତୁ ନାହିଁ।

**ପ୍ର. ମୋ ସ୍ୱାମୀଙ୍କର ମାସିକ ରୋଜଗାର ମାତ୍ର ୯୦୦୦ ଟଙ୍କା। ୨ ବର୍ଷର ଝିଅର ଭବିଷ୍ୟତ ପାଇଁ ସଞ୍ଚୟ କରିବାକୁ ଚାହୁଁଛି। କେଉଁ ସ୍କିମ୍‌ରେ ନିବେଶ କରିବା ଉଚିତ ହେବ? ସୁକନ୍ୟା ସମୃଦ୍ଧି ସ୍କିମ୍‌ରେ ସଞ୍ଚୟ କରିବା ଉଚିତ ହେବ କି ?**

**– ସବିତା ସ୍ୱାଇଁ, ନୟାଗଡ଼**

ଉ: ପ୍ରଥମତଃ ଝିଅର ଭବିଷ୍ୟତ ଆର୍ଥିକ ସୁରକ୍ଷା (ଝିଅର ପାଠପଢ଼ା ଓ ବାହାଘର ଖର୍ଚ୍ଚ)କୁ ସୁନିଶ୍ଚିତ କରିବା ନିହାତି ଜରୁରୀ। ଆପଣ ଜୀବନବୀମା କମ୍ପାନୀର ଚାଇଲଡ଼ ପ୍ଲାନ ନେଇଛନ୍ତି କି ନାହିଁ ଜଣାଇ ନାହାନ୍ତି। ଏ ବିଷୟରେ ଆପଣ ସମୀକ୍ଷା କରିବା ଉଚିତ। ଝିଅର ଭବିଷ୍ୟତ ଆର୍ଥିକ ଆବଶ୍ୟକତାକୁ ସୁରକ୍ଷିତ ଓ ସୁନିଶ୍ଚିତ କରିବା ପାଇଁ ଆପଣ ସୁକନ୍ୟା ସମୃଦ୍ଧି ସ୍କିମ୍‌ରେ ଝିଅ ନାମରେ ଏକ ଆକାଉଣ୍ଟ ଖୋଲିପାରିବେ। ଏହି ସ୍କିମ୍ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଛି। ଝିଅର ଜନ୍ମ ପରେ ୧୦ ବର୍ଷ ଭିତରେ ଏହି ଆକାଉଣ୍ଟ ଖୋଲିପାରିବେ। ଏହି ସ୍କିମ୍‌ର ବର୍ତ୍ତମାନ ବାର୍ଷିକ ସୁଧ ହାର ୮.୫୦% ଅଛି। ଆପଣଙ୍କ ନିକଟସ୍ଥ ଡାକଘର କିମ୍ବା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶାଖାରେ ନିଜ ଝିଅ ନାମରେ ଆକାଉଣ୍ଟ ଖୋଲିପାରିବେ।

**ପ୍ର: ମୋର ବୟସ ୬୪ ବର୍ଷ। କିଛି ଟଙ୍କା ନିବେଶ କରି ଆସନ୍ତା ମାସ ଠାରୁ ପେନ୍‌ସନ ପାଇବା ପାଇଁ ଇଚ୍ଛା କରୁଛି। ମୋର ବନ୍ଧୁ କହୁଛନ୍ତି 'ଜୀବନ ଅକ୍ଷୟ' ସ୍କିମ୍ ନିବେଶ କରିବାକୁ। କିନ୍ତୁ ଏହି ସ୍କିମ୍‌ର କେଉଁ ପସନ୍ଦକୁ ଚୟନ କରିବା ଉଚିତ ହେବ।**

**– ମାନସ ମାଝି, ବାରିପଦା**

ଉ: ଏଲଆଇସିର 'ଜୀବନ ଅକ୍ଷୟ' ପଲିସି କିଣି ପାରନ୍ତି। ଏହା ଏକ ତତ୍କାଳୀନ ପେନସନ ପଲିସ। ଏହା ଆପଣଙ୍କୁ ମାସିକ ପେନସନ ପ୍ରଦାନ କରିବ। ଆମର ପରାମର୍ଶ ଆପଣ ପେନସନ ପଲିସିର ବାର୍ଷିକ ଆୟ କିମ୍ବା ମାସିକ ଆୟ ସହିତ ମୂଳଧନ ଫେରିପାଇବା ପସନ୍ଦକୁ ବାଛିବା ହିଁ ବୁଦ୍ଧିମାନର କାମ ହେବ।

**ଆମ ଠିକଣା**
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର - ୧୦





# ମାନବଜାତିର ଏକତା 'ଦି ଆର୍ଥ ସଙ୍ଗ୍'

## ଉଦ୍‌ଘାଟନୀ ଆକର୍ଷଣ

- ମାଧୁରୀ ଦୀକ୍ଷିତ ନିର୍ବାହ କରିବେ ପୃଥିବୀ ମାତା ଭୂମିକା
- ନୃତ୍ୟ କରିବେ ୧୧୦୦ କଳାକାର
- ପ୍ରଥମ ଥର ଭାଗନେବେ ୮୦୦ ଯୁବ କଳାକାର
- ଦି ଆର୍ଥ ସଙ୍ଗ୍ ନୃତ୍ୟାଭିନୟରେ ସମସାମୟିକ, ସାଂସ୍କୃତିକ, ଜାଜ୍, ବାଲେଟ୍, ଆଫ୍ରୋ, ସତ୍ରିଆ, ଓଡ଼ିଶୀ, ମୋହିନୀଆଟ୍ଟମ, କଥକ ନୃତ୍ୟ ସହିତ ଆହୁରି ଅନେକ କିଛି ଦେଖିବାକୁ ମିଳିବ।
- ଡ୍ରାମା, ଡାଏଲଗ, ସଙ୍ଗୀତ ମାଧମରେ ଏକତାର ଦୃଢ଼ ବାର୍ତ୍ତା ପ୍ରଦାନ କରାଯିବ।
- ସ୍ୱତନ୍ତ୍ର ହକି ଷ୍ଟିକ୍ ମାଧମରେ ସଂଗ୍ରହ କରାଯାଇଥିବା ହୃଦସ୍ପନ୍ଦନଗୁଡ଼ିକୁ ଶାହରୁଖ ୧୬ଟି ଦଳର ଅଧିନାୟକଙ୍କୁ ପ୍ରଦାନ କରିବେ।



କଳିଙ୍ଗ ଷ୍ଟାଡିୟମରେ ୨୭ ତାରିଖରେ ହେବାକୁ ଥିବା ହକି ବିଶ୍ୱକପ୍ ଉଦ୍‌ଘାଟନୀ ସମାରୋହ ପାଇଁ କଳାକାରଙ୍କ ରିହର୍ସାଲ। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୨୧।୧୧(କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପ କ୍ରମେ ପାଖେଇ ଆସିଛି। ଏଥିପାଇଁ କଳିଙ୍ଗ ଷ୍ଟାଡିୟମ ନୂଆ ରୂପ ନେଇ ସାରିଥିବାବେଳେ ମନମୁଗ୍ଧକର ଉଦ୍‌ଘାଟନୀ ସମାରୋହ ପାଇଁ ସଜେଇ ହେଉଛି ମୁଖ୍ୟ(ଆଥଲେଟିକ୍) ଷ୍ଟାଡିୟମ। ସମାରୋହ ପାଇଁ ୨ଟି ମଞ୍ଚ ପ୍ରସ୍ତୁତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। 'ଏକତା ଓ ସମଗ୍ର ବିଶ୍ୱ ଏକ' ଉଦ୍‌ଘାଟନୀ ସମାରୋହର ମୁଖ୍ୟ ବାର୍ତ୍ତା ବହନ କରିବ। ଏହାକୁ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି, ଯେଉଁଠାରେ ପ୍ରଥମ ଥର ପାଇଁ ଥିଏଟର ଭଳି ପ୍ରଯୋଜନା ଓ 'ଦି ଆର୍ଥ ସଙ୍ଗ' ନାମରେ ନୃତ୍ୟ ପରିବେଷଣ କରାଯିବ।

ନଭେମ୍ବର ୨୭ରେ କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଉଦ୍‌ଘାଟନୀ ସମାରୋହର ଗୀତ 'ଦି ଆର୍ଥ ସଙ୍ଗ'ର ବିଷୟବସ୍ତୁ ହେଉଛି 'ମାନବଜାତିର ଏକତା'। ଏହି କାର୍ଯ୍ୟକ୍ରମ ଭୌଗୋଳିକ ସୀମାକୁ ଦୂରେଇ ଏକ ଭାବେ ଏକଜୁଟ ହେବା ପାଇଁ ଲୋକମାନଙ୍କୁ ଅନୁପ୍ରାଣିତ କରିବ। ଉଦ୍‌ଘାଟନୀ ସମାରୋହର କ୍ରିଏଟିଭ୍ ଡାଇରେକ୍ଟର ନୂପୁର ମହାଜନଙ୍କ ପରିକଳ୍ପନା, ଲେଖା ଓ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଚରିତ୍ରରେ ରହିବେ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ। ମାଧୁରୀ ପୃଥିବୀ ମାତାର ଭୂମିକାରେ ଅବତୀର୍ଣ୍ଣ ହେବେ ଓ ତାଙ୍କ ସହିତ ଯୋଗ ଦେବେ ୧୧୦୦ କଳାକାର। ସମସ୍ତେ ମିଶି ଅଭିନୟ ମାଧ୍ୟମରେ ଏକ ମାନବଜାତି ଓ ଏକ ବିଶ୍ୱର କାହାଣୀ କହିବେ। 'ଆର୍ଥ ସଙ୍ଗ୍'ରେ ୫ଟି ଅଭିନୟ ରହିଛି ଓ ଏହାର ଅବଧି ୪୦ ମିନିଟ୍ ବିଶିଷ୍ଟ। ଉଦ୍‌ଘାଟନୀ ସମାରୋହ କାର୍ଯ୍ୟକ୍ରମର ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଶିଆମକ୍ ଡାଭର୍ ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ରଣଜିତ ବାରୋଟ୍।

ଶୋ'ର ଶୋଭାକୁ ବଢ଼ାଇବା ସହିତ ୧୧୦୦ରୁ ଅଧିକ କଳାକାର ସାରା ଦୁନିଆକୁ ଏକତ୍ରିତ କରିବେ ଓ ଏକ ବିଶ୍ୱର କାହାଣୀ କହିବେ। ଏକତାର ଉଦାହରଣ ସୃଷ୍ଟି କରିବା ପାଇଁ ଉଦ୍‌ଘାଟନୀ ସମାରୋହରେ ଓଡ଼ିଶାର ପାଖାପାଖି ୮୦୦ ଯୁବପିଢ଼ି ପ୍ରଥମ ଥର ନୃତ୍ୟ କରିବେ। ସେମାନଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ପ୍ରଦାନ କରାଯାଉଛି ଓ ଦି ଆର୍ଥ ସଙ୍ଗ୍‌ର ସେମାନେ ହେବେ ଅବିଚ୍ଛେଦ୍ୟ ଅଙ୍ଗ। କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ ଏବଂ ରୋମାଞ୍ଚକ କରିବା ପାଇଁ କେବଳ ଯୁବପିଢ଼ିଙ୍କୁ ସାମିଲ କରାଯାଇନାହିଁ, ବରଂ ଏକ ବିଶ୍ୱସ୍ତରୀୟ ମଞ୍ଚରେ ସେମାନଙ୍କୁ ଭାଗ ନେବାର ସୁବର୍ଣ୍ଣ ସୁଯୋଗ ପ୍ରଦାନ କରାଯାଇଛି।

''ଭାବନାକୁ ବ୍ୟକ୍ତ କରିବାକୁ ଚାହୁଁଥିବା ଜଣେ ଲେଖିକାଙ୍କ ପାଇଁ ଓଡ଼ିଶାର ଲୋକମାନେ ହେଉଛନ୍ତି ଉପଯୁକ୍ତ ଦର୍ଶକ। ଅନ୍ତର୍ଭୁକ୍ତୀକରଣ ଦର୍ଶନ ସହିତ ସାଂସ୍କୃତିକ ଓ ଆକର୍ଷଣୀୟ ଭାବ ହେଉଛି ଏହି ଚିତ୍ତାକର୍ଷକ କାର୍ଯ୍ୟକ୍ରମର ପ୍ରକୃତ ଉଦ୍ଦେଶ୍ୟ। କ୍ରୀଡ଼ା କ୍ଷେତ୍ରରେ ହିଁ ସବୁ ବିଭେଦର ମିଳନ ହୋଇଥାଏ ଏବଂ ଏକ ନିର୍ଦ୍ଦିଷ୍ଟ ଆବେଗରେ ସମସ୍ତେ ବାନ୍ଧି ହୁଅନ୍ତି। ଏହା ହେଉଛି ଉପଯୁକ୍ତ କାନଭାସ୍ ଯେଉଁଥିରେ 'ଏକ ବିଶ୍ୱ' ବାର୍ତ୍ତାକୁ ସାରା ଦୁନିଆକୁ ପ୍ରଦାନ କରାଯାଇପାରିବ। ପୃଥିବୀ ମାତାର ଉତ୍ପତ୍ତି ସମୟରୁ ହିଁ ଏକତା ରହି ଆସିଛି। ଭାରତ ଏପରି ଏକ ଭୂମି ଯେଉଁଠାରେ ବିଭିନ୍ନତାରେ ଏକତା ପ୍ରତିଫଳିତ ହୋଇଥାଏ'' ବୋଲି ନୂପୁର ପ୍ରକାଶ କରିଛନ୍ତି। ଦି ଆର୍ଥ ସଙ୍ଗ୍ ହେଉଛି ଏପରି ଏକ ନୃତ୍ୟାଭିନୟ ଯେଉଁଥିରେ ସମସାମୟିକ, ସାଂସ୍କୃତିକ, ଜାଜ୍, ବାଲେଟ୍, ଆଫ୍ରୋ, ସତ୍ରିଆ, ଓଡ଼ିଶୀ, ମୋହିନୀଆଟ୍ଟମ, କଥକ ଓ ଆହୁରି ଅନେକ କିଛି ଦେଖିବାକୁ ମିଳିବ। ଏଥିରେ ଡ୍ରାମା, ଡାଏଲଗ, ମୂଳ ସଙ୍ଗୀତ ମାଧ୍ୟମରେ ଏକତାର ଦୃଢ଼ ବାର୍ତ୍ତା ପ୍ରଦାନ କରାଯିବ। ପୃଥିବୀ ମାତାର କାହାଣୀକୁ 'ଦି ଆର୍ଥ ସଙ୍ଗ' ଜରିଆରେ ପରିବେଷଣ କରାଯିବ, ଏଥିରେ ମାଧୁରୀ ହେବେ ପୃଥିବୀ ମାତା।

ନୃତ୍ୟ ନିର୍ଦ୍ଦେଶନା ବିଷୟରେ ଶିଆମକ ଡାଭର କହିଛନ୍ତି ଯେ, ''ମୋ ନୃତ୍ୟ ନିର୍ଦ୍ଦେଶନାରେ ଏହା ହେବ ସବୁଠାରୁ ଆକର୍ଷଣୀୟ କାର୍ଯ୍ୟକ୍ରମ। ବିଷୟବସ୍ତୁ ହେଉଛି ବିଶ୍ୱଜନୀନ। ଏହା ପୂର୍ବରୁ କୌଣସି ଉଦ୍‌ଘାଟନୀ ସମାରୋହ ପାଇଁ ଏପରି ଏକ କାର୍ଯ୍ୟକ୍ରମ (ପ୍ରଯୋଜନା) ପ୍ରସ୍ତୁତ କରାଯାଇ ନ ଥିଲା, ତେଣୁ ଏହା ଅଧିକ ଚ୍ୟାଲେଞ୍ଜପୂର୍ଣ୍ଣ ଓ ରୋମାଞ୍ଚକର। ମାଧୁରୀ ଓ ମୁଁ ମିଶି ଅନେକ ସମୟରେ ମ୍ୟାଜିକ୍ ସୃଷ୍ଟି କରିଛୁ, ଏଥର ନୂପୁର ମହାଜନଙ୍କ ଲେଖା ଓ ରଣଜିତ ବାରୋତଙ୍କ ସଙ୍ଗୀତ ସହାୟତାରେ ଆମେ ଏକ ସ୍ମରଣୀୟ ଶୋ' ଭେଟି ଦେଇ ପାରିବୁ ବୋଲି ମୋର ବିଶ୍ୱାସ''।

ଭାରତର ହୃଦସ୍ପନ୍ଦନକୁ ନେଇ ପ୍ରସ୍ତୁତ 'ହାର୍ଟବିଟ୍ ଫର ହକି' କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟ ହେବ ଏହି ଉଦ୍‌ଘାଟନୀ ଉତ୍ସବ। ଗତ ଅଗଷ୍ଟ ୨୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ପରଠାରୁ କଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଲୋକମାନେ ସ୍ୱତନ୍ତ୍ର ହକି ଷ୍ଟିକ୍ ଜରିଆରେ ହୃଦସ୍ପନ୍ଦନ ପ୍ରଦାନ କରିଛନ୍ତି। ସେଥି ମଧ୍ୟରୁ ଗୋଟିଏ ହୃଦ୍‌ସ୍ପନ୍ଦନ ହେଉଛି ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କର। ''ମେରା ଦିଲ୍ ହକି କେ ଲିଏ ବହୁତ ତେଜ୍ ଧଡ଼କତା ହୈ'' ବୋଲି ଶାହରୁଖ ପ୍ରକାଶ କରି ସାରିଛନ୍ତି। ସାରା ଦେଶରୁ ସଂଗ୍ରହ କରାଯାଇଥିବା ହୃଦସ୍ପନ୍ଦନଗୁଡ଼ିକୁ ଶାହରୁଖ ଉଦଘାଟନୀ ସମାରୋହରେ ବିଶ୍ୱକପରେ ଭାଗନେଉଥିବା ୧୬ଟି ଦଳର ଅଧିନାୟକଙ୍କୁ ପ୍ରଦାନ କରିବେ, ଯାହା ଭାରତର ଏକତା ଓ ସଂହତିର ଭାବକୁ ପରିପ୍ରକାଶ କରିବ।

୨୦୧୮ ହକି ବିଶ୍ୱକପ୍ ଅଫିସିଆଲ୍ ଗୀତର ମାନ୍ୟତା ପାଇଥିବା ଗୀତିକାର ଗୁଲଜାରଙ୍କ 'ଜୟ ଇଣ୍ଡିଆ'କୁ ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଏ. ଆର. ରହମାନ୍ ଜୀବନ୍ତ କରିବେ। ଏହା ପରେ ସେ ନିଜେ ନିଜର କିଛି ସ୍ମରଣୀୟ ଗୀତ 'ଜୟ ହୋ' ଆଦି ପରିବେଷଣ କରିବେ। ଉଦ୍‌ଘାଟନୀ ସମାରୋହର ଅବଧି ୯୦ ମିନିଟ୍ ବିଶିଷ୍ଟ ହେବ। ୨୭ ନଭେମ୍ବରରେ ଏହାକୁ ଡିଡି ନ୍ୟାଶନାଲ୍, ଡିଡି ସ୍ପୋର୍ଟସ୍ ଓ ଓଡ଼ିଶାର ସମସ୍ତ ଆଞ୍ଚଳିକ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ ଓ ହାର୍ଟବିଟ୍ ଫର ହକିର ଫେସ୍‌ବୁକ୍ ପେଜ୍‌ରେ ତାହାର ଲାଇଭ୍ ଷ୍ଟ୍ରିମିଂ କରାଯିବ। ଏହା ଦ୍ୱାରା ଓଡ଼ିଶାର ଅଧିକରୁ ଅଧିକ ଲୋକ ଏହାର ମଜା ନେଇପାରିବେ। ଉଭୟ ଇଂରାଜି ଓ ଓଡ଼ିଆ ଭାଷାରେ ଧାରା ବିବରଣୀ ପ୍ରଦାନ କରାଯିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି।

# ଖେଳିବାକୁ ବ୍ୟଗ୍ର ଗୋଞ୍ଜାଲୋ

ହକି ବିଶ୍ୱକପ୍‌ରେ ଭାଗ ନେବା ପାଇଁ ଅଲମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ବୁଧବାର ଭୁବନେଶ୍ୱରରେ ପହଞ୍ଚିଛି। ''ଏହା ଏକ ବଡ଼ ଟୁର୍ନାମେଣ୍ଟ। ଏଠାରେ ଆମେ ୨୦୧୬ରେ ବିଶ୍ୱ ହକି ଲିଗ୍ ଫାଇନାଲ୍ ଖେଳି ରୌପ୍ୟ ପଦକ ଜିତିଥିଲୁ। ତେଣୁ ପୁଣିଥରେ ଭୁବନେଶ୍ୱରର ଉତ୍ସାହିତ ଦର୍ଶକଙ୍କ ସାମ୍ନାରେ ଖେଳିବାର ସୁଯୋଗ ପାଇଛୁ। ଦଳର ପ୍ରତ୍ୟେକ ଖେଳାଳି ବିଶ୍ୱକପ୍ ଲାଗି ପ୍ରସ୍ତୁତ ରହିଛନ୍ତି ଏବଂ ଏଠାକୁ ପୁଣିଥରେ ପ୍ରତ୍ୟାବର୍ତ୍ତନ କରିଥିବାରୁ ଆନନ୍ଦିତ ରହିଛନ୍ତି'' ବୋଲି ଆର୍ଜେଣ୍ଟିନା ଦଳର ଡ୍ରାଗ୍‌ଫ୍ଲିକର ସ୍ପେଶାଲିଷ୍ଟ ଗୋଞ୍ଜାଲୋ ପେଇଲାଟ୍ କହିଛନ୍ତି। ପ୍ରତ୍ୟେକ ଦଳ ଜିତିବା ଲକ୍ଷ୍ୟରେ ଏଠାକୁ ଆସୁଥିବାରୁ ଅଲିମ୍ପିକ୍ ଚାମ୍ପିୟନ କିମ୍ବା ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିବା ଏହାର କୌଣସି ମାନେ ରଖୁନାହିଁ। ବିଶ୍ୱକପ୍‌ରେ ଆମେ ପ୍ରତି ମ୍ୟାଚ୍‌ରେ କିଭଳି ଭଲ ପ୍ରଦର୍ଶନ କରିବୁ ତାହା ଉପରେ ଫୋକସ୍ କରିବୁ। ପେନାଲ୍ଟି କର୍ନର ଆମର ସବୁଠାରୁ ଷ୍ଟ୍ରଙ୍ଗ୍ ପଏଣ୍ଟ ହୋଇଥିବାରୁ ଏଥିରୁ ଫାଇଦା ଉଠାଇବାକୁ ଚେଷ୍ଟା କରିବୁ ବୋଲି ୨୦୧୪ ବିଶ୍ୱକପ୍‌ରେ ସର୍ବାଧିକ ଗୋଲସ୍କୋର କରିଥିବା ୨୬ ବର୍ଷୀୟ ଗୋଞ୍ଜାଲୋ ବିମାନ ବନ୍ଦରରେ ପହଞ୍ଚିବା ପରେ ପ୍ରକାଶ କରିଛନ୍ତି। ଆର୍ଜେଣ୍ଟିନା ପୁଲ୍-ଏ'ରେ ସ୍ପେନ୍, ନ୍ୟୁଜିଲାଣ୍ଡ ଓ ଫ୍ରାନ୍ସ ସହ ସ୍ଥାନ ପାଇଛି। ନଭେମ୍ବର ୨୯ରେ ସ୍ପେନ ବିପକ୍ଷରେ ଖେଳି ଆର୍ଜେଣ୍ଟିନା ତା'ର ଅଭିଯାନ ଆରମ୍ଭ କରିବ। ୨୦୧୬ ରିଓ ଅଲିମ୍ପିକ ଚାମ୍ପିୟନ ଆର୍ଜେଣ୍ଟିନାର ନୂତନ କୋଚ୍ ଭାବେ ଜର୍ମାନ ମାରିଆନୋ ଓରୋଜକୋ ଦଳ ସହ ଭୁବନେଶ୍ୱର ଆସିଛନ୍ତି।

**ଆଉ ୫ ଦିନ**

**ଆର୍ଜେଣ୍ଟିନା ଦଳ**

ଜୁଆନ ମାନୁଏଲ୍ ଭିଭାଲଡି, ତୋମାସ ସାଣ୍ଟିଆଗୋ (ଉଭୟ ଗୋଲକିପର), ଗୋଞ୍ଜାଲୋ ପେଇଲାଟ୍, ପେଡ୍ରୋ ଇବାରା (ଅଧିନାୟକ), ଜୁଆନ ଇଗ୍‌ନାସିଓ ଗିଲାର୍ଡି, ଲୁକାସ ରୋସି,ଅଗଷ୍ଟିନ ବୁଗାଲୋ, ନିକୋଲାସ ସିସିଲେଓ (ସମସ୍ତେ ଡିଫେଣ୍ଡର), ଇଗନାସିଓ ଓର୍ଟିଜ, ଜୁଆନ ମାର୍ଟିନ ଲୋପେଜ, ମାଟିଆସ୍ ରେ, ମାଟିଆସ ପାରାଡେସ୍ (ସମସ୍ତେ ମିଡ୍‌ଫିଲ୍ଡର), ତୋମାସ ବେଟାଗଲିଓ, ଅଗଷ୍ଟିନ ମଜିଲି, ଲୁକାସ ଭିଲା, ମାଇକୋ କାସେଲା, ଲୁକାସ ମାର୍ଟିନେଜ, କୋକ୍ୱିନ ମେନିନି (ସମସ୍ତେ ଫରୱାର୍ଡ)। ମୁଖ୍ୟ କୋଚ୍- ଜର୍ମାନ ମାରିଆନୋ ଓରୋଜକୋ।

## ବାରବାଟୀ ସମାରୋହ ପାଇଁ ଅତିରିକ୍ତ ଟିକେଟ ବିକ୍ରି

ଭୁବନେଶ୍ୱର,୨୧।୧୧(ସ୍ପୋର୍ଟ୍ସ ବ୍ୟୁରୋ)– ପ୍ରଶଂସକଙ୍କ ଉତ୍ସାହ ଓ ଉଦ୍ଦୀପନାକୁ ଦୃଷ୍ଟିରେ ରଖି ଆୟୋଜକମାନେ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ୨୮ ତାରିଖରେ ଆୟୋଜନ ହେବାକୁ ଥିବା ହକି ବିଶ୍ୱକପ୍ ଉତ୍ସବ ତଥା ସମାରୋହ ପାଇଁ ଅତିରିକ୍ତ ଟିକେଟ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅତିରିକ୍ତ ଟିକେଟ ଅନ୍‌ଲାଇନ୍‌ରେ ଉପଲବ୍ଧ ହୋଇଛି। ଏହି ଅନ୍‌ଲାଇନ୍ ଟିକେଟଗୁଡ଼ିକ କେଉଁ ଦିନ ବିମୋଚନ କରାଯିବ ତାହା ପରେ ଘୋଷଣା କରାଯିବ ବୋଲି କୁହାଯାଇଛି। ତେବେ ଏହାର ଗୋଟିଏ ଦିନ ପୂର୍ବରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହେବ। ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନଙ୍କ ସମେତ ବଲିଉଡ ସୁପରଷ୍ଟାର ଶାହରୁଖ ଖାଁ ଓ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଏଥିରେ ଯୋଗ ଦେବେ। ରହମନ ଭୁବନେଶ୍ୱର ସମେତ ବାରବାଟୀରେ ଆୟୋଜିତ ହେବାକୁଥିବା କାର୍ଯ୍ୟକ୍ରମରେ ଯୋଗଦେଇ ସଙ୍ଗୀତ ପରିବେଷଣ କରିବେ। ଜଣାଶୁଣା ବଲିଉଡ କଳାକାର ମଧ ଏହି କାର୍ଯ୍ୟକ୍ରମରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।




ହକି ବିଶ୍ୱକପ୍ ପାଇଁ କଳିଙ୍ଗ ଷ୍ଟାଡିୟମରେ ଲାଗିଥିବା ବିଭିନ୍ନ ଦେଶର ପତାକା।

## ସଂକ୍ଷେପରେ

### ଅର୍ଜୁନ ତେନ୍ଦୁଲକରଙ୍କୁ ୫ ଉଇକେଟ୍

ନୂଆଦିଲ୍ଲୀ, ୨୧।୧୧(ପି.ଟି.): ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫିରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ମୁମ୍ବାଇ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅର୍ଜୁନ ସ୍ଥାନୀୟ ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ଦିଲ୍ଲୀ ଜୁନିୟର ଦଳ ବିପକ୍ଷରେ ୫ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଓପନର୍ ଦିବ୍ୟାଂଶଙ୍କ (୨୧୧) ଦ୍ୱିଶତକ ବଳରେ ପ୍ରଥମ ଇନିଂସରେ ୪୫୩ ରନ କରିଥିଲା। ଜବାବରେ ଦିଲ୍ଲୀ ବୁଧବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୯ ଉଇକେଟ୍ ହରାଇ ୩୫୪ ରନ କରିଛି। ମୁମ୍ବାଇ ପକ୍ଷରୁ ବାମହାତୀ ଦ୍ରୁତ ବୋଲର ଅର୍ଜୁନ ତେନ୍ଦୁଲକର ୯୮ ରନ ବିନିମୟରେ ୫ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ନିୟମିତ ଭାବେ ମୁମ୍ବାଇ ୧୯ ବର୍ଷରୁ କମ୍ ଦଳର ସଦସ୍ୟ ରହିଆସୁଥିବା ଅର୍ଜୁନ ଭାରତ ୧୯ ବର୍ଷରୁ କମ୍ ଦଳରେ ମଧ୍ୟ ସ୍ଥାନ ପାଇ ଶ୍ରୀଲଙ୍କା ଗସ୍ତରେ ଯାଇଥିଲେ।

### ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ପାଇଁ ଖେଳାଳି ଚୟନ ୨୫ରେ

ଭୁବନେଶ୍ୱର, ୨୧।୧୧(ସ୍ପୋର୍ଟ୍ସ ବ୍ୟୁରୋ): ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚଳିତ ମାସ ୨୫ରେ ରାଜ୍ୟ ଦଳ ପାଇଁ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ। ସ୍ଥାନୀୟ ୟୁନିଟ୍-୨ସ୍ଥିତ ବାଳିକା ହାଇସ୍କୁଲ ଖେଳ ପଡ଼ିଆରେ ହେବାକୁ ଥିବା ଏହି ଚୟନ ଶିବିରରେ ଓଡ଼ିଶାର ସମସ୍ତ ଜିଲାର ୧୫ରୁ ୩୫ ବର୍ଷ ମଧ୍ୟରେ ଥିବା ଅର୍ଥୋପେଡିକ (ଗୋଡ଼ ଓ ହାତଜନିତ ଦିବ୍ୟାଙ୍ଗ) ଖେଳାଳି ଅଂଶଗ୍ରହଣ କରିପାରିବେ। ଆଗ୍ରହୀ ଖେଳାଳିମାନେ ନିଜର ଦିବ୍ୟାଙ୍ଗ ପ୍ରମାଣ ପତ୍ର (୪୦% ଊର୍ଦ୍ଧ୍ୱ), ପରିଚୟ ପତ୍ର, ଦୁଇଟି ପାସପୋର୍ଟ ସାଇଜ୍ ଫଟୋ ସମେତ କିଟ୍ ବ୍ୟାଗ୍ ସାଙ୍ଗରେ ନେଇ ଆସିବାକୁ ଅନୁରୋଧ କରାଯାଇଛି। ଚୟନ ଶିବିର ସକାଳ ୮ ଘଟିକାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିବ। ଏଥିରେ ହ୍ୱିଲ ଚେୟାର, ଦୃଷ୍ଟିହୀନ ଓ ବଧିର ଖେଳାଳିଙ୍କୁ ସୁଯୋଗ ଦିଆଯିବ ନାହିଁ।

### ଦିନିକିଆ ଦଳକୁ ଫେରିବା ଲକ୍ଷ୍ୟରେ ପାଣ୍ଡ୍ୟା

ନୂଆଦିଲ୍ଲୀ,୨୧।୧୧- ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆହତ ସମସ୍ୟାରୁ ମୁକୁଳି ସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଫିଟ୍ ଘୋଷିତ ହୋଇନାହାନ୍ତି। ଏସିଆ କପ୍‌ରେ ତାଙ୍କ ପିଠିରେ ଆଘାତ ଲାଗିଥିଲା। ସେ ଏବେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଦଳକୁ ଫେରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ''୨୦୧୯ ଜାନୁଆରୀରୁ ଆରମ୍ଭ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ଜାତୀୟ ଦଳକୁ ଫେରିବି ବୋଲି ଆଶା ରଖିଛି। ମୁଁ ସୁସ୍ଥ ହେବା ପରେ ମୁମ୍ବାଇଠାରେ ବୋଲିଂ ସେସନରେ ଯୋଗ ଦେଇଛି। ଦୀର୍ଘ ୬୦ ଦିନ ପରେ ମୁଁ ପଡ଼ିଆକୁ ଫେରିଛି। ମୁଁ ଭାବୁଛି, ମ୍ୟାଚ୍‌ରେ କିଛି ଓଭର ବୋଲିଂ କରିବା ପରେ ଉଚିତ ପ୍ରଦର୍ଶନ କରିପାରିବି'' ବୋଲି ମଙ୍ଗଳବାର ଏକ ଇଭେଣ୍ଟରେ ଯୋଗଦେଇ ସେ କହିଛନ୍ତି।

> ମଝି ଓଭରଗୁଡ଼ିକରେ ଆମର ଉଚ୍ଚକୋଟୀର ବ୍ୟାଟିଂ ଥିଲା। ସେହିଭଳି ଚାପରେ ଆମେ ମଧ୍ୟ ଭଲ ବୋଲିଂ କରିଥିଲୁ। ଷ୍ଟୋଇନିସ ତାଙ୍କ ଦାୟିତ୍ୱ ଭଲ ଭାବେ ତୁଲାଇଥିଲେ ।
> –ଆରୋନ୍ ଫିଞ୍ଚ୍, ଅଷ୍ଟ୍ରେଲିଆ ଅଧିନାୟକ



> ଏହା ଏକ ବହୁତ ଭଲ ମ୍ୟାଚ୍ ଥିଲା। ଉଭୟ ଦଳ ଭଲ ଖେଳିଲେ। କିନ୍ତୁ ପଡ଼ିଆରେ ଦୁର୍ବଳ ଫିଲ୍ଡିଂର ମୂଲ୍ୟ ଆମକୁ ଦେବାକୁ ପଡ଼ିଲା।
> –ଶିଖର ଧାୱନ, ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ



# ଅଷ୍ଟ୍ରେଲିଆ ଜିତିଲା ପ୍ରଥମ ଟି୨୦

## ପରାଜୟରୁ ଭାରତର ଗସ୍ତ ଆରମ୍ଭ

ବ୍ରିସ୍‌ବେନ୍,୨୧।୧୧(ପି.ଟି.)

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପରାଜୟରୁ ଅଷ୍ଟ୍ରେଲିଆ ଗସ୍ତ ଆରମ୍ଭ କରିଛି। ଓପନର ଶିଖର ଧାୱନ ଓ ଦୀନେଶ କାର୍ତ୍ତିକଙ୍କ ଧୂଆଁଧାର ତଥା ଲଢୁଆ ବ୍ୟାଟିଂ ସତ୍ତ୍ୱେ ସ୍ଥାନୀୟ ଗାବା ଗ୍ରାଉଣ୍ଡରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ପ୍ରଥମ ଟି୨୦ ମ୍ୟାଚ୍‌ରେ ଭାରତ ଘରୋଇ ଅଷ୍ଟ୍ରେଲିଆଠାରୁ ଡକ୍‌ୱର୍ଥ/ଲୁଇସ୍ ନିୟମରେ ମାତ୍ର ୪ ରନରେ ପରାସ୍ତ ହୋଇଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ୪ ଓଭର ବୋଲିଂ କରି ମାତ୍ର ୨୨ ରନ ବ୍ୟୟ କରିବା ସହ ମୂଲ୍ୟବାନ ଦୁଇ ଉଇକେଟ ଅକ୍ତିଆର କରିଥିବା ଅଷ୍ଟ୍ରେଲୀୟ ସ୍ପିନର ଆଡାମ ଜାମ୍ପା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଦ୍ୱିତୀୟ ଟି୨୦ ମେଲବୋର୍ନରେ ଶୁକ୍ରବାର ଖେଳାଯିବ।



ଉଇକେଟ ନେବା ପରେ ଆଡାମ ଜାମ୍ପା (ଡାହାଣ)ଙ୍କୁ ସାଥି ଖେଳାଳିଙ୍କ ବଧେଇ।

ଟସ୍ ଜିତି ଭାରତ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୧୬.୧ ଓଭରରେ ୩ ଉଇକେଟ ହରାଇ ୧୫୩ରନ କରିଥିବା ବେଳେ ବର୍ଷା ହୋଇଥିଲା ଓ ଖେଳ ବାଧାପ୍ରାପ୍ତ ହୋଇଥିଲା। ତେବେ ବର୍ଷା ଛାଡିବା ପରେ ପୁଣି ଖେଳ ଆରମ୍ଭ ହୋଇଥିଲା ଓ ମ୍ୟାଚ୍‌କୁ ୧୭ ଓଭରରେ ସୀମିତ କରାଯାଇଥିଲା। ଫଳରେ ଅଷ୍ଟ୍ରେଲିଆ ଆଉ ୫ଟି ବଲ ଖେଳିବାର ସୁଯୋଗ ପାଇଥିଲା। ଅଷ୍ଟ୍ରେଲିଆ ୧୭ ଓଭରରେ ୪ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲା। ତେବେ ଡକ୍‌ୱର୍ଥ ଲୁଇସ୍ ନିୟମରେ ଭାରତ ପାଇଁ ୧୭୪ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଭାରତ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୭ ଓଭରରେ ୭ ଉଇକେଟ ହରାଇ ୧୬୯ ରନରେ ସୀମିତ ରହିବା ପରେ ବିଜୟଠାରୁ ୫ ରନ ଦୂରରେ ରହିଯାଇଥିଲା।

ଇନ୍‌ଫର୍ମ ଓପନର ରୋହିତ ଶର୍ମା ୭ ରନ କରି ଆଉଟ ହେବା ଫଳରେ ଭାରତ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଅଭିଜ୍ଞ ଶିଖର ଧାୱନ ଗୋଟିଏ ପଟେ ଦୃଢତାର ସହ ବ୍ୟାଟିଂ କରିଥିଲେ। ସେ ୪୨ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୨ ଛକା ସହ ୭୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ତେବେ ଲୋକେଶ ରାହୁଲ, ଅଧିନାୟକ ବିରାଟ କୋହଲି, ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ବିଫଳ ହୋଇଥିଲେ। ରାହୁଲ ୧୩, କୋହଲି ୪, ପାଣ୍ଡ୍ୟା ୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଅଭିଜ୍ଞ କାର୍ତ୍ତିକ ପଞ୍ଚମ ଉଇକେଟ ଯୋଡିରେ ୨୫ଟି ବଲ ଖେଳି ଦ୍ରୁତ ୫୧ ରନ କରି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ପନ୍ତ ୧୫ ବଲ ଖେଳି ଗୋଟିଏ ଛକା ଓ ଚୌକା ସହ ୨୦ ରନ କରି ଆଉଟ ହେବା ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଅନ୍ତିମ ଓଭରରେ ବିଜୟ ପାଇଁ ୧୩ ରନ ଆବଶ୍ୟକ ହେଉଥିବା ବେଳେ କ୍ରୁନାଲ ଓ କାର୍ତ୍ତିକ କ୍ରମାଗତ ଦୁଇଟି ବଲରେ ଆଉଟ ହେବା ପରେ ଭାରତର ବିଜୟ ଆଶା ମଉଳି ଯାଇଥିଲା। କାର୍ତ୍ତିକ ମାତ୍ର ୧୩ଟି ବଲ ଖେଳି ୪ ଚୌକା ଓ ୧ ଛକା ସହ ଦ୍ରୁତ ୩୦ ରନର ଇନିଂସ ଖେଳିଥିଲେ ମଧ୍ୟ ଶେଷରେ ଏହା ବେକାର ସାବ୍ୟସ୍ତ ହୋଇଥିଲା। କୁଲଦୀପ ଯାଦବ ୪ ଓ ଭୁବନେଶ୍ୱର କୁମାର ୧ ରନ କରି ଅପରାଜିତ ରହିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ମାର୍କସ ଷ୍ଟୋଇନିସ ଓ ଜାମ୍ପା ଦୁଇଟି ଲେଖାଏ, ଜାସନ ବେହେରନଡ୍ରଫ୍, ବିଲି ଷ୍ଟାନଲେକ ଓ ଆଣ୍ଡ୍ରୁ ଟାଏ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବର ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଆରମ୍ଭରୁ ଡି ଅର୍କି ଶର୍ଟଙ୍କୁ ହରାଇଥିଲା। ଶର୍ଟ ୭ ରନ କରି ଆଉଟ ହେବା ପରେ ଆରୋନ ଫିଞ୍ଚ୍ ୨୭, କ୍ରିସ ଲିନ୍ ୩୭ (୨୦ ବଲ, ୧ ଚୌକା, ୪ ଛକା), ଗ୍ଲେନ ମ୍ୟାକ୍ସୱେଲ ଧୂଆଁଧାର ୪୬ (୨୪ ବଲ, ୪ ଛକା) ରନ କରି ଆଉଟ ହୋଇଥିଲେ। ମାର୍କସ ଷ୍ଟୋଇନିସ୍ ୧୯ ବଲରୁ ୩ ଚୌକା ଓ ୧ ଛକା ସହ ୩୩ ଓ ବେନ୍ ମ୍ୟାକଡର୍ମୋଟ ୨ ରନ କରି ଅପରାଜିତ ରହିଥିଲେ। ଚତୁର୍ଥ ଉଇକେଟ ଯୋଡିରେ ମ୍ୟାକ୍ସୱେଲ ଓ ଷ୍ଟୋଇନିସ୍ ୩୭ଟି ବଲରୁ ଦ୍ରୁତ ୭୮ ରନ କରି ଦଳକୁ ବଡ଼ ସ୍କୋର ପ୍ରଦାନ କରିଥିଲେ। ଭାରତର କ୍ରୁନାଲ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ୪ ଓଭର ବୋଲିଂ କରି ସେ ୫୫ ରନ ବ୍ୟୟ କରିଥିଲେ ଓ କୌଣସି ଉଇକେଟ ପାଇ ନ ଥିଲେ। ବୋଲିଂରେ ଭାରତ ତରଫରୁ କୁଲଦୀପ ଯାଦବ ୨, ଯଶପ୍ରୀତ ବୁମ୍‌ରା ଓ ଖଲିଲ ଅହମ୍ମଦ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୧୭ ଓଭରରେ ୧୫୮/୪ (ମ୍ୟାକ୍ସୱେଲ- ୪୬, ଲିନ୍- ୩୭, ଷ୍ଟୋଇନିସ- ୩୩*, ଫିଞ୍ଚ୍- ୨୭, କୁଲଦୀପ- ୨/୨୪, ବୁମରା- ୧/୨୧, ଖଲିଲ- ୧/୪୨)।

ଭାରତ ୧୭ ଓଭରରେ ୧୬୯/୭ (ଧାୱନ- ୭୬, କାର୍ତ୍ତିକ- ୩୦, ପନ୍ତ- ୨୦, ରାହୁଲ- ୧୩, ଜାମ୍ପା- ୨/୨୨, ଷ୍ଟୋଇନିସ- ୨/୨୭)।

ସୟଦ ମୋଦି ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ

### ସାଇନା, କାଶ୍ୟପଙ୍କ ବିଜୟ ଅଭିଯାନ

ଲକ୍ଷ୍ନୌ,୨୧।୧୧(ପି.ଟି.)

ଏଠାରେ ଚାଲିଥିବା ସୟଦ ମୋଦି ଅନ୍ତର୍ଜାତୀୟ ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ସାଇନା ନେହ୍ୱାଲ ଓ ପାରୁପଲୀ କାଶ୍ୟପ ସହଜ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ସିଙ୍ଗଲ୍ସ ବର୍ଗର ୨ୟ ସିଡ୍ ସାଇନା ୨୧-୧୦, ୨୧-୧୦ ଗେମ୍‌ରେ ମୌରିସିଅସ କାଟେ ଫୁ କୁନେଙ୍କୁ ହରାଇ ଦେଇଛନ୍ତି। ପୁରୁଷ ବିଭାଗରେ ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ କାଶ୍ୟପ ୨୧-୧୪, ୨୧-୧୨ ଗେମ୍‌ରେ ଥାଇଲାଣ୍ଡର ତାନୋଙ୍ଗସାକ ସିନସୋମବୁନସୁକଙ୍କୁ ପରାସ୍ତ କରି ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଲଣ୍ଡନ ଅଲିମ୍ପିକ୍ ବ୍ରୋଞ୍ଜ ପଦକଧାରୀ ସାଇନା ପରବର୍ତ୍ତୀ ମ୍ୟାଚ୍‌ରେ ଅନ୍ୟ ଭାରତୀୟ ଖେଳାଳି ଅମୋଲିକା ସିଂ ସିସୋଦିଆଙ୍କୁ ଭେଟିବେ। ସେହିଭଳି କାଶ୍ୟପ ଇଣ୍ଡୋନେସିଆର ଫିର୍ମାନ ଅବଦୁଲ ଖୋଲିକଙ୍କ ସହ ମୁକାବିଲା କରିବେ। ଅନ୍ୟପକ୍ଷରେ ମିକ୍ସଡ୍ ଡବଲ୍ସ ବର୍ଗର ଡିଫେଣ୍ଡିଂ ଚାମ୍ପିୟନ ପ୍ରଣବ ଜେରି ଚୋପ୍ରା ଓ ଏନ୍. ସିକ୍କି ରେଡ୍ଡୀଙ୍କ ଯୋଡ଼ି ପରାଜୟ ସହ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଜେରି ଚୋପ୍ରା ଓ ଏନ୍. ସିକ୍କିଙ୍କ ଯୋଡ଼ି ୧୪-୨୧, ୧୧-୨୧ ଗେମ୍‌ରେ ଚାଇନାର ରେନ ଜିଆଗ୍ୟୁ ଓ ଝୋଉ ଚାଓମିନଙ୍କଠାରୁ ପରାଜିତ ହୋଇଛନ୍ତି।

# ସୁନ୍ଦର ସ୍ୱାସ୍ଥ୍ୟ: ରଶ୍ମିରଞ୍ଜନ 'ଧଉଳି ଶ୍ରୀ'



'ଧଉଳି ଶ୍ରୀ' ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ ଅତିଥିଙ୍କ ସହ।

ପୁରୁଣା ଭୁବନେଶ୍ୱର, ୨୧।୧୧(ଡି.ଏନ.ଏ.)

ଭୁବନେଶ୍ୱର ବ୍ଲକ ଅଧୀନ ଇଟିପୁର ଗ୍ରାମରେ ଆୟୋଜିତ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭୁବନେଶ୍ୱର ତୁସାର ଜିମ୍‌ର ରଶ୍ମିରଞ୍ଜନ ସାହୁ ଧଉଳିଶ୍ରୀ ବିବେଚିତ ହୋଇଛନ୍ତି । ମଙ୍ଗଳବାର ଆୟୋଜିତ କ୍ଲାସିକାଲ ବଡ଼ିବିଲ୍ଡିଂ ଚାମ୍ପିୟନଶିପ୍‌ରେ ସୌମ୍ୟ ରଞ୍ଜନ ସେଠୀ ଦ୍ୱିତୀୟ, ଅଭିଷେକ କର ତୃତୀୟ ଓ ଓଁକାର ଦାସ ମହାପାତ୍ର ଚତୁର୍ଥ, ପ୍ରମୋଦ କୁମାର ସ୍ୱାଇଁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ । ଆଞ୍ଚଳିକ ୟୁଥ୍ କ୍ଲବ ଏବଂ ଜିମ୍ନାସିୟମ ସହିତ ଭୁବନେଶ୍ୱର ବଡ଼ି ବିଲ୍ଡିଂ ଆସୋସିଏଶନ ତରଫରୁ ପ୍ରଥମଥର ପାଇଁ ଆୟୋଜିତ କଳିଙ୍ଗ ଐତିହ୍ୟ ରଣଭୂମି ପ୍ରତିଭା ମହୋତ୍ସବ ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ କ୍ଲବରୁ ୩୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପୁରସ୍କାର ବିତରଣୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ସାମାଜିକ କର୍ମୀ ସୁବାସ ସୁନ୍ଦରାୟ, ହରେକୃଷ୍ଣ ସାହୁ, ବୃନ୍ଦାବନ ସାହୁ, ଅକ୍ଷୟ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ବଡ଼ିବିଲ୍ଡିଂ ଆସୋସିଏଶନର ସଭାନେତ୍ରୀ ସୁମିତ୍ରା ତ୍ରିପାଠୀ, ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଗୁରୁ ଏବଂ ଅନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ କରିଥିଲେ । ଆୟୋଜକ କ୍ଲବର ସମ୍ପାଦକ ପଲ୍ଲୀଆନନ ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ସୂର୍ଯ୍ୟକାନ୍ତ ସାହୁ, ଗଗନ ବିହାରୀ ପ୍ରଧାନ, ବାସୁଦେବ ସାହୁ, ମିଥୁନ ସ୍ୱାଇଁ, ବିକ୍ରମ ପ୍ରଧାନ, ଚନ୍ଦନ ବେହେରା ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଇତିହାସ ରଚିଲେ ଜାଫର

ମୁମ୍ବାଇ,୨୧।୧୧

ପୂର୍ବତନ ଭାରତୀୟ ଓପନର ୱାସିମ ଜାଫର ବୁଧବାର ଇତିହାସ ସୃଷ୍ଟି କରିଛନ୍ତି। ସେ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ରଣଜୀ କ୍ରିକେଟରେ ୧୧,୦୦୦ ରନ୍ ପୂରଣ କରିଛନ୍ତି। ଏହି ମାଇଲଷ୍ଟୋନ ସ୍ପର୍ଶ କରିବା ଲାଗି ତାଙ୍କୁ ରଣଜୀ ଟ୍ରଫିର ବିଦର୍ଭ ବିପକ୍ଷ ୩ୟ ରାଉଣ୍ଡ ମ୍ୟାଚ୍‌ରେ ୯୭ ରନ୍ ଦରକାର ଥିଲା। ବରୋଦା ପକ୍ଷରୁ ଖେଳୁଥିବା ଜାଫର ଭିସିଏ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ମ୍ୟାଚ୍‌ରେ ୧୫୩ ରନ୍‌ର ଇନିଂସ ଖେଳି ରେକର୍ଡ ପ୍ରତିଷ୍ଠା କରିଛନ୍ତି। ତାଙ୍କ ଇନିଂସ ଯୋଗୁ ବରୋଦା ପ୍ରଥମ ଇନିଂସରେ ୫୨୯ ରନ୍‌ର ବିଶାଳ ସ୍କୋର ଛିଡ଼ା କରିଛି। ଜାଫର ଘରୋଇ କ୍ରିକେଟର ଲମ୍ବା ଫର୍ମାଟରେ ସର୍ବାଧିକ ରନ୍ କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ଶୀର୍ଷରେ ଅଛନ୍ତି। ତାଙ୍କ ପଛକୁ ଅମୋଲ ମଜୁମଦାର(୯୨୦୨) ରହିଛନ୍ତି। ଏହି ତାଲିକାରେ ୧୦ମ ସ୍ଥାନରେ ଓଡ଼ିଶାର ରଶ୍ମୀରଞ୍ଜନ ପରିଡ଼ା (୭୫୧୬) ରହିଛନ୍ତି। ପୂର୍ବତନ ମୁମ୍ବାଇ ବ୍ୟାଟ୍ସମ୍ୟାନ ଜାଫରଙ୍କୁ ଜାତୀୟ ଦଳରେ ଅଧିକ ସୁଯୋଗ ମିଳିନାହିଁ। ସେ ୩୧ ଟେଷ୍ଟ ଓ ୨ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ନିକଟରେ ଏକ ସାକ୍ଷାତକାରରେ ସେ କହିଥିଲେ, ବର୍ତ୍ତମାନ ଜାତୀୟ ଦଳରେ ଖେଳିବାକୁ ହେଲେ ଜଣେ ଯୁବ ଖେଳାଳିଙ୍କୁ ଆଇପିଏଲ ଖେଳିବା ନିହାତି ଦରକାର। ନହେଲେ ସେ ଚୟନକର୍ତ୍ତାଙ୍କ ନଜରକୁ ଆସିପାରିବି ନାହିଁ। ଯଦି କୌଣସି ସିଜନରେ ଏକ ହଜାର କରିବାକୁ ସକ୍ଷମ ହେଲେ, ତେବେ କେବଳ ଭାରତ ଏ' ପାଇଁ ଖେଳିପାରିବେ।

### ଜିତିଲା ବ୍ରାଜିଲ ; ନେମାର ଆହତ

ମିଲଟନ କିଇନସ(ଇଂଲଣ୍ଡ),୨୧।୧୧

ଏଠାରେ ମଙ୍ଗଳବାର ଖେଳାଯାଇଥିବା ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ୍‌ରେ ବ୍ରାଜିଲ ୧-୦ ଗୋଲରେ କାମେରୁନକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ବ୍ରଜିଲ ଷ୍ଟାର ଫରୱାର୍ଡ ଖେଳାଳି ନେମାର ଆହତ ହୋଇଛନ୍ତି। ସେ ମ୍ୟାଚ୍‌ର ୮ମ ମିନିଟ୍‌ରେ ଆହତ ହେବା ପରେ ପଡ଼ିଆ ବାହାରକୁ ଚାଲିଯାଇଥିଲେ। ତାଙ୍କ ବଦଳରେ ରିଚାର୍ଲସନ ଦଳର ଆକ୍ରମଣ ବିଭାଗ ସମ୍ଭାଳିଥିଲେ। ରିଚାର୍ଲସନ (୪୫ତମ ମିନିଟ) ପ୍ରଥମାର୍ଦ୍ଧ ଅନ୍ତିମ ମିନିଟ୍‌ରେ ଗୋଲ ଦେଇଥିଲେ। ଏହାପରେ ଉଭୟ ଦଳର କୌଣସି ଖେଳାଳି ସ୍କୋର ଲାଇନକୁ ପ୍ରଭାବିତ କରିପାରି ନ ଥିଲେ।

# ରଣଜୀ ଟ୍ରଫି: ଓଡ଼ିଶା ସ୍ଥିତି ଦୃଢ଼

## ଅନୁରାଗ, ବିପ୍ଳବଙ୍କ ଅର୍ଦ୍ଧଶତକ: ମାଲିଙ୍କୁ ୬ ଉଇକେଟ

ଭୁବନେଶ୍ୱର, ୨୧।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଗୁଆହାଟୀର ବର୍ଷାପଡ଼ା ଷ୍ଟାଡିୟମରେ ଚାଲିଥିବା ଆସାମ ବିପକ୍ଷ ଗ୍ରୁପ୍ ସି' ଏଲିଟ୍ ମ୍ୟାଚ୍‌ରେ ଭ୍ରମଣକାରୀ ଓଡ଼ିଶା ସ୍ଥିତି ଦୃଢ଼ କରିଛି। ଆସାମକୁ ପ୍ରଥମ ଇନିଂସରେ ୧୨୧ ରନରେ ଅଲଆଉଟ କରିବା ପରେ ଓଡ଼ିଶା ବଡ଼ ସ୍କୋର ହାସଲ କରିପାରି ନ ଥିଲେ ମଧ୍ୟ ଅଗ୍ରଣୀ ହାସଲ କରିଥିଲା। ପ୍ରଥମ ଇନିଂସରେ ଓଡ଼ିଶା ୮୫.୨ ଓଭରରେ ୨୪୦ ରନ କରି ଅଲଆଉଟ ହୋଇଥିଲା। ଫଳରେ ଓଡ଼ିଶା ୧୧୯ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଆସାମ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୨୩ ଓଭରରେ ୪ ଉଇକେଟ ହରାଇ ୬୦ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇ ଦିନ ବାକିଥିବା ବେଳେ ଆସାମ ୬ ଉଇକେଟ ବାକି ରଖି ୫୯ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଶିବଶଙ୍କର ରଏ ୨୦ ଓ ଅଧିନାୟକ ଅମିତ ସିହ୍ନା ୭ ରନ କରି ଅପରାଜିତ ରହିଛନ୍ତି। ୪୧ ରନରେ ୪ ଉଇକେଟ ହରାଇବା ସହ ଆସାମ ଟପ୍ ଅର୍ଡର ଫେଲ୍ ମାରିଥିଲା। ଓପନର ପରଭେଜ ଅଜିଜ୍ ୭, ରିଷଭ ଦାସ ୧୫ ରନ କରି ଆଉଟ ହୋଇଥିବା ବେଳେ ଉଇକେଟ କିପର ବ୍ୟାଟ୍ସମ୍ୟାନ କୁନାଲ ସାଇକିଆ ଓ ରିୟାନ ପରାଗ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ପ୍ରଥମ ଇନିସଂରେ ୫ ଉଇକେଟ ସଫଳତା ପାଇଥିବା ଓଡ଼ିଶା ଯୁବ ଦ୍ରୁତ ବୋଲର ରାଜେଶ ମହନ୍ତି ୩, ଦେବବ୍ରତ ପ୍ରଧାନ ଗୋଟିଏ ଉଇକେଟ ହାସଲ କରିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୮୬/୩ରୁ ଖେଳ ଆରମ୍ଭ କରି ଓଡ଼ିଶା ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ତଥା ଓପନର ଅନୁରାଗ ଷଡଙ୍ଗୀ ୬୧ ରନରୁ ଖେଳ ଆରମ୍ଭ କରି ୭୭ ରନକରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ଅଧିନାୟକ ବିପ୍ଳବ ସାମନ୍ତରାୟ ୭ରୁ ଖେଳ ଆରମ୍ଭ କରି ୬୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟ ଉଇକେଟ କିପର ବ୍ୟାଟ୍ସମ୍ୟାନ ସୁଜିତ ଲେଙ୍କା ୨୮, ଶାନ୍ତନୁ ମିଶ୍ର ୧୭, ବସନ୍ତ ମହାନ୍ତି ୧୦ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ରାଜେଶ, ଦେବବ୍ରତ ପ୍ରଧାନ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଧିରଜ ସିଂ ବିନା ସ୍କୋରରେ ଅପରାଜିତ ରହିଥିଲେ। ଅନୁରାଗ ଓ ବିପ୍ଳବଙ୍କ ଅର୍ଦ୍ଧଶତକକୁ ବାଦ୍ ଦେଲେ ଅନ୍ୟ ବ୍ୟାଟ୍ସମ୍ୟାନ ସଫଳ ହୋଇପାରି ନ ଥିଲେ। ବୋଲିଂରେ ଆସାମ ତରଫରୁ ରଞ୍ଜିତ ମାଲି ସର୍ବାଧିକ ୬, ମୁକ୍ତାର ହୁସେନ ୩ ଓ ଅରୂପ ଦାସ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଆସାମ ପ୍ରଥମ ଇନିଂସ: ୧୨୧ ଅଲଆଉଟ।

ଓଡ଼ିଶା ପ୍ରଥମ ଇନିଂସ: ୮୫.୨ ଓଭରରେ ୨୪୦ ଅଲଆଉଟ (ଅନୁରାଗ- ୭୭, ବିପ୍ଳବ- ୬୧, ସୁଜିତ- ୨୮, ମାଲି- ୬/୮୦, ହୁସେନ- ୩/୭୫)।

ଆସାମ ଦ୍ୱିତୀୟ ଇନିଂସ: ୨୩ ଓଭରରେ ୬୦/୪ (ଶିବଶଙ୍କର- ୨୦*, ରିଷଭ- ୧୫, ରାଜେଶ- ୩/୨୫, ଦେବବ୍ରତ- ୧/୧୭)।

### କୁଚ୍‌ବିହାର ଟ୍ରଫି: ଗୋଆ ଫଲୋଅନ

କଟକ ଅଫିସ,୨୧।୧୧

ଗୋଆର ମାରଗାଓ କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ଚାଲିଥିବା ୧୯ବର୍ଷରୁ କମ୍ କୁଚବିହାର ଟ୍ରଫି ଓଡ଼ିଶା-ଗୋଆ ବିପକ୍ଷ ମ୍ୟାଚ୍‌ର ତୃତୀୟ ଦିବସ ଖେଳ ଶେଷ ହୋଇଛି। ଓଡ଼ିଶାର ପ୍ରଥମ ଇନିଂସ୍ ୩୬୮ରନ୍ ଜବାବରେ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଗୋଆ ୮ ଉଇକେଟ ହରାଇ ୯୩ରନ୍ କରିଥିଲା । ବୁଧବାର ୩ୟ ଦିବସରେ ଆଉ ୧୧ ରନ୍ ଯୋଡ଼ିବା ସହ ବଳକା ୨ ଉଇକେଟ ହରାଇ ଗୋଆର ପ୍ରଥମ ଇନିଂସ୍ ୧୦୪ରନ୍‌ରେ ସୀମିତ ରହିଥିଲା । ଫଳରେ ଫଲୋଅନ ପାଇ ଗୋଆ ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରିଥିଲା । ତେବେ ଦ୍ୱିତୀୟ ଇନିଂସ୍‌ରେ ମଧ୍ୟ ଗୋଆ ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରିଛି । ଷ୍ଟମ୍ପ ଅପସାରଣ ସୁଦ୍ଧା ୬ ଉଇକେଟ ବିନିମୟରେ ଗୋଆ ୧୯୯ରନ୍ କରିଛି । ଦଳ ପକ୍ଷରୁ ପୀୟୁଷ ଯାଦବ ସର୍ବାଧିକ ୫୬ରନ୍ କରି ଅପରାଜିତ ଅଛନ୍ତି । ଏବେ ବି ଗୋଆ ୬୫ରନ୍ ପଛରେ ଥିବା ବେଳେ ଗୁରୁବାର ମ୍ୟାଚ୍‌ର ଅନ୍ତିମ ଦିବସ ରହିଛି । ଓଡ଼ିଶା ସପକ୍ଷରେ ମ୍ୟାଚ୍ ଥିବା ବେଳେ ଅନ୍ତିମ ଦିବସରେ ଦଳ ବିଜୟୀ ପଏଣ୍ଟ ହାସଲ କରିବାକୁ ଚେଷ୍ଟା କରିବ । ଓଡ଼ିଶା ପକ୍ଷରୁ ନୀତୀଶ ସାମନ୍ତରାୟ, ଏନ୍.ବି. ଭୂୟାଁ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି ।

# ପୂର୍ବାଞ୍ଚଳ ଓପନ୍ ସ୍ନୁକର ଆରମ୍ଭ

ଭୁବନେଶ୍ୱର,୨୧।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଭିନ୍‌ଟେଜ କ୍ଲବ୍‌ଠାରେ ଅଷ୍ଟମ ଏମ୍‌ଆଇଟି ଓପନ୍ ପୂର୍ବାଞ୍ଚଳ ସ୍ନୁକର ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଶ୍ରୀମୟ କର, ଟୁର୍ନାମେଣ୍ଟ ସଂଚାଳକ ଗୋବିନ୍ଦ ଶର୍ମା ଓ ଭିନ୍‌ଟେଜ୍ କ୍ଲବ ମାଲିକ ଅମିୟ ରଞ୍ଜନ ନାୟକଙ୍କ ଉପସ୍ଥିତିରେ ଏହି ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଥିଲା। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ସବୁ ପ୍ରତିଯୋଗୀଙ୍କୁ ଶ୍ରୀମୟ ଅଭିନନ୍ଦନ ଜଣାଇଥିଲେ। ୨୦୦୫ରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟ ଏବେ ଅଷ୍ଟମ ସଂସ୍କରଣରେ ପହଞ୍ଚିଛି। ପଡୋଶୀ ରାଜ୍ୟ ବିହାର, ଛତିଶଗଡ଼, ଝାଡଖଣ୍ଡ ସମେତ ଦେଶର ବିଭିନ୍ନ ଅଞ୍ଚଳରୁ ରେକର୍ଡ ୧୦୬ଜଣ ଏହି ଟୁର୍ନାମେଣ୍ଟ ଖେଳିବେ। ଗତବର୍ଷ ଏହି ଏହି ଟୁର୍ନାମେଣ୍ଟରେ ଓଡ଼ିଶା ସୁବ୍ରତ ଦାସ ଚାମ୍ପିୟନ ହୋଇଥିବା ବେଳେ ସିଦ୍ଧାର୍ଥ ସେନ୍ ରନରଅପ୍ ବିବେଚିତ ହୋଇଥିଲେ। ଚାମ୍ପିୟନଙ୍କୁ ଟ୍ରଫି ସହ ୩୦ ହଜାର ଓ ରନସଅପଙ୍କୁ ଟ୍ରଫି ସହ ୧୬ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ।

ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଜଗଦୀଶ ମହାନ୍ତି ୨-୦ରେ ଶାନ୍ତନୁ କହଁରଙ୍କୁ, ଜ୍ଞାନ ଦାସ ୨-୧ରେ ପଦ୍ମାସନ ନାୟକଙ୍କୁ, ସ୍ନେହାଂଶୁ ଶାହା ୨-୧ରେ ଭି. ନୀତେଶ ପାତ୍ରୋଙ୍କୁ, ଅର୍ମାନ ଉଲ ହକ ୨-୧ରେ ହର୍ଷ ଲାମ୍ବାଙ୍କୁ, ରାହୁଲ ହା ୨-୧ରେ ପ୍ରକାଶ ସାହୁଙ୍କୁ, ରାକେଶ ମହାନ୍ତି ୨-୦ରେ ସେକ୍ ନାସିମୁଦ୍ଦିନ୍‌ଙ୍କୁ, ସୌଭାଗ୍ୟ ବେହେରା ୨-୦ରେ ଗୌରୀଶଙ୍କର ବିଶ୍ୱାଳଙ୍କୁ ପରାସ୍ତ କରିଛନ୍ତି।

ସେହିପରି ପ୍ରଣବ ମହାନ୍ତିଙ୍କ ବିପକ୍ଷରେ ରିଷବ ଗୋଲେଚ୍ଛା, ଶିବମ ନାଗଙ୍କ ବିପକ୍ଷରେ ଆଦର୍ଶ ପଟ୍ଟନାୟକ, ରୋହିତ ଶର୍ମାଙ୍କ ବିପକ୍ଷରେ ବିଶ୍ୱଜିତ୍ ସାହୁ ୱାକ ଓଭର ପାଇଛନ୍ତି।



ପୂର୍ବାଞ୍ଚଳ ଓପନ ସ୍ନୁକର ଟୁର୍ନାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଜ୍ୱାଇଁ, ନାତିଙ୍କୁ ଶ୍ୱଶୁରଙ୍କ ମାଡ଼: ଥାନାରେ ୨ ଅଭିଯୋଗ

**ରଘୁନାଥପୁର, ୨୧।୧୧( ଡି.ଏନ.ଏ.)–** କିଶୋରନଗର ଥାନା କଲରାବାଙ୍କ ଫାଣ୍ଡି ଅନ୍ତର୍ଗତ ବୋଦର ଗାଁର ଦୋଳଗୋବିନ୍ଦ ଭୋଇ ତାଙ୍କ ଜ୍ୱାଇଁ ମଧୁସୂଦନ ଦାସ ଓ ନାତି ସ୍ମୃତିରଞ୍ଜନଙ୍କୁ ମାଡମାରି ଗୁରୁତର କରିଥିବା ଫାଣ୍ଡିରେ ଅଭିଯୋଗ ହୋଇଛି। ସେହିପରି ଶ୍ୱଶୁର ଦୋଳଗୋବିନ୍ଦ ଓ ଶାଶୁ ଶାନ୍ତିଲତା ଭୋଇଙ୍କ ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ କରାଯାଇଛି। ଶ୍ୱଶୁର ଜ୍ୱାଇଁଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହେବାରୁ ଦୋଳଗୋବିନ୍ଦ ଉତ୍ତ୍ୟକ୍ତ ହୋଇ ଜ୍ୱାଇଁ ଓ ନାତିଙ୍କୁ ମାଡମାରି ଗୁରୁତର କରିଥିଲେ। କିଶୋରନଗର ପୋଲିସ ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି କେସ୍ ନଂ. ୧୪୩/୧୮, ୧୪୪/୧୮ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଜ୍ୱାଇଁ ମଧୁସୂଦନ ପୋଲିସ ବିଭାଗରେ ଚାକିରି କରିଥିବାରୁ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଦାବି କରାଯାଇଛି।

# ୬୨ ଲିଟର ମଦ ଜବତ, ମହିଳା ଗିରଫ

**ପାରାଦୀପ,୨୧।୧୧(ସ୍ୱ.ପ୍ର.):**ପାରାଦୀପଅଭୟଚାନ୍ଦପୁରଥାନାଅଧୀନଢିଙ୍କିଆଗ୍ରାମରୁପୋଲିସମଙ୍ଗଳବାରରାତିରେ ୬୨ ଲିଟର ଚୋରା ମଦ ଜବତ କରିଛି। ଏହି ଘଟଣାରେ ଜଣେ ମହିଳାଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟଚାଲାଣ କରାଯାଇଛି। ସେ ହେଲେ ତ୍ରିଲୋଚନପୁର ଗ୍ରାମର ନିର୍ମଳା ବେହେରା। ଏ ନେଇ ନଂ ୯୦/୧୮ରେ ଏକ ମାମଲା ରୁଜୁ ହୋଇଛି। ସେ ପଞ୍ଝୁକ ଓ ବଡ଼ଓଷା କରିଥିବାରୁ ତାଙ୍କୁ ଥାନା ପକ୍ଷରୁ ଦିଆଯାଇଥିବା ଖାଦ୍ୟ ଗ୍ରହଣ କରି ନ ଥିଲେ।




## କାର୍ ଧକ୍କାରେ ଯୁବକ ମୃତ

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

- ରାସ୍ତା କଡ଼ରେ ଛିଡା ହୋଇଥିବାବେଳେ ଧକ୍କା ଦେଲା କାର
- ଗୁରୁତରଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର

**ଜଗତ୍‌ସିଂହପୁର ଅଫିସ/ ବିରିଡି, ୨୧।୧୧ (ଡି.ଏନ.ଏ.)**

ଜଗତ୍‌ସିଂହପୁର ଥାନା ଅଧୀନ ଚାରିପୋଲିଆ ନିକଟରେ ବୁଧବାର ଏକ କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବିରିଡ଼ି ଥାନା ଅଲାଣ୍ଡୋ ଅରଙ୍ଗାବାଦର ଅଜୟ କୁମାର ଖୁଣ୍ଟିଆ(୨୭)। ଗୁରୁତର ହେଲେ ଥାନା ଅଧୀନ ରାଣୀପଡ଼ା ଅଞ୍ଚଳର ସୁଜିତ କୁମାର ନାଥ ଓ ଅଭିଷେକ ମହାନ୍ତି। ଗୁରୁତରଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏ ନେଇ ମୃତ ଅଜୟଙ୍କ ଦାଦା ନୃସିଂହ ଥାନାରେ ଅଭିଯୋଗ କରିଛନ୍ତି। ଜଗତ୍‌ସିଂହପୁର ପୋଲିସ ମାମଲା ନଂ–୨୮୪/୧୮ରୁଜୁ କରିବା ସହ କାରଟିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଅନ୍ୟପକ୍ଷରେ ମୃତକଙ୍କ ପରିବାରକକୁ କ୍ଷତିପୂରଣ, ଗାଡ଼ି ଚାଳକଙ୍କୁ ଗିରଫ ଦାବିରେ ଗ୍ରାମବାସୀ ସନ୍ଧ୍ୟା ୫ଟାରୁ ବିରିଡି ଛକଠାରେ ମୃତଦେହ ରଖି କଟକ ଜଗତ୍‌ସିଂହପୁର ରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ଫଳରେ ଶହଶହ ଗାଡିମୋଟର ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଘଟଣାସ୍ଥଳରେ ବିରିଡି ଥାନା ଆଇଆଇସି, ଜଗତ୍‌ସିଂହପୁର ଡିଏସପି ଓ ଉପଜିଲାପାଳ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଖବର ଲେଖାହେଲା ବେଳକୁ ରାସ୍ତା ଅବୋଧ ଜାରି ରହିଥିଲା। ନୃସିଂହ ଅଭିଯୋଗରେ ଦର୍ଶାଇଛନ୍ତି, ସେ କାମ ସାରି ଜଗତ୍‌ସିଂହପୁରରୁ ଘରକୁ ଫେରୁଥିବା ବେଳେ ଚାରିପୋଲିଆ ଛକଠାରୁ କଟକ ଆଡକୁ ପାଖାପାଖି ୧୦୦ ମିଟର ଆଗରେ ଏଭଳି ଅଭାବନୀୟ ଘଟଣା ଘଟିଥିବା ଦେଖିଥିଲେ। ଅଜୟ ତାଙ୍କ ସାଙ୍ଗ ଅଭିଷେକଙ୍କ ସହିତ ଏକ ବାଇକ୍ ଯୋଗେ ଜଗତ୍‌ସିଂହପୁରରୁ ଘରକୁ ଫେରୁଥିଲେ। ବାଟରେ ଅନ୍ୟତମ ସାଙ୍ଗ ସୁଜିତ ଦେଖା ହୋଇଥିଲେ। ତେଣୁ ସେମାନେ ରାସ୍ତା ପାର୍ଶ୍ୱରେ ଛିଡା ହୋଇ କଥାବାର୍ତ୍ତା ହେଉଥିଲେ। ସେହି ସମୟରେ ଏକ ଧଳା ରଙ୍ଗର କାର ବିନା ହର୍ଣ୍ଣରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଯାଇ ସେମାନଙ୍କୁ ଧକ୍କା ଦେବା ପରେ ରାସ୍ତା ତଳକୁ ଖସି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଅଜୟଙ୍କ ମୃତ୍ୟୁ ହୋଇ ଯାଇଥିଲା। ସଙ୍ଗେସଙ୍ଗେ ସ୍ଥାନୀୟ ଲୋକେ ଅଜୟଙ୍କ ସମେତ ଆହତ ଦ୍ୱୟଙ୍କୁ ନିକଟସ୍ଥ ଜିଲା ମୁଖ୍ୟ ଚିକିତ୍ସାଳୟ ନେବା ବ୍ୟବସ୍ଥା କରିଥିଲେ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


Bijay Mohanty
Actor




■ ୧୧ ଦିନ ହେଲା କାଳିଆପାଣି ତୈଳଙ୍ଗୀ ଖଣି ବନ୍ଦ

# ୧୦କୋଟି ଟଙ୍କାର କଞ୍ଚାମାଲ ଫସି ରହିଛି

## ଫେରୋକ୍ରୋମ କାରଖାନା ଚଳିବା କଷ୍ଟକର

ଯାଜପୁର ଅଫିସ,୨୧।୧୧

ରାଜ୍ୟ ଶିଳ୍ପ ନିଗମ ପରିଚାଳିତ ଯାଜପୁର ଜିଲା ସୁକିନ୍ଦା କାଳିଆପାଣିସ୍ଥିତ ତୈଳଙ୍ଗୀ କ୍ରୋମାଇଟ ଖଣି ଗତ ୧୧ତାରିଖ ଠାରୁ ବନ୍ଦ ହୋଇଯାଇଛି। ଏହାଦ୍ୱାରା ଉତ୍ତୋଳିତ କ୍ରୋମାଇଟ, କ୍ରୋମ୍ ଓର, ରମ(ରନ ଅଫ୍ ମାଇନ୍ସ) ଆଦି ୧୦ କୋଟି ଟଙ୍କାର କଞ୍ଚାମାଲ୍ ଖଣିରେ ଫସି ରହିଛି। ଏହାସହ ରାଜ୍ୟ ଶିଳ୍ପ ନିଗମର ଶେଷ କାରଖାନା ଭାବେ ବଞ୍ଚିଥିବା ଯାଜପୁରରୋଡ ଫେରୋକ୍ରୋମ ଆଲଏଜ ଚାଲିବା କଷ୍ଟକର ହୋଇପଡିଛି। ଖଣି ବନ୍ଦ ହୋଇପଡ଼ିବା ଫଳରେ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହେବା ସହ ଖଣି ଅଞ୍ଚଳରେ ଅଚଳାବସ୍ଥା ଜାରି ରହିଛି। ଯେଉଁମାନଙ୍କ ଷଡ଼ଯନ୍ତ୍ରରେ ଏହି ଖଣି ବନ୍ଦ ହୋଇଯାଇଛି ସେମାନଙ୍କ ଆଡ଼କୁ ଅଙ୍ଗୁଳି ଉଠିବା ଆରମ୍ଭ ହୋଇଛି। ଲୋକଙ୍କ ରୋଷରୁ ବର୍ତ୍ତିବା ପାଇଁ ସେମାନେ ଏବେ ନୂଆ ନୂଆ ଭେଳିକି ଆରମ୍ଭ କରିଛନ୍ତି।

କାଳିଆପାଣି ଅଞ୍ଚଳର ଶାସକ ଦଳ ସମର୍ଥିତ ଜଣେ ପ୍ରଭାବଶାଳୀ ଶ୍ରମିକ ନେତାଙ୍କ ଜରିଆରେ ଶତାଧିକ ବ୍ୟକ୍ତିଙ୍କ ଟ୍ୟାମ୍ପରିଂ ଦସ୍ତଖତ ସମ୍ବଳିତ ଅଭିଯୋଗ କ୍ରମେ ତଳଙ୍ଗି ଖଣି ଭବିଷ୍ୟତରେ କାର୍ଯ୍ୟକ୍ଷମ ସମ୍ଭବ ନୁହେଁ ବୋଲି ଅଭିଯୋଗ କରି ସମୟ ସୀମାକୁ କୋହଳ କରାଯାଇଥିଲା। ଅଭିଯୋଗରେ ଖଣିର ଦୁର୍ବଳତା ଉପରେ ବିଭିନ୍ନ କାରଣ ଦର୍ଶାଯାଇଥିଲା। ୧ ବର୍ଷର ସମୟସୀମାକୁ କାଟି ଗତ ଅଗଷ୍ଟ ମାସଠାରୁ ୩ ମାସ ସମୟ ଦେଇଥିଲେ। ଯାହାର କଣ୍ଟ ଗତ ନଭେମ୍ବର ମାସ ୧୦ତାରିଖରେ ଶେଷ ହୋଇଗଲା। କିନ୍ତୁ ଖଣିର ଲିଜ୍ ଅବଧି ୨୦୩୦ ମସିହା ପର୍ଯ୍ୟନ୍ତ ରହିଛି। ରାଜ୍ୟ ଶିଳ୍ପ ନିଗମର ଏହି ବ୍ୟବସାୟିକ ଦିଗକୁ ବନ୍ଦ କରିଦେବା ଫଳରେ ଫେରୋକ୍ରୋମ କାରଖାନା ମଧ୍ୟ ଏହା ଦ୍ୱାରା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇ ବନ୍ଦ ହୋଇଯିବାର ପଥ ପରିଷ୍କାର ହୋଇଛି। ଓଏମ୍‌ସିଠାରୁ କଞ୍ଚାମାଲ କ୍ରୋମାଇଟ ଓର କିଣି ଫେରୋକ୍ରୋମ ଉତ୍ପାଦନ କଲେ ଟନ୍ ପିଛା ୧୦ରୁ ୧୫ ହଜାର ଟଙ୍କା ଅଧିକ ଖର୍ଚ୍ଚ ହେବ। ନିଜସ୍ୱ ତଳଙ୍ଗି ଖଣି ଥାଇ ଫେରୋକ୍ରୋମ ଏଥରେ ରସାତଳଗାମୀ ହେବ। ବହୁ ଚର୍ଚ୍ଚିତ ତଳଙ୍ଗୀ ଖଣିରୁ ଶାଗମାଛ ଦରରେ ଲୋ-ଗ୍ରେଡ କ୍ରୋମ୍ ଓର ଉଠାଣରେ ପ୍ରାୟ ୧୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ଅଭିଯୋଗକୁ ଚାପି ଦେବା ପାଇଁ ଏସବୁ ନାଟକବାଜି ଚାଲିଛି ବୋଲି ଏବେ ଚର୍ଚ୍ଚା ଜୋର ଧରିଛି। ନିଜର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସାବାଡ କରିବା ଉଦ୍ଦେଶ୍ୟରେ ୯୨୭ଜଣ ଠିକା ଶ୍ରମିକଙ୍କ ଜୀବିକା ଯାଇଛି। ସୂଚନାଯୋଗ୍ୟ ଯେ, ତଳଙ୍ଗୀ ଖଣି ବନ୍ଦ ହେବା ଫଳରେ ଶ୍ରମିକମାନେ ଅଧିକାରୀଙ୍କୁ ଛାଡୁ ନାହାନ୍ତି। ଫେରୋକ୍ରୋମ କାରଖାନା ପ୍ରାୟ ୧୦କୋଟି ୫୦ଲକ୍ଷ ଟଙ୍କାର କଞ୍ଚାମାଲ ତଳଙ୍ଗୀ ଖଣିରୁ ଆଣିପାରିଲା ନାହିଁ। ତୈଳଙ୍ଗୀ ଖଣିରେ ପ୍ରାୟ ୨.୫ କୋଟି ଟଙ୍କାର ୨୩୦୧ ମେଟ୍ରିକ ଟନ୍ କ୍ରୋମଓର, ପ୍ରାୟ ୨୫ଲକ୍ଷ ଟଙ୍କାର ୫୪୨ଟନ ଲମ୍ପ୍ସ, ୩.୫ କୋଟି ଟଙ୍କାର ୮୧୭୦ ମେଟ୍ରିକ ଟନ କ୍ରୋମ୍‌ଓର ଫାଇନ୍ସ ସେଠାରେ ପଡ଼ି ରହିଛି। ଖଣିରୁ ଖୋଳାଯାଇ ସିଧା କାରଖାନାକୁ ଅଣାଯାଉଥିବା ରମ୍ ୧୫୯୩୧ ଟନ ସେଠାରେ ପଡ଼ି ରହିଛି ଯାହାର ବଜାର ମୂଲ୍ୟ ଟନ୍ ପିଛା ୧୨୦୦ ଟଙ୍କାରୁ ଊର୍ଦ୍ଧ୍ୱ ହିସାବରେ ପ୍ରାୟ ୨କୋଟି ହେବ। ସେହିପରି ତୈଳଙ୍ଗୀରେ କାର୍ଯ୍ୟରତ କ୍ରୋମ୍ ଓର ବେନିଫିକେସନ ପ୍ଲାଣ୍ଟରୁ ୧ହଜାର ମେଟ୍ରିକ ଟନ୍ କ୍ରୋମ କନ୍‌ସେନ୍‌ଟ୍ରେଟ ଟନ୍ ପିଛା ୧୩ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହିସାବରେ ପ୍ରାୟ ୨କୋଟି ୩୦ଲକ୍ଷ ଟଙ୍କା ଫସି ରହିଛି। ଏହିପରି ୫ପ୍ରକାରର କଞ୍ଚାମାଲ ଫେରୋକ୍ରୋମ କାରଖାନାକୁ ଆସି ନ ପାରିବା ଫଳରେ ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସରକାରଙ୍କ କ୍ଷତି ହୋଇଛି। ଏହା ଉପରେ ମୁଖ୍ୟମନ୍ତ୍ରୀ ଓ ଆଇଡିସିର ଅଧ୍ୟକ୍ଷ ଧ୍ୟାନ ଦେବାକୁ ଶ୍ରମିକ ନେତା ଦୁଷ୍ମନ୍ତ କୁମାର ରାଉତ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଫେରୋକ୍ରୋମ କାରଖାନାର ପରିଚାଳନା ନିର୍ଦ୍ଦେଶକ ବୀରକିଶୋର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଖଣି ଭିତରେ ଥିବା କଞ୍ଚାମାଲ ସବୁକୁ ଆଣିବାକୁ ଉଦ୍ୟମ ଜାରି ରହିଛି। ଏଥିରେ କୌଣସି କ୍ଷତି ହେବାର ସମ୍ଭାବନା ନାହିଁ।

ଅନୁଗୋଳରେ ମଦମୃତ୍ୟୁ ଅଭିଯୋଗ

# କୁକୁଡ଼ା ଫାର୍ମର ୨ ମହିଳା କର୍ମଚାରୀ ମୃତ

**ଅନୁଗୋଳ ଅଫିସ/ବନ୍ତଲା,୨୧।୧୧:** ଅନୁଗୋଳ ଜିଲା ବନ୍ତଳା ଥାନା ଚନ୍ଦନପୁର ସାରୁଆଳି ଅଞ୍ଚଳରେ ବୁଧବାର ମଦମୃତ୍ୟୁ ଅଭିଯୋଗ ଆସିଛି। ଏକ କୁକୁଡ଼ା ଫାର୍ମରେ ଦିନ ମଜୁରିଆ ଭାବେ କାମ କରୁଥିବା ସୁନ୍ଦରଗଡ଼ର ବିମଳା ନାଇକ(୪୮) ଓ ବୁଧୁନି ନାଇକ(୪୦)ଙ୍କ ଅତ୍ୟଧିକ ମଦ୍ୟପାନ କିମ୍ବା ବିଷାକ୍ତ ମଦ ଯୋଗୁ ଜୀବନ ଯାଇଥିବା ସନ୍ଦେହ କରାଯାଉଛି। ସେଦିନ ରାତିରେ ଅନ୍ୟ ମହିଳା କର୍ମଚାରୀମାନେ ବିମଳା ଓ ବୁଧୁନିଙ୍କ ସହ ମିଶି ମଦ୍ୟପାନ କରିଥିଲେ। ସେମାନେ ଏବେ ସୁସ୍ଥ ଅଛନ୍ତି । ତେବେ କେଉଁ କାରଣରୁ ସମ୍ପୃକ୍ତ ୨ ମହିଳାଙ୍କ ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇନାହିଁ। ମୃତକଙ୍କ ସହଯୋଗୀ ବିଳାସ ମୁଣ୍ଡା ଓ ମଙ୍ଗଳ ମୁଣ୍ଡା କହିଛନ୍ତି, ବିମଳା ଓ ବୁଧୁନି ପୂର୍ବରୁ ମଦ୍ୟପାନ କରିଥିଲେ। ସାଙ୍ଗରେ ଆଉ ୩ ବୋତଲ ଆଣିଥିଲେ। ରାତିରେ ସେଥିରୁ ୨ ବୋତଲ ପିଇ ଶୋଇଥିଲେ। ସକାଳୁ ନ ଉଠିବାରୁ ଉଭୟଙ୍କୁ ଫାର୍ମ ମାଲିକ ଅରୁଣ ସିଂ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବିମଳା ଓ ବୁଧୁନି ଗୋଟିଏ ଜାଗାରୁ ମଦ ଆଣିଥିବା ବେଳେ ସହଯୋଗୀ କର୍ମଚାରୀମାନେ ସାରୁଆଳି ନିକଟ ଭାଟିରୁ ମଦ ଆଣି ପିଇଥିବା ବିଳାସ ଓ ମଙ୍ଗଳ କହିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ଡାକ୍ତରଖାନା ରିପୋର୍ଟକୁ ଭିତ୍ତିକରି ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ହରିହର ପାଣି କହିଛନ୍ତି। ଯଦି ମଦମୃତ୍ୟୁ ସମ୍ପର୍କରେ ଜଣାପଡ଼େ ତା'ହେଲେ ଏ ନେଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

■ ଅନୁସୂଚିତ ଜାତି, ଜନଜାତି ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ପ୍ରସଙ୍ଗ

# ୨୪ରେ ରାଜଭବନ ଆଗରେ ବିଜେଡିର ରିଲେ ଅନଶନ

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

ରାଜ୍ୟରେ ପ୍ରାୟ ୨ଲକ୍ଷ ଅନୁସୂଚିତ ଜାତି, ଜନଜାତିର ଛାତ୍ରୀଛାତ୍ର ମାଟ୍ରିକ ଓ ଉଚ୍ଚତର ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଏହି ଛାତ୍ରୀଛାତ୍ରଙ୍କ ଶିକ୍ଷା ପାଇଁ ମେଧାବୃତ୍ତି ବ୍ୟବସ୍ଥା କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ହୋଇଆସୁଛି। ଏହି ବ୍ୟବସ୍ଥାରେ କେନ୍ଦ୍ର ୯୦ପ୍ରତିଶତ ଆର୍ଥିକ ବ୍ୟବସ୍ଥାରେ ସହଯୋଗ ରଖୁଥିଲାବେଳେ ରାଜ୍ୟ ସରକାର ୧୦ପ୍ରତିଶତ ଦେଉଥିଲେ। ୨୦୧୬-୧୭ ଆର୍ଥିକ ବର୍ଷରେ ଏହିକ୍ରମରେ କେନ୍ଦ୍ରର ଅଂଶ ୨୧୫.୮୦ କୋଟି ଟଙ୍କା ଥିବାବେଳେ ରାଜ୍ୟ ଅଂଶ ୨୨.୪୮ କୋଟି ଟଙ୍କା ଥିଲା। ହଠାତ୍ କେନ୍ଦ୍ର ସରକାର ଏହି ବ୍ୟବସ୍ଥାର ପରିବର୍ତ୍ତନ କରିଛନ୍ତି। ରାଜ୍ୟ ସରକାରଙ୍କ ଉପରେ କେନ୍ଦ୍ର ସରକାର ୮୦%ରୁ ଅଧିକ ଆର୍ଥିକ ବୋଝ ଲଦି ଦେଇଛନ୍ତି। ଏହା ସମଗ୍ର ଅନୁସୂଚିତ ଜାତି, ଜନଜାତି ଛାତ୍ରୀଛାତ୍ରଙ୍କ ପ୍ରତି ଚରମ ଅନ୍ୟାୟ ବୋଲି ବିଜେଡି ଅଭିଯୋଗ କରିଛି। କେନ୍ଦ୍ରର ଏଭଳି ନିଷ୍ପତ୍ତି ବିରୋଧରେ ଶାସକ ଦଳର ଅନୁସୂଚିତ ଜାତି, ଜନଜାତି ବିଧାୟକ ତଥା କାର୍ଯ୍ୟକର୍ତ୍ତାମାନେ ଆସନ୍ତା ୨୪ରେ ରାଜଭବନ ସମ୍ମୁଖୀନରେ ରିଲେ ଅନଶନରେ ବସିବେ ବୋଲି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ବିଜେଡି ମୁଖ୍ୟାଳୟରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଶଶିଭୂଷଣ କହିଛନ୍ତି, ମୁଖ୍ୟମନ୍ତ୍ରୀ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ପାଇଁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖିଥିଲେ। ଅନୁଦାନ କ୍ଷେତ୍ରରେ ପୁନର୍ବିଚାର କରିବା ସହ ପୂର୍ବପରି କେନ୍ଦ୍ର ୯୦% ଓ ରାଜ୍ୟ ୧୦% ଅର୍ଥ ବହନ କରିବା ଲାଗି ଅନୁରୋଧ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ସେ ନେଇ କେନ୍ଦ୍ର ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ଏପରି ବୈମାତୃକ ମନୋଭାବ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ପାଇଁ କେନ୍ଦ୍ରର ନିଷ୍ଠା ଓ ଆନ୍ତରିକତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶଶିଭୂଷଣ କହିଛନ୍ତି। ଏହା ବିରୋଧରେ ଆସନ୍ତା ୨୪ରେ ରାଜଭବନ ସମ୍ମୁଖରେ ସକାଳ ୮ଟାରୁ ୧୨ଘଣ୍ଟିଆ ରିଲେ ଅନଶନ ଅନୁଷ୍ଠିତ ହେବ ବୋଲି ଶଶିଭୂଷଣ ସୂଚନା ଦେଇଛନ୍ତି।

# ପୋଲରେ ପିଟିହେଲା ବାଇକ୍, ୨ ମୃତ

**ବଣାଇ, ୨୧।୧୧(ସ୍ୱ.ପ୍ର.):** ସୁନ୍ଦରଗଡ ଜିଲା ବଣାଇ ଉପଖଣ୍ଡର ଟିକାୟତପାଲି ଥାନା ଅନ୍ତର୍ଗତ ଭାଲୁପାଣିଠାରେ ବୁଧବାର ଦୁର୍ଘଟଣା ଘଟିଛି। ପୋଲରେ ଏକ ବାଇକ୍ ଭାରସାମ୍ୟ ହରାଇ ପିଟି ହେବା ଫଳରେ ୨ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏମାନେ ହେଲେ ଦହିତୁର ଗାଁର ଡବ୍ଲ୍ୟୁ. ମୁଣ୍ଡା (୨୩) ଓ ବନ୍ଧାଭୂଇଁ ଗାଁର ରସାନନ୍ଦ ପାହୁଲେ (୨୨)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

■ ଓଡ଼ିଆ ଭାଷାର ବିକାଶ ପାଇଁ ଆନ୍ତରିକତା ଅଭାବ

# ଚେୟାର ଖୋଲି ବସିପଡ଼ିଲେ ସରକାର

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

■ ବିଏଚ୍‌ୟୁରେ କାର୍ଯ୍ୟକ୍ଷମ ହୋଇପାରୁନି

■ ରାଜ୍ୟ ବିଶ୍ୱବିଦ୍ୟାଳୟରେ ନାହିଁ ଓଡ଼ିଆ ଚେୟାର

ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଏକାଧିକ ପଦକ୍ଷେପ ନେଉଛନ୍ତି ରାଜ୍ୟ ସରକାର। ଓଡ଼ିଆ ଭାଷାରେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହ ଦେଶର ବିଭିନ୍ନ ରାଜ୍ୟରେ ଓଡ଼ିଆ ଭାଷାରେ ଗବେଷଣା ଚେୟାର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଛି। ଏପରି କି, ଦୁଇ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା ହୋଇସାରିଥିବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବାରମ୍ବାର କୁହାଯାଉଛି। ମାତ୍ର ଏହାର ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟ(ବିଏଚ୍‌ୟୁ)ରେ ଗତବର୍ଷ ପ୍ରତିଷ୍ଠା ହୋଇଥିବା ଓଡ଼ିଆ ଭାଷା ସାହିତ୍ୟ ଚେୟାର ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନି।

ବିଏଚ୍‌ୟୁରେ ଚେୟାର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩ କୋଟି ୭୦ଲକ୍ଷ ଟଙ୍କା ଦିଆଯାଇସାରିଛି। ହେଲେ ସେଠାରେ ଓଡ଼ିଆ ଚେୟାର କାହିଁକି କାର୍ଯ୍ୟକାରୀ ହୋଇପାରୁନି, ତାହାକୁ ନେଇ ପ୍ରଶ୍ନ ଉଠିଛି। ଆନ୍ତରିକତା ଅଭାବରୁ ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଉଛି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ପ୍ରତିଷ୍ଠା ହୋଇଥିବା ଏହି ଭାଷା ଚେୟାର କେବେ କାର୍ଯ୍ୟକ୍ଷମ ହେବ, ତାହାର ଉତ୍ତର କାହା ପାଖରେ ନାହିଁ। ଚେୟାର ପ୍ରତିଷ୍ଠା କରିଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଚୁପ୍ ହୋଇ ବସିରହିଛି। ଇତିମଧ୍ୟରେ ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରେ ଆଦିକବି ସାରଳା ଦାସଙ୍କ ନାମରେ ପ୍ରତିଷ୍ଠା ହୋଇଥିବା ଭାଷା ଚେୟାର କାର୍ଯ୍ୟକ୍ଷମ ହୋଇଛି। ୨୦୧୭ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଥିପାଇଁ ୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ସେଠାରେ ଜଣେ ପ୍ରଫେସର ଓ ସହକାରୀ ପ୍ରଫେସର ନିଯୁକ୍ତି ପାଇଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ହୋଇଥିବା ଭାଷା ଚେୟାର ଏହା ମଧ୍ୟରେ ବନ୍ଦ ହୋଇଗଲାଣି। ଏପରି କି, ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ଥିବା ଦୁଇଟି ଭାଷା ଚେୟାର ବନ୍ଦ ହୋଇପଡ଼ିଛି। ଏ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସ୍ନାତକୋତ୍ତର ବିଭାଗ ଥିବାରୁ ସେଠାରେ ଚେୟାର ପ୍ରତିଷ୍ଠା ହେବାର ଆବଶ୍ୟକତା ନାହିଁ। ବିଏଚ୍‌ୟୁରେ ଓଡ଼ିଆ ଚେୟାର କାର୍ଯ୍ୟକ୍ଷମ ହେବାକୁ ଟିକେ ସମୟ ଲାଗିବ। ନିକଟରେ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଥିଲା। ତେଣୁ ସେମାନେ ଏ ସମ୍ପର୍କିତ ବିଜ୍ଞାପନ କରିପାରି ନ ଥିଲେ। ଖୁବ୍‌ଶୀଘ୍ର ବିଜ୍ଞାପନ ବାହାର କରି ଚେୟାର କାର୍ଯ୍ୟକ୍ଷମ କରିବେ ବୋଲି ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଆମକୁ କହିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଗୁଜରାଟ ଏବଂ ଆନ୍ଧ୍ରପ୍ରଦେଶର ଗୋଟିଏ ଲେଖାଏ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା ହେବ। ଏ ନେଇ ଓଡ଼ିଶା ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯାଇଛି। ଗୁଜରାଟର ଗାନ୍ଧୀନଗର ଏବଂ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଯଥାକ୍ରମେ କୁନ୍ତଳା କୁମାରୀ ସାବତ ଓ ଭକ୍ତକବି ମଧୁସୂଦନ ରାଓଙ୍କ ନାମରେ ଭାଷା ଚେୟାର ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି। ତାହା ଏବେ ସୁଦ୍ଧା ବିଚରାଧୀନ ରହିଛି।

# ରୋଟାରୀ କ୍ଲବ ପକ୍ଷରୁ ପାଣି ଟ୍ୟାପ୍ ଉଦ୍‌ଘାଟିତ

ଧର୍ମଶାଳା,୨୧।୧୧ (ଡି.ଏନ୍.ଏ.)

ଜାରକା ରୋଟାରି କ୍ଲବ ପକ୍ଷରୁ ଗଙ୍ଗାଧରପୁରସ୍ଥିତ ପତିତପାବନ ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ମଙ୍ଗଳବାର ଏକ ପାଣି ଟ୍ୟାପ୍ ଉଦ୍‌ଘାଟିତ ହୋଇଛି। ଏଥିସହ ହାତ ଧୋଇ ଖାଇବା ଉପରେ ସଚେତନତା ସୃଷ୍ଟି କରାଯାଇଛି। ରୋଟାରି କ୍ଲବ ପକ୍ଷରୁ ନବ ନିର୍ମିତ ପାଣି ଟ୍ୟାପ୍‌କୁ ରୋଟାରି ଜିଲା ଗଭର୍ନର ଭବାନୀ ପ୍ରସାଦ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ଜାରକା ରୋଟାରି କ୍ଲବ ସଭାପତି ପ୍ରଦୀପ୍ତ କୁମର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଭଞ୍ଜନା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ରୋଟାରିଆନ ତଥା ପୂର୍ବତନ ସିଡିଏମ୍‌ଓ ବିଜୟ କୁମାର ଶତପଥୀ ଅତିଥିଭାବେ ଯୋଗଦେଇଥିଲେ। ଜିଲା ଗଭର୍ନର ଚୈଧୁରୀ ରୋଟାରି କ୍ଲବ ପକ୍ଷରୁ ଧର୍ମଶାଳା -କବାଟବନ୍ଧ ରାସ୍ତାରେ ହୋଇଥିବା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ। ପ୍ରମୋଦ ସାମଲ, ନିରଞ୍ଜନ ପାଣିଗ୍ରାହୀ, କଳାକର ମହାନ୍ତିଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ବିନୋଦ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରେନ ଧକ୍କାରେ ହାତୀ ମୃତ

କେନ୍ଦୁଝର, ୨୧।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସଦର ରେଂଜ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ନିକଟରେ ବୁଧବାର ରାତି ପ୍ରାୟ ୧୦ ଟାରେ ମାଲଗାଡି ଧକ୍କାରେ ଏକ ମାଇ ହାତୀର ମୃତ୍ୟୁ ଘଟିଛି। ହାତୀର ବୟସ ପାଖାପାଖି ୧୦ ବର୍ଷ ହେବ ବୋଲି କୁହାଯାଉଛି । ହାତୀଟି ରେଳଲାଇନ ପାର ହେଉଥିବା ବେଳେ ହରିଚନ୍ଦନପୁର ଆଡୁ କେନ୍ଦୁଝର ଆସୁଥିବା ଏକ ମାଲବାହୀ ଟ୍ରେନ୍‌ଟି ଧକ୍କା ଦେଇଥିଲା। ହାତୀଟି ପାଖାପାଖି ୫୦ଫୁଟ ଘୋଷାରୀ ହୋଇଯାଇଥିଲା। ମାଲବାହୀ ଟ୍ରେନଟି ଅଟକି ରହିଥିବା ଜଣାପଡିଛି । ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।


**ଖୋର୍ଦ୍ଧା ରୋଡ଼ ମଣ୍ଡଳର ବ୍ରହ୍ମପୁର ନିକଟସ୍ଥ ଜଗନ୍ନାଥପୁର ଠାରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଦୃଷ୍ଟିରୁ ଟ୍ରେନ ଚଳାଚଳ ବାତିଲ୍/ଆଂଶିକ ବାତିଲ୍ କରାଯିବ**

ଟ୍ରେନ୍ ସେବା ବାତିଲ୍

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ଷ୍ଟେସନ ଠାରୁ | ଛାଡିବା ତାରିଖ |
|---|---|---|---|
| 58419 | ଭୁବନେଶ୍ୱର-ପଳାସା ପାସେଞ୍ଜର | ଭୁବନେଶ୍ୱର | 22.11.2018 ଠାରୁ |
| 58420 | ପଳାସା-ଭୁବନେଶ୍ୱର ପାସେଞ୍ଜର | ପଳାସା | 25.11.2018 |

ତା.22.11.2018 ରୁ 25.11.2018 ରିଖ ପର୍ଯ୍ୟନ୍ତ ଟ୍ରେନ୍ ସେବା ଆଂଶିକ ବାତିଲ୍

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ଷ୍ଟେସନ ଠାରୁ | ଷ୍ଟେସନ ମଧ୍ୟରେ ବାତିଲ୍ |
|---|---|---|---|
| 58418 | ଗୁଣୁପୁର- ପୁରୀ ପାସେଞ୍ଜର | ଗୁଣୁପୁର | ପୁରୀ-ବ୍ରହ୍ମପୁର ମଧ୍ୟରେ |
| 58417 | ପୁରୀ-ଗୁଣୁପୁର ପାସେଞ୍ଜର | ପୁରୀ | ଉଭୟ ଦିଗରୁ ବାତିଲ୍ ହେବ |
| 58411 | ଭୁବନେଶ୍ୱର-ବ୍ରହ୍ମପୁର ପାସେଞ୍ଜର | ଭୁବନେଶ୍ୱର | ଖଲ୍ଲୀକୋଟ-ବ୍ରହ୍ମପୁର ମଧ୍ୟରେ |
| 58412 | ବ୍ରହ୍ମପୁର-ଭୁବନେଶ୍ୱର ପାସେଞ୍ଜର | ବ୍ରହ୍ମପୁର | ଉଭୟ ଦିଗରୁ ବାତିଲ୍ ହେବ |



ପୂର୍ବ ତଟ ରେଳପଥ

PR-390/J/18-19



ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍
ଭାରତ ସରକାର

ପିଏନ୍‌ଜିଆରବି



"...ପ୍ରାକୃତିକ ଗ୍ୟାସ୍ ପରବର୍ତ୍ତୀ ପିଢ଼ିର ଜୀବାସ୍ମ ଇନ୍ଧନ। ଏହା ସସ୍ତା ଏବଂ କମ୍ ପ୍ରଦୂଷଣକାରୀ । ଆମେ ଗ୍ୟାସ୍ ଆଧାରିତ ଅର୍ଥନୀତି ଆଡ଼କୁ ଅଗ୍ରସର ହେବାକୁ ପ୍ରାଥମିକତା ଦେଉଛୁ..."

**ସ୍ୱଚ୍ଛ ଇନ୍ଧନ**

ଅଭିମୁଖେ ଭାରତର ପ୍ରତିବଦ୍ଧତାରେ ଏକ ଐତିହାସିକ ମୁହୂର୍ତ୍ତ

ଭିତ୍ତି ପ୍ରସ୍ତର ସ୍ଥାପନ

**ସହରି ଗ୍ୟାସ୍ ବିତରଣ ପ୍ରକଳ୍ପ (ସିଜିଡି)**

ନବମ ସହରି ଗ୍ୟାସ୍ ବିତରଣ ନିଲାମ-ପ୍ରକ୍ରିୟା ପର୍ଯ୍ୟାୟ ଅଧୀନରେ ୬୫ଟି ଭୌଗୋଳିକ କ୍ଷେତ୍ର ଅନ୍ତର୍ଗତ ୧୨୯ ଟି ଜିଲାରେ

ଏବଂ

ଶୁଭାରମ୍ଭ

**ଦଶମ ସିଜିଡି ନିଲାମ-ପ୍ରକ୍ରିୟା ପର୍ଯ୍ୟାୟ**

୫୦ଟି ଭୌଗୋଳିକ କ୍ଷେତ୍ର ଅନ୍ତର୍ଗତ ୧୨୪ଟି ଜିଲା ନିମନ୍ତେ

ଓଡ଼ିଶାରେ ସିଜିଡି ମ୍ୟାପ୍, ୨୦୧୮




**ସିଏନ୍‌ଜିର ସୁବିଧା**
- ଶସ୍ତା ଇନ୍ଧନ
- ପରିବେଶ ଅନୁକୂଳ ଏବଂ ସ୍ୱଚ୍ଛ ଇନ୍ଧନ
- ଧୂଆଁ ହୀନ ଏବଂ ବାସ୍ତବରେ ଆଦୌ ଅଙ୍ଗାର ନିଷ୍କୃତ
- କମ୍ ଅଙ୍ଗାର ଉପାଦାନ, ବାହନ ରକ୍ଷଣାବେକ୍ଷଣ ବାବଦରେ କମ୍ ଖର୍ଚ୍ଚ

**ପିଏନ୍‌ଜିର ସୁବିଧା**
- ସମ୍ପୂର୍ଣ୍ଣ ସୁରକ୍ଷିତ
- ଅତ୍ୟନ୍ତ ସୁବିଧାଜନକ
- ସ୍ୱଚ୍ଛ ପରିବେଶ
- ନିରବଚ୍ଛିନ୍ନ ଯୋଗାଣ
- ବ୍ୟବହାର ପରେ ଭୁଗତାନ

**ନରେନ୍ଦ୍ର ମୋଦି**
ପ୍ରଧାନମନ୍ତ୍ରୀଙ୍କ
କରକମଳରେ

ଗରିମାମୟ ଉପସ୍ଥିତି

**ଡ. ହର୍ଷ ବର୍ଦ୍ଧନ**
କେନ୍ଦ୍ରମନ୍ତ୍ରୀ
ବିଜ୍ଞାନ ଓ ଶିଳ୍ପ ବିଜ୍ଞାନ, ଭୂବିଜ୍ଞାନ ଏବଂ ପର୍ଯ୍ୟାବରଣ ବନ ଓ ଜଳବାୟୁ ପରିବର୍ତ୍ତନ

**ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ରମନ୍ତ୍ରୀ
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ତଥା ଦକ୍ଷତା ବିକାଶ ଓ ଉଦ୍ୟମିତା

**ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଏବଂ ନବମ ସହରି ଗ୍ୟାସ୍ ବିତରଣ ନିଲାମ-ପ୍ରକ୍ରିୟା ପର୍ଯ୍ୟାୟର ପ୍ରତିବଦ୍ଧ କାର୍ଯ୍ୟ ପାଇଁ ଓଡ଼ିଶାରେ କାର୍ଯ୍ୟକ୍ରମ**

| ଭୌଗୋଳିକ କ୍ଷେତ୍ରର ନାମ | ସ୍ୱୀକୃତିପ୍ରାପ୍ତ ସଂସ୍ଥାର ନାମ | ପିଏନ୍‌ଜି ସଂଯୋଗ (ଆନୁମାନିକ) | ସିଏନ୍‌ଜି ଷ୍ଟେସନ | ଇସ୍ପାତ ପାଇପଲାଇନ (ଇଞ୍ଚ-କିମି) |
|---|---|---|---|---|
| ଅନୁଗୋଳ ଏବଂ ଢେଙ୍କାନାଳ ଜିଲା | ଭାରତ ଗ୍ୟାସ୍ ରିସୋର୍ସ ଲିମିଟେଡ | ୨୨,୬୦୦ | ୨୧ | ୧,୪୬୪ |
| ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲା | ଗେଲ୍ ଗ୍ୟାସ୍ ଲିମିଟେଡ୍ | ୧,୦୦,୦୦୦ | ୨୦ | ୫୦୦ |
| ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ଜିଲା | ଆଦାନି ଗ୍ୟାସ୍ ଲିମିଟେଡ୍ | ୧,୫୦,୪୦୦ | ୨୦ | ୫୦୬ |
| ବରଗଡ଼, ଦେବଗଡ଼ ଏବଂ ସମ୍ବଲପୁର ଜିଲା | ଭାରତ ଗ୍ୟାସ୍ ରିସୋର୍ସ ଲିମିଟେଡ୍ | ୧୩,୯୧୦ | ୧୧ | ୬୫୦ |
| ଗଞ୍ଜାମ, ନୟାଗଡ଼ ଏବଂ ପୁରୀ ଜିଲା | ଗେଲ୍ ଗ୍ୟାସ୍ ଲିମିଟେଡ୍ | ୫୧,୦୦୦ | ୧୫ | ୬୫୦ |
| ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲା | ଭାରତ ଗ୍ୟାସ ରିସୋର୍ସ ଲିମିଟେଡ୍ | ୧୨,୫୫୦ | ୧୦ | ୭୯୧ |
| ଯାଜପୁର ଏବଂ କେନ୍ଦୁଝର ଜିଲା | ଭାରତ ଗ୍ୟାସ୍ ରିସୋର୍ସ ଲିମିଟେଡ୍ | ୧୮,୨୦୦ | ୧୯ | ୨,୪୪୨ |

**୨୨ ନଭେମ୍ବର ୨୦୧୮, ଅପରାହ୍ନ ୪.୦୦ ଘଣ୍ଟା**
**ବିଜ୍ଞାନ ଭବନ, ନୂଆଦିଲ୍ଲୀ**



PAHAL
#GiveItUp
Feel the Joy of Giving

## ସଂକ୍ଷେପରେ

### ମହମ୍ମଦଙ୍କ ଜୟନ୍ତୀ ପାଳିତ

**ଧର୍ମଶାଳା, ୨୧।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଚୋରମୁହାଁ, ଚହଟାଗ୍ରାମର ମୁସଲମାନ ଧର୍ମାବଲମ୍ବୀମାନେ ମସଜିଦ୍ ନିକଟରେ ଏକତ୍ରିତ ହୋଇ ତାଜିଆ ଶୋଭାଯାତ୍ରାରେ ବାହାରିଥିଲେ। ଚହଟା ଓ ବଜାରରୁ ଶୋଭାଯାତ୍ରାରେ ଦୁଇଟି ତାଜିଆ ବାହାରି ଚୋରମୁହାଁ ଗ୍ରାମରେ ପହଞ୍ଚିଥିଲା। ସେଠାରୁ ଏକତ୍ରିତ ହୋଇ ୩ଟି ତାଜିଆ ଏକାସାଙ୍ଗରେ ଶୋଭାଯାତ୍ରାରେ ବାହାରି ଚୋରମୁହାଁ ଗ୍ରାମ ପରିକ୍ରମାକରି ଧର୍ମଶାଳା ବଜାର ଓ ଚହଟା ଗ୍ରାମକୁ ଯାଇଥିଲେ। ମଲାନାମାନେ ନାଥସରିଫ ମାଧମରେ ମହମ୍ମଦଙ୍କ ବାଣୀ ଶୁଣାଇଥିଲେ।

### ଚକ୍ଷୁ ପରୀକ୍ଷା ଶିବିର

**କଳିଙ୍ଗନଗର, ୨୧।୧୧(ଡି.ଏନ୍.ଏ.):** ଜିନ୍ଦଲ ଷ୍ଟେନଲେସ ଲିମିଟେଡର ବୃତିଗତ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଲରେନ୍ସ ଓ ମାୟୋ ଭୁବନେଶ୍ୱର ଶାଖା ତରଫରୁ ସୋମବାର ଏକ ଚକ୍ଷୁ ପରୀକ୍ଷା ଶିବିର କାରଖାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କାରଖାନା ଉପ ମୁଖ୍ୟ ଆର.ଏସ୍.ବୈଦ୍ୟ ଉଦ୍‌ଘାଟନ କରିଥିଲେ। ବୃତିଗତ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଅରିନ୍ଦମ ରାୟ୍ ଚୌଧୁରୀ, ମାନବସମ୍ବଳ ବିଭାଗ ମହାପ୍ରବନ୍ଧକ ତରୁଣ ରାଉତ ଓ ବାହ୍ୟ ସମ୍ପର୍କ ବିଭାଗ ମୁଖ୍ୟ ମୋତି ପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ଥିଲେ। କାରଖାନାର କାର୍ଯ୍ୟରତ ସମସ୍ତ ଠିକା ଶ୍ରମିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଚକ୍ଷୁ ପରୀକ୍ଷା କରିଥିଲେ।

### ପୂର୍ବତନ ସେନାଧିକାରୀଙ୍କ ପରଲୋକ

**ଧର୍ମଶାଳା, ୨୧।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ଅନ୍ତର୍ଗତ ନୂଆଗ୍ରାମର ପୂର୍ବତନ ସେନାଧିକାରୀ ଶରତ ଚନ୍ଦ୍ର ମହାନ୍ତିଙ୍କ (୮୫) ବୁଧବାର ପରଲୋକ ହୋଇଛି। ସେ ୧୯ବର୍ଷ ଧରି ଭାରତୀୟ ସେନାରେ ଯୋଗଦେଇ ୩ଟି ଯୁଦ୍ଧରେ ବୀରତ୍ୱ ପ୍ରଦର୍ଶନ କରିଥିଲେ। ୧୯୬୨ରେ ଚାଇନା- ଭାରତ ଯୁଦ୍ଧ, ୧୯୬୫ରେ ପାକିସ୍ଥାନ ସହ ଓ ୧୯୭୧ରେ ବାଂଲାଦେଶ ଯୁଦ୍ଧରେ ଯୋଗଦାନ କରିଥିଲେ। ମରଶରୀରକୁ ଏକ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସଂସ୍କାର କରାଯାଇଛି।

## ବେଆଇନ ଭାବେ ଚାଲିଛି ପିଚୁ ପ୍ଲାଣ୍ଟ

# ପ୍ରଦୂଷଣର ଶିକାର ହେଉଛନ୍ତି ଅଞ୍ଚଳବାସୀ

**ଜେନାପୁର, ୨୧।୧୧(ଡି.ଏନ୍.ଏ.)**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଅଞ୍ଜିରା ମୌଜା ଅନ୍ତର୍ଗତ ମାଣ୍ଡିଆଗଡାଛକଠାରେ ବେଆଇନଭାବେ ଏକ ପିଚୁପ୍ଲାଣ୍ଟ ରହିଛି। ବେଆଇନଭାବେ ଦୈନିକ ଶହ ଶହ ବ୍ୟାରେଲ ପିଚୁ ପ୍ରସ୍ତୁତ କରାଯାଇ ହାଇୱା ଓ ଡମ୍ପର ଯୋଗେ ବିଭିନ୍ନ ସ୍ଥାନକୁ ପଠାଯାଉଛି। ଟ୍ରାଫିକ ସମସ୍ୟା ସହିତ ପ୍ଲାଣ୍ଟରୁ ବାହାରୁ ଥିବା ଧୂଳି ଓ ଧୂଆଁ ଯୋଗୁ ଅଞ୍ଚଳରେ ପ୍ରଦୂଷଣ ମାତ୍ରା ବଢିବାରେ ଲାଗିଛି। ଏହାକୁ ନେଇ ସ୍ଥାନୀୟ ଅସନ୍ତୋଷ ବୃଦ୍ଧି ପାଇଛି।

ଚଣ୍ଡିଖୋଲ-ଡୁବୁରୀ ୫୩ନଂ ଦ୍ରୁତ ଜାତୀୟ ରାଜପଥର କିଛିବାଟ ଦୂରରେ ଦୀର୍ଘ ବର୍ଷଧରି ପିଚୁ ପ୍ଲାଣ୍ଟ ରହିଛି। ପ୍ଲାଣ୍ଟରୁ ପ୍ରତ୍ୟହ ବାହାରୁଥିବା ଧୂଳି ଓ ଧୂଆଁ ଯୋଗୁ ଅଞ୍ଚଳରେ ପ୍ରଦୂଷଣ ମାତ୍ରା ବଢିବାରେ ଲାଗିଛି।



ଅଞ୍ଚଳବାସୀ ପ୍ରଦୂଷଣର ଶିକାର ହୋଇ ବିଭିନ୍ନ ରୋଗରେ ପୀଡିତ ହେଉଥିବାବେଳେ ଜାତୀୟ ରାଜପଥରେ ଗାଡି ଚାଳକମାନେ ମଧ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ବାଲିସାହି, ଭେଜିଗୋଠ, ମୁରାରିପୁର, କୃଷ୍ଣଚନ୍ଦ୍ରପୁର, ରାମଚନ୍ଦ୍ରପୁର, ଶ୍ୟାମସୁନ୍ଦରପୁର, ଗୋଡିପାଟିଆ ଆଦି ଗ୍ରାମବାସୀ ଉକ୍ତ ପ୍ଲାଣ୍ଟକୁ ବାରମ୍ବାର ବିରୋଧ କରିଆସୁଛନ୍ତି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ପାରୁ ନ ଥିବା ଅଞ୍ଚଳବାସୀ କହିଛନ୍ତି। ନିୟମ ଅନୁଯାୟୀ କୌଣସି ସ୍ଥାନରେ ଏକ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ପୂର୍ବରୁ ଜନଶୁଣାଣି ସଭାର ଆୟୋଜନ କରାଯାଇ ଥାଏ। ଜନଶୁଣାଣିରେ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆପତ୍ତି ବିହୀନ ପ୍ରମାଣପତ୍ର ଗ୍ରହଣ କରିବା ପରେ ଏନ୍‌ଜିଟି ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରୁ ପରିବେଶ ସଂକ୍ରାନ୍ତୀୟ ଅନୁମତିପତ୍ର ଗ୍ରହଣ କରାଯାଇଥାଏ। କିନ୍ତୁ ସମ୍ପୃକ୍ତ ପିଚୁ ପ୍ଲାଣ୍ଟ କ୍ଷେତ୍ରରେ ତାହା କାର୍ଯ୍ୟକାରୀ କରାଯାଇ ନାହିଁ। ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ପଚାରିବାରୁ ପ୍ଲାଣ୍ଟଟି ଅଞ୍ଜିରା ମୌଜାର ଶାବକ ଖାତା- ୪୧୬, ପ୍ଲଟ ନଂ-୨୭୩୪, କିସମ ଜଙ୍ଗଲ-୨୩୦୮ ଏବଂ ହାଲ୍ ଖାତା ନଂ - ୧୭୨୮, ପ୍ଲଟ - ୬୪୦୪, ଏ୧୪୦ କିସମ ଜଙ୍ଗଲ ପରିସୀମା ମଧ୍ୟରେ ବର୍ତ୍ତମାନ ରହିଛି। ଯାହା ଏକ ଅନାବାଦୀ ଓ ସରକାରୀ ଜମି ଅନ୍ତର୍ଭୁକ୍ତ ରହିଛି। ଏ ନେଇ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି। ଏହିପରି କଳିଙ୍ଗନଗର ରାଜ୍ୟ ପ୍ରଦୂଷଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ପର୍ଯ୍ୟାୟକ୍ରମେ ଅଞ୍ଚଳରେ ରହିଥିବା ସମସ୍ତ ଶିଳ୍ପାନୁଷ୍ଠାନଗୁଡିକୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନାକଚଣା ବୋଲି ଖଣ୍ଡେ**
**ତାକୁ ବୋହୂ ନାଉଥାଏ ଦଣ୍ଡେ**
**ତାକୁ ଶାଶୁ ନାଉଥାଏ ଦଣ୍ଡେ ।**

ସାଧାରଣତଃ ମହିଳାମାନେ ଅଳଙ୍କାର ପ୍ରିୟ। ଅଳଙ୍କାରରେ ନିଜକୁ ସଜେଇ ଅନ୍ୟ ଆଗରେ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଅଳଙ୍କାର ପ୍ରତି ବିଶେଷ ଦୁର୍ବଳତାଭାବ ରହିଥିବା ସ୍ଥଳେ ସାମାନ୍ୟ ନାକଗୁଣାକୁ ପିନ୍ଧିବା ନେଇ ଶାଶୁ ବୋହୂଙ୍କ ମଧ୍ୟରେ ଟଣାଓଟରା ଲାଗିରହିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନଈ ତଡ଼ର ଚାଷ**
**ଗାଁ ଶେଷର ବାସ**
**ବୁଢ଼ା କାଳର କାଶ ।**

ନଈ ବନ୍ଧ ତଳେ କରାଯାଉଥିବା ଚାଷ ଉପରେ ଭରସା ନ ଥାଏ। କାରଣ ନଈରେ ବନ୍ୟା ଆସିଲେ ଚାଷ ନଷ୍ଟ ହୋଇଯିବା ଆଶଙ୍କା ରହିଥାଏ। ଗାଁର ଶେଷ ମୁଣ୍ଡରେ ଘର କରି ରହୁଥିବା ଲୋକ ମନରେ ସଦାସର୍ବଦା ଚୋରି ଭୟ ରହିଥାଏ। ସେହିପରି ବୃଦ୍ଧାବସ୍ଥାରେ ହେଉଥିବା କାଶ ବେମାରୀ ସହଜରେ ଭଲ ହୋଇ ନ ଥାଏ। ତେଣୁ ଏପରି ଅବସ୍ଥା ମନ୍ଦ ସାବ୍ୟସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ନବନିର୍ମାଣ କୃଷକ ସଂଗଠନର ବୈଠକ

# 'ଗ୍ରାମରେ ରାଜନେତାଙ୍କ ପ୍ରବେଶକୁ ହେବ ବିରୋଧ'

**ଚଣ୍ଡିଖୋଲ, ୨୧।୧୧(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆସୁଙ୍ଗୁଡ଼ାଠାରେ ବୁଧବାର ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋପୀନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର ଯୋଗଦେଇ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ଆଗାମୀ ଦିନରେ ସଂଗ୍ରାମକୁ ଜୋରଦାର କରିବା ପାଇଁ ଆହ୍ୱାନ ଦେଇଥିଲେ । ଚାଷୀମାନଙ୍କର ନ୍ୟାଯ୍ୟ ଦାବି ପାଇଁ ଭୁବନେଶ୍ୱରରେ ଆୟୋଜିତ ସମାବେଶକୁ ରାଜ୍ୟ ସରକାର ଭଣ୍ଡୁର କରିବା ସହ ଚାଷୀମାନଙ୍କୁ ଭୁବନେଶ୍ୱରରେ ପ୍ରବେଶକୁ ବାରଣ କରିବା ଘଟଣାକୁ ନିନ୍ଦା କରିଥିଲେ। ଏହାର ପ୍ରତିବାଦରେ ପ୍ରତି ଗ୍ରାମରେ କୃଷକମାନଙ୍କ ପକ୍ଷରୁ ତୋରଣ ତିଆରି କରାଯାଇ ସଚେତନ କରାଯିବା ସହ ଗ୍ରାମରେ କୌଣସି ରାଜନେତାଙ୍କ ପ୍ରବେଶକୁ ବିରୋଧ କରାଯିବାନେଇ ବୈଠକରେ ଆହ୍ୱାନ ଦେଇଥିଲେ। ଏଥିସହ ଯେ ପର୍ଯ୍ୟନ୍ତ ସରକାର ଚାଷୀ ଓ କୃଷକଙ୍କ ସମସ୍ୟାର ସମାଧାନ ନ କରିଛନ୍ତି ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି । ବୈଠକରେ ରାଜ୍ୟ ସହ ସଂଯୋଜକ ନିମାଇ ରାୟ, ଜିଲା ସଂଯୋଜକ ଦୁର୍ଗା ପ୍ରସାଦ ଦାସ, ବଡ଼ଚଣା ବ୍ଲକ୍ ସଂଯୋଜକ ଅଶୋକ ଶାନ୍ତି, ଧୀରେନ୍ କୁମାର ପରିଡ଼ା, ଲୋକନାଥ ସେନାପତି, ମାନଗୋବିନ୍ଦ ଦାସ, ପ୍ରଭାସ ଜେନା, ନଗେସ ଜେନା, ଜୟନ୍ତ ପରିଡ଼ା, ବୈକୁଣ୍ଠ ସାମନ୍ତରାୟ, ବ୍ରଜ କିଶୋର ମହାପାତ୍ର ଓ ପଦ୍ମ ଚରଣ ଜେନା ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ହେମନ୍ତ କୁମାର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଶ୍ୱ ଶୌଚାଳୟ ଦିବସ ପାଳିତ

**ବିଞ୍ଝାରପୁର, ୨୧।୧୧(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ସମ୍ମିଳନୀ କକ୍ଷରେ କନିଷ୍ଠଯନ୍ତ୍ରୀ ତୃପ୍ତାଞ୍ଜଳି ରଥଙ୍କ ଅଧ୍ୟକ୍ଷତାରେ ସୋମବାର ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ ପରିମଳ ପ୍ରବର୍ତ୍ତକଙ୍କ ଦ୍ୱାରା ବ୍ଲକ କାର୍ଯ୍ୟାଳୟଠାରୁ ଗୌଡସାହି ଓ ଅଲାରପୁର ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା, ସହକାରୀ ଯନ୍ତ୍ରୀ ରଞ୍ଜନ ସାମଲ, ପଞ୍ଚାୟତ ଅଧିକାରୀ ସତ୍ୟ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱଚ୍ଛଭାରତ ଅଭିଯାନ ଅନ୍ତର୍ଗତ ଆସିଥିବା ପାଇନାନା ନିର୍ମାଣ ଶେଷ କରିବାକୁ ପ୍ରବର୍ତ୍ତକଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆରଡବ୍ଲ୍ୟୁଏସ୍ଏସ୍ କର୍ମଚାରୀ ଯଶୋବନ୍ତ ଧଳ, ସୁଚିଶ୍ରୀ ପରିଡା, ଚିନ୍ମୟୀ ସାହୁ, ପ୍ରମୋଦ ସାମଲ, ରବିନାରାୟଣ ଦାସ, ମହେଶ ରାଉତ, ଦିଲୀପ ସାମଲ, ପ୍ରଦୀପ ମଲ୍ଲିକ, ସତ୍ୟରଞ୍ଜନ ମଲ୍ଲିକ, ଅକ୍ଷୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନାଚେନ୍ ଲୁଟ ଉଦ୍ୟମ, ୨ ଗିରଫ

**ଧର୍ମଶାଳା,୨୧।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ପଣ୍ଡୁଆ ଗ୍ରାମରେ ବୁଧବାର ସାକଳେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ଉଦ୍ୟମବେଳେ ସ୍ଥାନୀୟ ଲୋକେ ଜଣଙ୍କୁ କାବୁକରି ପୋଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏ ନେଇ ପୋଲିସ ଏକ ମାମଲା (୪୪୭/୧୮) ରୁଜୁକରି ଚୋରମୁହାଁ ଗ୍ରାମର ଶେଷଦେବ ଦାସ ଓ ଭୁବନ ଗ୍ରାମର ମୁରଲୀ କୁମାର ନାୟକକୁ ଗିରଫ କରିବା ସହ ବାଇକ୍‌କୁ ଜବତ କରିଛି। ପ୍ରକାଶ ଯେ, ଗ୍ରାମର ସୁକାନ୍ତ ସ୍ୱାଇଁଙ୍କ ସ୍ତ୍ରୀ ଅର୍ଚ୍ଚନା ସକାଳେ ପଞ୍ଝୁକ ପାଇଁ ଚଉଁରାମୂଳେ ମୁରୁଜ ପକାଉଥିଲେ। ଏହି ସମୟରେ ଶେଷଦେବ ଓ ମୁରଲୀ (ଓଆର ୦୪ଏଲ ୧୭୮୮) ପଲସର ବାଇକ୍‌ରେ ଆସି ଅର୍ଚ୍ଚନାଙ୍କ ବେକରୁ ୧୨ଗ୍ରାମର ସୁନା ଚେନ୍‌କୁ ଲୁଟିନେଇଥିଲେ। ଅର୍ଚ୍ଚନା ଶେଷଦେବଙ୍କୁ ଧରି ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ସ୍ଥାନୀୟ ଲୋକେ ଶେଷଦେବଙ୍କୁ କାଲିଆପଣି ପୋଲିସକୁ ହସ୍ତାନ୍ତର କରିଥିଲେ। ପରେ ପୋଲିସ ତଦନ୍ତ କରି ଘଟଣାରେ ଫେରାର ହୋଇଯାଇଥିବା ଅନ୍ୟଜଣେ ସହଯୋଗୀ ମୁରଲୀଙ୍କୁ ଗିରଫ କରିଥିଲା।

# ସଡ଼କ ସୁରକ୍ଷା ସଚେତନତା ଅଭିଯାନ

**କଳିଙ୍ଗନଗର, ୨୧।୧୧(ଡି.ଏନ୍.ଏ.)**

ଟାଟ ଷ୍ଟିଲ ପକ୍ଷରୁ ବୁଧବାର ସଡ଼କ ସୁରକ୍ଷାକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଡୁବୁରୀ ଛକଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଲୌହ ନିର୍ମାଣ କର୍ମଚାରୀ ସମ୍ପର୍କ ମଞ୍ଚର ଅଧ୍ୟକ୍ଷ ସି.ଏଲ୍.କର୍ଣ୍ଣ ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସଡ଼କ ସୁରକ୍ଷାକୁ ନେଇ ସଚେତନତା କରିବା ସହ ନିୟମ ପାଳନ କରୁଥିବା ଲୋକଙ୍କୁ ପ୍ରଶଂସିତ କରିବା ଦିଗରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଭଳି ପଦକ୍ଷେପ କମ୍ପାନୀର କର୍ମଚାରୀ ଓ ପାର୍ଶ୍ୱବର୍ତି ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

SMS JOB
SEND SMS, EARN MONEY
TELECOM - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ !
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
08013841721
08013848031

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ଗାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

(ବିଶେଷ ଋଣ ଅଫର୍)
KUBER FINANCE
ତରଫରୁ ପି.ଏମ୍. ଜନଧନ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ ଇତ୍ୟାଦି 50000ରୁ 1 କୋଟି ପର୍ଯ୍ୟନ୍ତ ପାଆନ୍ତୁ । 1% ସୁଧ 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
Call Now:
8295564405
7496890187

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| MORE SPACE • SAME PRICE | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
6283338517
6283327687
H.No.-258, VPO Duhai, Ghaziabad, (U.P.) 201203

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCIAL SERVICES
(Govt. Registered)
(Registration No.- U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୨ରୁ ୩ ଦିନରେ ପାଆନ୍ତୁ
Call Now
8859690149
7830746256
T-51, Gali No.-8, Gautampuri, Delhi-110053

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଅଗରୱାଲ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625285496
Add : - 41/14, Sec-1 Pushp Vihar, Delhi

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ, ବ୍ୟବସାୟ,ଇଟାଭାଟି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍‌ସିଡି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers:
7409203163



ପ୍ରତ୍ୟେକ ମହତ୍ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ଥୋମାସ୍ କାର୍ଲାଇଲ୍



## ସଂକ୍ଷେପରେ

### ରାସ୍ତା କାମକୁ ନେଇ ଗୋଷ୍ଠୀ ସଂଘର୍ଷ: ୨ ଆହତ, ୬ ଅଟକ

କୋରେଇ,୨୧।୧୧(ସ୍ୱ.ପ୍ର)- କୋରେଇ ବ୍ଲକ ଅନ୍ତର୍ଗତ ବଡବିରୁହାଁ ପଞ୍ଚାୟତର ବଡବିରୁହାଁ ପୂର୍ବ କୈବର୍ତ୍ତ ସାହିରେ ରାସ୍ତା କାମକୁ ନେଇ ମାରପିଟ ହୋଇ ୨ ଜଣ ଆହତ ହେବା ସହ ପାଣିକୋଇଲି ଥାନାରେ ୩ଟି ଅଭିଯୋଗ ହୋଇଛି। ଏନେଇ ୬ଜଣ ଅଟକ ରହିବା ସହ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ୨୦୧୭-୧୮ ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅର୍ଥରେ ସରସ୍ୱତୀ ଶିଶୁ ମନ୍ଦିରଠାରୁ ବିଜି ଗଡ଼ିଆ ପର୍ଯ୍ୟନ୍ତ ଦେଢଲକ୍ଷ ଟଙ୍କାର ରାସ୍ତା କାମ ଚାଲୁଥିଲା। ଏହି କାର୍ଯ୍ୟଟି ବିଭାଗୀୟ ଜେଇଙ୍କ ନାମରେ ଅଛି। ରାସ୍ତା ସହିତ ଡ୍ରେନ କାମ ହେବା କଥା କିନ୍ତୁ ଡ୍ରେନ ନ ହୋଇ କେବଳ ରାସ୍ତା କାମ କରି ଟଙ୍କା ହଡ଼ପ କରିବା ପାଇଁ ବିଭାଗୀୟ ଜେଇ ଓ କିଛି ଅସାଧୁ ବ୍ୟକ୍ତି ମସୁଧା କରୁଥିବା କୁହାଯାଉଛି। ବିନା ସୂଚନା ଫଳକରେ କେବଳ ରାସ୍ତା କାମ କରୁଥିବା ଯୋଗୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। କେତେଜଣ ଗ୍ରାମବାସୀ ଏ ସମ୍ପର୍କରେ ଯାଇ କାମ ତଦାରଖ କରୁଥିବା ବ୍ୟକ୍ତି ରଛା ମାଝୀଙ୍କୁ ପଚାରିଥିଲେ। ଏହାପରେ ରଛା ଓ ଗ୍ରାମବାସୀଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇ ମାରପିଟ ହୋଇଥିଲା। ଏଥିରେ ରଛା ଓ ନବୀନା ମାଝୀ ନାମକ ଜଣେ ଗ୍ରାମବାସୀଙ୍କର ମୁଣ୍ଡ ଫାଟିଥିଲା। ଏ ସମ୍ପର୍କରେ ଉଭୟ ପକ୍ଷରୁ ଥାନାରେ ୩ଟି ଅଭିଯୋଗ କରାଯାଇଛି। ପୋଲିସ ଏ ନେଇ ୬ଜଣ ଗ୍ରାମବାସୀଙ୍କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।

### ବସ୍ ଦୁର୍ଘଟଣାରେ ମୃତକଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

କୋରେଇ,୨୧।୧୧(ସ୍ୱ.ପ୍ର)- ମହାନଦୀ ବ୍ରିଜ ତଳକୁ ଜଗନ୍ନାଥ ବସ୍ ଓଲଟି ଅନେକ ମୃତାହତ ହୋଇଛନ୍ତି। ସମଗ୍ର ରାଜ୍ୟରେ ଦୁଃଖର ବାତାବରଣ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ପାଣିକୋଇଲି ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଓ ଆମେ ବିପଦରେ ସାଥି ଅନୁଷ୍ଠାନ ପକ୍ଷରୁ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛି। ଏଥି ନିମନ୍ତେ ଏକ ମହମବତୀ ଶୋଭାଯାତ୍ରା ତାରିଣୀ ମନ୍ଦିରରୁ ବାହାରି ଧାରଣାସ୍ଥଳରେ ପହଞ୍ଚିଥିଲା। ସେଠାରେ ମୃତକଙ୍କ ପାଇଁ ଶୋକ ପ୍ରସ୍ତାବ ସହ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥି ସହିତ ଆହତଙ୍କ ଆଶୁ ଆରୋଗ୍ୟ ପାଇଁ ଜଗନ୍ନାଥ ନିକଟରେ ପ୍ରାର୍ଥନା କରାଯାଇଥିଲା।

### ଅସମ୍ପୂର୍ଣ୍ଣ ପୌର ପରିଷଦର ମୁଖ୍ୟ ଡ୍ରେନ୍: ଲୋକେ ଅତିଷ୍ଠ

ଯାଜପୁରରୋଡ,୨୧।୧୧(ନି.ପ୍ର.)- ବ୍ୟାସନଗର ପୌର ପରିଷଦର ଚୋରଦା ଛକଠାରୁ ନହକା ଛକ ପର୍ଯ୍ୟନ୍ତ ମୁଖ୍ୟ ଡ୍ରେନ ଅସମ୍ପୂର୍ଣ୍ଣ ହୋଇ ପଡିରହିଛି। ରାସ୍ତା ଉପରେ ଡ୍ରେନ୍ ପାଣି ଚାଲୁଥିବାରୁ ପଥଚାରୀ ଅତିଷ୍ଠ ହୋଇପଡୁଛନ୍ତି। ଉକ୍ତ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ଥିବାରୁ ଡ୍ରେନ୍ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୪ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ବର୍ଷେ ହେବ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ କେବେ ସମ୍ପୂର୍ଣ୍ଣ ହେବ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ପରିବେଶ ଦୂଷିତ ହେଉଛି। ଡ୍ରେନ୍‌ର ସ୍ଲାବ୍ ମଧ ନିମ୍ନମାନର ହୋଇଥିବାରୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡ୍ରେନ୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ରାସ୍ତା ତଳେ ବିଏସ୍ଏନ୍ଏଲ୍ ଲାଇନ୍ ସଂଯୋଗ ହେଉଥିବାରୁ ଡ୍ରେନ୍ ନିର୍ମାଣରେ ବିଳମ୍ବ ଘଟୁଛି ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଉଛି।

### ରାହାସ ଉତ୍ସବକୁ ନେଇ ପ୍ରସ୍ତୁତି

ରସୁଲପୁର,୨୧।୧୧(ଡି.ଏନ୍.ଏ.)- ରସୁଲପୁର ବ୍ଲକ ଅନ୍ତର୍ଗତ ହରିପୁର ଅଞ୍ଚଳରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ହେବାକୁ ଥିବା ଅପେରା ଯାତ୍ରାର ସୁପରିଚାଳନା ପାଇଁ କୁଆଖିଆ ପୋଲିସ ଓ ଯାତ୍ରା କମିଟି ମଧ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।
କୁଆଖିଆ ଥାନା ଅଧିକାରୀ ଆଶିଷ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବୃନ୍ଦାବନ ଚନ୍ଦ୍ର ଜୀଉ କମିଟି, ଜଗନ୍ନାଥ ମଠ କମିଟି, ମଦୋମୋହନ ଜୀଉ, ଗୋପିନାଥ ଜୀଉ ନରସିଂହପୁରର ସଭାପତି, ସଂପାଦକ ଓ ସଭ୍ୟମାନେ ଯୋଗଦେଇଥିଲେ। ଚଳିତବର୍ଷ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ଦିଗ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

# ବଢୁଛି ଦୁର୍ଘଟଣା, ନିୟନ୍ତ୍ରଣ ପାଇଁ ନିଆଯାଉନି ପଦକ୍ଷେପ

**ଦଶରଥପୁର ବ୍ଲକ**
- ୫ ବର୍ଷରେ ୩୦୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା
- ମୃତ୍ୟୁସଂଖ୍ୟା ୩୬ ଟପିଛି
- ବେପରୁଆ ଗାଡ଼ି ଚାଳନା ମୁଖ୍ୟ କାରଣ

ଦଶରଥପୁର,୨୧।୧୧(ଡି.ଏନ୍.ଏ.)

ଦଶରଥପୁର ବ୍ଲକ ଦେଇ ଯାଇଥିବା ୨୦ ନଂ. ଜାତୀୟ ରାଜପଥର ସିନ୍ଧୁରାଇମୁହଁ ଛକଠାରୁ କୟାଁଗୋଲା ପର୍ଯ୍ୟନ୍ତ ୨୭ କିମି ରାସ୍ତାରେ ଗତ ୫ ବର୍ଷ ମଧ୍ୟରେ ୩୦୦ରୁ ଊର୍ଦ୍ଧ୍ୱ ଛୋଟବଡ ଦୁର୍ଘଟଣା ଘଟି ୩୬ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ସରକାରୀ ରିପୋର୍ଟରୁ ଜଣାପଡ଼ିଛି। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଲାଇବା, ଜାତୀୟ ରାଜପଥ ଉପରେ ବେଆଇନଭାବେ ନିର୍ମାଣ ହୋଇଥିବା ସିରିଏଲ୍ ହମ୍ପ ଏବଂ ବିନା ଲାଇସେନରେ ଦ୍ରୁତ ଗତିରେ ଗାଡ଼ିଚାଳନା ଦୁର୍ଘଟଣାର ମୁଖ୍ୟ କାରଣ। ଏହି ଦୁର୍ଘଟଣା ନିୟନ୍ତ୍ରଣ କରିବା ପାଇଁ ରାଜପଥ ବିଭାଗ ଏବଂ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ସୂଚନାଯୋଗ୍ୟ, ସଡ଼କ ଦୁର୍ଘଟଣା ଉପରେ ଅଙ୍କୁଶ ଲଗାଇବା ପାଇଁ ସରକାର ସଚେତନତା କ୍ଷେତ୍ରରେ ବହୁ ଅର୍ଥ ବ୍ୟୟ କରି ମୋଟରଯାନ ସମ୍ବନ୍ଧୀୟ ବିଭିନ୍ନ ଆଇନ ପ୍ରଣୟନ କରୁଛନ୍ତି। ମାତ୍ର ବିଭାଗୀୟ ଅଧିକାରୀ ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ସରକାରଙ୍କ ସଚେତନତା ଆଇନକୁ କିପରି କାର୍ଯ୍ୟକାରୀ କରାଯାଉଛି ଦଶରଥପୁର ବ୍ଲକ ଅଞ୍ଚଳରେ ଘଟୁଥିବା ଦୁର୍ଘଟଣାକୁ ସମୀକ୍ଷା କଲେ ସ୍ପଷ୍ଟ ଜଣାପଡ଼େ। ପୂର୍ବରୁ ଚଣ୍ଡିଖୋଲଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାତ୍ର ଗୋଟିଏ ରାଜ୍ୟ ପରିବହନ ବିଭାଗ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଥିବା ବେଳେ ୨ବର୍ଷ ପୂର୍ବେ ଯାଜପୁର ଟାଉନ୍ ଏନ୍‌ସି କଲେଜଠାରେ ଆଉ ଏକ ରାଜ୍ୟ ପରିବହନ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଛି। ତେବେ ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ପାଇଁ ଅସୁବିଧା ହେବାରୁ ବର୍ତ୍ତମାନ ଯାଜପୁର ମାଳଆନ୍ଦପୁରକୁ ଉଠିଯାଇଛି। ଗୋଟିଏ ଜିଲାରେ ୨ଟି ପରିବହନ କାର୍ଯ୍ୟାଳୟ ସ୍ଥାପନ ହେବା ସତ୍ତ୍ୱେ ପରିବହନ କ୍ଷେତ୍ରରେ ଜନସାଧାରଣଙ୍କୁ ସଚେତନ କରା ନ ଯିବା ଏବଂ କୌଣସି ପଦକ୍ଷେପ ନିଆ ନ ଯିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ବେଆଇନ ଗାଡ଼ି ଚାଳନା, ହେଲମେଟ ଓ ଗାଡ଼ି କାଗଜପତ୍ର ଯାଞ୍ଚ କରାଯାଆନ୍ତା, ତେବେ ଦୁର୍ଘଟଣାକୁ ବହୁମାତ୍ରାରେ ରୋକାଯାଇ ପାରନ୍ତା ବୋଲି ବ୍ଲକ ଅଞ୍ଚଳର ବୁଦ୍ଧିଜୀବୀମାନେ କହିଛନ୍ତି। ଯଦିଓ ପୋଲିସ ବେଳେ ବେଳେ ହେଲ୍‌ମେଟ୍ ଚେକିଙ୍ଗ୍ କରୁଛି, ତାହା ଦୁର୍ଘଟଣା ରୋକିବା ଲାଗି ଯଥେଷ୍ଟ ନୁହେଁ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ବାମଦେବ ନନ୍ଦଙ୍କୁ ପଚାରିବାରେ, କେବଳ ହେଲମେଟ ଚେକିଂ କରାଯାଉଛି। ଆରଟିଓରୁ ନିର୍ଦ୍ଦେଶ ଆସିଲେ ଅନ୍ୟ ସବୁ ଚେକିଂ କରାଯିବ ବୋଲି କହିଥିଲେ କହିଥିଲେ। ଅପରପକ୍ଷରେ ଏ ସମ୍ପର୍କରେ ଆରଟିଓର ଭାରପ୍ରାପ୍ତ ଅଧିକାରୀ ଇନ୍ଦ୍ରମଣି ନାୟକଙ୍କୁ ପଚାରିବାରେ, ସରକାର ପୋଲିସକୁ ସମ୍ପୂର୍ଣ୍ଣ କ୍ଷମତା ଦେଇଛନ୍ତି, ସେମାନେ ସିଧାସଳଖ ସଡ଼କ ସୁରକ୍ଷା ଦିଗରେ ସମସ୍ତ ପ୍ରକାର ଚେକିଂ କରିପାରିବେ। ଏଥିପାଇଁ ସେମାନଙ୍କୁ ଆଉ ଆରଟିଓ ପକ୍ଷରୁ ନିର୍ଦ୍ଦେଶର ଆବଶ୍ୟକତା ନାହିଁ ବୋଲି କହିଥିଲେ। ତେବେ ଜିଲାସ୍ତରରେ ସଡ଼କ ସୁରକ୍ଷା ଉପରେ ସଚେତନତା ଅଭିଯାନ ଚାଲିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଦଶରଥପୁରକୁ ଏଥିରେ ସାମିଲ କରାଯିବ ବୋଲି କହିଛନ୍ତି।

## ରକ୍ତଦାନ ଶିବିର

ବରୀ,୨୧।୧୧(ସ୍ୱ.ପ୍ର)

ବରୀ ବ୍ଲକ ଅଧୀନ ବାଇଁଶିରିଆ ପଞ୍ଚାୟତସ୍ଥିତ ସନ୍ଥନ ମହା ବିଦ୍ୟାଳୟ ପରିସରରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୀତାବାଣୀ ପ୍ରଚାର ସମିତିର ପ୍ରତିଷ୍ଠାତା ସ୍ୱର୍ଗତଃ ଜନାର୍ଦ୍ଦନ ସାହୁଙ୍କ ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ହୋଇଥିଲା ବୋଲି ସମିତିର ସମ୍ପାଦକ ଅପୂର୍ବ ରଞ୍ଜନ ସାହୁ ସୂଚନା ଦେଇଛନ୍ତି। ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶିବିର ଚାଲିଥିଲା ବେଳେ ୮୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ଜଣାପଡିଛି। ଏହି ଶିବିରକୁ କଟକ ରେଡକ୍ରସ୍ ପକ୍ଷରୁ ପରିଚାଳନା କରାଯାଇଥିଲାବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀ ସତ୍ୟରଞ୍ଜନ କର, ଅପୂର୍ବ ରଞ୍ଜନ ସାହୁ, ପରିଚାଳନାରେ ସହଯୋଗ କରିଥିଲେ। ଚଳଚ୍ଚିତ୍ର ଅଭିନେତା ଉଦ୍ୟାନ, କାଜଲ କିନ୍ନର, ବରୀ ବ୍ଲକ ଅଧକ୍ଷା ସୁନନ୍ଦା ଦାସ ପ୍ରମୁଖ ଅତିଥିଭାବେ ଶିବିର ପରିଦର୍ଶନ କରିଥିଲେ।

■ ୧୦ମ ଦିନରେ ପାଣିକୋଇଲିରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଧାରଣା

# ସାମିଲ ହେଲା ଆମେ ବିପଦର ସାଥୀ ସଂଗଠନ

କୋରେଇ,୨୧।୧୧(ସ୍ୱ.ପ୍ର)



ଆମ ବିପଦର ସାଥୀ ସଂଗଠନର ସଦସ୍ୟମାନେ ଧାରଣାରେ ବସିଛନ୍ତି।

ପାଣିକୋଇଲିରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଗଣଧାରଣା ବୁଧବାର ୧୦ମ ଦିନରେ ପହଞ୍ଚିଛି। ପ୍ରତ୍ୟେକ ଦିନ ବିଭିନ୍ନ ସଂଗଠନ ପକ୍ଷରୁ ଧାରଣା ଜାରି ରହିଥିବା ବେଳେ ବୁଧବାର 'ଆମେ ବିପଦରେ ସାଥି' ସ୍ୱେଚ୍ଛାସେବୀ ସଂଗଠନ ସାମିଲ ହୋଇଛି। ରାକେଶ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା ପ୍ରଶାସନ ୧୦ଦିନ ଧରି ଚାଲିଥିବା ଧାରଣାକାରୀଙ୍କ ନିକଟରେ ନ ପହଞ୍ଚିବା ଓ ଜିଲା ମହୋତ୍ସବରେ ମିଥ୍ୟା ଖବର ପ୍ରଚାର କରିବାକୁ ନିନ୍ଦା କରାଯାଇଥିଲା। ସରକାର ପାଣିକୋଇଲିରେ ମେଡିକାଲ କଲେଜ ସ୍ଥାପନ କରିବାକୁ ରଞ୍ଜନ ଜେନା, ସତ୍ୟବ୍ରତ ପଣ୍ଡା, ଚିନ୍ମୟ ଭଦ୍ର, ଗୋଲକ ବିହାରୀ ପରିଡା, ଦିଲ୍ଲିପ କୁମାର ସ୍ୱାଇଁ, ମନୋଜ ବେହେରା, ଆଦର୍ଶ ଦାଶ, ଅଭିଜିତ୍ ନାୟକ, ପ୍ରଭାତ ସାହୁ, ଅଚ୍ୟୁତାନନ୍ଦ ମହି ପ୍ରମୁଖ ଦାବି କରିଥିଲେ। ମଞ୍ଚ ପକ୍ଷରୁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡାଇ, ଯୁଗ୍ମ ଆବାହକ ସୁବାସ ଧଳ, ବଟକୃଷ୍ଣ ସାହୁ, ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ, କୃଷକ ନେତା ବଳରାମ ସାହୁ, ନିର୍ମଳ ରଥ, ହୃଦାନନ୍ଦ ସାମଲ, ବିଦ୍ୟାଧର ମହାନ୍ତି, ସୁଧାନିଧି ମହାପାତ୍ର, ଅଜୟ ସାହୁ, ଭ୍ରମରବର ରାଉତ, ପ୍ରଫୁଲ୍ଲ ନାୟକ, ଗଣେଶ ସାହୁ, ଦିନେଶ ପରିଡା, ପଦ୍ମନାଭ ସ୍ୱାଇଁ, ସନ୍ତୋଷ କୁମାର ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଲାଲବାଗରେ ଲକ୍ଷ୍ମୀ ନାରାୟଣ ପୂଜା

ଦଶରଥପୁର,୨୧।୧୧(ଡିଏନ୍ଏ)

ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତ ଲାଲବାଗଠାରେ ଲକ୍ଷ୍ମୀ ନାରାୟଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ଚାଲୁଛି। ୧୯ତାରିଖ ବଡ ଏକାଦଶୀ ଦିନଠାରୁ ଆରମ୍ଭ ହୋଇଥିବା ଏହି ପୂଜା ୨୩ତାରିଖ କାର୍ତ୍ତିକ ପୂର୍ଣ୍ଣମି ଦିନ ଠାକୁର ଜଳକୁ ଯିବା ନେଇ ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ପୂଜାସୋବ ଲାଗି ଖାନନଗର, ଲାଲବାଗ, ନଚ୍ଛିନ୍ଦ୍ରପୁର, କୂଳସାହି ଏବଂ ନୂଆପାଟଣା ଆଦି ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧହେଲା ଏଠାରେ ପାରମ୍ପାରିକ ରୀତିନୀତିରେ ପୂଜାଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଏହି ପୂଜାରେ ପୂଜକଭାବେ ନରେନ୍ଦ୍ର ପଣ୍ଡା ଓ କର୍ତ୍ତାଭାବେ ଘନଶ୍ୟାମ ଦାସ କାର୍ଯ୍ୟ ସମ୍ପାଦନା କରୁଛନ୍ତି। କମିଟିର ସଭ୍ୟ ଭାଗିରଥି ସାହୁ, ବିରଜା ମଲ୍ଲିକ୍, ସୁରେନ୍ଦ୍ର ମଲ୍ଲିକ୍, ପ୍ରଫୁଲ୍ଲ ମହାପାତ୍ର, ରାକେଶ ମଲ୍ଲିକ୍, ରବୀନ୍ଦ୍ର ମଲ୍ଲିକ୍ ପ୍ରମୁଖ କାର୍ଯ୍ୟକ୍ରମ ସୁଚାରୁ ରୂପେ ପୂଜା ପରିଚାଳନା କରୁଥିବା ଜଣାଯାଇଛି।

## ବିଧାୟିକାଙ୍କ ପଞ୍ଚାୟତ ଉନ୍ନୟନ ସମୀକ୍ଷା ବୈଠକ



ସମୀକ୍ଷା ବୈଠକରେ ବିଧାୟିକାଙ୍କ ସହ ପଞ୍ଚାୟତ ସଭାପତି ଓ ଅନ୍ୟ କର୍ମୀମାନେ।

ଦଶରଥପୁର,୨୧।୧୧(ଡିଏନ୍ଏ)

ମାତ୍ର କେତେଟା ମାସ ପରେ ହେବାକୁ ଯାଉଛି ସାଧାରଣ ନିର୍ବାଚନ। ଏଥିଲାଗି ଭୋଟରଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ଲାଗି ଆଶାୟୀ ପ୍ରାର୍ଥୀମାନେ ନିଜ ସପକ୍ଷରେ ଏବେଠାରୁ ପ୍ରଚାର ପ୍ରସାର ଆରମ୍ଭ କରି ପଞ୍ଚାୟତସ୍ତରରୁ ଦଳକୁ ସୁଦୃଢ଼ କରିବାରେ ଲାଗିପଡ଼ିଥିବା ଦେଖିବାକୁ ମିଳିଛି। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଦଶରଥପୁର ବ୍ଲକର କମାରଡିହ ପଞ୍ଚାୟତରେ ଦଳୀୟ କର୍ମୀଙ୍କୁ ନେଇ ପଞ୍ଚାୟତର ଉନ୍ନୟନ ଉପରେ ଏକ ସମୀକ୍ଷା ବୈଠକ କରିଥିବା ଦେଖିବାକୁ ମିଳିଛି। ଉକ୍ତ ବୈଠକରେ ପଞ୍ଚାୟତ ଲାଗି ନିହାର ରଞ୍ଜନ ରାୟଙ୍କୁ ବିଧାୟିକା ଦଳ ପକ୍ଷରୁ ପଞ୍ଚାୟତ ସଭାପତି ଭାବେ ନାମ ଘୋଷଣା କରିଛନ୍ତି। ପଞ୍ଚାୟତ ସମୀକ୍ଷା ଏବଂ ଦଳୀୟ ସଂଗଠନ ମଜବୁତ୍ କରିବା ଉଦ୍ଦେଶ୍ୟରେ ବସିଥିବା ଏହି ବୈଠକରେ ବିଜୁ ଜନତା ଦଳ ଜିଲା ସଭାପତି ସରୋଜ ମହାପାତ୍ର, ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ସସ୍ମିତା ବିଶ୍ୱାଳ, ପୂର୍ବତନ ସରପଞ୍ଚ କିରଣ ବାଳା ନାୟକ, ପୂର୍ବତନ ସମିତିସଭ୍ୟା ଶଶିରେଖା ନାୟକ, ବାସନ୍ତୀ ଯେନା, ଶ୍ରୀନାଥ ଜେନା, ହରେକୃଷ୍ଣ ଜେନା ଓ ଅକ୍ଷୟ ପଣ୍ଡାଙ୍କ ସହ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ।

# ବିରି ଫସଲ ଉଜାଡୁଛି କାଳିମୁଣ୍ଡି ପୋକ

ବରୀ,୨୧।୧୧(ସ୍ୱ.ପ୍ର)

ଯାଜପୁର ଜିଲା ବରୀ ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ୪ହଜାର ୫୦୦ ହେକ୍ଟର ଚାଷ ଜମିରେ ଚାଷୀ ବିରି ବୁଣିଛନ୍ତି। ଭଲ ଫସଲ ହେବା ପାଇଁ ଚାଷୀମାନେ ଉଦ୍ୟମ କରୁଥିବା ବେଳେ ଏଥିରେ ବାଧକ ସାଜିଛି କାଳିମୁଣ୍ଡି ପୋକ। ଏହି ବିରିକୁ କାଳିମୁଣ୍ଡି ପୋକ ରାତିସାରା ଖାଇଯାଉଥିଲା ବେଳେ ଦିନ ହେଲେ ମାଟି ତଳକୁ ଚାଲିଯାଉଛନ୍ତି। ଚାଷୀ କ୍ଷେତକୁ ଯାଇ ଦେଖିଲା ବେଳକୁ ବିରି ଫସଲ ଉଜୁଡି ଯାଇଛି। ଫଳରେ ଚାଷୀମାନେ ହତାସ ହୋଇ ପଡିଥିଲାବେଳେ ଦିନରେ ଏହି ପୋକକୁ ଖୋଜିଲେ ଦେଖିବାକୁ ମିଳୁନାହିଁ ବୋଲି ପ୍ରକାଶ କରିଛନ୍ତି। ଯଦ୍ୱାରା ଚଳିତ ରବିଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ଯାଉଛି। କୃଷି ବିଭାଗ କର୍ମଚାରୀ କ୍ଷେତ ପରିଦର୍ଶନ ନ କରି ବିଭାଗୀୟ କାର୍ଯ୍ୟାଳୟରେ ବସି ରହିଥିବା ଅଭିଯୋଗ ହୋଇଛି। ଏହି ପୋକକୁ ଦମନ କରିବା ପାଇଁ କୃଷି ବିଭାଗ ପକ୍ଷରୁ ୨୦ଲିଟର ଔଷଧ ଆସିଥିବା ଜଣାପଡିଛି। ଗମ୍ଭୁ, କଳାମାଟିଆ, ଭଅଁରା, କୃଷ୍ଣନଗର, ବୋଦୁଅ, ମହାକାଳପଡା, ରତଳାଙ୍ଗ, ଅଙ୍ଗାଳ ଆଦି ପଞ୍ଚାୟତରେ ବିରିଚାଷ ଭଲ ହୋଇଛି। ଏ ସବୁ ଅଞ୍ଚଳର ବିରି କ୍ଷେତରେ କାଳି ମୁଣ୍ଡିପୋକ ଉତ୍ପାତ ବଢିଯାଇଛି। ଔଷଧ ଲମ୍ବଡା ୨୫୦ ଗ୍ରାମକୁ ୭୫ଟଙ୍କା, ଟ୍ରାଇଯାଫର ୨୫୦ ଗ୍ରାମକୁ ୭୩ ଟଙ୍କା, ହିଟଲର୍ ୧୦୦ ଗ୍ରାମକୁ ୪୦ ଟଙ୍କା ଦରରେ କୃଷି ବିଭାଗ ଚାଷୀଙ୍କୁ ଯୋଗାଇ ଦେଉଥିବା ଜଣାପଡିଛି। ତେବେ ଅଧିକାଂଶ ଚାଷୀ ଏ ସବୁ ଔଷଧକୁ ନେଇ କ୍ଷେତରେ ବ୍ୟବହାର କରିଛନ୍ତି। ଏହି ପୋକକୁ ଜଗି ଦମନ କରିବା ପାଇଁ ଚାଷୀଙ୍କୁ ଏବେ ରାତିରେ ଅନିଦ୍ରା ହେବାକୁ ପଡୁଛି। ଏ ସଂକ୍ରାନ୍ତରେ ବରୀ ବ୍ଲକ କୃଷି ବିଭାଗର କନିଷ୍ଠ ଯନ୍ତ୍ରୀ କୃଷ୍ଣ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ କାଳିମୁଣ୍ଡିପୋକ ବିରି ଫସଲକୁ ନଷ୍ଟ କରୁଛି। ସେଥିପାଇଁ ଚାଷୀଙ୍କୁ ସବସିଡିରେ କୀଟନାଶକ ଔଷଧ ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି। ଏ ନେଇ ବରୀ ଅଞ୍ଚଳର ଭାଜପା ନେତା ଆଶୁତୋଷ ପରିଡା କୃଷି ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବୁଧବାର ଆଲୋଚନା କରିଛନ୍ତି। ଏକ ଉଚ୍ଚସ୍ତରୀୟ ଟିମ୍ ଏହି ସପ୍ତାହରେ ଆସି ବିରି ଫସଲକୁ ଅନୁଧ୍ୟାନ କରିବେ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ବିଞ୍ଝାରପୁର, ୨୧।୧୧(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅଳକୁଣ୍ଡ ପଞ୍ଚାୟତରେ ସୋମବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ମୁରଲୀଧର ବେହେରାଙ୍କ ତତ୍ତ୍ୱାବଧାନରେ ପଦଯାତ୍ରାରେ ମୁଖ୍ୟଅତିଥି ଭାବେ ନନ୍ଦକିଶୋର ସାମଲ, ପ୍ରମୋଦ ରଥ, ଅନୁପମା ଦାସ, ସରପଞ୍ଚ ଗୀତାଞ୍ଜଳି ଜେନା ପ୍ରମୁଖ ଯୋଗଦେଇଥିଲେ। ପଦଯାତ୍ରାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାର କାର୍ଯ୍ୟକ୍ରମ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ଅଳକୁଣ୍ଡ ପଞ୍ଚାୟତ ବାଘସାହି ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରୁ ଏକ ଶୋଭାଯାତ୍ରାରେ ଶତାଧିକ କର୍ମୀ ଅଳକୁଣ୍ଡ ପଞ୍ଚାୟତ ପରିକ୍ରମା ପରେ ଅଲେଖଶ୍ୱର ପଡ଼ିଆରେ ଏକ ସଭା ଆୟୋଜିତ କରିଥିଲା। ଯୁବନେତା ନିରଞ୍ଜନ ଜେନା, ସେକ କୟୁମ, ମୀର ସମ୍‌ସେର ବାବୁ, ରାକେଶ ସାମଲ, ମନୋଜ ଦାସ, ବିଶ୍ୱଜତ ସାମଲ, ଗଦାଧର ସେଠୀ, ସୁବାସଚନ୍ଦ୍ର ସିଂ, ତୈଲୋକ୍ୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ଜେଲଭରୋ ଆନ୍ଦୋଳନ ପାଇଁ ପ୍ରସ୍ତୁତି



ଜେଲଭରୋ ଆନ୍ଦୋଳନ ପାଇଁ ଦଳିତ ଅଧିକାର ମଞ୍ଚ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକ।

କୋରେଇ,୨୧।୧୧(ସ୍ୱ.ପ୍ର.)
ରାଜ୍ୟ ଦଳିତ ଅଧିକାର ମଞ୍ଚ ପକ୍ଷରୁ ଆସନ୍ତା ୨୭ ତାରିଖରେ ହେବାକୁ ଥିବା ଜେଲ୍‌ଭରୋ ଆନ୍ଦୋଳନ ପାଇଁ କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତ ବେଣାପୁରଠାରେ ସୋମବାର ଯାଜପୁର ଜିଲା ଶାଖାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳିତ ନେତା କ୍ଷୀରୋଦ କୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ବହୁସଂଖ୍ୟାରେ ଦଳିତ ଲୋକ ଯୋଗ ଦେଇଥିଲେ। ସଭାରେ ବହୁଜନ କ୍ରାନ୍ତି ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଭୀମସେନ ମୁଣ୍ଡା ଓ ଆମ୍ବେଡକର ଉନ୍ନୟନ ପରିଷଦ ସଭାପତି କୈଳାସ ଚନ୍ଦ୍ର ମଳିକ ପ୍ରମୁଖ ଯୋଗ ଦେଇଥିଲେ। ଦଳିତମାନେ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଥିବା ପ୍ରତିବାଦରେ ସାରାଦେଶରେ ତ୍ରିସ୍ତରୀୟ ଜେଲ୍‌ଭରୋ ଆନ୍ଦୋଳନ କରାଯିବାକୁ ରାଜ୍ୟମଞ୍ଚ ନିଷ୍ପତ୍ତି ନେଇଛି। ତଦନୁଯାୟୀ ୨୭ ତାରିଖରେ କୋରେଇ ବ୍ଲକ ସମ୍ମୁଖରେ ଆନ୍ଦୋଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନକୁଳ ସେଠୀ, ଜଳଧର ଜେନା, ବସନ୍ତ ମଳିକ, ମାଧବାନନ୍ଦ ଜେନା, ଶରଣ ମଳିକ, ବାବୁଲି ମଳିକ, ବିଜୟ କୁମାର ଜେନା, ଅନିରୁଦ୍ଧ ମଳିକ, ନିରଞ୍ଜନ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

# ୨୩ରେ ବୋଇତ ବନ୍ଦାଣ ଉତ୍ସବ

ଧର୍ମଶାଳା, ୨୧।୧୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦସ୍ଥିତ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ୩୬ତମ ବୋଇତ ବନ୍ଦାଣ ଉତ୍ସବ ଆସନ୍ତା ୨୩ରେ ଅନୁଷ୍ଠିତ ହେବ। ସ୍ଥାନୀୟ ଶ୍ୟାମସୁନ୍ଦର ପୁଷ୍କରିଣୀରେ ପୂର୍ବାହ୍ନ ୯ଟାରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ କରାଯିବା ସହ ନୋଡାଲ ହାଇସ୍କୁଲଠାରେ ସାଂସ୍କୃତିକ ମିଳନ ସଭା ଆୟୋଜିତ ହେବ। ସଭାରେ ଧର୍ମଶାଳା ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମିନା, ମୁଖ୍ୟ ଅତିଥିଭାବେ ସମ୍ପାଦକ ବାମାପଦ ତ୍ରିପାଠୀ, ସଂଘମିତ୍ରା ଶତପଥୀ ନିର୍ଦ୍ଦେଶକ ସଂସ୍କୃତି ବିଭାଗ ଓଡିଶା ମୁଖ୍ୟବକ୍ତା, ଲିପ୍ସା ଦାସ ଯୁଗ୍ମ ନିର୍ଦ୍ଦେଶକ ସଂସ୍କୃତି ବିଭାଗ ଏବଂ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ନେଇ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ କାର୍ଯ୍ୟକ୍ରମରେ ବିଶିଷ୍ଟ ମଧୁମେହ ଚିକିତ୍ସକ ସୁଧୀର ରଞ୍ଜନ ପଟ୍ଟନାୟକ, ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ କୁମାର ପରିଜା, ପ୍ରଯୋଜକ ବାପୁନ କୁମାର, ଅଭିନେତା ସ୍ୱରାଜ ଏବଂ ଅଭିନେତ୍ରୀ ଶିବାନୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ନେଇ ଅନୁଷ୍ଠାନର ଉପଦେଷ୍ଟା ରବି ଲାବଣ୍ୟ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ମହମ୍ମଦ ଜୟନ୍ତୀ ଉତ୍ସବ ପାଳିତ

ବିରଜାକ୍ଷେତ୍ର,୨୧।୧୧(ଡି.ଏନ୍.ଏ)

ଇସଲାମ ଧର୍ମର ପ୍ରବର୍ତ୍ତକ ହଜରତ ମହମ୍ମଦଙ୍କ ଜନ୍ମ ଦିବସ ଉତ୍ସବ ଯାଜପୁର ସହରରେ ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। ଇଦ୍-ମିଲାଦ୍-ଉନ ନବୀକମିଟି ଯାଜପୁର ପକ୍ଷରୁ ଆୟୋଜିତ ଉତ୍ସବ ପ୍ରାରମ୍ଭରେ କୁସୁମା ରୋଡ଼ଠାରୁ ଇସଲାମଧର୍ମୀ ଲୋକେ ହଜାର ହଜାର ସଂଖ୍ୟାରେ ଜୁଲୁସ ସହ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଧର୍ମୀୟ ଧ୍ୱନି ଓ ନାତେପାକ ସହ ସହର ପରିକ୍ରମା କରିଥିଲେ। ସେମାନେ ଗାନ୍ଧୀଛକରେ ପହଞ୍ଚିବା ପରେ ଅଞ୍ଜୁମନ ଗାଜୀ-ଏ-ମିଲ୍ଲତ ପକ୍ଷରୁ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବା ୧୯ଟି ଦଳକୁ ବିଭିନ୍ନ ପ୍ରକାର ପୁରସ୍କାର ବିତରଣ କରାଯାଇଥିଲା। ଶୋଭାଯାତ୍ରା ସହର ପରିକ୍ରମା କରିବା ସମୟରେ ଯାଜପୁର ସହରର ପ୍ରତ୍ୟେକ ଛକରେ ବିଭିନ୍ନ ପୂଜା କମିଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ଥାନୀୟ ବିଧାୟକ ପ୍ରଣବ ପ୍ରକାଶ ଦାସ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ଯାଜପୁରର ସମସ୍ତ ଇସଲାମୀୟ ଭାଇ ଓ ଭଉଣୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଉକ୍ତ ଶୋଭାଯାତ୍ରାରେ ଯାଜପୁର ପୌରପାଳିକାର ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ, ପୂର୍ବତନ ଉପପୌରପାଳ ବିଜୟ ମହାନ୍ତି, ବରିଷ୍ଠ କାଉନ୍‌ସିଲର ସନ୍ତୋଷ ମଲ୍ଲିକ ଓ ସମସ୍ତ ପୂର୍ବତନ କାଉନ୍‌ସିଲରମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କଂଗ୍ରେସ ପକ୍ଷରୁ ସନ୍ତୋଷ ନନ୍ଦଙ୍କ ନେତୃତ୍ୱରେ ପ୍ରତ୍ୟେକ କମିଟିକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେକ୍ ଅବଦୁଲ ସାଜିଦ୍, ମହମ୍ମଦ ଜୁଲଫୁକାର, ସେକ୍ ରମଜାନୀ, ସେକ୍ ସାକିର, ସେକ୍ ମୁର୍ତ୍ତଜା, ଜମସେର ଖାଁ ପ୍ରମୁଖ ସଦସ୍ୟ ଶୋଭାଯାତ୍ରା ଓ ଉତ୍ସବକୁ ଶାନ୍ତିଶୃଙ୍ଖଳା ସହିତ ସମାପନ କରିଥିଲେ।

# ନିଷ୍ପତ୍ତି ହେଉଛି, କାର୍ଯ୍ୟକାରୀ ହେଉନି

**ସୁଧୁରୁନି ଟ୍ରାଫିକ୍ ସମସ୍ୟା**
- ଜନସାଧାରଣଙ୍କ ଦାବିକୁ ନେଇ ବସିଛି ୨୫ ଥର ବୈଠକ
- ଆଲୋଚନାରେ ସୀମିତ ପ୍ରତିଶ୍ରୁତି
- ୩୬ଜଣଙ୍କ ସ୍ଥାନରେ ନିଯୁକ୍ତି ପାଇଛନ୍ତି ୭ କର୍ମଚାରୀ

ଚଣ୍ଡିଖୋଲ,୨୧।୧୧(ଡି.ଏନ.ଏ.)

୩ ଜାତୀୟ ରାଜପଥର ସଙ୍ଗମ ସ୍ଥଳ ଚଣ୍ଡଖୋଲ ଛକର ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ଯାଜପୁର ଏସ୍‌ପି ଚରଣ ସିଂ ମିନାଙ୍କ ଅଧ୍ୟକ୍ଷତାରେ ଦୁଇ ଦୁଇ ଥର ଉଚ୍ଚସ୍ତରୀୟ ବୈଠକ ବସି ଟ୍ରାଫିକ ସମସ୍ୟା ସୁଧାର ପାଇଁ ନିଷ୍ପତ୍ତି ହୋଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରୁନାହିଁ। ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗତ ୮ ବର୍ଷ ହେବ ଏକ ଟ୍ରାଫିକ ଥାନା ପ୍ରତିଷ୍ଠା କରାଯାଇଛି। ଜାତୀୟ ରାଜପଥ ଓ ଚଣ୍ଡିଖୋଲ ଛକର ଟ୍ରାଫିକ ସମସ୍ୟା ତଦାରଖ କରିବା ପାଇଁ ଥାନାରେ ନିଯୁକ୍ତ ଅଧିକାରୀ ଉପଯୁକ୍ତ ଧ୍ୟାନ ଦେଉ ନ ଥିବା କୁହାଯାଇଛି। ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ଯୋଗୁ ବଜାର ଅଞ୍ଚଳ ଓ ଟ୍ରାଫିକ ପୋଷ୍ଟ ଉପରେ ଅନେକଥର ଦୁର୍ଘଟଣା ଘଟୁଛି। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ରାସ୍ତାରୋକୋ ଓ ଆନ୍ଦୋଳନ କରାଯାଇ ଠିକ୍‌ଭାବେ ଟ୍ରାଫିକ ପରିଚାଳନା କରାଯିବା ସହ ଜନସାଧାରଣଙ୍କ ଧନ ଜୀବନକୁ ସୁରକ୍ଷା ଦେବା ପାଇଁ ଦାବି ହୋଇଆସୁଛି। ଜନସାଧାରଣଙ୍କ ଏହି ଦାବିକୁ ନେଇ ପୂର୍ବରୁ ୨୫ଥର ବୈଠକ ବସିଥିଲା ବେଳେ ଗତ ସେପ୍ଟେମ୍ବର ୧୦ ତାରିଖରେ ଯାଜପୁର ଏସ୍‌ପିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସି ଟ୍ରାଫିକ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହେବା ସହ ୯ ମୁଖ୍ୟ ଦାବି ଉପରେ ଚିଠା ପ୍ରସ୍ତୁତ ହୋଇଥିଲା। ୧୫ ଦିନ ମଧ୍ୟରେ ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ଦାବିଗୁଡ଼ିକ ପୂରଣ କରାଯିବ ବୋଲି ବୈଠକରେ ଉପସ୍ଥିତ ଜିଲା ପ୍ରଶାସନ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଲୋକ ପ୍ରତିନିଧିଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଇତିମଧ୍ୟରେ ନିଷ୍ପତ୍ତିକୁ ୨ମାସ ପୂରି ଯାଇଥିଲେ ମଧ୍ୟ କୌଣସି ସମସ୍ୟାର ସମାଧାନ ହୋଇନାହିଁ। ଅପରପକ୍ଷରେ ଟ୍ରାଫିକ ଥାନାରେ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଟ୍ରାଫିକ ପୋଷ୍ଟରେ ୨୪ ଘଣ୍ଟିଆ ଜଗାରଖା ବ୍ୟବସ୍ଥା ପ୍ରହସନରେ ପରିଣତ ହୋଇଛି। ଚଣ୍ଡିଖୋଲ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଟ୍ରାଫିକ ଥାନାର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଉକ୍ତ ଥାନାରେ ୩୬ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତି ଦେବାର ଘୋଷଣା ରହିଛି। ହେଲେ ୩୬ ଜଣଙ୍କ ସ୍ଥାନରେ ଏବେ ମାତ୍ର ୨ଜଣ କନଷ୍ଟେବଲ, ୩ ଜଣ ହାବିଲଦାର, ଜଣେ ଏଏସ୍‌ଆଇ ଓ ଜଣେ ଇନ୍‌ସପେକ୍ଟରଙ୍କୁ ମିଶାଇ ମୋଟ ୭ଜଣ ରହିଛନ୍ତି। ଏ ସମ୍ପର୍କରେ ଟ୍ରାଫିକ ଥାନାଧିକାରୀ ଲକ୍ଷ୍ମୀ ନାରାୟଣ ମାରାଣ୍ଡୀଙ୍କୁ ପଚାରିବାରେ, ଆବଶ୍ୟକ କର୍ମଚାରୀ ନ ଥିବାରୁ ଠିକ୍‌ଭାବେ ଟ୍ରାଫିକ୍ ନିୟନ୍ତ୍ରଣ କରିବାକୁ ସକ୍ଷମ ହେଉ ନ ଥିବା କହିଥିଲେ।



ପ୍ରଥମେ ଆଦେଶ ମାନିବାକୁ ଶିଖ, ଆଦେଶ ଦେବା ବଳେ ବଳେ ଆସିବ। ପ୍ରଥମେ ସେବକ ହେବାକୁ ଶିକ୍ଷା କର, ତା'ପରେ ତୁମେ ସେବ୍ୟ ହେବାକୁ ଉପଯୁକ୍ତ ହେବ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଇଦ୍ ମିଲାଦୁନ୍ ନବୀ ପାଳିତ



**ବିଞ୍ଝାରପୁର,୨୧।୧୧(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ଠାରେ ମହାସମାରୋହରେ ଇଦ୍ ମିଲାଦୁନ୍ ନବୀ ପାଳିତ ହୋଇଛି। ଅଳକୁଣ୍ଡସ୍ଥିତ ଜାମା ମସଜିଦଠାରେ ସକାଳ ନମାଜ ପରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମୌଲାନା ଇଫ୍‌ତେଖାର୍ ଅଞ୍ଜୁମ ମୋଜାହିଦ, ହାଫିଜ ଅକବରଅଲି ଖାନ୍, ମୌଲାନା ରାସେଦୁଲ କାଦରୀ ପ୍ରମୁଖ ଯୋଗଦେଇ ମହାପୁରୁଷ ହଜରତ୍ ମହମ୍ମଦଙ୍କ ଜୀବନୀ ବର୍ଣ୍ଣନା କରାଇଥିଲେ। ପରେ ମସ୍‌ଜିଦ ଛକଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ପଞ୍ଜୁମସ୍ତାନ ବାବାଙ୍କ ପୀଠରେ ପହଞ୍ଚିଥିଲା। ଏହା ପରେ ଶୋଭାଯାତ୍ରା ବାବାଙ୍କ ପୀଠରୁ ବାହାରି ଅଳକୁଣ୍ଡ ଫାଣ୍ଡି ପର୍ଯ୍ୟନ୍ତ ଯାଇ ଗ୍ରାମକୁ ଫେରିଥିଲା। ଏହି ଶୋଭାଯାତ୍ରାରେ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ। ବିଞ୍ଝାରପୁର ଥାନା ଅଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ, ଫାଣ୍ଡି ଅଧିକାରୀ ଗଣେଷ ଚନ୍ଦ୍ର ଘଡାଇଙ୍କ ସମେତ ୨ପ୍ଲାଟୁନ ପୋଲିସ ମୁତୟନ ହୋଇ ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ।

### ମିର୍ଜାପୁରରେ ମହମ୍ମଦ ଜୟନ୍ତୀ



**ରସୁଲପୁର,୨୧।୧୧(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ମିର୍ଜାପୁର ଗାଁର ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ବୁଧବାର ପୈଗମ୍ବର ମହମ୍ମଦଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ମୁସଲମାନ ଭାଇଙ୍କ ପକ୍ଷରୁ ଗୌସିଆଁ ମସ୍‌ଜିଦ୍‌ରେ ସମୂହ ନମାଜ ପାଠ କରାଯାଇଥିଲା। ମସଜିଦ୍‌ରେ ଧର୍ମଗୁରୁ ପ୍ରୋଫେଟ ମହମ୍ମଦଙ୍କ ନୀତିବାଣୀ ସମ୍ପର୍କରେ ଆଲୋଚନା ହୋଇଥିଲା। ମାନବ ଜାତି ଉଦ୍ଦେଶ୍ୟରେ ମହମ୍ମଦଙ୍କ ମୁଖ ନିସୃତ ବାଣୀ ସମ୍ପର୍କରେ ମସଜିଦ୍‌ର ପୁରୋହିତ ମୌଲାନା କୈସୁରଲ କାଦ୍ରୀ ବର୍ଣ୍ଣନା କରିଥିଲେ। ଏଥିସହ ପୁରୋହିତ କାଦ୍ରୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଏହି ଗାଁର ଗୌସିଆ ମସଜିଦ୍‌ରୁ ବାହାରି ସ୍ଥାନୀୟ ଅଞ୍ଚଳରେ ପରିକ୍ରମା କରିଥିଲା। ଶୋଭାଯାତ୍ରୀମାନେ ମଦ୍ରସାରେ ପହଁଚି ବିଶ୍ୱ କଲ୍ୟାଣ ନିମନ୍ତେ ଆୟୋଜିତ ସମୂହ ନମାଜପାଠ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗୋମାନ ଖାଁ, ସାହାବାଜ ଖାଁ, ସେକ୍ ହାକିମ୍, ସେକ୍ ତବିର, ଅବଦୁଲ ରେହମାନ ଖାଁ, ଅବଦୁଲ କଇମ ଖାଁ, ରହେମତ ଖାଁ, ମକ୍‌କୁଲ ଖାଁ, ମାଷ୍ଟର ଜହର ଅଲ୍ଲୀ, ମିର୍ ରମାଜାନ, କବୁଲ ଖାଁ ପ୍ରମୁଖ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ଦାୟିତ୍ୱ ନିର୍ବାହ କରିଥିଲେ।

### ବରୁଣେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ
### ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଖଙ୍କିରା ବିଜୟୀ

**ଚଣ୍ଡିଖୋଲ, ୨୧।୧୧(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ କାଞ୍ଜିଆ କେ.ଏମ୍.ସି ପଡିଆରେ ଆୟେଜିତ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶେଷ ହୋଇଛି। ବୁଧବାର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବିସିସି ଦେଉଳକୁର ଦଳକୁ ହରାଇ ଖଙ୍କିରା ଢେଙ୍କାନାଳ ବିଜୟୀ ହୋଇଛି। ପ୍ରଥମେ ଟସ୍ ଜିତି ବିସିସି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୨୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରକାଶ ସାମଲ ବିସ୍ପୋରକ ୧୧୨ରନ୍ କରିଥିଲେ। ଜବାବରେ ଖଙ୍କିରା ୧୮ ଓଭର୍‌ରେ ୫ ଉଇକେଟ ହରାଇ ବିଜୟୀ ହୋଇଥିଲା। ପର୍ଶୁରାମ ମିଶ୍ର ଓ ପ୍ରଶାନ୍ତ ବେହେରା ଖେଳ ପରିଚାଳନା କରିଥିଲେ। ବିଭୁପ୍ରସାଦ ମହାରଣା, ଗିରିଜା ଦାଶ, ଗଣେଶ ସାହୁ, ସ୍ମିତିରଞ୍ଜନ ପ୍ରଧାନ, ରୁଦ୍ରନାରାୟଣ ପ୍ରଧାନ, ପ୍ରସନ୍ନଜିତ୍ ପ୍ରଧାନ ଓ ରମାକାନ୍ତ ରାଉତ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ବରୁଣେଶ୍ୱର ସ୍ପୋର୍ଟ୍ସ ଆଣ୍ଡ କଲଚରାଲ ଆସୋସିଏଶନ ଆନୁକୂଲ୍ୟରେ ପ୍ରତିଯୋଗିତା ଆୟୋଜନ କରାଯାଇଛି। ତେବେ ଗୁରୁବାର ବରୀ-ଠେଙ୍ଗଡ ଓ ବଡ଼ଚଣା ମଧରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## କଳିଙ୍ଗନଗର ନୀଳାଚଳ କାରଖାନା
# ଶ୍ରମିକ ପାଉଣାକୁ ନେଇ ଗୋଷ୍ଠୀ ବିବାଦ

**ଯାଜପୁର ଅଫିସ,୨୧।୧୧**

- ପେଷି ହେଉଛନ୍ତି ଠିକା ଶ୍ରମିକ
- ଆନ୍ଦୋଳନ ପାଇଁ ଶ୍ରମିକ ସଂଗଠନର ସଜବାଜ

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍‌ଏମ୍‌ଟିସି, ଓଡିଶା ସରକାରଙ୍କ ଉଦ୍ୟୋଗ ଇପିକଲ ଏବଂ ଓଏମ୍‌ସିର ଯୌଥ ପରିଚାଳନାରେ ଥିବା ନୀଳାଚଳ ଇସ୍ପାତ ନିଗମରେ ଗୋଷ୍ଠୀ ବିବାଦ ଉଗ୍ରରୂପ ନେଇଛି । ଏଥିରେ କମ୍ପାନୀର କୌଣସି ଅଧିକାରୀଙ୍କ କ୍ଷତି ହେଉ ନ ଥିବାବେଳେ ଷ୍ଟିଲ୍ ମେଲ୍‌ଟିଂ ସପ(ଏସ୍‌ଏମ୍‌ଏସ୍) ବିଭାଗର ନୀରିହ ଠିକା ଶ୍ରମିକ ପେଷି ହୋଇଛନ୍ତି। ସରକାରଙ୍କ ବର୍ଦ୍ଧିତ ସର୍ବନିମ୍ନ ମଜୁରୀ ଲାଗୁ ହେବା ପରେ ବି ଶ୍ରମିକମାନେ ଉଚିତ ମୂଲ୍ୟ ନ ପାଇ ହଇରାଣ ହୋଇଛନ୍ତି। ଏପରିକି ଶ୍ରମିକଙ୍କ ହକ୍ ପାଇଁ ଲଢିଥିବା ଜଣେ ଅଧିକାରୀଙ୍କୁ ଏହାର ମୂଲ୍ୟ ଦେବାକୁ ପଡିଛି।

ଗତ ଅକ୍ଟୋବର ୩୦ ତାରିଖରେ ରାଜ୍ୟ ସରକାର ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି କରିଥିଲେ। ଏଥିରେ ଅଣକୁଶଳୀ ୨୮୦ଟଙ୍କା, ଅର୍ଦ୍ଧ କୁଶଳୀ ୩୨୦ ଟଙ୍କା, କୁଶଳୀ ୩୭୦ ଟଙ୍କା ଓ ଉଚ୍ଚ କୁଶଳୀ ଶ୍ରମିକଙ୍କୁ ୪୩୦ ଟଙ୍କା ପ୍ରଦାନ କରିବାକୁ ସରକାର ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ସରକାରୀ ଶିଳ୍ପସଂସ୍ଥା ନୀଳାଚଳ ଇସ୍ପାତ ନିଗମରେ ବିଭିନ୍ନ ଭତ୍ତା ମିଶାଇ ଅଣକୁଶଳୀଙ୍କୁ ୪୮୨ଟଙ୍କା, ଅର୍ଦ୍ଧ କୁଶଳୀଙ୍କୁ ୫୨୮ଟଙ୍କା, କୁଶଳୀ ୫୮୫.୫୦ ଟଙ୍କା ଏବଂ ଉଚ୍ଚ କୁଶଳୀଙ୍କୁ ୬୫୪.୫୦ ଟଙ୍କା ମିଳିବା କଥା । ଏହି ଦର ନୀଳାଚଳର ଅନ୍ୟାନ୍ୟ ବିଭାଗରେ ଲାଗୁ ହେବ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହୁଥିବାବେଳେ ଖର୍ଚ୍ଚକାଟ ବାହାନାରେ ଏସ୍‌ଏମ୍‌ଏସ୍ ବିଭାଗ ଶ୍ରମିକଙ୍କୁ ବାଦ ଦେବାକୁ ମସୁଧା ଚାଲିଛି। ସମ୍ପୃକ୍ତ ଠିକାସଂସ୍ଥାଗୁଡିକୁ କମ୍ପାନୀର ଉପରୋକ୍ତ ଧାର୍ଯ୍ୟ ଦରଠାରୁ କମ୍‌ରେ କାର୍ଯ୍ୟ କରିବାକୁ କମ୍ପାନୀର ଏକ ଅଧିକାରୀ ଗୋଷ୍ଠୀ ବାଧ କରୁଛନ୍ତି। ଏହାକୁ ଅନ୍ୟ ଅଧିକାରୀ ଗୋଷ୍ଠୀ ବିରୋଧ କରୁଛନ୍ତି। ଯେଉଁ ଅଧିକାରୀ ଶିଳ୍ପ ଶାନ୍ତି ଓ ଶ୍ରମିକଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ପ୍ରଚଳିତ ନିୟମକୁ କାର୍ଯ୍ୟକାରୀ କରିବାକୁ ଠିକାସଂସ୍ଥାଗୁଡିକୁ ତାଗିଦ କରିଥିଲେ ତାଙ୍କୁ ସେହି ବିଭାଗରୁ ବାଦ ଦିଆଯାଇଛି। ଏହିକ୍ରମରେ ନୀଳାଚଳର ଉପପରିଚାଳକ ଏସ.କେ. ସାହୁ ତାଙ୍କ ପତ୍ରସଂଖ୍ୟା ଏନ୍‌ଆଇଏନ୍‌ଏଲ୍/ଏଚଆର/ଇଷ୍ଟ/୨୦୧୮/୧୧୯୦/୨୦।୧୧।୨୦୧୮ରେ କାରଖାନାର ନିର୍ବାହୀ ନିର୍ଦ୍ଦେଶକ ଆର.କେ. ଝାଙ୍କ ନିକଟରୁ ୱାର୍କ କଣ୍ଟ୍ରାକ୍ଟ ସେଲ୍ କାଢି ନିଆଯାଇଛି। ଏହାକୁ ନେଇ କାରଖାନାରେ ଶ୍ରମିକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି । କଳିଙ୍ଗନଗର ଶ୍ରମିକ ସଂଘର ସଭାପତି ସୁରେଶ କୁମାର ହାଇବ୍ରୁ କହିଛନ୍ତି ସରକାର ଓ ନୀଳାଚଳ କମ୍ପାନୀର ନିର୍ଦ୍ଧାରିତ ଶ୍ରମିକ ଦରଠାରୁ କମ୍ ପାଉଣା ଦିଆଯାଏ ତେବେ ଆଗାମୀ ଦିନରେ ଶ୍ରମିକ ଆନ୍ଦୋଳନ ବ୍ୟାପକ ହେବ। ଏହାସହିତ ଏସ୍‌ଏମ୍‌ଏସ୍‌କୁ ବନ୍ଦ କରି ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ କାରଖାନାର ନିର୍ବାହୀ ନିର୍ଦ୍ଦେଶକ ଆର. କେ. ଝାଙ୍କୁ ପଚାରିବାରୁ ସେ କହିଛନ୍ତି କମ୍ପାନୀର ପରିଚାଳନା କର୍ତ୍ତୃପକ୍ଷଙ୍କୁ ଯାହାକୁ ଯୋଗ୍ୟ ଭାବିବେ ତାଙ୍କୁ ଦାୟିତ୍ୱ ଦେବେ । ଏଥିରେ ତାଙ୍କର କିଛି କହିବାର ନାହିଁ ବୋଲି କହିଛନ୍ତି ।

# ଜିଲା ମହୋତ୍ସବ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

**ଯାଜପୁର ଅଫିସ,୨୧।୧୧**

ଯାଜପୁର ଜିଲା ମହୋତ୍ସବ ଅବସରରେ ବାଳାଶ୍ରମ ପଡିଆଠାରେ ଅନୁଷ୍ଠିତ ହେଉଥିବା ପଲ୍ଲିଶ୍ରୀମେଳା ବୁଧବାର ଉଦ୍‌ଯାପିତ ହୋଇଛି। ଓର୍‌ମାସର ସହକାରୀ ନିର୍ଦ୍ଦେଶକ କ୍ଷିତିସ ଚନ୍ଦ୍ର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପଲ୍ଲିଶ୍ରୀ ମେଳା ମାଧ୍ୟମରେ ମହିଳାମାନେ ଆତ୍ମନିର୍ଭରଶୀଳ ହେବାସହ ସେମାନଙ୍କ ଗ୍ରାମ୍ୟ ଦ୍ରବ୍ୟଗୁଡିକର ଉପଯୁକ୍ତ ବିନିଯୋଗ ହୋଇପାରୁଛି ବୋଲି କହିଥିଲେ। ଅଧିକରୁ ଅଧିକ ସ୍ୱଂୟସହାୟକ ଗୋଷ୍ଠି ଗଠନ ସହ ମହିଳାମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଉପଯୁକ୍ତ ତାଲିମ ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପଳ ଆଚାର୍ଯ୍ୟ ଗ୍ରାମ୍ୟବିକାଶ ଓ ସୁଦୃଢ ଅର୍ଥନୀତି ପାଇଁ ଏହିଭଳି ମେଳା ବେଶ୍ ସହାୟକ ହୋଇ ପାରୁଛି ବୋଲି ମତ ଦେଇଥିଲେ। ଜୀବିକାମିଶନର ଜିଲା ପ୍ରକଳ୍ପ ପରିଚାଳକ ପ୍ରଶାନ୍ତ ପାଢୀ, ସ୍ୱଂୟ ସହାୟକ ଗୋଷ୍ଠୀର ଅଭ୍ୟୁଦୟ ଓ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ମେଳାରେ ୭୦ଲକ୍ଷ ୨୮ହଜାର ୫୫୦ଟଙ୍କାର ବିକ୍ରୟ ହୋଇଥିଲା। ଶ୍ରେଷ୍ଠ ବ୍ୟବସାୟୀ ଗ୍ରୁପ ହିସାବରେ ରସୁଲପୁର ବ୍ଲକ ପ୍ରଥମାଖଣ୍ଡିର ମା' ସିଂହବାହୀନି ଉତ୍ପାଦିକା ସଂଘ ସହାୟକ ଗୋଷ୍ଠି, ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ବାଲେଶ୍ୱରର ସଂଘ ସହାୟକ ଗୋଷ୍ଠି, ଶ୍ରେଷ୍ଠ ବିକ୍ରିକର୍ତ୍ତା ଭାବେ ବିଜୟନୀ ସ୍ୱୟଂ ସହାୟକ ଗୋଷ୍ଠି ଓ ଲାଇନ ଡିପାଟମେଣ୍ଟ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜଳଛାୟା ପ୍ରକଳ୍ପଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।

# ରାସ୍ତାକଡ଼ରୁ ଲକ୍ଷାଧିକ ଟଙ୍କାର ଗଛ ଗାଏବ

**ରସୁଲପୁର,୨୧।୧୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଅରଡା ଗ୍ରାମରେ ସରକାରୀ ଜମିରୁ ଅବାଧ ଗଛକଟା ଚାଲିଛି। ସ୍ଥାନୀୟ ଅଞ୍ଚଳର ଜନୈକ କାଠ ବ୍ୟବସାୟୀ ରାସ୍ତାକଡରେ ଥିବା ଗଛଗୁଡିକୁ କାଟି ନେଇ ବ୍ୟବସାୟ କରୁଛନ୍ତି। ଏଥିପ୍ରତି ବନ ବିଭାଗର ଦୃଷ୍ଟି ପଡୁନାହିଁ । ଅବାଧ ଗଛ କଟା ଉପରେ ରୋକ ଲଗାଇବା ସହ ବେଆଇନ ଗଛ କାଟିବାରେ ସମ୍ପୃକ୍ତ ବ୍ୟବସାୟୀ ଓ ସ୍ଥାନୀୟ ଅଞ୍ଚଳର ଅସାଧୁ ଲୋକଙ୍କ ବିରୋଧରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ପ୍ରକାଶ ଯେ, ଏହି ପଞ୍ଚାୟତ ଗ୍ରାମ୍ୟ ଉନ୍ନୟନ ରାସ୍ତା ଓ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ୨୦ବର୍ଷ ତଳୁ ଆକାଶିଆ ଓ ଇୟୁକାଲପଟାସ ଗଛ ଲଗାଯାଇଥିଲା। ମାତ୍ର ଏବେ ରାସ୍ତା ପାର୍ଶ୍ୱରେ ଥିବା ସେହି ଗଛଗୁଡିକୁ ଅବାଧ ଭାବରେ କଟା ଯାଉଛି । ଗଛ କାଟିବା ପଛରେ ସ୍ଥାନୀୟ ଅଂଚଳର ଜନୈକ କାଠ ବ୍ୟବସାୟୀଙ୍କ ହାତ ରହିଥିବା ନେଇ ସନ୍ଦେହ କରାଯାଉଛି। ଅପରପକ୍ଷରେ ଗଛକଟାକୁ ନେଇ ଲିଖିତ ଅଭିଯୋଗ ହେଲେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ କହୁଥିବା ଜଣାପଡ଼ିଛି।

## ହରିପୁରରେ ରାସ ଉତ୍ସବ
# ପରମ୍ପରା ନାଁରେ ଚାଲିଛି ବ୍ୟବସାୟ

**ରସୁଲପୁର,୨୧।୧୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ହରିପୁର ଅଞ୍ଚଳ ରାହାସ ଉତ୍ସବ ପାଇଁ ଚଳଚଞ୍ଚଳ ହେଲାଣି। ତେବେ ଧର୍ମ ପ୍ରଚାରକ ଚୈତନ୍ୟ ଗୋସାଇଁଙ୍କ ସ୍ମୃତି ଓ ପ୍ରଭୂ ରାଧାକୃଷ୍ଣଙ୍କ ଗାଥାକୁ ପରିପ୍ରକାଶ କରୁଥିବା ଏହି ଉତ୍ସବ ତାର ମୂଳ ଲକ୍ଷ୍ୟରୁ ଦୂରେଇ ଯାଉଛି। ପୂଜା କମିଟି ପରମ୍ପରାକୁ ବଜାୟ ରଖିବା ବଦଳରେ ବ୍ୟବସାୟକୁ ଗୁରୁତ୍ୱ ଦେଉଛି । କୁଞ୍ଜର ମହତ୍ୱକୁ ଅଣଦେଖା କରାଯାଇ ଅପେରା ପାର୍ଟି ନାଚ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଏହାର ପ୍ରଚାରପ୍ରସାର ସକାଶେ ୨୦ନଂ ଜାତୀୟ ରାଜପଥକୁ ବ୍ୟବହାର କରାଯାଉଛି। ରାସ୍ତାପାର ହୋଇ ମାଳମାଳ ହୋଡିଂ ଲାଗିଛି । ଯାତ୍ରା ସମୟରେ ଯାତ୍ରୀଙ୍କ ଭିଡ ଯୋଗୁଁ ଯାନବାହାନ ଯାତାୟତରେ ବାଧାଉପୁଜୁଛି । ଫଳରେ ଟ୍ରାଫିକ ମସସ୍ୟା ସୃଷ୍ଟି ହେଉଛି । ଯାତ୍ରା ସ୍ଥଳରେ ଲାଇଟ ତୋରଣ ଗୁଡିକୁ ବିପଦସଙ୍କୁଳ ଭାବରେ ନିର୍ମାଣ କରାଯାଇଛି। ଏ ସବୁ ଜିଲା ଓ ସ୍ଥାନୀୟ ପ୍ରଶାସନ ପାଇଁ ଗୁରୁତ୍ୱ ବହନ କରୁନାହିଁ । ପ୍ରଶାସନ ସବୁ ଦେଖି ବି ନ ଦେଖିଲା ଭଳି ଅଭିନୟ କରୁଛି। ଏଦିଗରେ ପ୍ରଶାସନିକ ଅଧିକାରୀଙ୍କ ଭୂମିକା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି।ଏ ସମ୍ପର୍କରେ ଉପଜିଲାପାଳ ନରାୟଣ ଚନ୍ଦ୍ର ଧଳଙ୍କୁ ପଚାରିବାରୁ ଏ ଦିଗରେ ସ୍ଥାନୀୟ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବା ଉଚିତ। ତେବେ ଘଟଣା ସ୍ଥଳ ପରିଦର୍ଶନ କରି ଯଥା ସମ୍ଭବ ବେଆଇନ କାର୍ଯ୍ୟକୁ ବନ୍ଦ କରିବା ଦିଗରେ ପ୍ରୟାସ କରିବେ ବୋଲି ଧଳ ମତ ରଖିଛନ୍ତି ।

## ଜିଲାସ୍ତରୀୟ ଐତିହ୍ୟ, ସଂସ୍କୃତି ଆଲୋଚନାଚକ୍ର
# 'ସହରରେ ସଂସ୍କୃତିର ବିକାଶ ଜରୁରୀ'

**ବିରଜାକ୍ଷେତ୍ର,୨୧।୧୧(ଡି.ଏନ୍.ଏ)**

ଯାଜପୁର ଜିଲା ମହୋତ୍ସବ 'ଯଯାତି'ର ଅନ୍ତିମ ଦିବସରେ ଯାଜପୁର ସହରର ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଜିଲାର ଐତିହ୍ୟ ଓ ସଂସ୍କୃତିକୁ ନେଇ ଏକ ଆଲୋଚନାଚକ୍ର ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯାଜପୁର ଜିଲା ତଥା ସହରରେ ସାଂସ୍କୃତିକ ପରିବେଶ ସୃଷ୍ଟି କରିବାରେ ଜିଲା ପ୍ରଶାସନ ସଫଳ ହୋଇଛି। ସହରରେ ସଂସ୍କୃତିର ବିକାଶ ନିହାତି ଜରୁରୀ। ସହରର ସମସ୍ତ ସୁବିଧା ସମସ୍ତ ଅଧିବାସୀଙ୍କ ପାଖରେ ପହଞ୍ଚିଲେ ସହର ପୂର୍ଣ୍ଣାଙ୍ଗ ରୂପରେଖ ନେବ। ଆଲୋଚନାଚକ୍ର ମାଧ୍ୟମରେ ସହରର ସଂସ୍କୃତି, ଐତିହ୍ୟକୁ ପର୍ଯ୍ୟାଲୋଚନା କରାଯାଇ ଆଗାମୀ ପୀଢ଼ି ସହରର ପୁରାତନ ସଭ୍ୟତାକୁ ଜାଣିବା ପାଇଁ ଚେଷ୍ଟା କରାଯାଉଛି ବୋଲି ଜିଲାପାଳ କହିଥିଲେ। ସହରର ସଂସ୍କୃତି, ଐତିହ୍ୟକୁ ଉଜ୍ଜୀବୀତ କରିବା ପାଇଁ ସମସ୍ତଙ୍କର ଉଦ୍ୟମ ନିହାତି ଆବଶ୍ୟକ। ଘରେ ଘରେ ଜିଲାର ସଂସ୍କୃତି, ଐତିହ୍ୟ ସମ୍ପର୍କୀତ ପୁସ୍ତକ ପହଞ୍ଚାଇବା ପାଇଁ ଜିଲା ପ୍ରଶାସନ ତରଫରୁ ପଦକ୍ଷେପ ନିଆଯାଇଛି ବୋଲି ଦାସ କହିଥିଲେ । ପୂର୍ବସୂରୀଙ୍କ କଥାକୁ ମନେ ରଖିବା ଓ ସ୍ମରଣ କରିବା ପାଇଁ ସହରରେ ରାଜା ଯଯାତି ଓ ଜଗନ୍ନାଥଙ୍କ ଭକ୍ତଭାବେ ପରିଚିତ ବନ୍ଧୁ ମହାନ୍ତିଙ୍କ ମୂର୍ତ୍ତି ଖୁବ୍ ଶୀଘ୍ର ସ୍ଥାପନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଏହି ଆଲୋଚନାଚକ୍ରରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଗବେଷକ ଓ ଶିକ୍ଷାବିତ୍ ଡ. ଏକାଦଶୀ ପାଢ଼ୀ ପ୍ରମୁଖ ଆଲୋଚନାରେ ଭାଗନେଇ ଜିଲାର ସଂସ୍କୃତି, ଐତିହ୍ୟ ଉପରେ ଅବଲୋକନ କରିଥିଲେ । ବରିଷ୍ଠ ଶିକ୍ଷାବିତ୍ ପ୍ରଫୁଲ୍ଲ ସାମଲଙ୍କ ସଭାପତିତ୍ୱରେ ବଳରାମ ମହାନ୍ତି ସ୍ୱାଗତ ଓ ଅତିଥି ପରିଚୟ କରିଥିଲେ। ଶୁଭେନ୍ଦୁ ଭୂୟାଁ ମଞ୍ଚ ପରିଚାଳନା କରିଥିଲେ । ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ସମେତ ସାହିତ୍ୟିକ, ଗବେଷକ, ଐତିହାସିକ ଓ ବୁଦ୍ଧିଜୀବୀମାନେ ଆଲୋଚନାଚକ୍ରରେ ଉପସ୍ଥିତ ଥିଲେ ।

# ଖଣି ଅଞ୍ଚଳରେ ସୁରକ୍ଷା ସପ୍ତାହ ପାଳିତ

**କାଳିଆପାଣି, ୨୧।୧୧(ଡି.ଏନ୍.ଏ.)**

ସୁକିନ୍ଦା ଖଣି ଅଞ୍ଚଳରେ ସୋମବାର ଖଣି ସୁରକ୍ଷା ସପ୍ତାହ ୨୦୧୮/୧୯ ଉଦ୍‌ଘାଟିତ ହୋଇଯାଇଛି। ନିଗମ କମ୍ୟୁନିଟି ହଲ୍‌ଠାରେ ଡ଼ିଏମଏସ୍ ସୁଭ୍ର ବାଗଚି ସୁରକ୍ଷା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପରେ ଉପସ୍ଥିତ ବିଭିନ୍ନ ଖଣିରୁ ଆସିଥିବା କର୍ମଚାରୀମାନେ ଖଣିରେ ସୁରକ୍ଷା କାର୍ଯ୍ୟପ୍ରତି ଯତ୍ନବାନ ରହିବାକୁ ଶପଥପାଠ କରିଥିଲେ । କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଖଣି ସୁରକ୍ଷା ମହା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଜୋନ୍ ପକ୍ଷରୁ ଖଣି ଜୋନ୍ ପକ୍ଷରୁ ପ୍ରତିବର୍ଷ ଏକ ସପ୍ତାହ ଧରି ସୁରକ୍ଷା ସପ୍ତାହ ପାଳନ କରାଯାଇଥାଏ । ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ନିୟନ୍ତ୍ରଣରେ ଥିବା ପ୍ରାୟ ୩୩ଟି ଧାତବ ଖଣି ଅଶଂଗ୍ରହଣ କରିଛନ୍ତି। ଦିନ ତମାମ ୩୩ଟି ଖଣିରୁ ଆସିଥିବା ବିଶେଷଜ୍ଞ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟଶୈଳୀ ଉପରେ କୌଶଳ ପ୍ରଦର୍ଶନ କରିଥିଲେ । ଏ ନେଇ ଖଣି ମଧ୍ୟରେ ବିଭିନ୍ନ ଦିଗ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖଣି ନିଗମ କମ୍ୟୁନିଟି ହଲରେ ବିଜି ମହାନ୍ତି ଏଣ୍ଡ ସନ୍ସ ଆନୁକୂଲ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଖଣି ସୁରକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଜୋନ୍‌ର ମହାନିର୍ଦ୍ଦେଶକ ଶୁଭ୍ର ବଗଚୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

# ମହମ୍ମଦ ଜୟନ୍ତୀ ପାଳିତ

**ଚଣ୍ଡିଖୋଲ, ୨୧।୧୧(ଡ଼ି.ଏନ.ଏ)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡ଼ାଠାରେ ବୁଧବାର ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମୁସଲମାନ ଭାଇମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଶୋଭାଯାତ୍ରାକୁ କୁଲ୍ ହିନ୍ଦ୍ ଖାକ୍ ସରାନାହକ୍‌ର ୩୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ। ସୁଙ୍ଗୁଡ଼ା ମସଜିଦ୍‌ର ମତୱଲି ଶେଖ୍ ଅବଦୁଲ ରଜାକ୍, ବସ୍ତି ସର୍ଦ୍ଦାର ସେକ୍ ସବିରୁଦ୍ଦିନ, ଅମଜାଦ ହୁସେନ୍, ସମ୍ପାଦକ ସେକ୍ ସିକନ୍ଦର୍ ଆଲାମ, ନାଏବ ସରପଞ୍ଚ ମସିର୍ ଆଲାମ୍ ସମେତ ପଲ୍ଲୀ ମଙ୍ଗଳ ସେବା ସମବାୟ ସମିତି ସଭାପତି ସଞ୍ଜୀୟ ସ୍ୱାଇଁ, ପ୍ରିୟବ୍ରତ ଖିଲାର ପ୍ରମୁଖ ଯୋଗ ଦେଇଥିଲେ।

## ଶେଷ ହେଲା ଜିଲା ମହୋତ୍ସବ
# ଭାଇଚାରା, ବିକାଶର ବାର୍ତ୍ତା ବାଣ୍ଟିଲା ମହୋତ୍ସବ

**ବିରଜାକ୍ଷେତ୍ର,୨୧।୧୧(ଡି.ଏନ୍.ଏ)**



ଉଦ୍‌ଯାପନୀ ଉତ୍ସବରେ ମଞ୍ଚରେ ଉପସ୍ଥିତ ଅତିଥିବୃନ୍ଦ।

ଯାଜପୁର ଜିଲାର ୨୦୧୮ ଜିଲା ମହୋତ୍ସବ ଯଯାତି ବୁଧବାର ଶେଷ ହୋଇଛି। ବାଳାଶ୍ରମ ପଡ଼ିଆରେ ଅନୁଷ୍ଠିତ ହେଇଥିବା ଜିଲା ମହୋତ୍ସବ ବୁଧବାର ସନ୍ଧ୍ୟାରେ ସଙ୍ଗୀତ ଆସର ମଧ୍ୟରେ ସମାପନ ହୋଇଛି। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କଟକ ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ, ମୟୁରଭଞ୍ଜ ରାଜା ତଥା ବିଧାୟକ ପ୍ରବୀଣ କୁମାର ଭଞ୍ଜଦେଓ, ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ ପ୍ରମୁଖ ଯୋଗଦେଇ ୩ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ୩ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଯାଜପୁର ମହୋତ୍ସବ ଜରିଆରେ ଐତିହ୍ୟ, କଳା, ସଂସ୍କୃତି, ପରମ୍ପରା, ଭାଇଚାରା, ବନ୍ଧୁତ୍ୱ ଓ ବିକାଶର ବାର୍ତ୍ତା ସାରା ବିଶ୍ୱକୁ ପ୍ରେରଣ କରାଯାଇଛି। ଜିଲା ପ୍ରଶାସନ ପଡ଼ୋଶୀ ରାଜ୍ୟ ସହିତ ସୁସମ୍ପର୍କ ସ୍ଥାପନ କରି ଭାଇଚାରା ପ୍ରଦର୍ଶିତ କରିଛି। ଜିଲା ମହୋତ୍ସବ ଅବସରରେ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗର ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କୁ ମରଣୋତ୍ତର ଯଯାତି ସମ୍ମାନରେ ସମ୍ମାନିତ କରି ଭାଇଚାରାର ଉଦାହରଣ ସୃଷ୍ଟି କରିଛି। ମହୋତ୍ସବରେ ଜିଲାର ଜନପ୍ରତିନିଧିମାନେ ସେମାନଙ୍କର କାର୍ଯ୍ୟଧାରାକୁ ଲୋକଙ୍କ ପାଖରେ ଉପସ୍ଥାପନା କରି ବିକାଶକୁ କିପରି ଆଗେଇ ନିଆଯାଉଛି ତାହାର ପ୍ରତିଛବି ଦେଖାଇ ଲୋକଙ୍କର ଆସ୍ଥାଭାଜନ ହୋଇପାରିଛନ୍ତି। ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଜଣେ ଭଲ କଣ୍ଠଶିଳ୍ପୀ ଭାବେ ଯୁବବର୍ଗ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି । ଯାଜପୁରର ଅତିରିକ୍ତ ଜିଲାପାଳ ମିହିର କୁମାର ମହାନ୍ତି, କଳିଙ୍ଗନଗରର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ତହସିଲଦାର ମିହିର କୁମାର ମେହେର, ଯାଜପୁର ବ୍ଲକ ଉନ୍ନୟନ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ ସେଠୀ, ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ବିଷ୍ଣୁଚରଣ ସୂତାରଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ସେମାନଙ୍କ ଦାୟିତ୍ୱ ସୂଚରୁ ରୂପେ ତୁଲାଇ ପ୍ରଶାସନିକ ଦକ୍ଷତା ସୃଷ୍ଟି କରିପାରିଛନ୍ତି । ଏହି ଅବସରରେ ଯାଜପୁର ଜିଲା ସଂସ୍କୃତି, ଐତିହ୍ୟ, କୃଷି ଓ କୃଷକ, ନାରୀ ସଶକ୍ତୀକରଣ ବିଷୟ ଉପରେ ଆଲୋଚନାଚକ୍ର ହୋଇ ଯାଜପୁରର ଐତିହ୍ୟ ସଂସ୍କୃତି ଉପରେ ଲୋକଲୋଚନକୁ ଅଣାଯିବା ସହ ନାରୀ ଓ ଚାଷୀଙ୍କ ବିଭିନ୍ନ ସମସ୍ୟାକୁ ଜିଲା ପ୍ରଶାସନ ସମାଧାନ କରିବାରେ ପ୍ରୟାସ କରିଛନ୍ତି । ଜିଲାରେ ଲୁକ୍କାୟିତ ପ୍ରତିଭାମାନେ ସେମାନଙ୍କ ପ୍ରତିଭାର ବିକାଶ କରିବାକୁ ମହୋତ୍ସବରେ ସୁଯୋଗ ପାଇଛନ୍ତି । ଜିଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ଉତ୍ପାଦିତ ସାମଗ୍ରୀକୁ ବିକ୍ରୟ କରିବାର ଯଥେଷ୍ଟ ସୁଯୋଗ ପାଇ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଦୌଡ଼ରାଣୀ ଦୂତୀ ଚାନ୍ଦଙ୍କୁ ଯଯାତି ସମ୍ମାନରେ ଜିଲା ପ୍ରଶାସନ ସମ୍ମାନିତ କରି ସାରା ଭାରତବର୍ଷରେ ଜିଲାର ଗୌରବକୁ ଅକ୍ଷୁର୍ଣ୍ଣ ରଖିପାରିଛି। ୩ୟ ଦିନ ସନ୍ଧ୍ୟାରେ ଭାରତର ପ୍ରଖ୍ୟାତ କଣ୍ଠଶିଳ୍ପୀଙ୍କୁ ମହୋତ୍ସବକୁ ଅଣାଯାଇଥିଲା। ସେମାନଙ୍କ ସଙ୍ଗୀତକୁ ଜିଲା ତଥା ସହରବାସୀ ବେଶ୍ ଉପଭୋଗ କରିଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଜିଲା ପରିଷଦ ଅଧ୍ୟକ୍ଷ ନରେଶ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ସମସ୍ତ ଜନପ୍ରତିନିଧି, ଅଧିକାରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ପ୍ରମୁଖ ଯୋଗଦେଇଥିଲେ।

**ଜିଲା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା**



ବେନି ଦୟାଲ ସଙ୍ଗୀତ ପରିବେଷଣ କରୁଛନ୍ତି।

### 'ବଦ୍‌ତମିଜ୍ ଦିଲ୍' ଗୀତରେ ଝୁମାଇଲେ ବେନି ଦୟାଲ

୭ମ ଜିଲା ମହୋତ୍ସବ ବୁଧବାର ଶେଷ ହୋଇଛି। ଏହି ଦିନର ଶେଷ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ କଣ୍ଠଶିଳ୍ପୀ ବେନି ଦୟାଲ ଯୋଗ ଦେଇଥିଲେ। ବଦ୍‌ତମିଜ୍ ଗୀତ ରେ ଲୋକଙ୍କୁ ବେଶ୍ ନଚାଇଥିଲେ ବେନି। ଦର୍ଶକ ତାଙ୍କ ସଂଗୀତକୁ ବେଶ୍ ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା।


Bijay Mohanty
Actor

PLEDGE 'PLASTIC-FREE' ODISHA

#PlasticFreeOdisha
ଧରିତ୍ରୀ DHARITRI TEAM

# ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡ଼ିଛନ୍ତି ମାଳତୀ

**ନୟାଗଡ଼ ଅଫିସ,୨୧।୧୧**

- ଏନ୍ଏସି କାର୍ଯ୍ୟାଳୟକୁ ଦୌଡ଼ିଲେଣି ୭ ଥର
- ବିଧବାଭତ୍ତା ପାଲଟିଛି ସାତସପନ
- ପର ଘରୁ ମାଗି ଆଣିଲେ ଜଳୁଛି ଚୁଲି


ନିଜର ଆଧାରକାର୍ଡ ଦେଖାଉଛନ୍ତି ମାଳତୀ ବାଘ।

ସ୍ୱାମୀଙ୍କ ମୃତ୍ୟୁର ୬ ବର୍ଷ ବିତିଗଲାଣି, ସାନପୁଅର ୪ମାସ ତଳେ ମୃତ୍ୟୁଘଟିଛି, ବଡ଼ପୁଅ ଶଯ୍ୟାଶାୟୀ। ଏଭଳି ଦୁଃଖର ବୋଝ ବୋହି ଚାଲିଛନ୍ତି ମାଳତୀ ବାଘ (୫୮) ନାମ୍ନୀ ଜଣେ ମହିଳା। ଘର ନୟାଗଡ ସହର ଅନ୍ତର୍ଗତ ୨ ନମ୍ବର ୱାର୍ଡ଼ ଦିଆନକ ବନ୍ଧସାହିଠାରେ। ଏମିତି ଦୁର୍ବିଷହ ଜୀବନ ନେଇ ବଞ୍ଚିଥିବାବେଳେ ତାଙ୍କୁ ଏ ଯାଏ ମିଳିନି କୌଣସି ସରକାରୀ ସହାୟତା। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବ ଲୋକଙ୍କୁ ଚାଉଳ ପ୍ରଦାନ କରାଯାଉଥିବା ନେଇ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ମାଳତୀଙ୍କ ପାଇଁ ତାହା ଅପହଞ୍ଚ। ବିଧବା ଭତ୍ତା ପାଇଁ ବାରମ୍ବାର ଏନ୍ଏସି କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ ତାଙ୍କୁ ଅଣାଦେଖା କରାଯାଇଛି। କୌଣସି ଉପାନ୍ତ ଅଞ୍ଚଳ ନୁହେଁ, ଖୋଦ୍ ନୟାଗଡ଼ ସହରରେ ରହୁଥିବା ମାଳତୀଙ୍କ ଏପରି ଦୁର୍ଭାଗ୍ୟ।

ମାଳତୀ ବିଧବା ଭତ୍ତା ପାଇଁ ବାରମ୍ବାର ଏନ୍ଏସି କାର୍ଯ୍ୟାଳୟକୁ ଯାଉଥିଲେ ମଧ୍ୟ ସେଠାକାର କର୍ମଚାରୀମାନେ ତାଙ୍କୁ ଭଣ୍ଡାଇବାରେ ଲାଗିଛନ୍ତି । ଆଜି ଆସ କାଲି ଆସ କହି ଚାଲିବା ପରେ ଆଶା ହରାଇ ମାଳତୀ ଆଉ ଗଲେ ନାହିଁ । ପରେ ଖାଦ୍ୟ ସୁରକ୍ଷା ଯୋଜନାରେ ନିଜକୁ ସାମିଲ କରିବା ପାଇଁ ଗଲାବେଳକୁ କହିଲେ କରିଦେବେ । ହେଲେ ତୁମର ୨ଟି କୋଠାଘର ଅଛି ତୁମକୁ ଚାଉଳ ମିଳିବ ନାହିଁ ବୋଲି କହିଲେ। ମାଳତୀଙ୍କ କୋଠାଘର ପୁରୁଣା କାଳର । ରାଜ୍ୟ ସରକାର ୩ରୁ ଊର୍ଦ୍ଧ୍ୱ କୋଠାଘର ଥିବା ହିତାଧିକାରୀଙ୍କୁ ସାମିଲ କରୁଥିବା ବେଳେ ମାଳତୀଙ୍କୁ କିପରି ଭାବେ ଏନ୍ଏସିର କର୍ମଚାରୀମାନେ ଅଣଦେଖା କରିଦେଲେ ଏହାକୁ ନେଇ ପ୍ରଶ୍ନ ଉଠିଛି। ସ୍ୱାମୀଙ୍କ ମୃତ୍ୟୁ ପରେ ମାଳତୀ ଦୁଇ ପୁଅଙ୍କୁ ନେଇ ରହୁଥିଲେ । ବଡ଼ ପୁଅ ବାହାଘର ପରେ କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇ ଏବେ ସେ ଶଯ୍ୟାଶାୟୀ । ସେ ଶ୍ୱଶୁର ଘରେ ସ୍ତ୍ରୀଙ୍କ ସହ ରହୁଛନ୍ତି। ସାନ ପୁଅ ମା' ପାଖରେ ନୟାଗଡ଼ରେ ରହୁଥିଲେ। ୪ ମାସ ତଳେ ସାନ ପୁଅର ଆକସ୍ମିକ ମୃତ୍ୟୁ ଘଟିଛି। ପୁଅର ମୃତ୍ୟୁ ପରେ ମାଳତୀଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି। ଓଳିଏ ଖାଇବା ପାଇଁ ପର ଘରୁ ମାଗି ଆଣୁଛନ୍ତି। ବେଳେ ବେଳେ ଘର କୋଣରେ ବସି ନିଜ ଭାଗ୍ୟକୁ ଆଦରି ଗୁମୁରି ଗୁମୁରି କାନ୍ଦୁଛନ୍ତି। ରାଜ୍ୟ ସରକାର ଯୋଜନା ପରେ ଯୋଜନା କରି ଚାଲୁଥିଲେ ମଧ୍ୟ କିଛି କର୍ମଚାରୀଙ୍କ ଯୋଗୁ ଏହା ବାଟ ହୁଡ଼ିଥିବା ଜଣାପଡ଼ିଛି। ଥିଲା ବାଲା ବିଭିନ୍ନ ଯୋଜନା ହାତଉଥିଲା ବେଳେ ଯୋଗ୍ୟ ହିତାଧିକାରୀ କାହିଁକି ବଞ୍ଚିତ ହେଉଛନ୍ତି ଏହାର ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ନୟାଗଡ଼ ଏନ୍ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କୁ ପଚାରିବାରୁ ଏହାର ସମାଧାନ କରାଯିବ ବୋଲି କହିଥିଲେ।

# ଦଶପଲ୍ଲାରେ କଂଗ୍ରେସ କର୍ମୀ ସମ୍ମିଳନୀ

**ଦଶପଲ୍ଲା,୨୧।୧୧(ଡି.ଏନ.ଏ.)**

ସ୍ଥାନୀୟ ମେଳିଆ ତୋଟା ଠାରେ ଦଶପଲ୍ଲା ବ୍ଲକ ସ୍ତରୀୟ କଂଗ୍ରେସ କର୍ମି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ କର୍ମି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ନୟାଗଡ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ, କାର୍ଯ୍ୟକାରୀ ସଭାପତି ହୁସେନ୍ ଖାଁ, କମଳ ଚରଣ ସାହୁ ଓ କଂଗ୍ରେସ ସଂଗଠକ ବେଣୁଧର ନାୟକ, ଜିଲା ସେବାଦଳର ମୁଖ୍ୟ ସଂଯୋଜକ ଧୀରେନ୍ ଦାଶ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଉମାରାଣୀ ପାଣି ପ୍ରମୁଖ ଯୋଗଦେଇଥିଲେ। ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ନୂଆଗାଁ ଓ ଗଣିଆ ବ୍ଲକର ସମସ୍ତ ଜୋନ୍ ସଭାପତି, କର୍ମକର୍ତ୍ତା ଏବଂ ଦଶପଲ୍ଲା ବ୍ଲକର ବିଭିନ୍ନ ପଞ୍ଚାୟତର ପୂର୍ବତନ ସରପଞ୍ଚ ଏବଂ ସମିତିସଭ୍ୟ ଯୋଗଦେଇଥିଲେ।

## ଅନୁଗୋଳରେ ମଦମୃତ୍ୟୁ ଅଭିଯୋଗ

# କୁକୁଡ଼ା ଫାର୍ମର ୨ ମହିଳା କର୍ମଚାରୀ ମୃତ

**ଅନୁଗୋଳ ଅଫିସ/ବନ୍ତଲା,୨୧।୧୧:** ଅନୁଗୋଳ ଜିଲା ବନ୍ତଲା ଥାନା ଚନ୍ଦନପୁର ସାରୁଆଳି ଅଞ୍ଚଳରେ ବୁଧବାର ମଦମୃତ୍ୟୁ ଅଭିଯୋଗ ଆସିଛି। ଏକ କୁକୁଡ଼ା ଫାର୍ମରେ ଦିନ ମଜୁରିଆ ଭାବେ କାମ କରୁଥିବା ସୁନ୍ଦରଗଡ଼ର ବିମଳା ନାଇକ(୪୮) ଓ ବୁଧୁନି ନାଇକ(୪୦)ଙ୍କ ଅତ୍ୟଧିକ ମଦ୍ୟପାନ କିମ୍ବା ବିଷାକ୍ତ ମଦ ଯୋଗୁ ଜୀବନ ଯାଇଥିବା ସନ୍ଦେହ କରାଯାଉଛି। ସେଦିନ ରାତିରେ ଅନ୍ୟ ମହିଳା କର୍ମଚାରୀମାନେ ବିମଳା ଓ ବୁଧୁନିଙ୍କ ସହ ମିଶି ମଦ୍ୟପାନ କରିଥିଲେ । ସେମାନେ ଏବେ ସୁସ୍ଥ ଅଛନ୍ତି । ତେବେ କେଉଁ କାରଣରୁ ସମ୍ପୃକ୍ତ ୨ ମହିଳାଙ୍କ ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇନାହିଁ। ମୃତକଙ୍କ ସହଯୋଗୀ ବିଳାସ ମୁଣ୍ଡା ଓ ମଙ୍ଗଳ ମୁଣ୍ଡା କହିଛନ୍ତି, ବିମଳା ଓ ବୁଧୁନି ପୂର୍ବରୁ ମଦ୍ୟପାନ କରିଥିଲେ। ସାଙ୍ଗରେ ଆଉ ୩ ବୋତଲ ଆଣିଥିଲେ। ରାତିରେ ସେଥିରୁ ୨ ବୋତଲ ପିଇ ଶୋଇଥିଲେ। ସକାଳୁ ନ ଉଠିବାରୁ ଉଭୟଙ୍କୁ ଫାର୍ମ ମାଲିକ ଅରୁଣ ସିଂ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବିମଳା ଓ ବୁଧୁନି ଗୋଟିଏ ଜାଗାରୁ ମଦ ଆଣିଥିବା ବେଳେ ସହଯୋଗୀ କର୍ମଚାରୀମାନେ ସାରୁଆଳି ନିକଟ ଭାଟିରୁ ମଦ ଆଣି ପିଇଥିବା ବିଳାସ ଓ ମଙ୍ଗଳ କହିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ଡାକ୍ତରଖାନା ରିପୋର୍ଟକୁ ଭିତ୍ତିକରି ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ହରିହର ପାଣି କହିଛନ୍ତି। ଯଦି ମଦମୃତ୍ୟୁ ସମ୍ପର୍କରେ ଜଣାପଡ଼େ ତା'ହେଲେ ଏ ନେଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ଅନୁସୂଚିତ ଜାତି, ଜନଜାତି ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ପ୍ରସଙ୍ଗ

# ୨୪ରେ ରାଜଭବନ ଆଗରେ ବିଜେଡିର ରିଲେ ଅନଶନ

**ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)**

ରାଜ୍ୟରେ ପ୍ରାୟ ୨ଲକ୍ଷ ଅନୁସୂଚିତ ଜାତି, ଜନଜାତିର ଛାତ୍ରୀଛାତ୍ର ମାଟ୍ରିକ ଓ ଉଚ୍ଚତର ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଏହି ଛାତ୍ରୀଛାତ୍ରଙ୍କ ଶିକ୍ଷା ପାଇଁ ମେଧାବୃତ୍ତି ବ୍ୟବସ୍ଥା କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ହୋଇଆସୁଛି। ଏହି ବ୍ୟବସ୍ଥାରେ କେନ୍ଦ୍ର ୯୦ପ୍ରତିଶତ ଆର୍ଥିକ ବ୍ୟବସ୍ଥାରେ ସହଯୋଗ ରଖୁଥିଲାବେଳେ ରାଜ୍ୟ ସରକାର ୧୦ପ୍ରତିଶତ ଦେଉଥିଲେ। ୨୦୧୬-୧୭ ଆର୍ଥିକ ବର୍ଷରେ ଏହିକ୍ରମରେ କେନ୍ଦ୍ରର ଅଂଶ ୨୧୫.୮୦ କୋଟି ଟଙ୍କା ଥିବାବେଳେ ରାଜ୍ୟ ଅଂଶ ୨୨.୪୮ କୋଟି ଟଙ୍କା ଥିଲା। ହଠାତ୍ କେନ୍ଦ୍ର ସରକାର ଏହି ବ୍ୟବସ୍ଥାର ପରିବର୍ତ୍ତନ କରିଛନ୍ତି। ରାଜ୍ୟ ସରକାରଙ୍କ ଉପରେ କେନ୍ଦ୍ର ସରକାର ୮୦%ରୁ ଅଧିକ ଆର୍ଥିକ ବୋଝ ଲଦି ଦେଇଛନ୍ତି। ଏହା ସମଗ୍ର ଅନୁସୂଚିତ ଜାତି, ଜନଜାତି ଛାତ୍ରୀଛାତ୍ରଙ୍କ ପ୍ରତି ଚରମ ଅନ୍ୟାୟ ବୋଲି ବିଜେଡି ଅଭିଯୋଗ କରିଛି। କେନ୍ଦ୍ରର ଏଭଳି ନିଷ୍ପତ୍ତି ବିରୋଧରେ ଶାସକ ଦଳର ଅନୁସୂଚିତ ଜାତି, ଜନଜାତି ବିଧାୟକ ତଥା କାର୍ଯ୍ୟକର୍ତ୍ତାମାନେ ଆସନ୍ତା ୨୪ରେ ରାଜଭବନ ସମ୍ମୁଖୀନରେ ରିଲେ ଅନଶନରେ ବସିବେ ବୋଲି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ବିଜେଡି ମୁଖ୍ୟାଳୟରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଶଶିଭୂଷଣ କହିଛନ୍ତି, ମୁଖ୍ୟମନ୍ତ୍ରୀ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ପାଇଁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖିଥିଲେ। ଅନୁଦାନ କ୍ଷେତ୍ରରେ ପୁନର୍ବିଚାର କରିବା ସହ ପୂର୍ବପରି କେନ୍ଦ୍ର ୯୦% ଓ ରାଜ୍ୟ ୧୦% ଅର୍ଥ ବହନ କରିବା ଲାଗି ଅନୁରୋଧ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ସେ ନେଇ କେନ୍ଦ୍ର ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏପରି ବୈମାତୃକ ମନୋଭାବ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ପାଇଁ କେନ୍ଦ୍ରର ନିଷ୍ଠା ଓ ଆନ୍ତରିକତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶଶିଭୂଷଣ କହିଛନ୍ତି। ଏହା ବିରୋଧରେ ଆସନ୍ତା ୨୪ରେ ରାଜଭବନ ସମ୍ମୁଖରେ ସକାଳ ୮ଟାରୁ ୧୨ଘଣ୍ଟିଆ ରିଲେ ଅନଶନ ଅନୁଷ୍ଠିତ ହେବ ବୋଲି ଶଶିଭୂଷଣ ସୂଚନା ଦେଇଛନ୍ତି।

# ପୋଲରେ ପିଟିହେଲା ବାଇକ୍, ୨ ମୃତ

**ବଣାଇ, ୨୧।୧୧(ସ୍ୱ.ପ୍ର.):** ସୁନ୍ଦରଗଡ ଜିଲା ବଣାଇ ଉପଖଣ୍ଡର ଟିକାୟତପାଲି ଥାନା ଅନ୍ତର୍ଗତ ଭାଲୁପାଣିଠାରେ ବୁଧବାର ଦୁର୍ଘଟଣା ଘଟିଛି। ପୋଲରେ ଏକ ବାଇକ୍ ଭାରସାମ୍ୟ ହରାଇ ପିଟି ହେବା ଫଳରେ ୨ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏମାନେ ହେଲେ ଦହିଚୁର ଗାଁର ଡବ୍ଲ୍ୟୁ. ମୁଣ୍ଡା (୨୩) ଓ ବନ୍ଧାଭୂଇଁ ଗାଁର ରସାନନ୍ଦ ପାହୁଲେ (୨୨)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ଓଡ଼ିଆ ଭାଷାର ବିକାଶ ପାଇଁ ଆନ୍ତରିକତା ଅଭାବ

# ଚେୟାର ଖୋଲି ବସିପଡ଼ିଲେ ସରକାର

**ଭୁବନେଶ୍ୱର,୨୧।୧୧(ବ୍ୟୁରୋ)**

- ବିଏଚ୍ୟୁରେ କାର୍ଯ୍ୟକ୍ଷମ ହୋଇପାରୁନି
- ରାଜ୍ୟ ବିଶ୍ୱବିଦ୍ୟାଳୟରେ ନାହିଁ ଓଡ଼ିଆ ଚେୟାର

ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଏକାଧିକ ପଦକ୍ଷେପ ନେଉଛନ୍ତି ରାଜ୍ୟ ସରକାର। ଓଡ଼ିଆ ଭାଷାରେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହ ଦେଶର ବିଭିନ୍ନ ରାଜ୍ୟରେ ଓଡ଼ିଆ ଭାଷାରେ ଗବେଷଣା ଚେୟାର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଛି। ଏପରି କି, ଦୁଇ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା ହୋଇସାରିଥିବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବାରମ୍ବାର କୁହାଯାଉଛି। ମାତ୍ର ଏହାର ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟ(ବିଏଚ୍ୟୁ)ରେ ଗତବର୍ଷ ପ୍ରତିଷ୍ଠା ହୋଇଥିବା ଓଡ଼ିଆ ଭାଷା ସାହିତ୍ୟ ଚେୟାର ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନି।

ବିଏଚ୍ୟୁରେ ଚେୟାର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩ କୋଟି ୭୦ଲକ୍ଷ ଟଙ୍କା ଦିଆଯାଇସାରିଛି। ହେଲେ ସେଠାରେ ଓଡ଼ିଆ ଚେୟାର କାହିଁକି କାର୍ଯ୍ୟକାରୀ ହୋଇପାରୁନି, ତାହାକୁ ନେଇ ପ୍ରଶ୍ନ ଉଠିଛି। ଆନ୍ତରିକତା ଅଭାବରୁ ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଉଛି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ପ୍ରତିଷ୍ଠା ହୋଇଥିବା ଏହି ଭାଷା ଚେୟାର କେବେ କାର୍ଯ୍ୟକ୍ଷମ ହେବ, ତାହାର ଉତ୍ତର କାହା ପାଖରେ ନାହିଁ। ଚେୟାର ପ୍ରତିଷ୍ଠା କରିଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଚୁପ୍ ହୋଇ ବସିରହିଛି। ଇତିମଧ୍ୟରେ ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍ୟୁ)ରେ ଆଦିକବି ସାରଳା ଦାସଙ୍କ ନାମରେ ପ୍ରତିଷ୍ଠା ହୋଇଥିବା ଭାଷା ଚେୟାର କାର୍ଯ୍ୟକ୍ଷମ ହୋଇଛି। ୨୦୧୭ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଥିପାଇଁ ୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ସେଠାରେ ଜଣେ ପ୍ରଫେସର ଓ ସହକାରୀ ପ୍ରଫେସର ନିଯୁକ୍ତି ପାଇଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ହୋଇଥିବା ଭାଷା ଚେୟାର ଏହା ମଧ୍ୟରେ ବନ୍ଦ ହୋଇଗଲାଣି। ଏପରି କି, ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ଥିବା ଦୁଇଟି ଭାଷା ଚେୟାର ବନ୍ଦ ହୋଇପଡ଼ିଛି। ଏ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସ୍ନାତକୋତ୍ତର ବିଭାଗ ଥିବାରୁ ସେଠାରେ ଚେୟାର ପ୍ରତିଷ୍ଠା ହେବାର ଆବଶ୍ୟକତା ନାହିଁ। ବିଏଚ୍ୟୁରେ ଓଡ଼ିଆ ଚେୟାର କାର୍ଯ୍ୟକ୍ଷମ ହେବାକୁ ଟିକେ ସମୟ ଲାଗିବ। ନିକଟରେ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଥିଲା। ତେଣୁ ସେମାନେ ଏ ସମ୍ପର୍କିତ ବିଜ୍ଞାପନ କରିପାରି ନ ଥିଲେ। ଖୁବ୍‌ଶୀଘ୍ର ବିଜ୍ଞାପନ ବାହାର କରି ଚେୟାର କାର୍ଯ୍ୟକ୍ଷମ କରିବେ ବୋଲି ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଆମକୁ କହିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଗୁଜରାଟ ଏବଂ ଆନ୍ଧ୍ରପ୍ରଦେଶର ଗୋଟିଏ ଲେଖାଏ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା ହେବ। ଏ ନେଇ ଓଡ଼ିଶା ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯାଇଛି। ଗୁଜରାଟର ଗାନ୍ଧୀନଗର ଏବଂ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଯଥାକ୍ରମେ କୁନ୍ତଳା କୁମାରୀ ସାବତ ଓ ଭକ୍ତକବି ମଧୁସୂଦନ ରାଓଙ୍କ ନାମରେ ଭାଷା ଚେୟାର ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି। ତାହା ଏବେ ସୁଦ୍ଧା ବିଚାରାଧୀନ ରହିଛି।

# ମଦ ଜବତ, ୪ ଗିରଫ

**ଦଶପଲ୍ଲା,୨୧।୧୧ (ଡି.ଏନ.ଏ.)**

ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ଦଶପଲ୍ଲାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୨୨ଲିଟର ମଦ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଥିବା ଜଣାପଡିଛି। ବୁଧବାର ସକାଳେ ଅବକାରୀ ବିଭାଗ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ସ୍ଥାନୀୟ କୁଟୀବାରି ଗ୍ରାମର ଉର୍ମିଳା ଜାନୀ(୪୦)ଙ୍କ ଠାରୁ ୨ଲିଟର ଦେଶୀ ମଦ ଜବତ କରିଥିବା ବେଳେ ସେହି ଗ୍ରାମର କ୍ଷେତ୍ରବାସୀ କହଁର(୫୫)ଙ୍କ ଠାରୁ ୭ଲିଟର ମଦ ଜବତ କରିଥିଲେ। ବାଣିଗୋଛା ଥାନା ଗୁରାହା ଗ୍ରାମର ସନ୍ତୋଷ ବେହେରା(୨୨)ଙ୍କ ଠାରୁ ୬ଲିଟର ଓ ପବିତ୍ର ବେହେରା(୫୨)ଙ୍କ ଠାରୁ ୭ଲିଟର ଦେଶୀ ମଦ ଜବତ କରାଯାଇଛି। ଅନ୍ୟପକ୍ଷେ ଅବକାରୀ କର୍ମଚାରୀମାନେ କୁଲୁରୁକୁମ୍ପା ନିକଟସ୍ଥ ଏକ ଜଙ୍ଗଲରେ ବେଆଇନ ମଦ ରନ୍ଧା ଯାଉଥିବା ଖବର ପାଇ ଚଢାଉ କରିଥିଲେ ମଧ୍ୟ ଏଥିରେ କେହି ଗିରଫ ହୋଇନଥିବା ବେଳେ ୨ଶହ ୪୦ ଲିଟର ପୋଚ ଜବତ କରି ଏହାକୁ ନଷ୍ଟ କରାଯାଇଥିବା ଅବକାରୀ ବିଭାଗ ଏସ୍‌ଆଇ ସତ୍ୟନାରାୟଣ ଦାଶ ପ୍ରକାଶ କରିଛନ୍ତି।

# ଚବିଶ ପ୍ରହର ନାମଯଜ୍ଞ

**ଦଶପଲ୍ଲା,୨୧।୧୧(ଡି.ଏନ.ଏ.)**

ଦଶପଲ୍ଲା ପାଟପୁର ପାଟଣାସ୍ଥିତ ଶ୍ରୀଶ୍ରୀ ରାଧାମୋହନ ଜୀଉଙ୍କ ମନ୍ଦିର ପରିସରରେ ୨୪ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ୪ଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ନାମଯଜ୍ଞ ,ଘୃତଯଜ୍ଞ,ଗୀତାପାଠ ପ୍ରଭୃତି ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଦିବସରେ ନଗର ଭ୍ରମଣ ଏବଂ ଦହିଖେଳ ଆୟୋଜିତ ହୋଇଥିଲା । ଏଥିରେ ବହୁ ସାଧୁସନ୍ଥ ଏବଂ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପାଟପୁର ପାଟଣା ଗ୍ରାମବାସୀ ପରିଚାଳନା କରିଥିଲେ ।

**ଖୋର୍ଦ୍ଧା ରୋଡ଼ ମଣ୍ଡଳର ବ୍ରହ୍ମପୁର ନିକଟସ୍ଥ ଜଗନ୍ନାଥପୁର ଠାରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଦୃଷ୍ଟିରୁ ଟ୍ରେନ ଚଳାଚଳ ବାତିଲ୍/ଆଂଶିକ ବାତିଲ୍ କରାଯିବ**

ଟ୍ରେନ୍ ସେବା ବାତିଲ୍

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ଷ୍ଟେସନ ଠାରୁ | ଛାଡିବା ତାରିଖ |
|---|---|---|---|
| 58419 | ଭୁବନେଶ୍ୱର-ପଲାସା ପାସେଞ୍ଜର | ଭୁବନେଶ୍ୱର | 22.11.2018 ଠାରୁ 25.11.2018 |
| 58420 | ପଲାସା-ଭୁବନେଶ୍ୱର ପାସେଞ୍ଜର | ପଲାସା | |

ତା.22.11.2018 ରୁ 25.11.2018 ରିଖ ପର୍ଯ୍ୟନ୍ତ ଟ୍ରେନ୍ ସେବା ଆଂଶିକ ବାତିଲ୍

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ଷ୍ଟେସନ ଠାରୁ | ଷ୍ଟେସନ ମଧ୍ୟରେ ବାତିଲ୍ |
|---|---|---|---|
| 58418 | ଗୁଣୁପୁର- ପୁରୀ ପାସେଞ୍ଜର | ଗୁଣୁପୁର | ପୁରୀ-ବ୍ରହ୍ମପୁର ମଧ୍ୟରେ ଉଭୟ ଦିଗରୁ ବାତିଲ୍ ହେବ |
| 58417 | ପୁରୀ-ଗୁଣୁପୁର ପାସେଞ୍ଜର | ପୁରୀ | |
| 58411 | ଭୁବନେଶ୍ୱର-ବ୍ରହ୍ମପୁର ପାସେଞ୍ଜର | ଭୁବନେଶ୍ୱର | ଖଲ୍ଲିକୋଟ-ବ୍ରହ୍ମପୁର ମଧ୍ୟରେ ଉଭୟ ଦିଗରୁ ବାତିଲ୍ ହେବ |
| 58412 | ବ୍ରହ୍ମପୁର-ଭୁବନେଶ୍ୱର ପାସେଞ୍ଜର | ବ୍ରହ୍ମପୁର | |


ପୂର୍ବ ତଟ ରେଳପଥ
PR-390/J/18-19

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍
ଭାରତ ସରକାର
ପିଏନ୍‌ଜିଆର୍‌ବି


"...ପ୍ରାକୃତିକ ଗ୍ୟାସ୍ ପରବର୍ତ୍ତୀ ପିଢ଼ିର ଜୀବାସ୍ମ ଇନ୍ଧନ। ଏହା ସସ୍ତା ଏବଂ କମ୍ ପ୍ରଦୂଷଣକାରୀ । ଆମେ ଗ୍ୟାସ୍ ଆଧାରିତ ଅର୍ଥନୀତି ଆଡ଼କୁ ଅଗ୍ରସର ହେବାକୁ ପ୍ରାଥମିକତା ଦେଉଛୁ..."

ସ୍ୱଚ୍ଛ ଇନ୍ଧନ
ଅଭିମୁଖେ ଭାରତର ପ୍ରତିବଦ୍ଧତାରେ ଏକ ଐତିହାସିକ ମୁହୂର୍ତ୍ତ
ଭିତ୍ତି ପ୍ରସ୍ତର ସ୍ଥାପନ
ସହରି ଗ୍ୟାସ୍ ବିତରଣ ପ୍ରକଳ୍ପ (ସିଜିଡି)
ନବମ ସହରି ଗ୍ୟାସ୍ ବିତରଣ ନିଲାମ-ପ୍ରକ୍ରିୟା ପର୍ଯ୍ୟାୟ ଅଧୀନରେ ୬୫ଟି ଭୌଗୋଳିକ କ୍ଷେତ୍ର ଅନ୍ତର୍ଗତ ୧୨୯ ଟି ଜିଲାରେ
ଏବଂ
ଶୁଭାରମ୍ଭ
ଦଶମ ସିଜିଡି ନିଲାମ-ପ୍ରକ୍ରିୟା ପର୍ଯ୍ୟାୟ
୫୦ଟି ଭୌଗୋଳିକ କ୍ଷେତ୍ର ଅନ୍ତର୍ଗତ ୧୨୪ଟି ଜିଲା ନିମନ୍ତେ

ସିଏନ୍‌ଜିର ସୁବିଧା
- ଶସ୍ତା ଇନ୍ଧନ
- ପରିବେଶ ଅନୁକୂଳ ଏବଂ ସ୍ୱଚ୍ଛ ଇନ୍ଧନ
- ଧୂଆଁ ହୀନ ଏବଂ ବାସ୍ତବରେ ଆଦୌ ଅଙ୍ଗାର ନିଷ୍ପତ୍ତ
- କମ୍ ଅଙ୍ଗାର ଉପାଦାନ, ବାହନ ରକ୍ଷଣାବେକ୍ଷଣ ବାବଦରେ କମ୍ ଖର୍ଚ୍ଚ

ପିଏନ୍‌ଜିର ସୁବିଧା
- ସମ୍ପୂର୍ଣ୍ଣ ସୁରକ୍ଷିତ
- ଅତ୍ୟନ୍ତ ସୁବିଧାଜନକ
- ସ୍ୱଚ୍ଛ ପରିବେଶ
- ନିରବଚ୍ଛିନ୍ନ ଯୋଗାଣ
- ବ୍ୟବହାର ପରେ ଭୁଗତାନ




ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀଙ୍କ
କରକମଳରେ
ଗରିମାମୟ ଉପସ୍ଥିତି
ଡ. ହର୍ଷ ବର୍ଦ୍ଧନ
କେନ୍ଦ୍ରମନ୍ତ୍ରୀ
ବିଜ୍ଞାନ ଓ ଶିଳ୍ପ ବିଜ୍ଞାନ, ଭୂବିଜ୍ଞାନ ଏବଂ ପର୍ଯ୍ୟାବରଣ ବନ ଓ ଜଳବାୟୁ ପରିବର୍ତ୍ତନ
ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ରମନ୍ତ୍ରୀ
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ତଥା ଦକ୍ଷତା ବିକାଶ ଓ ଉଦ୍ୟମିତା

ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଏବଂ ନବମ ସହରି ଗ୍ୟାସ୍ ବିତରଣ ନିଲାମ-ପ୍ରକ୍ରିୟା ପର୍ଯ୍ୟାୟର ପ୍ରତିବଦ୍ଧ କାର୍ଯ୍ୟ ପାଇଁ ଓଡ଼ିଶାରେ କାର୍ଯ୍ୟକ୍ରମ

| ଭୌଗୋଳିକ କ୍ଷେତ୍ରର ନାମ | ସ୍ୱୀକୃତିପ୍ରାପ୍ତ ସଂସ୍ଥାର ନାମ | ପିଏନ୍‌ଜି ସଂଯୋଗ (ଆନୁମାନିକ) | ସିଏନ୍‌ଜି ଷ୍ଟେସନ | ଇସ୍ପାତ ପାଇପଲାଇନ (ଇଞ୍ଚ-କିମି) |
|---|---|---|---|---|
| ଅନୁଗୋଳ ଏବଂ ଢେଙ୍କାନାଳ ଜିଲା | ଭାରତ ଗ୍ୟାସ୍ ରିସୋର୍ସ ଲିମିଟେଡ | ୨୨,୬୦୦ | ୨୧ | ୧,୪୬୪ |
| ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲା | ଗେଲ୍ ଗ୍ୟାସ୍ ଲିମିଟେଡ୍ | ୧,୦୦,୦୦୦ | ୨୦ | ୫୦୦ |
| ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ଜିଲା | ଆଦାନି ଗ୍ୟାସ୍ ଲିମିଟେଡ୍ | ୧,୫୦,୪୦୦ | ୨୦ | ୫୦୬ |
| ବରଗଡ଼, ଦେବଗଡ଼ ଏବଂ ସମ୍ବଲପୁର ଜିଲା | ଭାରତ ଗ୍ୟାସ୍ ରିସୋର୍ସ ଲିମିଟେଡ୍ | ୧୩,୯୧୦ | ୧୧ | ୬୫୦ |
| ଗଞ୍ଜାମ, ନୟାଗଡ଼ ଏବଂ ପୁରୀ ଜିଲା | ଗେଲ୍ ଗ୍ୟାସ୍ ଲିମିଟେଡ୍ | ୫୧,୦୦୦ | ୧୫ | ୬୫୦ |
| ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲା | ଭାରତ ଗ୍ୟାସ ରିସୋର୍ସ ଲିମିଟେଡ୍ | ୧୨,୫୫୦ | ୧୦ | ୭୯୧ |
| ଯାଜପୁର ଏବଂ କେନ୍ଦୁଝର ଜିଲା | ଭାରତ ଗ୍ୟାସ୍ ରିସୋର୍ସ ଲିମିଟେଡ୍ | ୧୮,୨୦୦ | ୧୯ | ୨,୪୪୨ |

୨୨ ନଭେମ୍ବର ୨୦୧୮, ଅପରାହ୍ଣ ୪.୦୦ ଘଣ୍ଟା
ବିଜ୍ଞାନ ଭବନ, ନୂଆଦିଲ୍ଲୀ



## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ ଉଦ୍ୟମ, ଜଣେ ଗିରଫ

**ଆସିକା,୨୧।୧୧(ଡି.ଏନ୍.ଏ.)**– ଆସିକା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଟଣାଓଟରା କରାଯିବା ସହ ଅସଦାଚରଣ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କାହ୍ନା ନାଇକ। ତାଙ୍କ ବିରୋଧରେ ଅଭିଯୋଗ ଆସିବା ପରେ ଆସିକା ଥାନାରେ ନଂ.୩୬୮/୧୮ରେ ମାମଲା ରୁଜୁ କରାଯାଇଥିଲା। ଅପରାହ୍ନରେ କାହ୍ନାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା କହିଛନ୍ତି।

### ଅଷ୍ଟପ୍ରହର ନାମଯଜ୍ଞ

**କ.ନୂଆଗାଁ,୨୧।୧୧(ଡି.ଏନ୍.ଏ.)**- କ.ନୂଆଗାଁ ବ୍ଲକର ପୁରୁଣା ନୂଆଗାଁ ପାତ୍ର ସାହିରେ ପଞ୍ଚୁକ ଅବସରରେ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଙ୍ଗଳବାର କଳସ ଯାତ୍ରା ପୂର୍ବକ ଘୃତ ଯଜ୍ଞ କରାଯାଇ ନାମଯଜ୍ଞ ହୋଇଥିଲା। ବୁଧବାର ପୂର୍ଣ୍ଣାହୁତି ଅବସରରେ ଧର୍ମ ସଭାରେ ପ୍ରବଚକ ପ୍ରଦୀପ ଶାସ୍ତ୍ରୀ ଯୋଗଦେଇ ନାମଯଜ୍ଞର ମାହାତ୍ମ୍ୟ ଉପରେ ଉପଦେଶ ଦେଇଥିଲେ। ଅଞ୍ଚଳର ବିଭିନ୍ନ ଗ୍ରାମରୁ ୨୪ଟି ନାମ ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ଯଜ୍ଞ କମିଟି ସଭାପତି ରବୀନ୍ଦ୍ର କୁମାର ଶତପଥୀ, ଆବାହକ ସୁକାନ୍ତ କୁମାର ପାତ୍ର, କର୍ତ୍ତା ବିକ୍ରମ ବିଶି ମାଝୀ, ଫକୀର ମୋହନ ଦାସ, ମାଧବ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ନ ଯଜ୍ଞରେ ଅଞ୍ଚଳର ବହୁ ଲୋକ ଅଂଶ ଗ୍ରହଣ କରିଥିଲେ।

### ଖେମୁଣ୍ଡି କଲେଜରେ ରକ୍ତଦାନ ଶିବିର

**ଦିଗପହଣ୍ଡି,୨୧।୧୧(ଡି.ଏନ.ଏ.)**- ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ଜାତୀୟ ସେବା ଶିବିର ୟୁନିଟ ପକ୍ଷରୁ ମଙ୍ଗଳବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ମୁରଲୀଧର ପ୍ରଧାନ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁର ରକ୍ତ ଭଣ୍ଡାର ଡ଼ା. ରଶ୍ମିତା ପାଣିଗ୍ରାହୀ, କର୍ମଚାରୀ ସୁଶାନ୍ତ କୁମାର ପାଣିଗ୍ରାହୀ, ହରିକୃଷ୍ଣ ସାହୁ, ନନ୍ଦ ଗୋପାଳ ରାଓ, ଡମ୍ବରୁ ବାହାଦୁର କାର୍ଗୀ ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟରେ ସହାୟତା କରିଥିଲେ। ଖେମୁଣ୍ଡି ସ୍ୱେଚ୍ଛାକୃତ ରକ୍ତଦାତା ସଂଘ ସମ୍ପାଦକ ହର ପ୍ରସାଦ ରଥ, ଅଧାପିକା ସିଏଚ୍ ଶାନ୍ତା କୁମାରୀ, ପ୍ରଣତି ପାତ୍ର, ଡ. ହରପ୍ରିୟା ପଟ୍ଟନାୟକ, ପ୍ରତିଭା ମିଶ୍ର, ଅଧାପକ ଗୌରାଙ୍ଗ ପଣ୍ଡା, ଦୁର୍ଯ୍ୟୋଧନ ପ୍ରଧାନ, ତ୍ରିଲୋଚନ ରଇତ, ଭବାନୀ ପାଣିଗ୍ରାହୀ, ବାଲାଜୀ ପଣ୍ଡା, ସତ୍ୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହାୟତା କରିଥିଲେ।

### ଗଞ୍ଜେଇ ଗଛ ନଷ୍ଟ

**ଆର.ଉଦୟଗିରି,୨୧।୧୧(ଡି.ଏନ.ଏ.)**- ଆର.ଉଦୟଗିରି ଥାନା ନୂଆଗଡ଼ ବ୍ଲକର ଅନୁଗୁରୁ ଗ୍ରାମପଞ୍ଚାୟତ ତାଣ୍ଡରାଙ୍ଗ ଗ୍ରାମରେ ମଙ୍ଗଳବାର ଓ ସୁନ୍ଦରାଡାଙ୍ଗ ଗ୍ରାମରେ ବୁଧବାର ଅବକାରୀ, ପୋଲିସ, ବନ ବିଭାଗ ଓ ରାଜସ୍ୱ ବିଭାଗ ମିଳିତ ଭାବେ ଚଢ଼ାଉ କରି ବିପୁଳ ପରିମାଣର ଗଞ୍ଜେଇ ଗଛ ନଷ୍ଟ କରିଛି। ତାଣ୍ଡରାଙ୍ଗ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚାଷ କରାଯାଇଥିବା ପ୍ରାୟ ୭୪ ହଜାର ଗଞ୍ଜେଇ ଗଛ କାଟି ପୋଡ଼ି ଦିଆଯାଇଥିଲା। ସେହିପରି ବୁଧବାର ସୁନ୍ଦରାଡାଙ୍ଗ ଗ୍ରାମରେ ଚଢ଼ାଉ କରି ୭୨ ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଚଢ଼ାଉରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ନୂଆଗଡ଼ ତହସିଲଦାର ପ୍ରଫୁଲ୍ଲ କୁମାର କୁଡୁମୁ, ଅବକାରୀ ସୁପରିଟେଣ୍ଡେଣ୍ଟ ପ୍ରଦୀପ କୁମାର ପାଣିଗ୍ରାହୀ, ଏସ୍‌ଡିପିଓ ଅନିଲ କୁମାର ପ୍ରଧାନ, ଇନ୍ସପେକ୍ଟର ପଦ୍ମଚରଣ ସାହୁ, ବ୍ରହ୍ମପୁର ଇଆଇଏଣ୍ଡଇଭିର ଆଇଆଇସି ଧିରେନ୍ଦ୍ର ବେହେରା, ଅବକାରୀ ଓଆଇସି ରବୀନ୍ଦ୍ର ପ୍ରଧାନ, ଏସ୍‌ଆଇ ଚିତ୍ତରଞ୍ଜନ ଜେନା ଉପସ୍ଥିତ ଥିଲେ। ଗଜପତି ଏସ୍‌ପି ଅନିଲ କୁମାର ଦାସ୍‌ଙ୍କ ନିର୍ଦ୍ଦେଶରେ ଚଢ଼ାଉ ହୋଇଥିଲା।

### ମିନିବସ୍ ଚୋରି, ଥାନାରେ ଏତଲା

**ଦିଗପହଣ୍ଡି,୨୧।୧୧(ଡି.ଏନ.ଏ.)**- ଦିଗପହଣ୍ଡି ନୂଆ ବସଷ୍ଟାଣ୍ଡ ସମ୍ମୁଖ ମୁଖ୍ୟରାସ୍ତା କଡ଼ରୁ ମଙ୍ଗଳବାର ରାତିରେ ଏକ ୪୦୭ ସିଟି ରାଇଡ୍ ଯାତ୍ରିବାହୀ ମିନିବସ୍ (ନଂ.ଓଆର୦୭ଜେ-୩୩୩୮) ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ମିନିବସ ମାଲିକ ପ୍ରଦିପ କୁମାର ସେନାପତି ବୁଧବାର ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ତାଙ୍କର ଅନ୍ୟ ଏକ ମିନିବସକୁ ମଧ ଦୁର୍ବୃତ୍ତ ଭଙ୍ଗାରୁଜା କରିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଖେମୁଣ୍ଡି ମିନିବସ ମାଲିକ ସଂଘ ସଭାପତି ଅଳକ ନାଥ ମିଶ୍ର ଦାବି କରିଛନ୍ତି।

■ ଭୁଲ୍ ଚିକିତ୍ସାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

# ଡାକ୍ତରଖାନାରେ ଉତ୍ତେଜନା

**ତୁମୁଡିବନ୍ଧ,୨୧।୧୧ (ଡି.ଏନ୍.ଏ.)**

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକର ଜଣେ ମହିଳାଙ୍କୁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭୁଲ ଇଞ୍ଜେକ୍‌ସନ ଦେବା ଯୋଗୁ ତାଙ୍କର ସୋମବାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏନେଇ ବୁଧବାର ମେଡିକାଲ ପରିସରରେ ଉତ୍ତେଜନା ଦେଖା ଦେଇଥିଲା। ବହୁଲୋକ ମେଡିକାଲରେ ପହଞ୍ଚି ହୋହଲ୍ଲା କରିବାରୁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରୋଗୀ ସେବା ଠପ୍ ହୋଇଯାଇଛି। ଖବର ପାଇ ତୁମୁଡିବନ୍ଧ ତହସିଲଦାର ଚନ୍ଦ୍ରହାସ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟଦେବ ଦାସ, ତୁମୁଡିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ବାବାଶଙ୍କର ସରାଫ, ସରପଞ୍ଚ ମୟନ୍ତୀ ପାଟ୍ଟମାଝୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଜନସାଧାରଣଙ୍କୁ ବୁଝାଶୁଝା କରିଥିଲେ। ବାଲିଗୁଡା ଏସ୍‌ଡିଏମ୍‌ଓ ମେଡିକାଲରେ



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗ୍ରାମବାସୀଙ୍କ ବିକ୍ଷୋଭ।

ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଘଟଣାର ତଦନ୍ତ କରି ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡିଥିଲା।

ଅଭିଯୋଗ ଅନୁଯାୟୀ, ଗତ ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ବୁଡାପଡା ଗ୍ରାମର ବୈଜୟନ୍ତୀ ବାରିକ(୫୫) ଅସୁସ୍ଥତା ଯୋଗୁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚାଲିଚାଲି ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ପରୀକ୍ଷା କରି ଏକ ଇଞ୍ଜେକ୍‌ସନ ନେବାକୁ ପ୍ରେସ୍‌କ୍ରିପ୍‌ସନ୍ ଲେଖିଥିଲେ। ମାତ୍ର ଇଞ୍ଜେକ୍‌ସନ ନେବାର କିଛି ସମୟ ପରେ ମହିଳା ଜଣକ ଅଚେତ୍ ହୋଇ ଯାଇଥିଲେ। ସମ୍ପୃକ୍ତ ଡାକ୍ତର ତାଙ୍କ ପରିବାରଲୋକଙ୍କୁ ନ ଜଣାଇ ସାଲାଇନ ଲଗାଇ ଆମ୍ବୁଲାନ୍ସ ଡାକି ବାଲିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ବାଲିଗୁଡା ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସେଠାରେ ବୈଜୟନ୍ତୀଙ୍କୁ ମୃତ ଘୋଷଣା କରିବା ସହ ବ୍ୟବଚ୍ଛେଦ ପାଇଁ କହିଥିଲେ। ମାତ୍ର ପରିବାର ଲୋକେ ମୃତଦେହ ବ୍ୟବଚ୍ଛେଦ ପାଇଁ ନ ଦେଇ ଆଣି ସଂସ୍କାର କରିଦେଇଥିଲେ। ଏନେଇ ପରିବାର ପକ୍ଷରୁ ତୁମୁଡିବନ୍ଧ ଥାନାରେ ଏତଲା ଦିଆଯାଇଛି। ଏହି ଘଟଣାକୁ ନିନ୍ଦାକରି ବୁଧବାର ତୁମୁଡିବନ୍ଧର ସମସ୍ତ ଦୋକାନବଜାର ବନ୍ଦ ରହିଥିଲା। ସ୍ଥାନୀୟ ଲୋକେ ୩ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଗୋଷ୍ଠିଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ବନ୍ଦକୁ ତୁମୁଡିବନ୍ଧ ଜନସାଧାରଣ, ଜଗନ୍ନାଥ ବଣିକସଂଘ, ଗଣେଶ ବଜାର ବଣିକ ସଂଘ ସମର୍ଥନ ଜଣାଇଥିଲେ।

■ ବଟେଶ୍ୱର ବାଲିଯାତ୍ରା ଆଉ ୨ ଦିନ

## ଲୋକଚେତନା ସାଂସ୍କୃତିକ ମଞ୍ଚ ପକ୍ଷରୁ ପୀଠ ସଫେଇ



ବଟେଶ୍ୱର ପୀଠ ସଫେଇ।

**ଗଞ୍ଜାମ,୨୧।୧୧(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ କଣ୍ଟିଆଗଡ଼ ଗ୍ରାମସ୍ଥିତ ବାବା ବଟେଶ୍ୱର ଶୈବପୀଠରେ ଆଉ ୨ ଦିନ ପରେ ବାଲିଯାତ୍ରା ଅନୁଷ୍ଠିତ ହେବ। ପୀଠ ଚତୁଃପାର୍ଶ୍ୱରେ ଅଳିଆ ଆବର୍ଜନା ପଡ଼ି ରହିଥିବାରୁ ନୀଳାଦ୍ରିପୁର ଲୋକ ଚେତନା ସାଂସ୍କୃତିକ ମଞ୍ଚ ପକ୍ଷରୁ ବୁଧବାର ସଫେଇ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ଦିଲୀପ ଛଟରାଏଙ୍କ ତତ୍ତ୍ୱାବଧାନରେ ମଞ୍ଚର ପ୍ରାୟ ୬୦ରୁ ୭୦ ଯୁବକ ସଫେଇରେ ସାମିଲ ଥିଲେ। ଏଥିରେ ଧର୍ମରାଜ ସ୍ୱାଇଁ, ତ୍ରିଲୋଚନ ପ୍ରଧାନ, ବସନ୍ତ ସ୍ୱାଇଁ, ସୁଜିତ ବେହେରା, ମିଥୁନ ସ୍ୱାଇଁ, ଗଣେଶ ପ୍ରଧାନ, ସୁନୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ତଃ କଲେଜ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଦିଗପହଣ୍ଡି/ପାଟପୁର, ୨୧।୧୧ (ଡି.ଏନ.ଏ.)**

ଗଞ୍ଜାମ ଜିଲା ପାଟପୁର ଗ୍ରାମସ୍ଥିତ ବିଶ୍ୱାସରାୟ ବିଜ୍ଞାନ କଲେଜରେ ମଙ୍ଗଳବାର ଆନ୍ତଃ କଲେଜ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ଡ଼. ପ୍ରଦୀପ କୁମାର ବ୍ରହ୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଧରାକୋଟ କଲେଜ ପ୍ରତିପକ୍ଷ ଆଠଗଡ଼ପାଟଣା କଲେଜ ଓ ଦ୍ୱିତୀୟ ମ୍ୟାଚରେ ମୁଣ୍ଡମରାଇ କଲେଜ ବର୍ତ୍ତନୀ ଗ୍ରାମ କଲେଜକୁ ପରାଜିତ କରିଛି। ପ୍ରମୋଦ କୁମାର ପଣ୍ଡା, ଦ୍ୱାରିକା ନାଥ ତ୍ରିପାଠୀ ଓ ଅରୁଣ ଖୁଣ୍ଟିଆ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ପାଟପୁର କଲେଜ



ମୁଖ୍ୟଅତିଥିଙ୍କ ଦ୍ୱାରା ଉଦ୍‌ଘାଟନୀ ମ୍ୟାଚ ଶୁଭାରମ୍ଭ।

କ୍ରୀଡ଼ା ଶିକ୍ଷକ ଲକ୍ଷ୍ମଣ କୁମାର ସାହୁଙ୍କ ସମେତ ଅଧାପକ ଅମୀୟ କୁମାର ପାଢ଼ୀ, ବିଜୟ ଚନ୍ଦ୍ର ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୪ଟି କଲେଜର କ୍ରିକେଟ ଟିମ୍ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି।

## ଚାନ୍ଦପୁରରେ ସ୍ୱାସ୍ଥ୍ୟ ଶିବିର

**କନିଷି,୨୧।୧୧(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ଚାନ୍ଦପୁର ଗ୍ରାମ ପଞ୍ଚାୟତ ଅଫିସଠାରେ ସ୍ୱାସ୍ଥ୍ୟ ଅନୁସନ୍ଧାନ କେନ୍ଦ୍ରର ଡାକ୍ତର ପ୍ରଭୁ ଦାସଙ୍କ ତତ୍ତ୍ୱାବଧାନରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବ୍ରହ୍ମପୁରସ୍ଥିତ ବିଜୁ ପଟ୍ଟନାୟକ ହୋମିଓପ୍ୟାଥିକ୍ କଲେଜ ଅଧକ୍ଷ ଡ. ରବୀନ୍ଦ୍ର ନାଥ ମିଶ୍ର, ଡା. ପ୍ରଶାନ୍ତ କୁମାର ପତି, ଡା. ଗୀତାଞ୍ଜଳି ପଟ୍ଟନାୟକ, ଡା. ଅଶ୍ୱିନୀ କୁମାର ମହାନ୍ତି, ଡା. ପ୍ରଶାନ୍ତ କୁମାର ପଣ୍ଡା, ଡା. ଶ୍ୟାମ ସୁନ୍ଦର ମହାରଣା, ଡା. ନିବେଦିତା ନାଥ, ଡା. ବିଶ୍ୱଜିତ ସ୍ୱାଇଁ, ଡା. ଗୋପାଳ କୃଷ୍ଣ ପାଢ଼ି, ଡା. ସୁସ୍ମିତା ବେହେରା, ଡା. ସଂଘମିତ୍ରା ମହାପାତ୍ର, ଡା. ରୋଜାଲିନ ସେଠୀ, ଡା. ଯୋଗେନ୍ଦ୍ର ବେହେରା, ଡା. ଅରୁନ୍ଧତି ହୋମିଓପାଥି ଚିକିତ୍ସା ସେବା ପ୍ରଦାନ କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ନିଳାଦ୍ରୀ ଦାସ, ରବୀନ୍ଦ୍ର ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା।

## ଦିବ୍ୟାଙ୍ଗ ସନ୍ନ୍ୟାସୀଙ୍କୁ ଥଇଥାନ କଲା ପ୍ରଶାସନ



ସନ୍ନ୍ୟାସୀଙ୍କୁ ଥଇଥାନ ପାଇଁ ନିଆଯାଉଛି ।

**ଭଞ୍ଜନଗର,୨୧।୧୧(ଡି.ଏନ.ଏ)**

ବେଲଗୁଣ୍ଠା ବ୍ଲକ କଣ୍ଟେଇପଲ୍ଲୀରେ ରହୁଥିବା ଦିବ୍ୟାଙ୍ଗ ସନ୍ନ୍ୟାସୀ ପାତ୍ରଙ୍କୁ ବୁଧବାର ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ସହଯୋଗ କରିଛି। ବଲାଙ୍ଗୀରର ଆଶ୍ରା ଅନୁଷ୍ଠାନରେ ଥଇଥାନ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ସନ୍ନ୍ୟାସୀଙ୍କୁ ନେଇଛନ୍ତି। ସନ୍ନ୍ୟାସୀଙ୍କ ଜନ୍ମର କିଛିମାସ ପରେ ତାଙ୍କ ବାପା ଛାଡ଼ି ଚାଲିଯାଇଥିଲେ। ମୂଳ ଲାଗି ଦିବ୍ୟାଙ୍ଗ ପୁଅ କଥା ମା’ ବୁଝୁଥିଲେ। ତେବେ ୭ ମାସ ହେବ ମା’ଙ୍କ ପରଲୋକ ହେବାରୁ ଗ୍ରାମବାସୀ ସନ୍ନ୍ୟାସୀଙ୍କ କଥା ବୁଝୁଥିଲେ । ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ବୁଧବାର ସନ୍ନ୍ୟାସିଙ୍କ ଥଇଥାନ ବ୍ୟବସ୍ଥା କରିଥିଲେ ।

## ଉତ୍କଳ ଭାରତ ପକ୍ଷରୁ ପଥପ୍ରାନ୍ତ ସଭା

**ଶେରଗଡ,୨୧।୧୧(ଡି.ଏନ୍.ଏ.)**

ଶେରଗଡରେ ବୁଧବାର ସନ୍ଧ୍ୟାରେ ଉତ୍କଳ ଭାରତ ପକ୍ଷରୁ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଐର ଖାରବେଳ ସ୍ୱାଇଁ ଏଥିରେ ଅଧକ୍ଷତା କରି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ରାଜ୍ୟ ସରକାର କରୁଥିବା ଯୋଜନା ଅନ୍ୟ ରାଜ୍ୟରେ କେବେଠାରୁ ହୋଇ ସାରିଲାଣି ବୋଲି ସେ କହିଥିଲେ। ଆଗାମୀ ୨୦୧୯ ନିର୍ବାଚନରେ ଉତ୍କଳ ଭାରତ ଦଳ ସବୁ ବିଧାନ ସଭା ମଣ୍ଡଳୀରେ ପ୍ରାର୍ଥୀ ଦେବ, ଉତ୍କଳ ଭାରତ ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇବାକୁ ସେ ଲୋକମାନଙ୍କୁ ଅନୁରୋଧ କରିଥିଲେ। ସଭାରେ ଉତ୍କଳ ଭାରତ ରାଜ୍ୟ ଉପସଭାପତି ରାଜେନ୍ଦ୍ର ଦଳ ବେହେରା, ଗଞ୍ଜାମ ଜିଲା ସଭାପତି ପୀତବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ପିସିସିରେ ଗଞ୍ଜାମକୁ ଗୁରୁତ୍ୱ

**ଭଞ୍ଜନଗର,୨୧।୧୧(ଡି.ଏନ.ଏ)**

ବେଲଗୁଣ୍ଠା ବାସିନ୍ଦା ତଥା ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଓମ୍ ପ୍ରକାଶ ସାହୁଙ୍କୁ ପିସିସି ମିଡ଼ିଆ ସେଲର ଗଣମାଧ୍ୟମ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବ୍ରହ୍ମପୁରର ମୂଳବାସିନ୍ଦା ତଥା ସୁପ୍ରିମକୋର୍ଟ ଆଇନଜୀବୀ ଜିତେନ୍ଦ୍ର ମହାପାତ୍ର ଏଆଇସିସି ଆଇନ ସେଲର ଓଡ଼ିଶା ସଂଯୋଜକ ଭାବେ ନିଯୁକ୍ତି ପାଇଛନ୍ତି। ଗଞ୍ଜାମ ଜିଲାର ୨ ଜଣଙ୍କୁ ଏପରି ନିଯୁକ୍ତି ମିଳିଥିବାରୁ କଂଗ୍ରେସ କର୍ମୀ ଉତ୍ସାହିତ ହୋଇଥିବା ଜିଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ ନାୟକ ବୁଧବାର ପ୍ରେସ୍ ବିବୃତିରେ ଜଣାଇଛନ୍ତି । ଏଥିସହ ଏଆଇସିସି ସଭାପତି ରାହୁଲ ଗାନ୍ଧୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପିସିସି ମିଡ଼ିଆସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ, ରାଜ୍ୟସଭା ଏମପି ବିବେକ ଥାଙ୍କାଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି । ଗଞ୍ଜାମ ଜିଲା କଂଗ୍ରେସ ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ ହୋଇପାରିବ ବୋଲି ସେ ସୂଚନା ଦେଇଛନ୍ତି ।

## ଶ୍ମଶାନ ଜମିରୁ ଗଛ କାଟି ଜବରଦଖଲ ଉଦ୍ୟମ

**ପୋଲସରା,୨୧।୧୧(ଡି.ଏନ.ଏ.)**

ପୋଲସରା ତହସିଲ ଲୁଣିଘାଟି ଗୋପିନାଥପୁର ଶାସନ ମୌଜାରେ ଥିବା ଶ୍ମଶାନ ଜମିରୁ ଏକ ବଡ଼ ବରଗଛକୁ କାଟି ଉକ୍ତ ଜାଗାକୁ ଜବରଦଖଲ ଉଦ୍ୟମ ହୋଇଛି। ଏନେଇ ଗଞ୍ଜାମ ଜିଲାପାଳ, ଏସ୍‌ପି ଓ ଦକ୍ଷିଣାଞ୍ଚଳ ଆରଡିସିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପୋଲସରା ଏନ୍‌ଏସି ଗୋପିନାଥପୁରଶାସନ ମୌଜାରେ ଥିବା ଶ୍ମଶାନ ଜମି ଖାତା ନଂ.୪୯୭, ପ୍ଲଟ ନଂ ୧୩୩୬/୨୭୩୪ରେ ୫୭୫ ଡେସିମିଲ ଜମି ରହିଛି। ଯାହା ଉପରେ ଏବେ ଜମି ଦଲାଲଙ୍କ ଲୋଲୁପ ଦୃଷ୍ଟି ପଡିଛି। ଏହି ଶ୍ମଶାନ ଜମିକୁ ଅକ୍ତିଆର କରିବାକୁ ଏକ ରାସ୍ତା ବାହାର କରି ଏକର ଏକର ଚାଷ ଜମିକୁ ପ୍ଲଟ ଆକାରରେ ବିକ୍ରି କରିବାର ଉଦ୍ୟମ କରୁଛନ୍ତି। ପୋଲସରା ସହରର ଜନସଂଖ୍ୟା ଅଭିବୃଦ୍ଧି ଘଟୁଥିବାରୁ ପୋଲସରା ଏନଏସିର ୩ଟି ୱାର୍ଡରେ ୩୫ଟି ସାହିର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ବାସିନ୍ଦା ଏହି ଶ୍ମଶାନ ଉପରେ ନିର୍ଭର କରିଥାନ୍ତି। ମଙ୍ଗଳବାର ଗଛ କାଟିବା ପରେ ବୁଧବାର ପୋଲସରା ତହସିଲଦାର ନରେଶ ସିଂ ବରିହା, ଅତିରିକ୍ତ ତହସିଲଦାର ଅଶୋକ କୁମାର ପ୍ରଧାନଙ୍କ ସମେତ କଳମ୍ବ ରାଜସ୍ୱ ନିରୀକ୍ଷକ ମୋହନ ପାତ୍ର, ପୋଲସରା ରାଜସ୍ୱ ନିରୀକ୍ଷକ ଶେଖର ସେଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିଲେ। ଏନେଇ ସେହି ଗ୍ରାମର ମାନସ ରଞ୍ଜନ ତ୍ରିପାଠୀ ଗଞ୍ଜାମ ଜିଲାପାଳ, ଆରକ୍ଷୀ ଅଧିକ୍ଷକ, ଦକ୍ଷିଣାଞ୍ଚଳ ଆରଡିସି, ସ୍ଥାନୀୟ ତହସିଲଦାର, ଥାନାଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ଶ୍ମଶାନ ଜମିରୁ କଟା ଯାଇଥିବା ଗଛ।

## ଶ୍ରୀ ବଡ଼ଦାଙ୍କ ୧୦୮ ତମ ଜନ୍ମ ମହୋତ୍ସବ

**ଜି.ଉଦୟଗିରି,୨୧।୧୧(ଡି.ଏନ.ଏ.)**

ଜି.ଉଦୟଗିରି ସତସଂଘ ତରଫରୁ ବୁଧବାର କଳିଙ୍ଗାରେ ଶ୍ରୀ ବଡ଼ଦାଙ୍କ ୧୦୮ତମ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି । ସହ ପ୍ରତିରିତିକ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଫୁଲବାଣୀର ବିଜୟ କୁମାର ସାହୁ ସମ୍ମାନିତ ଅତିଥି, ବ୍ରହ୍ମପୁରର ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଠାକୁରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କର୍ତ୍ତବ୍ୟ କରିବାକୁ କହିଥିଲେ। ପ୍ରଥମେ ଜି.ଉଦୟଗିରି ସତ୍‌ସଙ୍ଗ କେନ୍ଦ୍ରରେ ଉଷା କିର୍ତ୍ତନ କରାଯିବା ପରେ କଳିଙ୍ଗାରେ ମହୋତ୍ସବ ପାଳନ ହୋଇଥିଲା। ପରମାନନ୍ଦ ପ୍ରଧାନ, ନିରଞ୍ଜନ ରାଉତ, ପଦ୍ମଚରଣ ପାଢ଼ୀ, ରାଧାକୃଷ୍ଣ ଚୌଧୁରୀ, ସୁଦର୍ଶନ ବେହେରା, ଆନନ୍ଦ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ହକି ବିଶ୍ୱକପ୍ ପାଇଁ ୨୫ରେ ମାରାଥନ

**ଛତ୍ରପୁର,୨୧।୧୧(ଡି.ଏନ.ଏ)**

ଓଡିଶାରେ ହେବାକୁ ଥିବା ହକି ବିଶ୍ୱକପ୍‌କୁ ପ୍ରୋତ୍ସାହିତ କରିବା ପାଇଁ ଗଞ୍ଜାମ ଜିଲାସ୍ତରୀୟ ମାରାଥନ ୨୫ ତାରିଖ ପୂର୍ବାହ୍ନରେ ଛତ୍ରପୁର ଷ୍ଟାଡିୟମ ଠାରୁ ଶୁଭାରମ୍ଭ ହେବ । ଏଥିରେ ଯୁବତୀ, ଯୁବକ ଭିନ୍ନ ଭାବରେ ଭାଗ ନେଇପାରିବେ । କୃତୀମାନଙ୍କୁ ପୁରସ୍କୃତ କରାଯିବ । ଏଥିପାଇଁ ଜିଲା କ୍ରୀଡା କାର୍ଯ୍ୟାଳୟରେ ପଞ୍ଜୀକରଣ ହେବ । ଓଡିଶାରେ ପ୍ରଥମ କରି ବିଶ୍ୱକପ ହକି ଆୟୋଜନ କରାଯାଉଥିବାରୁ ସମସ୍ତ ଜନସାଧାରଣଙ୍କୁ ଉତ୍ସାହିତ କରିବା ଏହି ମାରାଥନ୍ ଦୌଡର ମୂଳ ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଛି।

## ବାର୍‌ହା ଉପଦ୍ରବ: ତହସିଲଦାରଙ୍କୁ ଅଭିଯୋଗ

**କନିଷି,୨୧।୧୧(ଡି.ଏନ୍.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକର କୋଲଥିଗାଁ, ଶାସନପଦର, ମେଣ୍ଟ୍ରାଜପୁର, ଢେ଼ପନାପଡ଼ା, ଇନ୍ଦ୍ରାକ୍ଷୀ, ପଦ୍ମପୁର, ଗୋଲନ୍ଥରା, ମନ୍ଦ୍ରିଡ଼ି, ବିଶ୍ୱନାଥପୁର ଆଦି ଗ୍ରାମାଞ୍ଚଳରେ ବାରହା ଉପଦ୍ରବ ବଢ଼ିବାରେ ଲାଗିଛି । ଚାଷୀମାନେ ବିଭିନ୍ନ ଋଣ କରି ଫସଲ କରୁଛନ୍ତି, ହେଲେ ଅମଳ ସମୟରେ ଜମିରେ ବାର୍‌ହା ପଶି ନଷ୍ଟ କରୁଥିବାରୁ ନିରାଶ ହେବାକୁ ପଡୁଛି। ଏ ନେଇ କୋଲଥିଗାଁ ପଞ୍ଚାୟତର ଚାଷୀମାନେ ବ୍ରହ୍ମପୁର ବନ ବିଭାଗକୁ ଅଭିଯୋଗ କରିଥିଲେ ମଧ୍ୟ କେହି ଗ୍ରାମକୁ ଆସି ନ ଥିବା ବୁଧବାର କନିଷି ତହସିଲଦାର ଡ. ଶରତ ଚନ୍ଦ୍ର ମହାପାତ୍ରଙ୍କ ନିକଟରେ ଅଭିଯୋଗ ହୋଇଛି। ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ତହସିଲଦାର ମହାପାତ୍ରଙ୍କୁ ପଚାରିବାରୁ ସେ ନିଜେ ବନ ବିଭାଗକୁ ଜଣାଇବେ ବୋଲି କହିଛନ୍ତି। ବାରହା ନଷ୍ଟ କରିଥିଲେ ତଦନ୍ତ କରାଯାଇ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅଭିଯୋଗ ପତ୍ର ପ୍ରଦାନ ସମୟରେ ହରିହର ପାତ୍ର, ପ୍ରକାଶ ଚନ୍ଦ୍ର ଦଳେଇ, ଦୁଃଖୀଶ୍ୟାମ ପାତ୍ର, ଗୁରୁନାଥ ରଣା, ବୁଧିଆ ଦଳ ବେହେରା, ହରିକୃଷ୍ଣ ନାହାକ, ତୁଷାର ମହାନ୍ତି, ପ୍ରମୋଦ କୁମାର ନାହାକ ପ୍ରମୁଖ ଉପସ୍ଥିତ ଥିଲେ ।

## ହାତୀ, ବାର୍‌ହା ଉପଦ୍ରବ: ବ୍ୟାପକ ଧାନ ଫସଲ ନଷ୍ଟ

**ବୁଗୁଡା,୨୧।୧୧(ଡି.ଏନ.ଏ.)**

ବୁଗୁଡା ବ୍ଲକର ବିଭିନ୍ନ ଗ୍ରାମରେ ବର୍ତ୍ତମାନ ଧାନ ଅମଳ ସମୟ। ଧାନ କାଟିବାକୁ ଚାଷୀ ସଜବାଜ ହେଉଥିବା ବେଳେ ହାତୀ ଓ ବାର୍‌ହାପଲଙ୍କ ଉପଦ୍ରବ ଯୋଗୁ ବ୍ୟାପକ ଫସଲ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ବୁଗୁଡା ବନାଞ୍ଚଳରେ ବର୍ତ୍ତମାନ ବିଭିନ୍ନ ସ୍ଥାନରେ ୯ଟି ହାତୀ ଥିବା ଏକ ହାତୀପଲ ଏବଂ ୫୦ରୁ ଊର୍ଦ୍ଧ୍ୱ ବାର୍‌ହା ଥିବା ଏକ ପଲ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଦିନବେଳା ହାତୀପଲ ଜଙ୍ଗଲ ମଧ୍ୟକୁ ପଶି ଯାଉଥିବା ବେଳେ ରାତି ହେଲେ ଗାଁ ନିକଟସ୍ଥ ଧାନ ଜମିକୁ ଆସୁଛନ୍ତି। ଗତ ୧୦ ଦିନ ମଧ୍ୟରେ ପ୍ରାୟ ୧୦୦ ଭରଣ ଧାନ



ନଷ୍ଟ ହୋଇଥିବା ଧାନ କିଆରି।

ଜମିରେ ହାତୀପଲ ଫସଲ ଖାଇବା ସହ ନଷ୍ଟ କରିଥିବା ନେଇ ବୁଗୁଡା ବନାଞ୍ଚଳ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ସେହିପରି ବାର୍‌ହା ପଲ ୧୫ ଦିନ ମଧ୍ୟରେ ପାଖାପାଖି ୩୦୦ ଭରଣ ଫସଲ ନଷ୍ଟ କରିଥିବା ନେଇ ୫୦ ଜଣ ଚାଷୀ ବୁଗୁଡା ବନାଞ୍ଚଳ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଏମାନଙ୍କୁ ଘଉଡାଇବା ପାଇଁ ବାଣ ଫୁଟାଇବା, ଘଣ୍ଟି ବଜାଇବା ବ୍ୟବସ୍ଥା କରାଯାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଗତ ୨ଦିନରେ ଭଗବାନପୁର ଗ୍ରାମର ରମେଶ ରଣା, ଭୀମ ରଣାଙ୍କ ପ୍ରାୟ ୧୦ ଭରଣ ଫସଲ ହାତୀ ନଷ୍ଟ କରିଥିବା ବେଳେ ପାଣିକେଶର ଗ୍ରାମରେ କୃଷ୍ଣ ସ୍ୱାଇଁ, ବିପ୍ର ଜାନୀ, ଧୋବା ସ୍ୱାଇଁ ଆଦି ପ୍ରାୟ ୧୦ ଜଣ ଚାଷୀଙ୍କ ପ୍ରାୟ ୭୦ ଭରଣରୁ ଊର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକଙ୍କୁ ପଚାରିବାରେ ବନ ବିଭାଗ ପକ୍ଷରୁ ଏହାର ପ୍ରତିକାର ପାଇଁ ପଦକ୍ଷେପ ନିଆଯାଉଛି। ହେଲେ କ୍ଷତିଗ୍ରସ୍ତ ଚାଷୀମାନେ ଦରଖାସ୍ତ କଲେ ସେମାନଙ୍କୁ ଉଚିତ ସରକାରୀ ସାହାଯ୍ୟ ଦିଆଯିବ ବୋଲି କହିଥିଲେ।



ପ୍ରଥମେ ଆଦେଶ ମାନିବାକୁ ଶିଖ, ଆଦେଶ ଦେବା ବଳେ ବଳେ ଆସିବ। ପ୍ରଥମେ ସେବକ ହେବାକୁ ଶିକ୍ଷା କର, ତା'ପରେ ତୁମେ ସେବ୍ୟ ହେବାକୁ ଉପଯୁକ୍ତ ହେବ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଶ୍ରୀଜଗନ୍ନାଥଙ୍କ ରଘୁନାଥ ବେଶ



**ଖଣ୍ଡପଡ଼ା,୨୧।୧୧(ସ୍ୱ.ପ୍ର.):** କାର୍ତ୍ତିକ ତ୍ରୟୋଦଶୀ ତିଥିରେ ଖଣ୍ଡପଡ଼ା ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀରଘୁନାଥ ବେଶ ଧାରଣ କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପ୍ରଭୁଙ୍କ କୃପା ପ୍ରାପ୍ତି ପାଇଁ ମଙ୍ଗଳବାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ଧ୍ୟା ଆଳତି ଦର୍ଶନ ବେଳେ ଏଠାରେ ଏକ ମନୋରମ ଓ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

### କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା ଉପଲକ୍ଷେ ସ୍ୱଚ୍ଛତା କାର୍ଯ୍ୟକ୍ରମ



**ନୟାଗଡ଼ ଅଫିସ,୨୧।୧୧:** ନୟାଗଡ଼ ବ୍ଲକ ଅନ୍ତର୍ଗତ କଞ୍ଚନବିଲି ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ୩ ଦିନ ଧରି ହେବାକୁ ଥିବା ଉତ୍ସବ ପାଇଁ ଗ୍ରାମବାସୀଙ୍କ ତରଫରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା। ଗ୍ରାମବାସୀ ସମୂହଭାବେ ଗ୍ରାମ ପରିମଳକୁ ସୁଧାର ଆଣିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଗ୍ରାମରେ ଥିବା ବିଭିନ୍ନ ନଳକୂପ ,ଡ୍ରେନ୍ ସଫା କରିବା ସହିତ ମନ୍ଦିର ପରିସର, ରାସ୍ତା ଘାଟ, ବିଦ୍ୟାଳୟ ଚତୁଃପାର୍ଶ୍ୱକୁ ପରିଷ୍କାର କରିଥିଲେ। ଗ୍ରାମ ସଭାପତି ଦୃତିବାମନ ବେହେରାଙ୍କ ନେତୃତ୍ୱରେ ଗ୍ରାମର ସମସ୍ତ ଲୋକ ଏକଜୁଟ ହୋଇ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ପରେ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ୨୩ ତାରିଖଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଗ୍ରାମରେ ହେବାକୁ ଥିବା ଏହି ଯାତ୍ରାରେ ନାମ ସଂକୀର୍ତ୍ତନ, ବାଦୀ ଭାରତ ଲୀଳା,ଦିବାରାତ୍ର ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହେବା ସହ ବିଭିନ୍ନ ନାଟ୍ୟସଂସ୍ଥା ଦ୍ୱାରା ନାଟକ ପରିବେଷଣ କରାଯିବ।

### ଗଣିଆ ପଞ୍ଚାୟତରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ



**ଗଣିଆ,୨୧।୧୧(ଡି.ଏନ.ଏ.):** ଗଣିଆ ବ୍ଲକର ସଦର ପଞ୍ଚାୟତରେ ବିଜୁ ଯୁବ ବାହିନୀ ତରଫରୁ ବୁଧବାର ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗଣିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ବ୍ରଜମୋହନ ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା ଓ ମୁଖ୍ୟବକ୍ତା ଭାବେ ଶ୍ରୀ ଶ୍ରୀ ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଅଖିଳ କୁମାର ହୋତା ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସରପଞ୍ଚ ସସ୍ମିତା ଲେଙ୍କା, ସମିତିସଭ୍ୟା ସନ୍ଧ୍ୟାରାଣୀ ସାହୁ , ସାମାଜିକକର୍ମୀ ମଧୁସୂଦନ ମିଶ୍ର , ଅଜୟ ଲେଙ୍କା ପ୍ରମୁଖ ଯୋଗଦେଇ ରାଜ୍ୟର ବିଶିଷ୍ଟ ଜନନାୟକ ବିଜୁ ପଟ୍ଟନାୟକଙ୍କ ଆଦର୍ଶ ଓ ଜୀବନୀ ସମ୍ପର୍କରେ କହିଥିଲେ । ଗଣିଆସ୍ଥିତ ଆଡଭାନ୍ସ ଟିଉଟୋରିଆଲର ଛାତ୍ରୀଛାତ୍ରମାନେ ନୃତ୍ୟ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଗଣିଆ ବ୍ଲକ ବିଜୁ ଯୁବବାହିନୀର ସଭାପତି ଅଶୋକ ବେହେରା,ଦୀପକ କୁମାର ଡାକୁଆ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

### କୃଷ୍ଣପ୍ରସାଦରେ ମେଗା ଜଳ ପ୍ରକଳ୍ପର ଶିଳାନ୍ୟାସ ଆଜି

**କୃଷ୍ଣପ୍ରସାଦ,୨୧।୧୧(ଡି.ଏନ.ଏ.):** ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ପାଣି ସମସ୍ୟା ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏକ ଜଳ ପ୍ରକଳ୍ପକୁ ଶିଳାନ୍ୟାସ କରିବେ । ଏ ନେଇ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବ୍ରହ୍ମଗିରି ବିଧାୟକ ସଂଜୟ କୁମାର ଦାସବର୍ମା ପ୍ରକାଶ କରିଛନ୍ତି। ଏହାଦ୍ୱାରା କୃଷ୍ଣପ୍ରସାଦ ବ୍ଲକର ୧୪ ପଞ୍ଚାୟତର ୯୨ଟି ଗ୍ରାମର ୬୩ହଜାର ଜନସାଧାରଣ ଉପକୃତ ହୋଇପାରିବେ । ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ ସ୍ତରରେ ତତ୍ପରତା ପ୍ରକାଶ ପାଉଛି ।

# ପୁରୀ ଜିଲାରେ ଡିସେମ୍ବର ୨୧ରୁ ଧାନକିଣା

**ପୁରୀ ଅଫିସ, ୨୧।୧୧**



ବୈଠକରେ ମଞ୍ଚାସୀନ ଅତିଥି।

- ଖୋଲିବ ୧୪୦ ମଣ୍ଡି
- ବିଧାୟକ, ମନ୍ତ୍ରୀ, ଏମ୍‌ପି ଅନୁପସ୍ଥିତ
- ଧାନ ଟାର୍ଗେଟ କମ୍‌କୁ ନେଇ ଅସନ୍ତୋଷ

ଆସନ୍ତା ଡିସେମ୍ବର ୨୧ରୁ ପୁରୀ ଜିଲାରେ ଖରିଫ ଧାନ କିଣା ଆରମ୍ଭ ହେବ । ଧାନ ବିକ୍ରି କରିବା ଲାଗି ୧୭୨ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ରେ ବର୍ତ୍ତମାନ ସୁଦ୍ଧା ୩୫,୨୩୬ ଚାଷୀ ପଞ୍ଜୀକରଣ କରିଛନ୍ତି। ଚଳିତ ବର୍ଷ ୧୪୦ଟି ମଣ୍ଡି ଖୋଲାଯିବ। ଆବଶ୍ୟକ ପଡିଲେ ଆଉ ୧୦ଟି ମଣ୍ଡି ଖୋଲାଯିବ। ଯେଉଁ ପ୍ୟାକ୍ସଗୁଡ଼ିକ ମଣ୍ଡି ଖୋଲିବାରେ ବିଳମ୍ବ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକରେ ସ୍ଥିର ହୋଇଛି। ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧକ୍ଷତାରେ ଖରିଫ ଧାନ କ୍ରୟ ଲାଗି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଜିଲାରେ ୧,୭୫,୭୩୭ ମେଟ୍ରିକ ଟନ୍ (ଏମ୍‌ଟି) ବିକ୍ରି ଯୋଗ୍ୟ ଧାନ ରହିଛି। କିନ୍ତୁ ଜିଲାକୁ ୬୨,୩୫୧.୯୪ ମେଟ୍ରିକ ଟନ୍ ଧାନ ସଂଗ୍ରହ କରି ୪୨,୪୦୦ ଏମ୍‌ଟି ଚାଉଳ ଦେବା ଲାଗି ଟାର୍ଗେଟ ମିଳିଛି। ଚଳିତ ବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କୁଇଣ୍ଟାଲ ପିଛା ୧୭୫୦ଟଙ୍କା ଧାର୍ଯ୍ୟ ହୋଇଛି। ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ କରିପାରିବେ। ତେଣୁ ଅଧିକ ଚାଷୀ ଯେଭଳି ପଞ୍ଜୀକରଣ କରି ଧାନ ବିକ୍ରି କରିବେ ସେ ଦିଗରେ ପଦକ୍ଷେପ ନେବାକୁ ସମବାୟ ଓ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଅଭାବୀ ଧାନ ବିକ୍ରି ରୋକିବା ଲାଗି ସ୍କ୍ୱାଡ ଗଠନ କରାଯିବ। ପ୍ରତି ମଣ୍ଡି ସପ୍ତାହରେ ୨ଥର ଧାନ କିଣିବେ। ଅନ୍ୟପକ୍ଷରେ ହ୍ୟାଣ୍ଡଲିଙ୍ଗ ଚାର୍ଜକୁ ନେଇ ବୈଠକରେ ବିବାଦ ଦେଖାଦେଇଥିଲା। ଏହି କାର୍ଯ୍ୟ ପ୍ୟାକ୍ସ କରିବା କଥା। କିନ୍ତୁ ମିଲର ଉପରେ ଏହା ଲଦି ଦିଆଯାଇଛି। ଚଳିତ ବର୍ଷ ଏହି କାର୍ଯ୍ୟ କରିବେ ନାହିଁ ବୋଲି ମିଲରମାନେ କହିଥିଲେ। ସରକାରୀ ଧାନକିଣାରେ ସହଯୋଗ କରିବା ଲାଗି ଜିଲାପାଳ ସେମାନଙ୍କୁ କହିଥିଲେ। ଧାନ କିଣିବା ଲାଗି ଜିଲାକୁ ଅଧିକ ଟାର୍ଗେଟ ମିଳୁ ନ ଥିବା ମିଲର ଓ ଚାଷୀ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଅଧିକ ଟାର୍ଗେଟ ଦେବା ଲାଗି ସରକାରଙ୍କୁ ଅନୁରୋଧ କରାଯିବ ବୋଲି ଜିଲାପାଳ କହିଥିଲେ। ଜିଲାପରିଷଦ ସଭାପତି ଜ୍ୟୋତିର୍ମୟ ଦଲାଇଙ୍କୁ ବାଦ ଦେଲେ ବୈଠକରେ ପୁରୀ ଜିଲାରୁ ପ୍ରତିନିଧିତ୍ୱ କରୁଥିବା ରାଜସ୍ୱ ମନ୍ତ୍ରୀ, କୃଷି ମନ୍ତ୍ରୀ, ବିଧାୟକ ଓ ଏମ୍‌ପିଙ୍କ ଦେଖା ନ ଥିଲା। ସେମାନଙ୍କ ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ବିନୟ ଦାସ, ଉପଜିଲପାଳ ଭବତାରଣ ସାହୁ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତି ଦେଓ ଏହି ବୈଠକକୁ ସଂଯୋଜନା କରିଥିଲେ।

## କାଠପୋଲ ତିଆରି କଲେ ଗ୍ରାମବାସୀ

**ନୟାଗଡ଼ ଅଫିସ,୨୧।୧୧**



ଗ୍ରାମବାସୀ କାଠପୋଲ ତିଆରି କରୁଛନ୍ତି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଆଦିବାସୀ ଅଧ୍ୟୁଷିତ ଗୁମ୍ଫି ପଞ୍ଚାୟତର ମୁରିଆମ୍ବା ଓ ନୂଆସାହି ଗ୍ରାମର ଲୋକମାନେ ନିଜ ଉଦ୍ୟମରେ ରାସ୍ତା ଉପରେ କାଠ ପୋଲ ତିଆରି କରିଛନ୍ତି। ବାରମ୍ବାର ପ୍ରଶାସନଠାରେ ରାସ୍ତା କାର୍ଯ୍ୟ ପାଇଁ ଦାବି କରିଥିଲେ ମଧ ପ୍ରଶାସନ ନ ଶୁଣିବାରୁ ନିଜ ଉଦ୍ୟମରେ ବୁଧବାର ଗ୍ରାମବାସୀ ପୋଲ ତିଆରି କରିଛନ୍ତି ।

ପ୍ରକାଶ ଯେ, ମୁରିଆମ୍ବା ଓ ନୂଆସାହି ଦୁଇଟି ଗ୍ରାମରେ ୪୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଗ୍ରାମକୁ ଯିବା ପାଇଁ ସବୁଦିନିଆ ରାସ୍ତା ନ ଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁରୁ ବାହାରିବାକୁ ହେଲେ ତିନୋଟି ନାଳ ପାର ହେବାକୁ ପଡ଼େ। ଏହି ନାଳ ଉପରେ କାଠ ପୋଲ ତିଆରି କରି ଗ୍ରାମବାସୀ ଯାତାୟାତ କରନ୍ତି। ତିନୋଟି ନାଳ ଉପରେ ଥିବା ପୋଲ ମଧ୍ୟରୁ ଗୋଟିଏ ନାଳର ରାସ୍ତା ଉପରେ ଥିବା କାଠପୋଲଟି ଭାଙ୍ଗି ପଡ଼ିଥିଲା। ତେଣୁ ଏହି ରାସ୍ତାକୁ ପିଚୁ କରିବା ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନ ପାଖରେ ଦାବି କରିଥିଲେ ମଧ କେହି ଶୁଣି ନ ଥିଲେ। ପରେ ରାସ୍ତା ମଞ୍ଜୁର ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଦୁଇଟି ଗ୍ରାମର ଲୋକେ ମିଳିତଭାବେ ବୁଧବାର ରାସ୍ତାରେ ଥିବା ନାଳ ଉପରେ କାଠପୋଲ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

## ଶରଦ୍ ରାସ ଉତ୍ସବର ୨ୟ ଦିବସ ଶ୍ରୀକୃଷ୍ଣଙ୍କ ସାକ୍ଷାତ ନ ହେବାରୁ ନୈରାଶ୍ୟ ଭାବ

**ଖଣ୍ଡପଡ଼ା,୨୧।୧୧(ସ୍ୱ.ପ୍ର.)**

କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବ ଜୀଉଙ୍କ ଶରଦ୍ ରାସ ଉତ୍ସବର ୨ୟ ଦିବସ ଅବସରରେ ମଙ୍ଗଳବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାତିରେ ଶ୍ରୀଜୀଉଙ୍କ ସିଂହଦ୍ୱାର ନିକଟ ରାସ ମଣ୍ଡପଠାରେ ଏହି ଉତ୍ସବ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରୀରାଧା, ଶ୍ରୀକୃଷ୍ଣ ଏବଂ ଗୋପାଙ୍ଗନାମାନେ ଶ୍ରୀ ନୀଳମାଧବ ଜୀଉଙ୍କୁ ପୂଜାର୍ଚ୍ଚନା, ଚରଣ ସ୍ପର୍ଶ ଓ ପ୍ରାର୍ଥନା କରି ସିଂହଦ୍ୱାର ମଧ ଦେଇ ନୃତ୍ୟମଣ୍ଡପରେ ପ୍ରବେଶ କରିଥିଲେ । ରାସମଣ୍ଡପକୁ ଛତିଶା ନିଯୋଗରେ ଏକ ଶୋଭାଯାତ୍ରାରେ ଆସିଥିବାବେଳେ ସେମାନଙ୍କ ଗହଣରେ ବିଜେ ହୋଇଥିଲେ ରାସ ବିହାରୀ, ଶ୍ରୀ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ । ରାତିରେ ଫୁଲତୋଳା ଓ ଦୋଳଲୀଳା ଅନୁଷ୍ଠିତ ହୋଇଥିଲା । ଉତ୍ସବର ପ୍ରାରମ୍ଭରେ ଶ୍ରୀରାଧାଙ୍କ ସହିତ ଲଳିତା, ବିଶାଖା ଆଦି ଅଷ୍ଟସଖୀମାନେ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ଫୁଲ ତୋଳି ସଜ୍ଜିତ କରି ରଖିଥିଲେ ମଧ ତୃତୀୟ ପ୍ରହର ପର୍ଯ୍ୟନ୍ତ ଶ୍ରୀକୃଷ୍ଣଙ୍କ ସହ ସାକ୍ଷାତ ହୋଇ ନ ଥିଲା। ଫଳରେ ନୈରାଶ୍ୟ ଭାବ ସୃଷ୍ଟି ହୋଇଥିଲା। ଶେଷରେ ଗୋପୀମାନେ ଶ୍ରୀରାଧାଙ୍କୁ ଫୁଲରେ ସଜ୍ଜିତ କରି ତାଙ୍କ ମନ ପରିବର୍ତ୍ତନ ପାଇଁ ଏକ ଦୋଳିରେ ବସାଇ ଝୁଲାଇଥିଲେ।

## ଶ୍ରୀଜଗନ୍ନାଥଙ୍କ ଗରୁଡ଼ଗୋବିନ୍ଦ ବେଶ



ଗରୁଡ଼ଗୋବିନ୍ଦ ବେଶରେ ଶ୍ରୀଜଗନ୍ନାଥ।

**ନୟାଗଡ଼ ଅଫିସ,୨୧।୧୧**

ନୟାଗଡ଼ ଜିଲା ଶରଣକୁଳ ଲଡ୍ଡୁବାବାଙ୍କ ପୀଠରେ ପାର୍ଶ୍ୱଦେବତା ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ମା' ସୁଭଦ୍ରାଙ୍କର ପଞ୍ଚୁକ ବେଶ ଚାଲିଛି। ବୁଧବାର ଶ୍ରୀଜଗନ୍ନାଥ ଗରୁଡ଼ଗୋବିନ୍ଦ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିବା ବେଳେ ପ୍ରଭୁ ବଳଭଦ୍ର ହିରଣ୍ୟ ବିଦାରଣ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଠାକୁରଙ୍କ ନୀତିକାନ୍ତି ସମାପ୍ତି ପରେ ମଧ୍ୟାହ୍ନରେ କବାଟ କିଳାଯାଇ ତିନିଠାକୁରଙ୍କୁ ସୁସଜ୍ଜିତ କରାଯାଇଥିଲା। ପଞ୍ଚୁକ ଅବସରରେ ମନ୍ଦିର ବେଢ଼ାରେ ଦିନରାତି ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ହେଉଥିବା ବେଳେ ସିଂହଦ୍ୱାର ସମ୍ମୁଖରେ ଶରଣକୁଳ ଭଗବତ ଆଶ୍ରମ ପକ୍ଷରୁ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶ୍ରୀରଘୁନାଥଜୀଉଙ୍କ ଶ୍ରୀକୃଷ୍ଣ, ବଳରାମ ବେଶ



ଶ୍ରୀକୃଷ୍ଣ ଓ ବଳରାମ ବେଶରେ ଶ୍ରୀରଘୁନାଥଜୀଉ।

**ଓଡ଼ଗାଁ,୨୧।୧୧(ସ୍ୱ.ପ୍ର.)**

ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ପୀଠରେ ବୁଧବାର ତ୍ରୟୋଦଶୀ ତଥା ବଡ଼ଓଷା ଅବସରରେ ବେନିଭ୍ରାତା ଶ୍ରୀକୃଷ୍ଣ ଓ ବଳରାମ ବେଶରେ ସଜ୍ଜିତ ହୋଇଛନ୍ତି। ସନ୍ଧ୍ୟା ଆଳତି ଓ ଦୁଆର ଫିଟା ନୀତି ଅବସରରେ ଶ୍ରୀରଘୁନାଥଜୀଉ ଶ୍ରୀକୃଷ୍ଣଙ୍କ ବେଶରେ ଛନ୍ଦାଚରଣ, ହାତରେ ବଂଶୀବାଦନ ଓ ମୁଣ୍ଡରେ ବାଙ୍କଚୂଡ଼ା କୀରିଟି ଲାଗି ହୋଇ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ । ଲକ୍ଷ୍ମଣ ସୁବର୍ଣ୍ଣ ମୁକୁଟ ଓ ହଳ ମୂଷଳ ଆୟୁଧ ଧାରଣ କରିଥିଲେ । ମାତା ଜାନକୀ ସୁନା ମୁକୁଟ ସହିତ ନାନାଦି ଅଳଙ୍କାରରେ ଆଭୂଷିତା ହୋଇଥିଲେ। ପାଳିଆ ପଣ୍ଡା ପ୍ରସନ୍ନ କୁମାର ଦାଶ, ବିଜୟ କୁମାର ଦାଶ, ପୂଜକ ପରିଷଦ ତଥା ମନ୍ଦିର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି । ନିକଟସ୍ଥ କୁରାଳ ଗ୍ରାମର ଶ୍ରୀଦଧିବାମନ ଜୀଉଙ୍କ ମନ୍ଦିରରେ ମଧ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଶ୍ରୀନୀଳମାଧବଙ୍କ ନଟବର ଓ କାଞ୍ଚି ଅଭିଯାନ ବେଶ

**ଖଣ୍ଡପଡ଼ା,୨୧।୧୧(ସ୍ୱ.ପ୍ର.)**



କାଞ୍ଚି ଅଭିଯାନ ବେଶରେ ଶ୍ରୀନୀଳମାଧବ।

କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତିଥି ଅବସରରେ ମଙ୍ଗଳବାର ଶ୍ରୀନୀଳମାଧବ ଜୀଉଙ୍କ ନଟବର ବେଶ ଓ କାଞ୍ଚି ଅଭିଯାନ ବେଶ ଅନୁଷ୍ଠିତ ହୋଇଛି । ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଠାକୁର ବିଭିନ୍ନ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ । ଏଥିଲାଗି ପାରମ୍ପରିକ ନୀତି ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଠାକୁରଙ୍କୁ କାଞ୍ଚି ଅଭିଯାନ ବେଶରେ ସଜ୍ଜିତ କରାଯାଇଥିଲା । ଶ୍ରୀନୀଳମାଧବଙ୍କୁ ଏହି ଆକର୍ଷଣୀୟ ବେଶରେ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା ।

## ମହାନଦୀରେ ବସ୍ ଦୁର୍ଘଟଣା
## ସାର୍ଟିଫିକେଟ ଆଣିବାକୁ ଯାଇ ଫେରିଲେନି ସୌମ୍ୟରଞ୍ଜନ

**ନୟାଗଡ଼ ଅଫିସ,୨୧।୧୧**



ଶୋକାକୁଳ ପରିବାର।

କଟକ ମହାନଦୀ ଶଯ୍ୟାକୁ ଖସିପଡ଼ିଥିବା ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରେ ନୟାଗଡ଼ର ଜଣେ ଯୁବକ ଅଛନ୍ତି। ସେ ହେଲେ କୁମାର ସୌମ୍ୟରଞ୍ଜନ ସାହୁ (୨୨)। ସେ ଜଣେ ଇଞ୍ଜିନିୟର। ସୌମ୍ୟରଞ୍ଜନ ବେଙ୍ଗାଲୁରୁର ଏକ କମ୍ପାନୀରେ ଚାକିରି କରିଥିଲେ। କିଛିଦିନ ହେଲା ସେ ଛୁଟି ନେଇ ଘରକୁ ଆସିଥିଲେ। ମଙ୍ଗଳବାର ସୌମ୍ୟରଞ୍ଜନ ଢେଙ୍କାନାଳ ଜିଲା ସାରଙ୍ଗସ୍ଥିତ ଏକ କଲେଜକୁ ନିଜର ବି.ଟେକ୍ ସାର୍ଟିଫିକେଟ ଆଣିବାକୁ ଯାଇଥିଲେ। ଉକ୍ତ ବସ୍‌ରେ ଫେରୁଥିବାବେଳେ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ନୟାଗଡ଼ ସହରର ମୈତ୍ରୀ ବିହାରରେ ଥିବା ତାଙ୍କ ଘରକୁ ମୃତଦେହ ଆସିଥିଲା। ଘରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସାଙ୍ଗସାଥୀମାନେ ଆସି ସୌମ୍ୟଙ୍କୁ ଶେଷ ଦର୍ଶନ କରିଥିଲେ। ସୌମ୍ୟରଞ୍ଜନଙ୍କ ବାପା ମନୋଜ ସାହୁ ଓଡଗାଁସ୍ଥିତ ଏକ କଲେଜରେ ଅଧାପକ ଅଛନ୍ତି ।

## କୁରାଳ ଜଗୁ ରାଉତରାୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ
## ଫିରିଙ୍ଗିଆ-ବାଇଗୁଣିଆ ମଧ୍ୟରେ ଫାଇନାଲ ଆଜି

**ଓଡ଼ଗାଁ,୨୧।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍ କୁରାଳ ହାଇସ୍କୁଲ୍ ଖେଳ ପଡିଆରେ ଆନ୍ତଃ ଜିଲା ଜଗୁ ରାଉତରାୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଛି। ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍‌ରେ ବାଇଗୁଣିଆ ୨-୧ ଗୋଲ୍‌ରେ ଖଣ୍ଡପଡ଼ାକୁ ହରାଇ ଫାଇନାଲ୍‌ରେ ପ୍ରବେଶ କରିଛି । ରମେଶ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ମ୍ୟାଚର ପ୍ରଥମାର୍ଦ୍ଧରେ ପ୍ରଥମେ ଫିରିଙ୍ଗିଆ ଓ ଖଣ୍ଡପଡ଼ା ଗୋଟିଏ ଲେଖାଏ ଗୋଲ୍ ସମାନ ସ୍ଥିତିରେ ରହିଥିଲେ । ତେବେ ଦ୍ୱିତୀୟାର୍ଦ୍ଧରେ ଫିରିଙ୍ଗିଆର ରାଜକୁମାର ବିଜୟ ସୂଚକ ଗୋଲ ଦେଇ ଦଳକୁ ୨-୧ରେ ବିଜୟୀ କରିଥିଲେ । ରେଫେରୀ ପ୍ରସନ୍ନ କୁମାର ନାୟକ, ଜଗନ୍ନାଥ ପରିଡ଼ା, କୈଳାସ ଚନ୍ଦ୍ର ନାୟକ ଓ ସୁବାସ ଚନ୍ଦ୍ର ସାହୁ ମ୍ୟାଚ୍ ପରିଚାଳନା କରିଥିଲେ । ଅବସରପ୍ରାପ୍ତ ପୋଲିସ ଅଧିକାରୀ ରଜତ କୁମାର ମହାପାତ୍ର, ଅର୍ଜ୍ଜୁନ କୁମାର ଓ କୃଷ୍ଣମୂର୍ତ୍ତି ଦୋରା ପ୍ରମୁଖ ସହଯୋଗ କରିଥିଲେ। ଗୁରୁବାର ଫିରିଙ୍ଗିଆ ଓ ବାଇଗୁଣିଆ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।



ଖେଳର ଏକ ଦୃଶ୍ୟ।

## 'ସେବାରେ ମନୋନିବେଶ କଲେ ମିଳିବ ଆତ୍ମତୃପ୍ତି'

### ଯୁବ ରେଡ୍‌କ୍ରସ୍ ତାଲିମ ଶିବିର ଉଦ୍‌ଘାଟିତ

**ଖଣ୍ଡପଡ଼ା,୨୧।୧୧(ସ୍ୱ.ପ୍ର)**




ଶିବିରରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

ଦୁର୍ଦ୍ଦିନକୁ ସୁଧାରିବା ପାଇଁ ରେଡକ୍ରସ ସ୍ୱେଚ୍ଛାସେବୀମାନେ ଆଗେଇ ଆସିଲେ ସମାଜର ମଙ୍ଗଳ ହେବା ସହ ଭଗବାନଙ୍କ ସେବା ହୋଇପାରିବ । ସମ୍ପ୍ରତି ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଥିବାରୁ ଏହାର ନିରାକରଣ ପାଇଁ ସ୍ୱେଚ୍ଛାସେବୀମାନେ ଯତ୍ନବାନ ହେବା ଜରୁରୀ। କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ଆୟୋଜିତ ୩ ଦିନିଆ ନୟାଗଡ଼ ଜିଲାସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ଉପରୋକ୍ତ ବକ୍ତବ୍ୟ ରଖିଥିଲେ । ସେବା କାର୍ଯ୍ୟରେ ମନୋନିବେଶ କରିପାରିଲେ ଆତ୍ମତୃପ୍ତି ମିଳିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଓଡ଼ିଶା ଯୁବ ରେଡକ୍ରସ୍ ଶାଖା ସହାୟତାରେ ମଙ୍ଗଳବାର ଆୟୋଜିତ ଏହି ଶିବିରକୁ ମୁଖ୍ୟଅତିଥି ଉଦ୍‌ଘାଟନ କରିଥିଲେ । କଲେଜ ଅଧକ୍ଷ ସୁକାନ୍ତ କୁମାର ନାୟକ ବୈଠକରେ ଅଧକ୍ଷତା କରିଥିବାବେଳେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅର୍ଥନୀତି ବିଭାଗ ଅଧାପକ ଡ.ପବିତ୍ର କୁମାର ସୁବୁଦ୍ଧି ସେବାର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଜିଲା ରେଡକ୍ରସ୍ ସଂଯୋଜକ ଡ.ଆଦିତ୍ୟ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଜିଲା ଆବାହକ, ସମ୍ପାଦକ ସହଦେବ ବେହେରା ଓ ରାଜ୍ୟ ଯୁବ ରେଡକ୍ରସ ଅବ୍‌ଜର୍‌ଭର ସୁବୋଧ କୁମାର ଜଗଦେବ ପ୍ରମୁଖ ସୁଚିନ୍ତିତ ପରାମର୍ଶ ଦେଇଥିଲେ । ଅଧାପକ ମାନଗୋବିନ୍ଦ ରାଉତ ଧନ୍ୟବାଦ ଦେଇଥିଲେ। ଜିଲାର ୩୫ଟି କଲେଜରୁ ପ୍ରାୟ ୧୯୦ ଜଣ ସ୍ୱେଚ୍ଛାସେବୀ ଏହି ଶିବିରରେ ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।